ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧/୨୦୨୨ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 1/2022 ★★★★★★

୪୮ଶ ଭାଗ ୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଛି ଭାଜପା**

ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ଭାଜପା କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି। ୦୭

୧୦ **ଓଟିଟିରେ ଡେବ୍ୟୁ କରିବେ ସୋନାକ୍ଷୀ**

ଓମିକ୍ରନ୍ ଯୋଗୁ ବିଭିନ୍ନ ରାଜ୍ୟରେ ଥିଏଟର ବନ୍ଦ ହୋଇଗଲାଣି। ତେଣୁ ୨୦୨୨ରେ ଓଟିଟି ପ୍ଲାଟଫର୍ମରେ ସୋନାକ୍ଷୀ ସିହ୍ନା ଡେବ୍ୟୁ କରିବାକୁ ଯାଉଛନ୍ତି।






୨୦୨୧ର ଶେଷ ସୂର୍ଯ୍ୟାସ୍ତ: ଭୁବନେଶ୍ୱର ଉପକଣ୍ଠରେ କର୍ମଜୀବୀ ମହିଳାମାନେ। (ଫଟୋ-ବିକାଶ ନାୟକ)


**ଦିଲ୍ଲୀରେ ଓମିକ୍ରନ୍ ଗୋଷ୍ଠୀ ସଂକ୍ରମଣ** | ପୃଷ୍ଠା ୧୨


# ଶିକ୍ଷକ, ବସ୍ତିବାସିନ୍ଦାଙ୍କୁ ନବବର୍ଷ ଭେଟି

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ରାଜ୍ୟ ସରକାର ସ୍କୁଲ, କଲେଜ ଶିକ୍ଷକ ଏବଂ ବସ୍ତିବାସିନ୍ଦାଙ୍କୁ ନବବର୍ଷର ଉପହାର ଦେଇଛନ୍ତି। ଅନୁଦାନପ୍ରାପ୍ତ ସ୍କୁଲ, କଲେଜ, ମଦ୍ରାସାର ଶିକ୍ଷକ ଓ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ମିଳିବ। ୨୦୨୨ ଜାନୁୟାରୀ ପହିଲାରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ସ୍କୁଲ ଓ ମଦ୍ରାସାର ୧୦୦% ଅନୁଦାନ ପାଉଥିବା ୨୬ ହଜାର ୧୬୪ଜଣ ଶିକ୍ଷକ ଓ ଅଣଶିକ୍ଷକ ଉପକୃତ ହେବେ। ସେହିପରି ଅନୁଦାନପ୍ରାପ୍ତ ୬୬୨ ଓ ୪୮୮ ବର୍ଗ ବେସରକାରୀ କଲେଜଗୁଡ଼ିକର ଉଭୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏଥିରେ ମୋଟ ୧୫,୬୬୪ଜଣ ଅଧ୍ୟାପକ ଓ କର୍ମଚାରୀ ଲାଭବାନ ହେବେ। ଏଥିପାଇଁ ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ୧୬୬କୋଟି ଟଙ୍କାର ବୋଝ ପଡ଼ିବ। ଓଡ଼ିଶା ସଂଶୋଧିତ ବେତନ ହାର ନିୟମ-୨୦୧୭ ଅନୁଯାୟୀ ୨୦୧୮ ଜାନୁୟାରୀ ୧ରୁ ୨୦୨୧ ଡିସେମ୍ବର ୩୧ ଯାଏ ହିସାବକୁ ନେଇ ବର୍ଦ୍ଧିତ ବେତନ ଦିଆଯିବ। ତେବେ ଶିକ୍ଷକ ଓ କର୍ମଚାରୀମାନଙ୍କୁ କୌଣସି ପିଛିଲା ବକେୟା ମିଳିବ ନାହିଁ। ୨୦୨୨ ଫେବୃୟାରୀ ଦରମାରେ ଏହି ବର୍ଦ୍ଧିତ ଅନୁଦାନ ପ୍ରଦାନ କରାଯିବ। କ୍ୟାବିନେଟ ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

**କ୍ୟାବିନେଟ ବୈଠକ ନିଷ୍ପତ୍ତି**

- ସ୍କୁଲ, କଲେଜ ଶିକ୍ଷକଙ୍କୁ ୭ମ ବେତନ କମିଶନ
- ଜାନୁୟାରୀ ପହିଲାରୁ ଲାଗୁ ହେବ
- ମହାନଗରରେ ବସ୍ତିବାସିନ୍ଦାଙ୍କୁ ମିଳିବ ଜମି ଅଧିକାର

ରାଜ୍ୟର ୫ ମହାନଗର ନିଗମ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁରରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ମିଳିବ। ଏସବୁ ମହାନଗରର ୯୩୮ଟି ବସ୍ତିରେ ରହୁଥିବା ପ୍ରାୟ ୨ଲକ୍ଷ ୪୦ ହଜାର ପରିବାରର ୯ଲକ୍ଷ ୭୦ ହଜାର ଲୋକ ଲାଭବାନ ହେବେ।

ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବା ପାଇଁ ୨୦୧୭ରେ ଓଡ଼ିଶା ମହାନଗର ନିଗମ ଅଧିନିୟମ-୨୦୦୩ରେ ସଂଶୋଧନ କରିଥିଲେ। ମାତ୍ର ବିଭିନ୍ନ କାରଣରୁ ବସ୍ତିବାସିନ୍ଦାଙ୍କୁ ସମ୍ପତ୍ତିଗତ ଅଧିକାର ଦେବାକୁ ୪ ବର୍ଷ ବିଳମ୍ବ ହୋଇଥିଲା। ଏଥିଯୋଗୁ ମହାନଗର ନିଗମଗୁଡ଼ିକରେ ବାସ କରୁଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

ନୋବେଲ ଚିନ୍ତା

# ୩% ବଢ଼ିଲା ମହଙ୍ଗା ଭତ୍ତା

- ୨୮ ପ୍ରତିଶତରୁ ୩୧ ପ୍ରତିଶତକୁ ବୃଦ୍ଧି
- ୩୦ ପ୍ରତିଶତ ବକେୟା ପ୍ରଦାନ କରିବାକୁ ନିଷ୍ପତ୍ତି

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨୮ ପ୍ରତିଶତରୁ ୩୧ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୨୧ ଜୁଲାଇ ୧ ତାରିଖରୁ ଏହା ପିଛିଲା ଭାବେ ଲାଗୁ ହେବ। ସଂଶୋଧିତ ହାରରେ ପେନ୍‌ସନ ପାଉଥିବା ପେନ୍‌ସନଭୋଗୀମାନଙ୍କ ଟିଆଇରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି ☞ପୃଷ୍ଠା-୪













# ନୂଆ ସମ୍ଭାବନା

**କରୋନା ଯୋଗୁ ପ୍ରାୟ ୨ ବର୍ଷ ଧରି ଅବ୍ୟବସ୍ଥିତ ହୋଇପଡ଼ିଥିବା ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡ଼ା, ମନୋରଞ୍ଜନ ଆଦି କ୍ଷେତ୍ର ପାଇଁ ୨୦୨୨ ନୂଆ ଆଶା ଉତ୍ସାହ ଓ ସମ୍ଭାବନା ଆଣିଦେବ ବୋଲି ଅନେକେ ଆଶାବାଦୀ। ଏସବୁ କ୍ଷେତ୍ର ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ନେତା, ପ୍ରଶାସକଙ୍କ ପାଇଁ ନୂଆ ବର୍ଷ କିଭଳି ରହିବ ଏବଂ ରାଜ୍ୟର ବିକାଶ ନିମନ୍ତେ ସେମାନେ କେଉଁସବୁ ପଦକ୍ଷେପ ନେବେ ତାହାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ସମ୍ଭାବନା-୨୦୨୨**

## ଓଡ଼ିଶାର ବିକାଶ ନୂଆ ପର୍ଯ୍ୟାୟରେ ପହଞ୍ଚିବ



ନୂଆ ବର୍ଷ ୨୦୨୨ ସମସ୍ତଙ୍କ ପାଇଁ ଅନେକ ଆଶା ଓ ଆହ୍ୱାନ ନେଇ ଆସୁଛି। ବିଗତ ୨ବର୍ଷରେ କୋଭିଡ୍ ମହାମାରୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଦି ସଙ୍କଟକୁ ଅତିକ୍ରମ କରି ଓଡ଼ିଶା ପ୍ରଗତି ପଥରେ ଅଗ୍ରସର ହୋଇଛି। ୨୦୨୨ ବର୍ଷରେ ଶିଳ୍ପାନ୍ୱୟନ ଓ ନୂତନ ଉଦ୍ୟୋଗ ମାଧ୍ୟମରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିଳ୍ପ ଭିତ୍ତିଭୂମି, ଗମନାଗମନ, ପାନୀୟଜଳ ଯୋଗାଣ, ଶିକ୍ଷା, କୃଷି ଓ ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ଓଡ଼ିଶା ବିକାଶର ଏକ ନୂତନ ପର୍ଯ୍ୟାୟରେ ପହଞ୍ଚିବ। ଏସବୁର ପୂର୍ଣ୍ଣ ସଫଳତା ପାଇଁ ଜନସାଧାରଣଙ୍କ ସହଯାଗ ଓ ଅଂଶଗ୍ରହଣ ଏକାନ୍ତ ଆବଶ୍ୟକ। ଆସନ୍ତୁ ସମସ୍ତେ ମିଳିମିଶି କୋଭିଡ୍ ମହାମାରୀକୁ ପ୍ରତିହତ କରିବା ପାଇଁ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଉଦ୍ୟମ କରିବା ସହ ସଂଗଠିତ ଭାବେ ନୂତନ ବିକାଶ ପ୍ରକ୍ରିୟାରେ ସାମିଲ୍ ହେବା।

**- ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ**

## ଆତ୍ମୀୟତାର ସହଯୋଗ ଆବଶ୍ୟକ



କୋଭିଡ-୧୯ ମହାମାରୀ ଯୋଗୁ ସବୁ ସ୍ତରରେ ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହୋଇଛି। ଏଭଳି ଘଡ଼ି ସନ୍ଧି ମୁହୂର୍ତ୍ତରେ ଏକ ଦୃଢ଼ ଆତ୍ମୀୟତାର ସହ ପରସ୍ପରକୁ ସହଯୋଗର ହାତ ବଢ଼ାଇବା ଆବଶ୍ୟକ। ଏହି ବିପଦକୁ ମୁକାବିଲା କରିବା ନିମନ୍ତେ ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଶକ୍ତି ଦିଅନ୍ତୁ ଏବଂ ସ୍ୱାଭାବିକ ଜୀବନ ଫେରିଆସୁ। ଆଗାମୀ ବର୍ଷରେ ଅନେକ ଗୁଡ଼ିଏ ଜନ ହିତକର ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ହୋଇଛି। ନୂଆବର୍ଷ ସମସ୍ତଙ୍କ ପାଇଁ ନୂଆ ସମ୍ଭାବନା ଆଣି ଦେଉ।

**- ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର**

## ନିଷ୍ଠାପର ଉଦ୍ୟମ ଜାରି ରହିବ



ନିଷ୍ଠାପର ଉଦ୍ୟମ, ସଚ୍ଚୋଟ ଉପାୟରେ ପରିଶ୍ରମ କରି ନିଜକୁ, ସମାଜକୁ, ଦେଶକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତେ ନୂଆବର୍ଷରେ ସଙ୍କଳ୍ପ ନେବା ଦରକାର। କୃଷି ଓ କୃଷକମାନଙ୍କର କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରଚେଷ୍ଟା ଜାରି ରଖିଛନ୍ତି ତାହାକୁ ଦ୍ରୁତଗତିରେ ଆଗକୁ ନେବାକୁ ବିଭାଗ ଜୋରସୋର ଉଦ୍ୟମ କରିବ। ଗତ ଦୁଇବର୍ଷ ଧରି ସମଗ୍ର ବିଶ୍ୱକୁ ଗ୍ରାସ କରିଥିବା କରୋନା ମହାମାରୀ ଆଗାମୀ ବର୍ଷରେ ଦୂର ହେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତଙ୍କ ଜୀବନ ସୁଖ, ସ୍ୱଚ୍ଛମୟ ହେଉ।

**- ଅରୁଣ କୁମାର ସାହୁ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ**

## ନୂଆବର୍ଷରୁ ଅନ୍‌ଲାଇନ ସେବା



କୋଭିଡ୍-୧୯ ମହାମାରୀ ଯୋଗୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନଙ୍କ ଜୀବନଜୀବିକା ପ୍ରଭାବିତ ହେବା ସହିତ ଅନେକେ ନିଜର ଆତ୍ମୀୟ ସ୍ୱଜନଙ୍କୁ ହରାଇଛନ୍ତି। ପ୍ରଭୁ ଜଗନ୍ନାଥଙ୍କ ଦୟାରୁ ଏହି ମହାମାରୀ ଦୂର ହେଉ ଏବଂ ପୂର୍ବଭଳି ସାଧାରଣ ଜୀବନ ଫେରିଆସୁ। ଲୋକମାନଙ୍କ ଜୀବନ ଆନନ୍ଦମୟ ହେଉ। ନୂଆବର୍ଷ ଆରମ୍ଭରୁ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ିର ସମସ୍ତ କାଗଜପତ୍ର ଅନ୍‌ଲାଇନ ଜରିଆରେ ଉପଲବ୍ଧ ହେବ। ଏଥିଯୋଗୁ ଲୋକମାନଙ୍କ ଖର୍ଚ୍ଚ କମିବ। ରାଜ୍ୟରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଥିବାରୁ ଏହାକୁ କିପରି ହ୍ରାସ କରାଯାଇପାରିବ ସେ ନେଇ ଆଗାମୀ ବର୍ଷ ବିଭାଗ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିବ।

**- ମଧୁସୂଦନ ପାଢ଼ୀ,ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ**

## ବିକାଶ ଅଟକିନି, ଆଗକୁ ବଢ଼ିବ



୨୦୨୧ରେ କରୋନାର ପ୍ରକୋପ ସତ୍ତ୍ୱେ ରାଜ୍ୟର ବିକାଶ କାମ ଅଟକିଯାଇନାହିଁ। ୨୦୨୨ ପାଇଁ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ବହୁ କାମ ହାତକୁ ନିଆଯାଇଛି। ୨ରୁ ୩ଟି ମୁଖ୍ୟ କାମ କରିବାକୁ ଲକ୍ଷ୍ୟ ରଖିଛି। ଶିଖରଚଣ୍ଡୀ ପାହାଡ଼କୁ ଏକ ପର୍ଯ୍ୟଟନସ୍ଥଳୀ ରୂପେ ବିକାଶ କରିବା ଏବଂ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୨ ସମସ୍ତଙ୍କ ଲାଗି କିପରି ମଙ୍ଗଳମୟ ହେବ, ସମସ୍ତେ ସୁସ୍ଥ ରହିବେ ସେଥିଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାଥନା।

**- ସୁଶାନ୍ତ ରାଉତ, ବିଧାୟକ(ଉତ୍ତର ନିର୍ବାଚନମଣ୍ଡଳୀ, ଭୁବନେଶ୍ୱର)**

## ଶତ ପ୍ରତିଶତ ପେପର୍‌ଲେସ୍ ବିଧାନସଭା ଲକ୍ଷ୍ୟ



ବିଧାନସଭାକୁ ସୁରୁଖୁରୁରେ ଚଳାଇ ନିର୍ଦ୍ଦଳୀୟ ବାଚସ୍ପତି ଭାବେ ସମସ୍ତଙ୍କ କଥାକୁ ଗ୍ରହଣ କରିବାର ଦାୟିତ୍ୱକୁ ଗୁରୁତ୍ୱ ଦେଇ ଆସିଛି। ୨୦୨୧ ବର୍ଷଟି କରୋନା ମହାମାରୀ ଯୋଗୁ ସମସ୍ତଙ୍କ ଲାଗି ବହୁ ସମସ୍ୟା ସୃଷ୍ଟି କରିଥିଲେ ମଧ ତାହାରି ମଧରେ ବିଧାନସଭାକୁ ପେପର୍‌ଲେସ୍ କରିବାରେ ସଫଳ ହୋଇଛି। ୨୦୨୨ ରାଜ୍ୟବାସୀଙ୍କ ଲାଗି କିପରି ମଙ୍ଗଳମୟ ହେବ ତାହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ରାଜ୍ୟର ପୁରୁଣା ବିଧାନସଭାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏହାସହ ବୃହତମ ଟାୱାର କ୍ଲକ୍ ପ୍ରତିଷ୍ଠା ଲକ୍ଷ୍ୟ ରଖିଛି। ସେହିପରି ବିଧାନସଭାରେ ଶ୍ରୀଜଗନ୍ନାଥଙ୍କ ରଥଚକ୍ର ସ୍ଥାପନ କରିବା ସହିତ ସେଠାରେ ଥିବା ୩ଟି ଗେଟ୍‌କୁ ଓଡ଼ିଶାର କଳାକୃତିରେ ଏବର୍ଷ ସଜାଡ଼ିବାକୁ ଲକ୍ଷ୍ୟ ରଖିଛି। ଏହାସହ ବିଧାନସଭା ଶତ ପ୍ରତିଶତ ପେପର୍‌ଲେସ୍ କିପରି ହେବ ତାହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ।

**- ସୂର୍ଯ୍ୟ ନାରାୟଣ ପାତ୍ର, ବାଚସ୍ପତି**

## ମେଧାଭିତ୍ତିକ ଚୟନ ପ୍ରକ୍ରିୟା ଜାରି ରହିବ



୨୦୨୦-୨୧ ବର୍ଷରେ କୋଭିଡ୍ ମହାମାରୀ ଯୋଗୁ ବିଭିନ୍ନ ବିଭାଗରେ ଖାଲି ପଦବୀଗୁଡିକର ପରୀକ୍ଷା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଆୟୋଜନ କରାଯାଇ ପାରି ନ ଥିଲା। ତେବେ ଆୟୋଗ ପକ୍ଷରୁ ୨୦୨୨ରେ ନୂତନ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ। ତଦନୁଯାୟୀ ବିଭିନ୍ନ ପଦବୀର ପରୀକ୍ଷା ସୁରୁଖୁରୁରେ ହେବା ସହ ଫଳ ପ୍ରକାଶ ପାଇବ ବୋଲି ଆଶା ରଖୁଛୁ। ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗରେ ପ୍ରାୟ ୩ହଜାର ପଦବୀ ପୂରଣ ଓ ସଚିବାଳୟର ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପ୍ରକ୍ରିୟା ଚାଲିଛି। ଏହା ଆମପାଇଁ ଚ୍ୟାଲେଞ୍ଜ ରହିବ। ତେବେ ନିରପେକ୍ଷତା ଓ ମେଧାଭିତ୍ତିକ ଚୟନ ପ୍ରକ୍ରିୟା ପାଇଁ ପ୍ରୟାସ ଜାରି ରହିବ।

**- ସତ୍ୟଜିତ ମହାନ୍ତି, ଅଧ୍ୟକ୍ଷ, ଓପିଏସ୍‌ସି**

## ଗଣତନ୍ତ୍ରକୁ ସୁଦୃଢ କରିବାକୁ ହାତ ମିଶାଇବା



ଓଡିଶା ବାସୀଙ୍କୁ ମୋର ନବବର୍ଷର ଅଭିନନ୍ଦନ। ମୁଁ ଆଶା କରୁଛି ଆଗାମୀ ବର୍ଷ ଶାନ୍ତି, ମୈତ୍ରୀ ଓ ପ୍ରଗତିର ବାର୍ତ୍ତା ଦେବ। ସମସ୍ତେ ମିଶି ରାଜ୍ୟର ଉନ୍ନତି ପାଇଁ ଆମେ ମିଳିମିଶି ଉଦ୍ୟମ କରିବା। ଆଗାମୀ ବର୍ଷ ପ୍ରଚାର ସର୍ବସ୍ୱ ବର୍ଷ ନ ହୋଇ ସାଧାରଣ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବେକାରୀ ସମସ୍ୟ ଉପରେ ଠୋସ ପଦକ୍ଷେପ ନିଆଯିବା ଆବଶ୍ୟକ। ମୋର ସବୁ ବର୍ଷ ପରି ଯେମିତି କାର୍ଯ୍ୟକ୍ରମ ଚାଲିଥାଏ ସେମିତି ଚାଲିବ। ବିଧାନସଭା ଓ ବିଭିନ୍ନ ସଭା କାର୍ଯ୍ୟକ୍ରମ ବ୍ୟତିରେକ ଅଧିକରୁ ଅଧିକ ଲୋକଙ୍କୁ ମିଶିବା ସହ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି। ଏଥିପାଇଁ ଦରକାର ପଡିଲେ କ୍ରାନ୍ତି ପାଇଁ ମଧ ଆହ୍ୱନ ଦିଆଯିବ।

**- ନରସଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା**

## ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ପୁସ୍ତକ ପ୍ରକାଶ ଲକ୍ଷ୍ୟ



କରୋନାର ଭୟଙ୍କର ସ୍ଥିତି ମଧରେ ଅବିଭକ୍ତ କୋରାପୁଟ ଓ ଗଞ୍ଜାମର ପ୍ରତ୍ନତତ୍ତ୍ୱ ଓ ଐତିହ୍ୟ ବିଷୟରେ ବହୁ ପ୍ରବନ୍ଧ ସୃଷ୍ଟି କରିପାରିଛି। ୨୦୨୨ ପାଇଁ ପ୍ରତ୍ନତାତ୍ତ୍ୱିକ ଏବଂ ଐତିହାସିକ ଉପାଦାନ ସଂଗ୍ରହ ଓ ଏ ସମ୍ବନ୍ଧରେ ପୁସ୍ତକ ପ୍ରକାଶ କରିବାକୁ ଲକ୍ଷ୍ୟ ରହିଛି। କରୋନା ପାଇଁ ଫିଲ୍ଡ ଷ୍ଟଡି କରାଯାଇପାରୁ ନ ଥିଲା। କରୋନାର କରାଳ ଛାୟା ସାହିତ୍ୟିକ ଏବଂ ଗବେଷକମାନଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଛି। ସଂଘର୍ଷ କରିବା ଏବଂ ନିଜକୁ ସୁସ୍ଥ ରଖିବା ଶିଖାଇଛି।

**- ଶ୍ରୀରଙ୍ଗ ନାୟକ, ଗବେଷକ ତଥା ସଂଗ୍ରାହକ, ବିଷମକଟକ**

## ମୈତ୍ରୀ, ସଂହତି ପ୍ରତିଷ୍ଠା ହେଉ



କରୋନା ମହାମାରୀ ଯନ୍ତ୍ରଣା ମଧରେ ମାନବାଧିକାର ସୁରକ୍ଷା ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। ନବବର୍ଷରେ ସମାଜରେ ଶାନ୍ତି, ମୈତ୍ରୀ ଓ ସଂହତି ପ୍ରତିଷ୍ଠା ହେଉ। ମାନବାଧିକାର ସୁରକ୍ଷା ଲାଗି ସମସ୍ତେ ଆଗକୁ ଆସନ୍ତୁ। ହିଂସାପଥରୁ ହଟି ମଣିଷ ପଣିଆ ଉଜ୍ଜୀବିତ ହେଉ। ସମସ୍ତେ ସମସ୍ତଙ୍କୁ ସମ୍ମାନ ଦିଅନ୍ତୁ। ଲୋକଙ୍କୁ ଅଧିକାର ଓ ନ୍ୟାୟ ମିଳୁ। ସାମାଜିକ ସନ୍ତୁଳନ ପାଇଁ ମଧବିତ୍ତ ଶ୍ରେଣୀ ପାଇଁ ବ୍ୟାପକ ଯୋଜନା କରାଯାଉ।

**- ଭିକାରି ଚରଣ ରାଉତ,**
**ସିବିଆଇର ପୂର୍ବତନ ସ୍ୱତନ୍ତ୍ର ବିଚାରପତି, ଢେଙ୍କାନାଳ**

## ଶିକ୍ଷା ପାଇଁ ଅନେକ ଆହ୍ୱାନ



ଦୁଇବର୍ଷ ଧରି ବିଶ୍ୱବାସୀ ମହାମାରୀ ବିରୋଧରେ ସଂଗ୍ରାମ ଜାରି ରଖିଛନ୍ତି। ଶିକ୍ଷାକ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଛି। ଆଗାମୀ ବର୍ଷ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଆହ୍ୱାନଭରା ହେବ। ନୂତନ ଶିକ୍ଷାନୀତି ପ୍ରଚଳନ ହୋଇଥିବାବେଳେ ଓମିକ୍ରନ୍ ଏଥିରେ ବାଧକ ସାଜିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତଥାପି ସମସ୍ତ ବାଧାବିଘ୍ନକୁ ପାର୍ କରିଶିକ୍ଷାରେ ଭାରତକୁ ଶୀର୍ଷରେ ପହଞ୍ଚାଇବାକୁ ଶିକ୍ଷକ ସମାଜ ବଦ୍ଧପରିକର ହୁଅନ୍ତୁ।

**- ରଞ୍ଜିତ କୁମାର ପ୍ରଧାନ, ଅଧକ୍ଷ, ଢେଙ୍କାନାଳ ସ୍ୱୟଂଶାସିତ କଲେଜ**

## ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ ଜାରି ରହିବ



୨୦୨୧ ରାଜ୍ୟ ପାଇଁ ସଂଘର୍ଷପୂର୍ଣ୍ଣ ଥିଲା। ଭାଜପା ସବୁବେଳେ ଲୋକଙ୍କ ସ୍ୱାର୍ଥରକ୍ଷା ସକାଶେ ଲଢ଼େଇ ଜାରି ରଖିଛି। ପ୍ରଧାନମନ୍ତ୍ରୀ ପୂର୍ବୋଦୟ କଥା କହିଥିଲେ, ସେଥିଲାଗି ସହଯୋଗ କରୁଛନ୍ତି। ୨୦୨୨ରେ ଭାଜପା ପୂର୍ବଭଳି ଲୋକଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଲଢ଼େଇ ଜାରି ରଖିବ। ପଞ୍ଚାୟତ ନିର୍ବାଚନ ମୁଣ୍ଡ ଉପରେ ଅଛି। ସେଥିଲାଗି ପ୍ରସ୍ତୁତି ଜାରି ରଖିଛୁ। ରାଜ୍ୟରେ ନାରୀ ନିର୍ଯାତନା, ମମିତା ହତ୍ୟା ଘଟଣା, ପରୀ ହତ୍ୟାକାଣ୍ଡ ଏବଂ ମାହାଙ୍ଗା ଡବଲ ମର୍ଡର ଘଟଣାରେ ଭାଜପା ଜୋର୍‌ଦାର ଲଢ଼େଇ ଜାରି ରଖିବ। ପୂର୍ବାପେକ୍ଷା ଭାଜପା ଆହୁରି କେମିତି ପଞ୍ଚାୟତରେ ଭଲ କରିବ ସେନେଇ ଲକ୍ଷ୍ୟ ରଖିଛୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଏ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**

## ରିସେପ୍ସନ ଫ୍ୟାସିଲିଟିକୁ ଗୁରୁତ୍ୱ ଦିଆଯିବ



୨୦୨୧ ବର୍ଷରେ ଅନେକ ନୂଆ ଯୋଜନା ଆରମ୍ଭ କରାଯିବା ସହ ଏକାଧିକ ପଦକ୍ଷେପ ନିଆଯାଇଥିଲା। ଷ୍ଟ୍ରିଟ୍ କ୍ରାଇମ୍ ଓ ଡ୍ରଗ୍ସକୁ ରୋକିବା ସହ ବସ୍ତିରେ ଅପରାଧ କମାଇବା କମିଶନରେଟ ପୋଲିସର ଲକ୍ଷ୍ୟ ଥିଲା। ନୂଆ ବର୍ଷରେ ଏହି ଆଭିମୁଖ୍ୟକୁ ବ୍ୟାପକ କରିବୁ। ଏଥିସହ ୨୦୨୧ ବର୍ଷରେ କୋଭିଡ୍ କଟକଣା ଯୋଗୁ ଥାନା ବନ୍ଦ ରହିଥିଲା। ଅଭିଯୋଗକାରୀମାନେ ଥାନାକୁ ଆସିପାରିଲେ ନାହିଁ। ନୂଆ ବର୍ଷରେ କଟକଣା କମିବା ପରେ ଥାନାଗୁଡ଼ିକରେ ଅଭିଯୋଗକାରୀଙ୍କ ପାଇଁ ଅଭ୍ୟର୍ଥନା ବ୍ୟବସ୍ଥା ବା ରିସେପ୍ସନ୍ ଫ୍ୟାସିଲିଟିକୁ ଅଧିକ ଗୁରୁତ୍ୱ ଦେବୁ।

**- ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ**

## ସଚେତନ ରହିବାକୁ ପଡ଼ିବ



ବିଗତ ଦୁଇବର୍ଷ ବହୁତ ସଂଘର୍ଷ କରିବାକୁ ପଡ଼ିଛି। ତାହା କେତେ ଯେ ଦୁଃଖଦାୟକ ଥିଲା, ବିତିଯାଇଥିବା ଦିନକୁ ମନେ ପକାଇଲେ ଡର ଲାଗୁଛି। କରୋନା କାଳରେ ଆମେ ବହୁ ଲୋକଙ୍କୁ ହରାଇଛୁ। ଅନେକ ଲୋକ ନିଜ ଜୀବିକା ହରାଇଛନ୍ତି। ୨୦୨୨ ଆଉ ଏଭଳି ଦୁଃଖ, ଯାତନା ଆଣିବ ବୋଲି ମନେ ହେଉନାହିଁ। ତଥାପି ଆମକୁ ଶାରୀରିକ, ମାନସିକ ସ୍ତରରେ ସୁଦୃଢ଼ ହେବାକୁ ପଡ଼ିବ। ଏହାହେଲେ ଯାଇ ଆର୍ଥିକ ସ୍ଥିତି ସୁଧୁରିବ। ପ୍ରଭୁଙ୍କ କରୁଣାରୁ ନୂଆ ଦିଗନ୍ତ ସହିତ ନୂଆବର୍ଷ ଆସିବ ବୋଲି ମୋର ଆଶା, ବିଶ୍ୱାସ। ମାତ୍ର କରୋନା ଭଳି ମହାମାରୀକୁ ସମ୍ପୂର୍ଣ୍ଣ ପ୍ରତିହତ କରି ପୂର୍ବସ୍ଥିତିକୁ ଫେରିବା ପାଇଁ ଆମକୁ ମଧ ସଚେତନ ରହିବାକୁ ପଡ଼ିବ।

**- ଲିପିକା ସେଟ୍, ଅନ୍ତର୍ଜାତୀୟ ପର୍ବତାରୋହୀ, ବରଗଡ଼**

## ଶିକ୍ଷାଦାନ ପ୍ରକ୍ରିୟା ସ୍ୱାଭାବିକ କରାଯିବ



ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ ଓ ସମ୍ଭାବନାର ପ୍ରତୀକ। ସେମାନଙ୍କର ବହୁବିଧି ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଶିକ୍ଷାର ଉନ୍ନତି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଂକଳ୍ପବଦ୍ଧ। ବିଦ୍ୟାଳୟଗୁଡ଼ିକର ସର୍ବାଙ୍ଗୀନ ବିକାଶ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସରକାର ଚେଷ୍ଟିତ ଥିବାବେଳେ ଆଗକୁ ନେକ ପଦକ୍ଷେପ ଗ୍ରହଣ କରାଯିବ। କରୋନା ଯୋଗୁ ଗତ ୨ବର୍ଷ ଧରି ଅବ୍ୟବସ୍ଥିତ ଅବସ୍ଥାରେ ଥିବା ଶିକ୍ଷାଦାନ ପ୍ରକ୍ରିୟାକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରାଯିବ। ନୂତନ ବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ସମସ୍ତେ ସୁସ୍ଥ ଏବଂ ନିରାମୟ ଜୀବନ ଯାପନ କରନ୍ତୁ। ଏହାହିଁ ଈଶ୍ୱରଙ୍କ ନିକଟରେ ମୋର ପ୍ରାର୍ଥନା।

**- ସତ୍ୟବ୍ରତ ସାହୁ, ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

## ଆଗାମୀ ଶିକ୍ଷାବର୍ଷ ପାଇଁ ସରକାର ନୂଆ ପଦକ୍ଷେପ ନିଅନ୍ତୁ



ବିଗତ ୨ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଦ୍ୱନ୍ଦ୍ୱର ବର୍ଷ ଥିଲା। କରୋନା ମହାମାରୀ ପାଇଁ ସ୍କୁଲ୍, କଲେଜ ବନ୍ଦ ହୋଇଯାଇଥିବାବେଳେ ଅନ୍‌ଲାଇନ ଶିକ୍ଷାଦାନ ଏକ ନୂଆ ମାଧ୍ୟମ ପାଲଟିଥିଲା। କିନ୍ତୁ ମୋ ଭଳି ଅଧିକ ପ୍ରାକ୍ଟିକାଲ ଥିବା ବିଷୟରେ ପଢୁଥିବା ବିଦ୍ୟାର୍ଥୀମାନେ ବହୁ ସମସ୍ୟା ଭୋଗ କରିଥିଲେ। ଏବେ କରୋନାର ନୂଆ ପ୍ରଜାତି ମଧ ଆଉ ଏକ ଭୟ ସୃଷ୍ଟି କରିଛି। ସବୁ ସମସ୍ୟା ଭିତରେ ୨୦୨୨ରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାର କିଛି ନୂଆ ପଦକ୍ଷେପ ନେବା ଉଚିତ୍। କୋଭିଡ୍ ଆଳରେ ଶିକ୍ଷା କ୍ଷେତ୍ରକୁ ଅବହେଳା କରିବା ଆଦୌ ଗ୍ରହଣୀୟ ନୁହେଁ। ଶ୍ରେଣୀଗୃହ ପାଠପଢ଼ା ଜାରି ରଖିବା ଜରୁରୀ।

**- ପ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦ, ଛାତ୍ରୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

## ତ୍ୱରିତ ନ୍ୟାୟ ଉପରେ ଗୁରୁତ୍ୱ



ଖୋର୍ଦ୍ଧା ଜିଲାରେ ଅପରାଧ, ଆଇନଶୃଙ୍ଖଳା ନିୟନ୍ତ୍ରଣରେ ରହିଛି। ନିଶା କାରବାର ରୋକିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଜାରି ରହିଛି। ଗୋଚାଲାଣ ଉପରେ ରୋକ ଲଗାଯାଇଛି। ପ୍ରଥମ ଥର ଲାଗି ବେଆଇନ ନିଶା କାରବାରରୁ ଗଚ୍ଛିତ କରିଥିବା ନିଶା ବେପାରୀଙ୍କ ଲକ୍ଷାଧିକ ଟଙ୍କା ସମ୍ପତ୍ତି ବାଜ୍ୟାପ୍ତ କରାଯାଇଛି। ଆଗାମୀ ଦିନରେ ଏହି ଅଭିଯାନ ଜାରି ରହିବ। ସମସ୍ତ ଥାନାରେ କୋଭିଡ୍ ଏସଓପିକୁ ସୁନିଶ୍ଚିତ କରାଯିବ। ଥାନାରେ ଲୋକଙ୍କୁ ଉଚିତ୍ ସମ୍ମାନ ଏବଂ ନ୍ୟାୟ ମିଳିପାରିବ ସେଥିପ୍ରତି ଗୁରୁତ୍ୱ ରହିବ।

**- ରାଜ କିଶୋର ଦୋରା, ଜିଲା ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧା**

## ସମସ୍ତେ ସୁସ୍ଥ, ନୀରୋଗ ରୁହନ୍ତୁ



୨୦୨୧ ବର୍ଷ ସଙ୍କଟମୟ ସ୍ଥିତିରେ ଦେଶବାସୀଙ୍କ କଟିଛି। ମହାମାରୀ କରୋନା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତି ମଧ ଅତି ଖରାପ ଅବସ୍ଥାକୁ ଯାଇଛି। ତେଣୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା ଓମିକ୍ରନ୍ ସଂକ୍ରମଣରୁ ଲୋକମାନଙ୍କୁ ଦୂରେଇ ରଖନ୍ତୁ ଏବଂ ସମସ୍ତେ ସୁସ୍ଥ, ନୀରୋଗ ରୁହନ୍ତୁ। ୨୦୨୨ ଆରମ୍ଭରୁ ପଞ୍ଚାୟତ ନିର୍ବାଚନ ହେବାର ଅଛି। ସେଥିଲାଗି କଂଗ୍ରେସ ତା'ର ରଣନୀତି ପ୍ରସ୍ତୁତ କରୁଛି। ଏଥର ଲକ୍ଷ୍ୟ ଅଛି ପଞ୍ଚାୟତ ନିର୍ବାଚନରେ କିପରି ଭଲ ପ୍ରଦର୍ଶନ କରିବୁ। ସବୁଠାରୁ ବଡ଼ କଥା ଗଣତନ୍ତ୍ରକୁ ବିଜେଡି, ଭାଜପା ଯେପରି କମର୍ସିଆଲ କରିଦେଉଛନ୍ତି ତାହା କିପରି ନ ହେବ। ଆମ ନିର୍ବାଚନ ରଣନୀତିରେ ଚାଷୀ, ବିପିଏଲ୍ ବର୍ଗ ଏବଂ ଯୁବକଙ୍କୁ ଅଧିକ ଗୁରୁତ୍ୱ ଦେବୁ।

**- ନିରଞ୍ଜନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି**

## ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟ ଲକ୍ଷ୍ୟ



୨୦୨୧ ମୋ ଜୀବନର ସବୁଠାରୁ ଶ୍ରେଷ୍ଠ ବର୍ଷ ଥିଲା। ଏହି ବର୍ଷ ମୁଁ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ସ୍ୱପ୍ନ ସାର୍ଥକ କରିଥିବାବେଳେ ଓଡ଼ିଶାର ପ୍ରଥମ ଆଥଲେଟ୍‌ଭାବେ ଖେଲରତ୍ନ ପୁରସ୍କାର ହାସଲ କରି ପାରିଥିଲି। ଏହା ବ୍ୟତୀତ ମୋ ପିଲା ଦିନର ଆଦର୍ଶ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସହ ସାକ୍ଷାତ ପାଇଥିଲି। ରାଜ୍ୟ ତଥା ଦେଶବାସୀଙ୍କ ଭଲପାଇବା ଓ ଆଶୀର୍ବାଦ ଯୋଗୁ ଏହା ସମ୍ଭବ ହୋଇ ପାରିଥିଲା। ଏହାକୁ ପାଥେୟ କରି ଆଗାମୀ ଦିନରେ ମଧ ମୁଁ ଦେଶ ଓ ରାଜ୍ୟ ପାଇଁ ଅଧିକରୁ ଅଧିକ ପଦକ ଜିତିବାକୁ ଚାହେଁ। ୨୦୨୨ରେ ଏସିଆନ ଗେମ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ସେଥିପାଇଁ ମୁଁ ଜାନୁୟାରୀ ପ୍ରଥମ ସପ୍ତାହରେ ସ୍ପେନ ଯାଇ ଟ୍ରେନିଂ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଅଧିକରୁ ଅଧିକ ସଫଳତା ପାଇଁ ମୁଁ ଏବେ ମଧ ଭୋକିଲା ଅଛି।

**- ପ୍ରମୋଦ ଭଗତ, ପାରାଲିମ୍ପିଆନ**

## ଦେଶକୁ ଗର୍ବିତ କରିବି



ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ ସବୁ ଖେଳାଳିଙ୍କର ସ୍ୱପ୍ନ ଥାଏ। ଗତବର୍ଷ ଏହି ସ୍ୱପ୍ନ ମୋର ସାକାର ହୋଇଥିଲା। ଭାରତ ପକ୍ଷରୁ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରି ହକିରେ ବ୍ରୋଞ୍ଜ ପଦକ ହାସଲ ମୋ ପାଇଁ ଗର୍ବର ବିଷୟ ଥିଲା। ଏଥିପାଇଁ ମୋତେ ଅର୍ଜୁନ ପୁରସ୍କାର ମଧ ମିଳିଥିଲା। ରାଜ୍ୟର ସର୍ବୋଚ୍ଚ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ମଧ ପାଇଥିଲି। ୨୦୨୨ରେ ହକିର ଯେଉଁ ସବୁ ବଡ଼ ଟୁର୍ନାମେଣ୍ଟ ଅଛି ସେଥିରେ ଭଲ ପ୍ରଦର୍ଶନ କରି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିବା ମୋର ଇଚ୍ଛା। ଆଶା କରୁଛି ଗତ ବର୍ଷ ଭଳି ଏହି ବର୍ଷ ମଧ ମୁଁ ଆଶାନୁରୂପ ପ୍ରଦର୍ଶନ କରି ପାରିବି ଏବଂ ରାଜ୍ୟ ତଥା ଦେଶବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିପାରିବି।

**- ଅମିତ ରୋହିଦାସ, ହକି ଅଲିମ୍ପିଆନ**

## ଜିଲାର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ



ବିଧାୟକ ଭାବେ ନିର୍ବାଚିତ ହେବାର ଗୋଟିଏ ବର୍ଷ ପରେ କରୋନା ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଗଲା। ଇଚ୍ଛା ଥିଲେ ମଧ ଲୋକଙ୍କ ନିକଟକୁ ଯାଇପାରି ନ ଥିଲି। କଟକଣା ହଟିବା ପରେ ଲୋକଙ୍କ ସହ ମିଶିବା ଆରମ୍ଭ କରିଛି। ମେଗା ପାନୀୟଜଳ ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ଜିଲାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ ମଧ ବେଗୁନିଆରୁ ଆରମ୍ଭ ହୋଇଛି। ଆଗାମୀ ବର୍ଷରେ କିପରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇପାରିବ ସେଥିଲାଗି ଉଦ୍ୟମ ରହିବ। ଦ୍ୱିତୀୟ ଥର ଲାଗି ଜିଲା ଯୋଜନା କମିଟି ସଭାପତି ଭାବେ ଦାୟିତ୍ୱ ମିଳିଛି। ଜିଲାର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦେବି।

**- ରାଜେନ୍ଦ୍ର କୁମାର ସାହୁ, ବିଧାୟକ, ବେଗୁନିଆ**

## ପୂର୍ବ ପରି ମଞ୍ଚ ଚଳଚଞ୍ଚଳ ହେଉ



ନୂତନ ବର୍ଷ ଆମ ପାଇଁ କିଛି ନୂଆ ଖବର ଆଣିବ ବୋଲି ମୁଁ ଆଶାବାଦୀ। ଅତୀତର ସମସ୍ତ ଦୁଃଖ, ଯନ୍ତ୍ରଣାକୁ ଭୁଲିଯିବାକୁ ନୂଆ ସକାଳ ଆମକୁ ସାମର୍ଥ୍ୟ ପ୍ରଦାନ କରୁ। ୨ବର୍ଷ ହେବ ନାଟ୍ୟ କଳାକାରମାନେ ହାତ ବାନ୍ଧି ବସି ରହିଛନ୍ତି। ତେଣୁ ନୂଆବର୍ଷରେ ପୁଣି ଥରେ ମଞ୍ଚ ନାଟକ, ଯାତ୍ରା, ସିନେମା, ଧାରାବାହିକ ସବୁକିଛି ପୂର୍ବପରି ଚଳଚଞ୍ଚଳ ହେଉ, ଏତିକି ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା। ଚେଷ୍ଟା କରିବି ଯେପରି ମଞ୍ଚ ଜରିଆରେ ଦର୍ଶକଙ୍କୁ ନୂଆ ଭେଟି ଦେଇପାରିବି।

**- ମନୋଜ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ**

## ନୂଆ ଚରିତ୍ରରେ ଦର୍ଶକ ଦେଖିବେ



ଜୀବନରେ ଯୋଜନା କଲେ କିଛି ହୁଏନି। ଆମେ କେବଳ ଆଶା କରି ପାରିବା। ୨୦୨୨ରେ ମୋର ଦୁଇଟି ଚଳଚ୍ଚିତ୍ର 'ମୋନାଲିସା' ଓ 'ଅନାମିକା ନାୟିକା' ରିଲିଜ୍ ହେବାର ଅଛି। ତେବେ 'ଅନାମିକା ନାୟିକା'ରେ ଦର୍ଶକ ମତେ ଏକ ନୂଆ ରୂପରେ ଦେଖିବାକୁ ପାଇବେ। ସେଥିରେ ମୁଁ ନାୟିକା ଓ ମୁଁ ହିଁ ଖଳନାୟିକା ଭାବେ ପରଦାକୁ ଆସିବି। ମୁଁ ଜଣେ ପଶୁପ୍ରେମୀ। ମୋ ଘରେ ବହୁ ସଂଖ୍ୟାରେ କୁକୁର, ବିଲେଇ ଅଛନ୍ତି। ସେମାନଙ୍କ ସହ ନୂଆବର୍ଷ ପାଳନ କରିବି।

**- ଏଲିନା ସାମନ୍ତରାୟ, ଅଭିନେତ୍ରୀ**

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୮,୭୫,୫୫,୪୫୦ | ୫୪,୪୯,୭୯୯ | ୨୫,୩୫,୧୬,୫୨୪ |
| ଭାରତ | ୩,୪୮,୩୮,୮୦୪ | ୪,୮୧,୦୮୦ | ୩,୪୨,୬୬,୩୬୩ |
| ଓଡ଼ିଶା | ୧୦,୫୪,୮୩୪ | ୮୪୬୦(+୫୩) | ୧୦,୪୪,୮୦୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶାଳକଙ୍କ ଖଣ୍ଡା ଚୋଟରେ ଭିଣୋଇ ମୃତ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ବର୍ଷ ଶେଷରେ ରାଜଧାନୀରେ ଆଉ ଏକ ହତ୍ୟାକାଣ୍ଡ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିକୁଟି ବସ୍ତିରେ ପାରିବାରିକ କଳହକୁ ନେଇ ଗୁରୁବାର ବିଳମ୍ବିତ ରାତିରେ ଶାଳକଙ୍କ ଖଣ୍ଡା ଚୋଟରେ ଭିଣୋଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁଶାନ୍ତ ଘଡ଼େଇ (୨୮)। ପୋଲିସ ଏକ ହତ୍ୟା ମାମଲା ( ନଂ.୪୬୫/୨୧) ରୁଜୁ କରିବା ସହ ଅଭିଯୁକ୍ତ ଶାଳକ ବାପୁନୀ ନାୟକ ଓରଫ ନଣ୍ଡା(୨୦)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ବାପୁନୀଙ୍କ ସହ ଆଉ ୨ଜଣ ସମ୍ପୃକ୍ତ ଥିବା ପୋଲିସ କହିଛି। ସେମାନେ ହିଁ ଖଣ୍ଡା ଆଣି ବାପୁନୀଙ୍କୁ ଦେଇଥିଲେ। ସେମାନଙ୍କୁ ଧରିବାକୁ ପୋଲିସ ଅଧିକ ତଦନ୍ତ କରୁଛି। ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଅଭିଯୁକ୍ତ ବାପୁନୀଙ୍କୁ ଅଟକ ରଖାଯାଇ ବିଭିନ୍ନ ଦିଗକୁ ନେଇ ପଚରାଉଚରା କରାଯାଉଛି। ଶନିବାର କିମ୍ବା ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ସୁଶାନ୍ତଙ୍କ ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ବିଜୁ ପଟ୍ଟନାୟକ ଏୟାରପୋର୍ଟରେ ସୁଇପର୍ କାମ କରୁଥିଲେ। ଶାଳକ ବାପୁନୀ ମଧ୍ୟ ସେହି ଅଞ୍ଚଳର ହୋଇଥିବାବେଳେ ସେ ଏକ ଜୁଏଲେରି ସପ୍‌ରେ ସୁଇପର ଅଛନ୍ତି। ବସ୍ତିରେ ପାଖାପାଖି ଘର ନେଇ ଦୁଇ ପରିବାର ରୁହନ୍ତି। ତେବେ ଜଣେ ଯୁବତୀଙ୍କ ସହ ସମ୍ପର୍କକୁ ନେଇ ଶାଳକ ଓ ଭିଣୋଇଙ୍କ ମଧ୍ୟରେ ମତାନ୍ତର ଥିଲା। ନଭେମ୍ବର ୪ ଅର୍ଥାତ୍ ଦୀପାବଳି ଦିନ ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଫଳରେ ବାପୁନୀ ଭିଣୋଇ ସୁଶାନ୍ତଙ୍କୁ ହତ୍ୟା କରିବାକୁ ସେବେଠୁ ଯୋଜନା କରିଥିଲେ। ରାତି ପ୍ରାୟ ୧ଟାରେ ସୁଶାନ୍ତ ଏକ ଭୋଜି ଖାଇ ଘରକୁ ଆସି ଶୋଇଥିଲେ। ଏହି ସମୟରେ ଘର କବାଟ ଖୋଲା ରହିଥିଲା। ପୂର୍ବରୁ ଖଣ୍ଡା ଧରି ଛକି ରହିଥିବା ବାପୁନୀ ଓ ତାଙ୍କ ୨ ସହଯୋଗୀ ଭିତରକୁ ପଶିଥିଲେ। ଶୋଇଥିବା ଅବସ୍ଥାରେ ବାପୁନୀ ଖଣ୍ଡାରେ ଭିଣୋଇ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସୁଶାନ୍ତଙ୍କ ସ୍ତ୍ରୀ ବର୍ଷା ଦୌଡ଼ି ଆସି ସ୍ୱାମୀଙ୍କୁ ରକ୍ଷା କରିବାକୁ ଉଦ୍ୟମ କରି ସେ ମଧ୍ୟ ଖଣ୍ଡା ଚୋଟ ଖାଇଥିଲେ। ତାଙ୍କ ହାତ କଟିଯାଇ ରକ୍ତସ୍ରାବ ହୋଇଥିଲା। ପରେ ବାପୁନୀ ତାଙ୍କ ଘରକୁ ଯାଇ ଲୁଚିଯାଇଥିବାବେଳେ ୨ ସହଯୋଗୀ ଖଣ୍ଡା ନେଇ ଫେରାର ହୋଇଯାଇଥିଲେ। ସକାଳେ ପୋଲିସ ପହଞ୍ଚି ତାଙ୍କ ଘରେ ପଶି ଅଭିଯୁକ୍ତ ବାପୁନୀଙ୍କୁ କାବୁ କରି ଥାନାକୁ ଆଣିଥିଲା। ଅପରପକ୍ଷରେ ଶବ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ‘ମାଧୋ ସିଂଙ୍କ ବୀରତ୍ୱର କାହାଣୀ ଦେଶବାସୀ ଜାଣନ୍ତୁ’

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)



ଅତିଥିମାନେ ବୀରତା ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ବ୍ରିଟିଶ ଶାସକଙ୍କ କବଳରୁ ଭାରତମାତାକୁ ରକ୍ଷା କରିବା ପାଇଁ ଅନେକ ବୀର ଜୀବନ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଶହୀଦ ମାଧୋ ସିଂ ଅନ୍ୟତମ। ୧୮୫୭ ମସିହାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ବ୍ରିଟିଶ ଶାସକଙ୍କ ବିରୋଧରେ ସଂଗ୍ରାମ ଚଳାଇଥିବାବେଳେ ତାଙ୍କୁ ବିଭିନ୍ନ ଅଞ୍ଚଳରୁ ସହଯୋଗ ଓ ସମର୍ଥନ ମିଳିଥିଲା। ବରଗଡ଼ ଜିଲା ଘେଁସ ଜମିଦାର ମାଧୋ ସିଂ ଓ ତାଙ୍କ ପରିବାର ଏହି ସଂଗ୍ରାମରେ ସାମିଲ ହୋଇଥିଲେ। ମାଧୋଙ୍କ ସମେତ ୪ ପୁଅ ହଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ, ଐରୀ ସିଂ ଓ ତାଙ୍କ ଜ୍ୱାଇଁ ମଧ୍ୟ ଦେଶ ପାଇଁ ପ୍ରାଣବଳି ଦେଇଥିଲେ। କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷର ଯୁବପିଢି ଶହୀଦ ମାଧୋ ସିଂ ଓ ତାଙ୍କ ପରିବାରର ବୀରତ୍ୱ ତଥା ବଳିଦାନର କାହାଣୀ ସମ୍ପର୍କରେ ଜାଣିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସୁଶାନ୍ତ କୁମାର ସିଂହ କହିଛନ୍ତି। ଲୋକ ସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶହୀଦ୍ କୁଞ୍ଜଲ ସିଂ କ୍ଲବ ଘେଁସ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୀରତା ଦିବସ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସିଂହ ଏହା କହିବା ସହ ଘେଁସଠାରେ ରହିଥିବା ଶହୀଦ୍ ସ୍ମୃତିପୀଠର ସୁରକ୍ଷା, ଶହୀଦ୍ କୁଞ୍ଜଲ ସିଂ ପାର୍କ ଓ ନୂତନ କଲ୍ୟାଣ ମଣ୍ଡପ ଆଦି ନିର୍ମାଣ କରାଯାଉଥିବା ନେଇ ସୂଚନା ଦେଇଥିଲେ।

ପ୍ରାରମ୍ଭରେ କ୍ରାନ୍ତିବୀର ମାଧୋ ସିଂହଙ୍କ ବଳିଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଟୁଇଟ୍‌କୁ ପ୍ରଦର୍ଶିତ

### ରାଜ୍ୟସ୍ତରୀୟ ବୀରତା ଦିବସ

କରାଯାଇଥିଲା। ବିଭାଗ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ ମାଧୋ ସିଂଙ୍କ ପରି ପୂର୍ବସୂରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଜାତି ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଗବେଷକ ଡ. ସୁବାସ ମେହେର ଶହୀଦ ମାଧୋ ସିଂଙ୍କ ସଂଗ୍ରାମ ଉପରେ ତଥ୍ୟ ରଖିଥିଲେ। କୁଞ୍ଜଲ ସିଂ କ୍ଲବ ସଭାପତି ଅଶୋକ କୁମାର ପୂଜାହାରୀ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ ପ୍ରମୁଖ ଯୋଗଦେଇଥିଲେ। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିଲେ।

# ନିଶାବେପାରୀ ଟକଲୁ ରାଜାଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ବାଲେଶ୍ୱରର ନିଶାମାଫିଆ ସେକ୍ ସମିରୁଦ୍ଦିନ୍ ଓରଫ ଟକଲୁ ରାଜାଙ୍କ ଜବତ ସମ୍ପତ୍ତି ବାଜ୍ୟାପ୍ତ ହେବ। ଏନେଇ କୋଲକାତାସ୍ଥିତ ଏନ୍‌ଡିପିଏସ୍ ଶାଖା ଶୁକ୍ରବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ଅନୁମତି ପ୍ରଦାନ କରିଛି। ଜବତ ସମ୍ପତ୍ତିର ମୂଲ୍ୟ ୨ କୋଟି ହେବ। ଏହା ମଧ୍ୟରେ ୨୦ ଲକ୍ଷ ଟଙ୍କାର ୧୯ଟି ପ୍ଲଟ ରହିଛି। ଜବତ ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ ଡିସେମ୍ବର ପ୍ରଥମ ସପ୍ତାହରେ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଶାଖାକୁ ଚିଠି ଲେଖି ଅନୁମତି ମାଗିଥିଲା। ତେବେ ଆଗାମୀ ଦିନରେ ବାଜ୍ୟାପ୍ତି ପ୍ରକ୍ରିୟା ଶେଷ କରାଯିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଟକଲୁ ରାଜା ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି। ସେ ରାଜ୍ୟ ବାହାରୁ ବ୍ରାଉନସୁଗାର ଆଣି ଓଡିଶାରେ ବିକ୍ରି କରୁଥିଲେ। ୨୦୨୦ ମସିହା ଫେବୃୟାରୀ ୨୩ରେ ବାଲେଶ୍ୱରର ସଞ୍ଜୀବ କୁମାର ଦେହୁରୀ ଓ ସେକ୍ ଆରୁଖ୍ ତାଙ୍କଠାରୁ ବ୍ରାଉନସୁଗାର ନେଇ ଯାଉଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ପେଟ୍ରୋଲ ପମ୍ପ ନିକଟରେ ଏସ୍‌ଟିଏଫ୍ ଦ୍ୱାରା ଧରାପଡିଥିଲେ। ତାଙ୍କଠାରୁ ୪୦ ଲକ୍ଷ ଟଙ୍କାର ୪୦୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ପଚରାଉଚରା ପରେ ଏହି କାରବାର ପଛରେ ଟକଲୁ ରାଜାଙ୍କ ଲିଙ୍କ୍ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଏସ୍‌ଟିଏଫ୍ ମାମଲା (ନଂ.୧୪ /୨୦) ରୁଜୁ କରି ଟକଲୁଙ୍କୁ ଧରିବାକୁ ଚଢ଼ାଉ ଆରମ୍ଭ କରିଥିଲେ ମଧ୍ୟ ସେ ଫେରାର ହୋଇଯାଇଥିଲେ। ମାର୍ଚ୍ଚ ୩୦ରେ ବାଲେଶ୍ୱର ଜିଲା କୋର୍ଟରେ ସେ ଆତ୍ମ ସମର୍ପଣ କରିଥିଲେ। ତଦନ୍ତ ବେଳେ ଟକଲୁ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ବିପୁଳ ସମ୍ପତ୍ତି ଥିବା ଏସ୍‌ଟିଏଫ୍ ଜାଣିବା ପରେ ଖୋଳତାଡ଼ ଆରମ୍ଭ କରିଥିଲା। ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ତାଙ୍କ ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଥିଲା।

# ସରକାରୀ ଅଫିସରେ ଏକାଠି ହେବା ମନା

ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ ବ୍ୟାପିବାରେ ଲାଗିଛି। ନୂଆବର୍ଷ ଭିଡ଼କୁ ଦୃଷ୍ଟିରେ ରଖି ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର କଟକଣା କଡ଼ାକଡ଼ି କରିଛନ୍ତି। ସରକାରୀ ଅଫିସରେ ନୂଆବର୍ଷ କଟକଣା ଲଗାଯାଇଛି। ନୂଆବର୍ଷରେ ଅଫିସରେ ଏକାଧିକ ଲୋକ ଏକାଠି ହେବାକୁ ମନା କରାଯାଇଛି। କେହି ଫୁଲ ଦେଇ ନୂଆବର୍ଷ ଅଭିନନ୍ଦନ ଜଣାଇ ପାରିବେ ନାହିଁ। ଭର୍ଚୁଆଲ ମାଧ୍ୟମରେ କର୍ମଚାରୀମାନେ ପରସ୍ପରକୁ ନୂଆବର୍ଷ ଶୁଭେଚ୍ଛା ଜଣାବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

# ଜଳଜୀବନ ମିଶନ୍‌ରେ ଓଡ଼ିଶାକୁ ୮୩୧ କୋଟି

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

ଓଡ଼ିଶାରେ ଜଳଜୀବନ ମିଶନକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ୮୩୦ କୋଟି ୮୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଆଗାମୀ ୨୦୨୪ ସୁଦ୍ଧା ଓଡିଶା ‘ହର୍ ଘର ଜଲ’ ରାଜ୍ୟ ହେବା ପାଇଁ ଲକ୍ଷ୍ୟ ରଖିଛି। ରାଜ୍ୟରେ ୮୫.୬୭ ଲକ୍ଷ ଗ୍ରାମାଞ୍ଚଳ ଘର ମଧ୍ୟରୁ ୩୫. ୩୭ ଲକ୍ଷ (୪୧. ୨୮%)ଘରେ ଟ୍ୟାପ ଯୋଗେ ପାଣି ଯୋଗାଣ ହେଉଛି। ଗ୍ରାମାଞ୍ଚଳରେ ପାଇପ୍ ପାଣି ଯୋଗାଇ ଦେବା ପାଇଁ ଜଳ ଯୋଗାଣ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଚାଲୁଛି। ଶତପ୍ରତିଶତ ଗ୍ରାମାଞ୍ଚଳ ଘରେ ଜଳ ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଜଳ ଜୀବନ ମିଶନ ଅଧୀନରେ ଗ୍ରାମା ଳରେ ଘରେ ଘରେ ପାଇପ ଯୋଗେ ପାଣି ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଗ୍ରାଧିକାର ଦେଉଛନ୍ତି। ବଜେଟ୍‌ରେ ଏଥିପାଇଁ ୨୦୨୧–୨୨ ଆର୍ଥିକବର୍ଷରେ ୩,୩୨୩.୪୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଗତବର୍ଷ ଓଡ଼ିଶା ପାଇଁ ଏହା ୮୧୨. ୧୫ କୋଟି ଟଙ୍କା ଥିଲା। ଜନସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଟ୍ୟାପ ଯୋଗେ ପାଣି ଯୋଗାଣକୁ ଅଗ୍ରାଧିକାର ଦିଆଯାଇ ଦେଶରେ ଜଳର ଗୁଣାତ୍ମକମାନ ପରୀକ୍ଷା ପାଇଁ ୨୦୦୦ ପରୀକ୍ଷାଗାର ସ୍ଥାପନ କରାଯାଇଛି। ଜନସାଧାରଣ ଯେତେବେଳେ ଚାହିଁବେ ସେଠାରୁ ଜଳନମୁନା ନେଇ ସ୍ୱଳ୍ପ ଦେୟରେ ନମୁନା ପରୀକ୍ଷା କରିପାରିବେ। ଓଡିଶାରେ ଏହିପରି ୭୭ଟି ପରୀକ୍ଷାଗାର ରହିଛି।












**ଆଜିର ମନ୍ତବ୍ୟ**

କୋଭିଡ୍ ଭାରିଆଣ୍ଟ ସଂକ୍ରମଣ ରାକିବା ଲାଗି ନାଇଟ୍ କର୍ଫ୍ୟୁ ଜାରି କରିବା ପଛରେ କୌଣସି ବିଜ୍ଞାନସମ୍ମତ କାରଣ ନାହିଁ। ଭାରତ ଭଳି ଦେଶଗୁଡ଼ିକ ବିଜ୍ଞାନଭିତ୍ତିକ ନୀତି ଆପଣାଇବା ଆବଶ୍ୟକ।
–ସୌମ୍ୟ ସ୍ୱାମୀନାଥନ, ଡବ୍ଲ୍ୟୁଏଚ୍ଓ ମୁଖ୍ୟ ବୈଜ୍ଞାନିକ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁଡ୍‌ଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଘ ନ ଦେଖିଲେ ବିଲେଇ ଦେଖ
ଠକ ନ ଦେଖିଲେ ବଣିଆ ଦେଖ।**

ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ।ସେହିପରି ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବୁଡ଼ି ବୁଡ଼ି ମଲେ ପାଣିକୁଆଁଳି
ଚକାଇ ଖାଇଲେ ବକ।**

ଜଣେ କଷ୍ଟ କରି କରି କିଛି ପାଏନାହିଁ, ଆଉ କିଏ ଆରାମରେ ବସି କରି ଭୋଗ କରିଚାଲେ। ଏସବୁ ଭାଗ୍ୟ ଓ ବିଡ଼ମ୍ବନାର ବିଷୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପଞ୍ଚଭୂତରେ ଲୀନ ହେଲେ କିଶୋର

**ଝାରସୁଗୁଡ଼ା ଅଫିସ/ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଥିଲା।ଶୁକ୍ରବାରତାଙ୍କମରଶରୀରକୁଜିଲାପ୍ରଶାସନ ଓ ପୋଲିସ ତରଫରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ଥାନୀୟ ଝାଡେଶ୍ୱର ମୁକ୍ତିଧାମ ଶ୍ମଶାନରେ ପୁଅ ଦୁର୍ଗେଶ ମହାନ୍ତି ମୁଖାଗ୍ନି ଦେବାପରେ କିଶୋରଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଛି।

ପୂର୍ବାହ୍ନରେ ମଙ୍ଗଳବଜାର ବାସଭବନରୁ ତାଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡିରେ ଶୋଭାଯାତ୍ରାରେ ଝାରସୁଗୁଡା ସହରର ମୁଖ୍ୟ ମାର୍ଗଦେଇ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ନୂଆଡିହିସ୍ଥିତ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ପରେ ସର୍ବସାଧାରଣ ଦର୍ଶନ ପାଇଁ ସ୍ଥାନୀୟ ପୌର ପରିଷଦ ଅଡିଟୋରିୟମ୍ ହଲ୍‌ରେ ତାଙ୍କ ମରଶରୀରକୁ ରଖାଯାଇଥିଲା। ଅପରାହ୍ନ ୩ଟାରେ ଏକ ବିରାଟ ଶୋଭାଯାତ୍ରା ଅଡିଟୋରିୟମରୁ ବାହାରି ଶ୍ମଶାନ ଘାଟରେ ପହଞ୍ଚିଥିଲା। ମନ୍ତ୍ରୀ ନବ କିଶୋର ଦାସ, ସୁଶାନ୍ତ ସିଂହ, ଅଶୋକ ପଣ୍ଡା, ଟୁକୁନି ସାହୁ, ବିଧାୟକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ସୁରେଶ ପୂଜାରୀ, ସୁବାସ ସିଂହ, ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ସାରଦା ନାୟକ, କୁସୁମ ଟେଟେ, ନାଉରୀ ନାୟକ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ପ୍ରଭାତ ବିଶ୍ୱାଳ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ମଙ୍ଗଳା କିଷାନ, ବିଧାୟିକା ରୀତା ସାହୁ, ବିଧାୟକ କିଶୋର ନାୟକ, ରାଜେନ୍ଦ୍ର ଢୋଲକିଆ, ଧ୍ରୁବ ସାହୁ, ସାଧୁ ନେପାକ, ଜିଲାପାଳ ସରୋଜ କୁମାର ସାମଲ,ଏସ୍‌ପି ବିକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



କିଶୋର ମହାନ୍ତିଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ବିଶିଷ୍ଟ ବ୍ୟକ୍ତି।

### ବିଜେଡିର ଶୋକ

ଶୁକ୍ରବାର ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା, ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ ରାଉତ, ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶାରେ ଅଣ କଂଗ୍ରେସ ଆନ୍ଦୋଳନକୁ ଶକ୍ତିଶାଳୀ କରିବାରେ କିଶୋରଙ୍କ ବଳିଷ୍ଠ ଯୋଗଦାନ ଥିଲା ବୋଲି ଦାସବର୍ମା କହିଥିଲେ।

# ପଦୋନ୍ନତି ପରେ ଓଏଏସ୍ ଅଫିସରଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ): ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ବଡ ଧରଣର ନିଯୁକ୍ତି ତାଲିକା ପ୍ରକାଶ କରିଛନ୍ତି। ଶୁକ୍ରବାର ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏକ ବିଜ୍ଞପ୍ତି ଜାରି କରି ୨୫୦ଜଣ ଓଏଏସ୍ ଅଫିସରଙ୍କୁ ନିଯୁକ୍ତ କରିଛନ୍ତି। ରାଜସ୍ୱ ବିଭାଗ ଅଧୀନରେ ଥିବା କେତେକ କର୍ମଚାରୀ ଆଡ୍‌ହକ୍ ଭାବେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ଓଏଏସ୍ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏହାପରେ ସରକାରଙ୍କ ପକ୍ଷରୁ ଏକ ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ମଧ୍ୟରେ ବହୁ ଅଧିକାରୀ ଅବସର ନେଇଥିବା ବେଳେ କେତେଜଣ ଅଫିସରଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ଦିଆଯାଇଛି। ରାଜ୍ୟ ସରକାର ଜାରି କରିଥିବା ତାଲିକା ଅନୁଯାୟୀ, ସୁରେଶ ଚନ୍ଦ୍ର ପଣ୍ଡାଙ୍କୁ ଢେଙ୍କାନାଳ ତହସିଲଦାର ଭାବେ ଦାୟିତ୍ୱ ମିଳିଛି। ଶୁଭଦର୍ଶନ ମିଶ୍ରଙ୍କୁ ବନ୍ତ ବିଡିଓ, ସରୋଜାକାନ୍ତ ନାୟକଙ୍କୁ ଭଣ୍ଡାରିପୋଖରୀ ତହସିଲଦାର, ରବିନ୍ଦ୍ର କୁମାର ମିଶ୍ରଙ୍କୁ ବ୍ରହ୍ମପୁର ତହସିଲଦାର, ସର୍ବେଶ୍ୱର ଜାଲଙ୍କୁ ଗୋଲମୁଣ୍ଡା ତହସିଲଦାର, ବିଦ୍ୟାଧର ପତିଙ୍କୁ ନିଆଳି ତହସିଲଦାର, ନିହାର ରଞ୍ଜନ ମଲିକଙ୍କୁ ମହାଙ୍ଗା ବିଡିଓ, ପୁରୁଷୋତ୍ତମ ମିରଧାଙ୍କୁ ରାମପୁର ତହସିଲଦାର ଭାବେ ନିଯୁକ୍ତି ପାଇଛି।

# ପୁନର୍ବିନ୍ୟାସ ହେଲା ଗ୍ରାମ୍ୟ ନିର୍ମାଣ ସଂସ୍ଥା

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଗ୍ରାମ୍ୟ ନିର୍ମାଣ ସଂସ୍ଥା ପୁନର୍ବିନ୍ୟାସ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାୟଗଡ଼ାଠାରେ ଏକ ନୂଆ ସର୍କଲ ସୃଷ୍ଟି କରାଯିବ। ଉଦଳା, ବାଂଶପାଳ ଓ ବଣାଇଠାରେ ୩ଟି ନୂଆ ଡିଭିଜନ ଏବଂ ୮ଟି କ୍ୱାଲିଟି କଣ୍ଟ୍ରୋଲ ଡିଭିଜନ ସ୍ଥାପନକୁ ମଧ୍ୟ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ପ୍ରତି ପଞ୍ଚାୟତ ସମିତି ସ୍ତରରେ ଗୋଟିଏ ଲେଖାଏ ସବ୍‌ଡିଭିଜନ ଏବଂ ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ବିକାଶ ନିଗମ ଅଧୀନରେ ୧୦ଟି ପ୍ରୋଜେକ୍ଟ ସବ୍‌ଡିଭିଜନ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଉପରୋକ୍ତ ଢାଞ୍ଚାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ ପର୍ଯ୍ୟନ୍ତ ୧୪୨ଟି ଅଧିକ ପଦବୀ ସୃଷ୍ଟି କରାଯିବ। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ମଞ୍ଜୁରୀପ୍ରାପ୍ତ ଇଞ୍ଜିନିୟରିଂ ପଦବୀ ସଂଖ୍ୟା ୧,୪୪୭ରୁ ୧,୬୩୩କୁ ବୃଦ୍ଧି ପାଇବ। ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଆରଡି ସବ୍‌ଡିଭିଜନ କାର୍ଯ୍ୟାଳୟ ରହିବା ସହ ପ୍ରତ୍ୟେକ ସବ୍‌ଡିଭିଜନ ଅଧୀନରେ ୨ଜଣ ଜୁନିୟର ଇଞ୍ଜିନିୟର କାର୍ଯ୍ୟ କରିବେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟଭାର, ସମ୍ପ୍ରସାରିତ ବଜେଟ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଜରିଆରେ ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ପାଇଁ ସେତୁ ନିର୍ମାଣ ଆଦି କାର୍ଯ୍ୟକୁ ଦୃଷ୍ଟିରେ ରଖି ଏହାକୁ ପୁନର୍ବିନ୍ୟାସ କରାଯାଇଛି।

## ଆଜି 'ପଢ଼େ ଭାରତ' ଶୁଭାରମ୍ଭ କରିବେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ୧୦୦ ଦିବସୀୟ ପଠନ ଅଭିଯାନ 'ପଢେ ଭାରତ'ର ଶୁଭାରମ୍ଭ କରିବେ। ୧୦୦ ଦିବସୀୟ ପଠନ ଅଭିଯାନ ଛାତ୍ରୀଛାତ୍ରମାନଙ୍କ ଶିକ୍ଷଣସ୍ତରରେ ଉନ୍ନତି ନିମନ୍ତେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହା ନବୋନ୍ମେଷ, ମହତ୍ୱପୂର୍ଣ୍ଣ ଚିନ୍ତାଧାରା, ଶବ୍ଦାବଳୀର ବିକାଶ ଏବଂ ମୌଖିକ ଓ ଲିଖିତ ଦୁଇ ପ୍ରକାର ମାଧ୍ୟମରେ ଅଭିବ୍ୟକ୍ତି ବ୍ୟକ୍ତ କରିବା କ୍ଷମତାର ବିକାଶ କରିଥାଏ। ଏହା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପରିବେଶ ଏବଂ ବାସ୍ତବିକ ଜୀବନର ସ୍ଥିତି ସହ ଯୋଡିବାରେ ସହାୟକ ହେବ। ବାଲ୍ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଅଭିଯାନର ଅଂଶ ହେବ। ପଠନ ଅଭିଯାନ ଜାନୁଆରୀ ୧ରୁ ଆରମ୍ଭ ହୋଇ ୧୦ ଏପ୍ରିଲ ପର୍ଯ୍ୟନ୍ତ ୧୦୦ ଦିନ ଧରି ଆୟୋଜନ କରାଯିବ। ୧୦୦ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ୧୪ ସପ୍ତାହ ଧରି ଚାଲିବ। ପ୍ରତି ଦଳ ପ୍ରତି ସପ୍ତାହରେ ଏକ କାର୍ଯ୍ୟକଳାପକୁ ପଢି ଆନନ୍ଦ ଅନୁଭବ କରିବା ଏବଂ ପଢିବାର ଆନନ୍ଦ ସହିତ ଆଜୀବନ ଯୋଡି ହୋଇ ରହିବା ଉପରେ ଦ୍ୟାନ ଦେବା ଭଳି ଏହାକୁ ପ୍ରସ୍ତୁତ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଶିକ୍ଷକ, ବସ୍ତିବାସିନ୍ଦାଙ୍କୁ ...

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ମହାନଗର ନିଗମ ଆଇନ–୨୦୦୩ର ଆବଶ୍ୟକ ସଂଶୋଧନ କରିବାକୁ ଅଧ୍ୟାଦେଶ ଆଣିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଯେଉଁଠି ଜାଗା ଉପଲବ୍ଧ ହେବ ସେଠାରେ ସରକାର ବସ୍ତିବାସିନ୍ଦାଙ୍କୁ ୩୦ ବର୍ଗମିଟର ପର୍ଯ୍ୟନ୍ତ ସରକାରୀ ଜମି ମାଗଣାରେ ଯୋଗାଇ ଦେବେ। କେବଳ ମାଗଣା ଜମି ନୁହେଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ତିଆରି କରିବାକୁ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ୨୦୧୭ରୁ ଜାଗା ମିଶନ ଜରିଆରେ ରାଜ୍ୟର ସମସ୍ତ ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ନିଷ୍ପତ୍ତି ହୋଇଥିଲା। ଏବେ ମହାନଗର ନିଗମଗୁଡ଼ିକୁ ସେଥିରେ ସାମିଲ କରାଯାଇଛି। ଆସନ୍ତା ୬ ମାସ ଭିତରେ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ। ଓଡ଼ିଶା ବସ୍ତିବାସିନ୍ଦା ଜମି ଅଧିକାର ଆଇନ–୨୦୧୭ ଅନୁଯାୟୀ ରାଜ୍ୟରେ ଥିବା ୧୦୯ଟି ମ୍ୟୁନିସିପାଲିଟି ଓ ଏନ୍‌ଏସି ଅଞ୍ଚଳର ବସ୍ତିରେ ରହୁଥିବା ଲୋକଙ୍କୁ ଜମି ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏଥିରେ ୧ଲକ୍ଷ ୭୫ ହଜାର ପରିବାର ଲାଭବାନ ହୋଇସାରିଛନ୍ତି। ରାଜ୍ୟ ସରକାର ଏବେ ମହାନଗର ଅଞ୍ଚଳରେ ସେହି ବ୍ୟବସ୍ଥାକୁ ଆଇନଗତ ସ୍ୱୀକୃତି ଦେବାକୁ ଅଧ୍ୟାଦେଶ ମାଧ୍ୟମରେ ଆଇନରେ ସଂଶୋଧନ କରାଇବାକୁ ପଦକ୍ଷେପ ନେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନୂତନବର୍ଷର ପ୍ରଥମ ଦିବସରୁ ଚନ୍ଦ୍ର ଭାଗ୍ୟସ୍ଥାନରେ ଅବସ୍ଥାନ କରି ଆପଣଙ୍କ ପାଇଁ ସୌଭାଗ୍ୟର ମାର୍ଗ ଉନ୍ମୁକ୍ତ କରିବେ। କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରର ଅସଜଡ଼ା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ଦେବଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରୁ ସାହିତ୍ୟ, ଗବେଷଣାଦି ନୂତନକର୍ମାରମ୍ଭ ପ୍ରୀତିପ୍ରଦ ରହିବ।

**ବୃଷ**
ମୁଖଭାବକୁ ଶୁକ୍ର ଅବଲୋକନ କରି ଅର୍ଥ, ନୂତନ ବନ୍ଧୁତ୍ୱ ଓ ସୁସ୍ୱାଦୁଭୋଜନର ବ୍ୟବସ୍ଥା କରିବେ। ଉଚ୍ଚବର୍ଗଙ୍କ ସାହାଯ୍ୟରୁ ଉତ୍ସାହିତ ହେବେ। ଅଫିସରେ ବନ୍ଧୁମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇ ରହିଲା ଭଳି ଅନୁଭବ କରିବେ। ବାଣିଜ୍ୟ, ବ୍ୟବସାୟ, ପାରିବାରିକ କ୍ଷେତ୍ରରେ ସୁଖ, ସୌହାର୍ଦ୍ଦ୍ୟରୁ ଆତ୍ମତୃପ୍ତି ଲଭିବେ।

**ମିଥୁନ**
ଚନ୍ଦ୍ର ସହ ଶୁକ୍ରଙ୍କ ସଂଯୋଗରୁ ଆଜି ସାମଗ୍ରିକ ସୁଖ, ସମ୍ମାନ, ଅର୍ଥ ଓ ମିଷ୍ଟାନାଦି ପ୍ରାପ୍ତ କରାଇବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଖୁସି ରହିବେ। ସମସ୍ୟା ମଧ୍ୟରେ ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତରେ ସଫଳ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସଙ୍ଗକୁ ବ୍ୟବସାୟ, ରପ୍ତାନି ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ**
ଷଷ୍ଠସ୍ଥ ରାଶ୍ୟାଧିପ ଚନ୍ଦ୍ର ଯୋଗୁ ସ୍ୱାସ୍ଥ୍ୟାବସ୍ଥାରେ ପୂର୍ବାପେକ୍ଷା ବିଶେଷ ଉନ୍ନତ ସ୍ଥିତିରେ ଆପଣଙ୍କୁ କର୍ମମୁଖର କରାଇବାରେ ସାହାଯ୍ୟ କରିବ। କଠୋର କର୍ତ୍ତବ୍ୟର ମାନସିକ ଚାପ ଆପଣଙ୍କୁ ଘର ଲୋକମାନଙ୍କଠାରୁ ଦୂରେଇ ରଖିବ। ପାରିବାରିକ ଅସ୍ଥିରତା ରହିଥିଲେ ମଧ୍ୟ ନିକଟ ସମ୍ପର୍କୀୟମାନଙ୍କ ସହଯୋଗ କେତେକାଂଶରେ ମନକୁ ହାଲୁକା ରଖିବ।

**ସିଂହ**
କର୍ମାଧିପଙ୍କ ସହ ରବିଙ୍କ ସ୍ଥିତି ପ୍ରଭାବରୁ ପଦସ୍ଥ ବ୍ୟକ୍ତିଙ୍କ ବାହୁଛାୟା ତଳେ ରହି ଅସାଧ୍ୟ ସାଧନ କରିପାରନ୍ତି। କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବେ। ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ଆର୍ଥିକ ଅନଟନ ପୂରଣ ପରିପ୍ରେକ୍ଷୀରେ ଧାରକରଜ କରିବାକୁ ପଡ଼ିପାରେ।

**କନ୍ୟା**
କୋଣସ୍ଥାନରେ ମିତ୍ରଶନିଙ୍କ ସହ ବୁଧ ବୌଦ୍ଧିକତା ପ୍ରଦାନକରି ରଚନାତ୍ମକ କାମରୁ ପ୍ରଶଂସିତ କରାଇବେ। ମିତ୍ରତାର ସମ୍ପର୍କ ମାନସିକ ସ୍ଥିତିକୁ ପ୍ରଫୁଲ୍ଲିତ କରିବ। ବନ୍ଧୁଙ୍କ ବଦାନ୍ୟତା,ସହକର୍ମୀଙ୍କ ସହଯୋଗ ମନୋବୃତ୍ତି ଓ ପାରିବାରିକ ସହାନୁଭୂତି ଆନନ୍ଦର ମାଧ୍ୟମ ହେବ। ଅବଶ୍ୟ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ତୁଳା**
ବୃହସ୍ପତିଙ୍କ ସୁପ୍ରଭାବରୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ କାମ ହାସଲ କରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣାକୁ ବଢ଼ାଇଲେ ନିଜେ ଭୁଲ୍ କରିବେ। ପୈତୃକ ସମ୍ପତ୍ତି କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଆନୁଷ୍ଠାନିକ କାମରେ କିମ୍ବା କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବିଛା**
ରାଶିରେ ମଙ୍ଗଳ ସ୍ୱାସ୍ଥ୍ୟକୁ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। କୌଣସି ନୂତନ କର୍ମାରମ୍ଭରୁ ଦିନଟିରେ କାର୍ଯ୍ୟବ୍ୟସ୍ତତା ବଢ଼ିଯାଇପାରେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ,ପରିବହନ ଓ ନୂତନ ଚୁକ୍ତିପତ୍ର ପାଇଁ ଦିନଟି ଭଲ। ପରିଜନଙ୍କ ମେଳରେ ଆଜିର ପ୍ରତ୍ୟୁଷ ଯାତ୍ରା,ନୂତନ ସ୍ଥାନ ପରିଦର୍ଶନରେ ଖୁସୀ ରହିବେ।

**ଧନୁ**
କର୍ମାଧିପ ଦ୍ୱିତୀୟସ୍ଥ ହେତୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସହାନୁଭୂତି, ସମ୍ପର୍କୀୟଙ୍କ ସଦ୍‌ଭାବ ସୃଷ୍ଟି କରିବ। ପାରସ୍ପରିକ ଉତ୍ତମ ବୁଝାମଣାରେ ଉନ୍ନତି ଘଟିବା ସଙ୍ଗକୁ ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀମାନେ ଭୂରିଭୂରି ପ୍ରଶଂସା କରିପାରନ୍ତି।

**ମକର**
ନୂଆ ବରଷରେ ଅନେକ ନୂଆକାମ କରିବାର କଳ୍ପନା ମନ ଭିତରେ ଉର୍ଙ୍କିମାରିବ। କଳା,ସାହିତ୍ୟ ଚର୍ଚ୍ଚା କିମ୍ବା ସଙ୍ଗୀତ ଆସରରେ ନିଜକୁ ନିୟୋଜିତ କରିପାରନ୍ତି। ଲେଖାପଢ଼ା, ସଭାସମିତି,କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**କୁମ୍ଭ**
ଅର୍ଥାଭାବ, ଋଣଭାର, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନି ଜନିତ ବ୍ୟସ୍ତତା ବଢ଼ିଯାଇପାରେ। ସ୍ୱଗୃହୀ ଶନିଶ୍ଚରଙ୍କ ହେତୁ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ପ୍ରଶଂସିତ ହେବେ। ଦୂରଯାତ୍ରା, ଜମିଜମା ବିବାଦ କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମୀନ**
କର୍ମଜଞ୍ଜାଳର ପରିସର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି, ଚେଷ୍ଟା କରୁଥିବା କାମରେ ଅଗ୍ରଗତି ସଙ୍ଗକୁ ପାରିବାରିକ ସମର୍ଥନରୁ ସାମୟିକ ଆତ୍ମତୃପ୍ତି ପାଇବେ। ପଦସ୍ଥ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟର ପ୍ରତିଶ୍ରୁତି ହାସଲ କରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆଶାୟୀ ହୋଇ ପାରନ୍ତି।

## ୩% ବଢ଼ିଲା ...

କରାଯାଇଛି। ଏହାଦ୍ୱାରା ରାଜ୍ୟର ୭.୫ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନ୍‌ସନଭୋଗୀ ଉପକୃତ ହେବେ। ଏହାସହିତ ସପ୍ତମ ବେତନ କମିଶନ ବାବଦ ୩୦ ପ୍ରତିଶତ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ସରକାରୀ କର୍ମଚାରୀମାନେ ସପ୍ତମ ବେତନ କମିଶନ ଅନୁଯାୟୀ ଜାନୁୟାରୀ ୨୦୧୬ରୁ ଅଗଷ୍ଟ ୨୦୧୭ ମଧ୍ୟରେ ବର୍ଦ୍ଧିତ ଦରମାର ୫୦ ପ୍ରତିଶତ ପାଇ ସାରିଛନ୍ତି। ଏହାଦ୍ୱାରା ରାଜ୍ୟର ୪ ଲକ୍ଷ ସରକାରୀ କର୍ମଚାରୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସଚିବାଳୟ ସେବା ସଂଘର ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


# classifieds Everyday
0674-2580101, 2549302

**real estate**

**SALE**

Duplex Immediate Sale near Vani Vihar University. 1.03Crore Fixed Price. Whatsapp: 943-731-3333(Owner) 9438874333. D-22702

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Demarcated ପ୍ଲଟ୍ KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity ସହିତ 30ft. road sqft.-730/-ରେ ମିଳୁଛି। 7008045582, 9692003948. D-22681

**Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434.** D-71754

ମୁଣ୍ଡୁଳି ମୌଜାରେ develope plot with demarkcated sqft.- 520/-ରେ ମିଳୁଛି। 9692213354. D-71841

**Flat sale at near Jharpada Durgamandap, Bhubaneswar 100' wide road facing. Contact: 6371401150.** D-22710

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**Flat sale with Orera approval at Naharakanta Chhak, Rasulgarh, Bhubaneswar NH Facing. Contact: 6371401150.** D-22709

ଭୁବନେଶ୍ୱର ଡେରାସ୍, ସୁନ୍ଦରପଦାରେ ଘରବାଡ଼ି ପ୍ଲଟ୍ sqft.-1500/-, 950/-, 650/- ମିଳୁଛି। SEEMA- 6370476317. D-71765

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/–, ନଖରା ତ୍ରିନାଥବଜାର sqft.–200 (Outright). 9348232008. D–22629

3BHK flat, 2nd Floor 1800sqft., 3Toilet near Jharapada Jail Square Cuttack Puri main road side, 2011 posession, resale @90lac including all. 9439716901 (Broker Excuse). D-71925

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area- 2285 (Bank finance available) booking open- 9337088399.** D-71761

ଖୋର୍ଦ୍ଧା ମଳିପଡ଼ା NH ପାଖରେ ପଟ୍ଟା ଥାଇ boundary plot ମିଳୁଛି। 9692213354. D-71840

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

Gharabari plots sale Kateni near Vikash residential school sqft.- 650/ 9337766961, 9861964818. D-22717

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

**PURCHASE**

ଆପଣ ନିଜର Plot, Flat, Duplex, Farm house ବିକିବାକୁ ଚାହୁଁଛନ୍ତି କି? Bhubaneswar. 6371090682. D-68286

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**construction**

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

**healthcare**

Newly open full body massage ladies and gents. 8327740003, 8455985899. D-71838

Refreshing your mind, body with tha best therapy at Lotus SPA. 8018891951. D-71839

Newly Open Saikrupa Panchakarma Spa positively health benefits with expert. 8984068077. D-22723

One hour any therapy by expert therapist @800 only. 9078484455. D-71461

**business**

ଘରେବସି ସ୍ୱଳ୍ପ ବିନିଯୋଗରେ ମାସକୁ ୩୦,୦୦୦/–ରୁ ୬୦,୦୦୦/– ରୋଜଗାର କରନ୍ତୁ। 9776020766, 9439008685. D-71460

**AFFIDAVIT**

By virtue of an affidavit before Executive Magistrate, Sorada, I Smt. Puspanjali Sahu, Wife of Kanhu Charan Sahu has changed My surname From Swara to Sahu. Hence I will know as Puspanjali Sahu for all purpose. D-22726

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

**Ph.D. ଲାଭ**



ଶ୍ରୀ ସ୍ଥିତପ୍ରଜ୍ଞ ପଟ୍ଟନାୟକଙ୍କୁ Assam Rajiv Gandhi University of Cooperative Management (ARGUCOM) ତରଫରୁ ପ୍ରବନ୍ଧନ ବିଭାଗରେ (Management) ସମ୍ମାନ ସୂଚକ Ph.D. ଉପାଧି ପ୍ରଦାନ କରାଯାଇଛି। ତାଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ସନ୍ଦର୍ଭ "Success Factors in MSME- How they Differentiate Successful Enterprises from Not-So-Successful Ones". ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଉପାଧି ପ୍ରଦାନ କରିଛନ୍ତି। ଉକ୍ତ ସନ୍ଦର୍ଭଟି ତେଜପୁର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶୁଭ୍ରାଂଶୁ ସରକାର ଏବଂ Amity University Kolkataର ପ୍ରଫେସର ଡ. ଶିବ ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଛି। ସେ ARGUCOM Vice Chancellor ଡ. ମୁନୀନ୍ଦ୍ର କାକତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଡକ୍ଟର ସ୍ଥିତପ୍ରଜ୍ଞ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଫୁଲକିମୁଣ୍ଡା ଗ୍ରାମର ମୂଳ ନିବାସୀ ତଥା ବର୍ତ୍ତମାନ ଭୁବନେଶ୍ୱର ବାସିନ୍ଦା ଶ୍ରୀଲମ୍ବୋଦର ପଟ୍ଟନାୟକ ଏବଂ ହେମାଦ୍ରୀ ପଟ୍ଟନାୟକଙ୍କ ସୁପୁତ୍ର ତଥା ୰ଶ୍ରୀ ଭକ୍ତରାମ ମିଶ୍ର ଏବଂ ଶ୍ରୀମତୀ ଗୀତାଞ୍ଜଳୀ ମିଶ୍ରଙ୍କ ଜ୍ୱାଇଁ। ସେ ବର୍ତ୍ତମାନ ବନ୍ଧନ ବ୍ୟାଙ୍କରେ Dy Vice President ଭାବେ କାର୍ଯ୍ୟରତ। ତାଙ୍କର ଏହି ସଫଳତାର ଶ୍ରେୟ ପିତା, ମାତା, ପତ୍ନୀ ନିବେଦିତା ତଥା ଦୁଇଝିଅ ଶ୍ରୁତି ଏବଂ ଦୀକ୍ଷା ସହିତ ସମସ୍ତ ପରିବାରବର୍ଗଙ୍କୁ ଅର୍ପଣ କରିଛନ୍ତି। ଏଥିପାଇଁ ସେ ସମସ୍ତ ଶୁଭେଚ୍ଛୁମାନଙ୍କ ନିକଟରେ କୃତଜ୍ଞ।
ଧ–୨୨୭୨୫

## ରାଜ୍ୟପାଳଙ୍କ ଇଂଲିଶ ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଇଂଲିଶ ପୁସ୍ତକ 'ନନ୍-ଆଟାଚ୍‌ଡ ଆଟାଚ୍‌ମେଣ୍ଟ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ପୁସ୍ତକଟି ପେନ୍ ଇନ୍ ବୁକ୍ସ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଶୁକ୍ରବାର ସଂସ୍ଥାର ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡା ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଦ୍ୱିତୀୟ ସଂସ୍କରଣର ପ୍ରଥମ ବହି ଅର୍ପଣ କରିଥିଲେ। ପୁସ୍ତକରେ ରାଜ୍ୟପାଳ ଶ୍ରୀମଦ ଭଗବଦ ଗୀତା କର୍ମଯୋଗର ସୁନ୍ଦର ବିଶ୍ଳେଷଣ କରିଛନ୍ତି। ଏହାର ମୂଲ୍ୟ ୧୯୯ ଟଙ୍କା ରହିଛି ଓ ଏହା ଆମାଜନରେ ଉପଲବ୍ଧ ହେଉଛି। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ତଥା କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।



# ଭୁବନେଶ୍ୱରରେ ଲକ୍ଷେ କିଶୋର ନେବେ ଟିକା

ଭୁବନେଶ୍ୱର, ୩୧।୧୨ (ବ୍ୟୁରୋ): ରାଜ୍ୟରେ ଆସନ୍ତା ୩ରୁ ୧୫ରୁ ୧୮ ବର୍ଷ ବୟସର ପିଲା(କିଶୋର)ଙ୍କୁ ଟିକା ଦିଆଯିବ। ଏହି ପରିପ୍ରେକ୍ଷୀରେ ରାଜଧାନୀରେ ଟିକାକରଣ ପାଇଁ ବିଏମ୍‌ସି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କମିଶନର ସଞ୍ଜୟ କୁମାର ସିଂହ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୧ଲକ୍ଷ କିଶୋରଙ୍କୁ ଟିକା ପ୍ରଦାନ କରାଯିବ। ଏବେ ସହରରେ ୩୫ଟି କେନ୍ଦ୍ରରେ ଟିକାକରଣ ଚାଲିଛି। ଆଗକୁ କେନ୍ଦ୍ର ସଂଖ୍ୟା ବଢିବ। ଗଣଶିକ୍ଷା ବିଭାଗ ତଥ୍ୟ ପ୍ରଦାନ ପରେ ସ୍କୁଲ କିମ୍ବା ସେଣ୍ଟରରେ ଟିକାକରଣ ନେଇ ନିଷ୍ପତ୍ତି ନିଆଯିବ। ଏଥିସହ ୧୦ ତାରିଖରୁ ବରିଷ୍ଠ ନାଗରିକ, ସମ୍ମୁଖ ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀ, ନିର୍ବାଚନ କର୍ମଚାରୀଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ। ଏଥିପାଇଁ ଦ୍ୱିତୀୟ ଡୋଜ୍ ସାର୍ଟିଫିକେଟ୍ ଓ ଆଧାରକାର୍ଡ ବାଧ୍ୟତାମୂଳକ ହେବ ବୋଲି ସେ କହିଛନ୍ତି।

# ୧୫ଦିନ ସୁଯୋଗ ଦେଲା ବିଏମ୍‌ସି

## ଅନଧିକୃତ ନିର୍ମାଣ ନିୟମିତ ପ୍ରସଙ୍ଗ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ଅନଧିକୃତ ନିର୍ମାଣକୁ ନିୟମିତ କରାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଯୋଜନା ଅଧୀନରେ ଆସିଥିବା ଦରଖାସ୍ତଗୁଡ଼ିକରେ ଯେଉଁସବୁ ଆବଶ୍ୟକ ନଥିର ଅଭାବ ରହିଛି ସେହି ବାବଦରେ ବହୁ ପୂର୍ବରୁ ମହାନଗର ନିଗମ ପକ୍ଷରୁ ଆବେଦନକାରୀଙ୍କୁ ଅବଗତ କରାଯାଇଛି। ତେବେ ଅନେକ କ୍ଷେତ୍ରରେ ଅନୁପାଳନଗୁଡ଼ିକ ପ୍ରାପ୍ତ ହୋଇ ନ ଥିବାବେଳେ ଅନେକ ପ୍ରାପ୍ତ ହୋଇଥିବା ଅନୁପାଳନ ଅସମ୍ପୂର୍ଣ୍ଣ ଅଛି। ଏଥିପାଇଁ କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଦରଖାସ୍ତକୁ ଜାନୁୟାରୀ ୩୧ ସୁଦ୍ଧା ଚୂଡ଼ାନ୍ତ କରିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଯେଉଁମାନେ ସମ୍ପୂର୍ଣ୍ଣ ଅନୁପାଳନ ସହିତ ଏ ସଂକ୍ରାନ୍ତ ଦରଖାସ୍ତ ଦେଇନାହାନ୍ତି, ସେମାନେ ଦରଖାସ୍ତ ନାକଚରୁ ନିବୃତ୍ତ ରହିବା ପାଇଁ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ଦରଖାସ୍ତର ଆବଶ୍ୟକତାମୂଳକ ସମସ୍ତ ଅନୁପାଳନ ଦାଖଲ କରିବାକୁ ସୁଯୋଗ ଦିଆଯାଇଛି।

ସୂଚନା ଅନୁଯାୟୀ, ନିର୍ମାଣ ଜନିତ ସରକାରୀ ନିୟମ ଅନୁମୋଦିତ କ୍ଷମା ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ୨୦୧୮ରେ ଏକ ନିୟମ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ନାଗରିକଙ୍କ ଆବଶ୍ୟକତା ଅନୁସାରେ ଏହି ନିୟମର କାର୍ଯ୍ୟକାଳ ବୃଦ୍ଧି ହୋଇଥିଲା। ପୁନଶ୍ଚ ଏଥିରେ କିଛି ପରିବର୍ତ୍ତନ କରାଯାଇ ନାଗରିକଙ୍କ ସୁବିଧା ନିମନ୍ତେ ଯୋଜନାକୁ ଲାଗୁ କରାଯାଇଛି। ତେବେ ମହାନଗର ନିଗମାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଏ ସଂକ୍ରାନ୍ତୀୟ ୨୨ଶହ ଆବେଦନ ଆସିଥିବାବେଳେ ଏଥିରୁ ପ୍ରାୟ ୭ଶହ ଆବେଦନର ସମାଧାନ କରାଯାଇଛି। ଅନ୍ୟ ସମସ୍ତ ଆବେଦନ ବିଭିନ୍ନ କାରଣ ପାଇଁ ହୋଇନାହିଁ ବୋଲି ନଗର ଯୋଜନାକାରୀ ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଜିତେନ୍ଦ୍ର


@ ଭୈରବ


@ ସୁଶ୍ରୀ ସଙ୍ଗୀତା


@ କୈଳାସ


@ ଅରବିନ୍ଦ

























ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ



# ନୋବେଲ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତିନି କୃଷି ଆଇନ ବିରୋଧରେ କୃଷକ ସଂଗଠନଗୁଡ଼ିକ ଏକ ବର୍ଷରୁ ଅଧିକ ସମୟ ଧରି ଆନ୍ଦୋଳନ ଜାରି ରଖିବା ପରେ ଏବେ ତାହାକୁ ଶେଷ କରିଛନ୍ତି। ସରକାର କୃଷି ଆଇନଗୁଡ଼ିକୁ ପ୍ରତ୍ୟାହାର କରି ନେଇଛନ୍ତି। ଏଥିରେ କୃଷକମାନଙ୍କର ବିଜୟ ହୋଇଛି ଓ ଏକ ବିଜୟୀ ମନୋଭାବ ନେଇ ସେମାନେ ଘରକୁ ଫେରୁଛନ୍ତି। ଅହିଂସାତ୍ମକ ଆନ୍ଦୋଳନ ଦ୍ୱାରା ସେମାନେ ହୁଏତ ଲୋକମାନଙ୍କ ହୃଦୟ ଜିତିପାରିଥାଆନ୍ତି, ହେଲେ ସରକାର ଏବଂ ପ୍ରଶାସନିକ ସଂସ୍ଥା ସହ ଭଲ ସମ୍ପର୍କ ସ୍ଥାପନ କରିବାକୁ ସକ୍ଷମ ହୋଇନାହାନ୍ତି। ତେବେ କୃଷକ ସଂଗଠନଗୁଡ଼ିକର ମେଣ୍ଟ ସଂଯୁକ୍ତ କିଷାନ ମୋର୍ଚ୍ଚା ଆନ୍ଦୋଳନକୁ ସଂଯୋଜିତ କରୁଥିଲା ଓ ଆଗକୁ ବଢ଼ାଉଥିଲା। ଏବେ ମୋର୍ଚ୍ଚା ସପକ୍ଷରେ ପୂର୍ବତନ ଆଇଏଏସ୍ ଅଧିକାରୀମାନଙ୍କ ଏକ ଫୋରମ୍ ଆଗକୁ ବାହାରିଛି ଓ ଏହାକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ୍ କରିବାକୁ ପ୍ରସ୍ତାବ ଦେଇଛି। ଯଦିଓ ଚଳିତ ବର୍ଷର ନୋବେଲ ଶାନ୍ତି ପୁରସ୍କାର ଘୋଷଣା ସରିଯାଇଛି, ସେଥିପାଇଁ ଆସନ୍ତା ବର୍ଷ ନୋମିନେଶନ ପାଇଁ ପଠାଇବାକୁ ବାବୁମାନେ ଆଶା କରୁଛନ୍ତି। କୌତୂହଳର ବିଷୟ, ବାବୁମାନଙ୍କର ଆଉ ଏକ ଫୋରମ୍ ସେମାନଙ୍କୁ ନକଲ କରି ପାଗଳାମୀ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ନୋମିନେଟ କରିବାକୁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି । ଏବେ ସୁଦ୍ଧା ମୋର୍ଚ୍ଚା ସପକ୍ଷରେ ଥିବା ଫୋରମକୁ ପୂର୍ବତନ ଆଇଏଏସ୍ ଅଧିକାରୀ ଏସ୍.ଏସ୍. ବୋପାରାଇ ଏବଂ ରମେଶିନ୍ଦର ସିଂ ସବୁ ପ୍ରକାର ସହଯୋଗ ଦେଇ ଚଳାଉଛନ୍ତି। ସେମାନେ କହିଛନ୍ତି, ଦେଶର କୃଷକଙ୍କ ସ୍ୱାର୍ଥ ରକ୍ଷା କରିବାରେ ପ୍ରମୁଖ ଭୂମିକା ନେଇଥିବା କିଷାନ ମୋର୍ଚ୍ଚା ଏହି ନିଆରା କାର୍ଯ୍ୟ ଲାଗି ପୁରସ୍କାର ପାଇବା ପାଇଁ ହକ୍‌ଦାର । ବୋପାରାଇ ୨୦୦୨ରେ ଆଇଏଏସ୍ ଚାକିରିରୁ ଅବସର ନେଇଥିଲେ। ସେ ମଧ୍ୟ ପଞ୍ଜାବୀ ୟୁନିଭର୍ସିଟି, ପଟିଆଲାର ପୂର୍ବତନ କୁଳପତି। ସେ ହିଁ ଏକମାତ୍ର ବାବୁ ଯିଏ କି ସମ୍ମାନଜନକ କୀର୍ତ୍ତିଚକ୍ରରେ ସମ୍ମାନିତ ହୋଇଛନ୍ତି। କ୍ୟାରିୟରରେ ସେ ପଞ୍ଜାବରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ସହ କେନ୍ଦ୍ରରେ କୋଇଲା ସଚିବ ଦାୟିତ୍ୱ ତୁଲାଇଥିଲେ। କୃଷକ ଆନ୍ଦୋଳନକୁ ବୋପାରଇ ଓ ରମେଶିନ୍ଦର ସହଯୋଗ କରୁଥିଲେ ଓ ଆନ୍ଦୋଳନକାରୀ କୃଷକଙ୍କୁ ନିୟମିତ ଭାବେ ରେଜେଇ, କମ୍ବଳ, ତକିଆ ଏବଂ ତାର୍‌ପୋଲିନ ଯୋଗାଇ ଆସୁଥିଲେ।

### ନୂଆ ନିଯୁକ୍ତି ନୀତି

ଅନେକ ବର୍ଷ ହେବ ଦେଶରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଆସିଛି ଓ ଏଭଳି ସ୍ଥିତିରେ ସରକାର ବି ଚାଲିଛି। ପ୍ରତିବର୍ଷ ୧୮୦ ଆଇଏଏସ୍ ଅଧିକାରୀଙ୍କୁ ନିଯୁକ୍ତି ଦେବାର କଟକଣା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ସୂତ୍ରରୁ ପ୍ରକାଶ ଯେ, ଏବେ ଅତି କମ୍‌ରେ ୧,୫୦୦ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଛି। ଦେଶରେ ଆଇଏଏସ୍ ଅଧିକାରୀଙ୍କ ନିର୍ଦ୍ଧାରିତ ସଂଖ୍ୟା ୬,୭୯୯ ରହିଥିବାବେଳେ ବର୍ତ୍ତମାନ କେବଳ ୫,୨୦୫ ଅଧିକାରୀ ରହିଛନ୍ତି। ଏବେ ପାର୍ଲାମେଣ୍ଟାରି କମିଟି ଅନ୍ ପର୍ସନାଲ, ପବ୍ଲିକ ଗ୍ରିଭାନ୍ସେସ୍, ଲ' ଆଣ୍ଡ ଜଷ୍ଟିସ୍ ପଦବୀ ପୂରଣ କରିବାକୁ ଜୋର୍ ଦେବାରୁ ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଆଣ୍ଡ ଟ୍ରେନିଂ( ଡିଓପିଟି) ଏଥିପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ଡିଓପିଟି ସଚିବ ପ୍ରଦୀପ କୁମାର ତ୍ରିପାଠୀ ଦେଶରେ କମ୍ ଥିବା ଆଇଏଏସ୍ ସଂଖ୍ୟା ଜାଣିବାକୁ ଏକ କମିଟି ଗଠନ କରିଛନ୍ତି ଓ ଆସନ୍ତାବର୍ଷରୁ ଏକ ନିଯୁକ୍ତି ନୀତି ଲାଗୁ କରିବାକୁ ପ୍ରସ୍ତାବ ଦେଇଛନ୍ତି। କମିଟିର ସବିଶେଷ ବିବରଣୀ ପ୍ରକାଶ ପାଇବାକୁ ବାକିଥିବାବେଳେ, ଆଗାମୀ ଦଶନ୍ଧିରେ ବିଭିନ୍ନ ପଦକୁ ବିଚାରକୁ ନେଇ ଆବଶ୍ୟକ ହେଉଥିବା ଅଧିକାରୀଙ୍କ ସଂଖ୍ୟା ଉପରେ ଏହା ଅନୁଧ୍ୟାନ କରିବ ବୋଲି ବିଶ୍ୱାସ କରାଯାଉଛି । ଆଇଏଏସ୍ ଅଧିକାରୀଙ୍କ ବାର୍ଷିକ ନିଯୁକ୍ତି କଟକଣା ହଟାଇ ଦେବା ଲାଗି ଏହା ମଧ୍ୟ ସୁପାରିସ କରିପାରେ। ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ ପାର୍ଲାମେଣ୍ଟାରି କମିଟି ତା'ରିପୋର୍ଟ ଉପସ୍ଥାପନ କରିଥିଲା। ଆଇଏଏସ୍ ଅଧିକାରୀଙ୍କ ନିର୍ଦ୍ଧାରିତ ସଂଖ୍ୟା ଏବଂ ଏବକାର କାର୍ଯ୍ୟରତ ଅଧିକାରୀଙ୍କ ମଧ୍ୟରେ ବର୍ଦ୍ଧିତ ଅନ୍ତର ଅତ୍ୟନ୍ତ ଚିନ୍ତାଜନକ ବୋଲି ଏଥିରେ ଉଲ୍ଲେଖ କରିଥିଲା।

### ଏନ୍‌ଏଚ୍‌ଏଆଇରେ ଆର୍‌ବିଆଇ କ୍ୟାଡର

ଶେଷରେ ଦୁଇ ବର୍ଷ ପରେ ନ୍ୟାଶ୍‌ନାଲ ହାଇୱେଜ୍ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ)ବା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ତା' ମେମ୍ବର (ଫାଇନାନ୍ସ) ପାଇଛି। ଏହା ଏକ ଉଚିତ ପଦକ୍ଷେପ। ବରିଷ୍ଠ ଆର୍‌ବିଆଇ କ୍ୟାଡର ଅଧିକାରୀ ଏନ୍.ଆର୍. ଭି.ଭି.ଏମ୍.କେ. ରାଜେନ୍ଦ୍ର କୁମାରଙ୍କୁ ତିନି ବର୍ଷ ପାଇଁ ସରକାର ଏହି ପଦବୀରେ ନିଯୁକ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ, ବାବୁମାନଙ୍କ କ୍ୟାଡର୍‌ରେ କମ୍ ଜଣାଶୁଣା ଆର୍‌ବିଆଇ କ୍ୟାଡରରୁ ଜଣେ ଅଧିକାରୀଙ୍କୁ ଏକ ବଡ଼ ପଦବୀରେ ନିଯୁକ୍ତି ଦିଆଯାଇଛି, ଯାହାକୁ ନେଇ ଆଇଏଏସ୍ ପରିସରରେ କିଛି ବିଚାର ବିମର୍ଶ ବା ଚର୍ଚ୍ଚା ହୋଇପାରେ। ସୂତ୍ରରୁ ପ୍ରକାଶ ଯେ, ଆର୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ରାଜେନ୍ଦ୍ର କୁମାର ଏହି ପଦବୀ ସକାଶେ ୯ ଜଣିଆ ପ୍ରାର୍ଥୀଙ୍କ ତାଲିକାରୁ ବଛାଯାଇଥିବା ୫ ଜଣ ଅଧିକାରୀଙ୍କ ମଧ୍ୟରେ ରହିଥିଲେ। କୁମାରଙ୍କ ନିଯୁକ୍ତିକୁ ନେଇ ବାବୁ ବିଶେଷଜ୍ଞମାନେ ଆଶା କରୁଛନ୍ତି ଯେ, ସରକାର ଏନ୍‌ଏଚ୍‌ଏଆଇ ପାଇଁ ଜଣେ ନୂଆ ଚେୟାରମ୍ୟାନ ଅବସ୍ଥାପିତ କରିବା ସକାଶେ ତତ୍କାଳୀକ ପଦକ୍ଷେପ ନେବେ। ସରକାରଙ୍କ ରାଜନୈତିକ ଗଣନାରେ ଏନ୍‌ଏଚ୍‌ଏଆଇ ହେଉଛି ଏକ ପ୍ରମୁଖ ଅଂଶ ଯେଉଁଥିରେ ରାଜପଥର ଦ୍ରୁତ ନିର୍ମାଣର ସଫଳତା ସରକାରଙ୍କ ପାରଦର୍ଶିତାକୁ ପ୍ରଦର୍ଶିତ କରିବ। ଆହୁରି ମଧ୍ୟ ଜଣାପଡ଼ିଛି ଯେ,ଏନ୍‌ଏଚ୍‌ଏଆଇର ମେମ୍ବର (ପିପିପି) ମଧ୍ୟ ଦୁଇ ବର୍ଷ ହେବ ଖାଲି ପଡ଼ିଛି।

Email: dilipcherian@gmail.com

# ନୂଆବର୍ଷ: ଆହ୍ୱାନ ଓ ସମ୍ଭାବନା



ଶୁଭେନ୍ଦୁ ମହାନ୍ତି

ଅତୀତର ଅତଳ ଗର୍ଭରେ ବିଲୀନ ହୋଇଛି ୨୦୨୧ରେ ଘଟିତ ଅସୁମାରୀ ଘଟଣାବଳୀର ତିକ୍ତ, ମଧୁର ସ୍ମୃତି-ଅନୁଭୂତି, ଅପାସୋରା ମୁହୂର୍ତ୍ତ, ସଫଳତା-ବିଫଳତାର ଚିତ୍ର, ସଂଘର୍ଷ ଓ ସଂଗ୍ରାମର ନିଷ୍ଠୁର ବାସ୍ତବତା, ଦିଗ-ଦିଗନ୍ତର ଉତ୍‌ଥାନ-ପତନ, ସାମୂହିକ ମାନବୀୟ ଚେତନାର ବିଲୟ, ପୁଣି ଅଭ୍ୟୁଦୟ ତଥା ପରିବର୍ତ୍ତନ ଓ ପରିବର୍ଦ୍ଧନର ବିବିଧ ରୂପ। ଗତିଶୀଳ ସମୟ ସବୁକିଛିର ମୂକସାକ୍ଷୀ, ମାତ୍ର କାହା ପାଇଁ ସେ ଅପେକ୍ଷମାଣ ନୁହେଁ। ସମୟର ପ୍ରବହମାନ ଧାରା, ଜୀବନଯାତ୍ରାରେ ଆଣିଛି ନିରନ୍ତର ଗତିଶୀଳତା ଯାହା ଅତୀତର ଅମୂଲ୍ୟ ଅନୁଭୂତିକୁ ଆଧାର କରି, ନୂତନତାର ସର୍ଜନାରେ ନିଜକୁ ସମର୍ପି ଦେଇଛି। ଅଫେରା ବର୍ଷ ୨୦୨୧ର ଅନୁଭୂତି-ଲବ୍ଧ ସାରବତ୍ତା ହିଁ ଆମ ପାଇଁ ଆଣିଛି ନୂତନ ବର୍ଷ-୨୦୨୨ର ଆଲୋକବର୍ତ୍ତିକା। ଅନନ୍ତ ସମ୍ଭାବନାର ସୂର୍ଯ୍ୟ ପ୍ରେରଣାର ସୁନେଲି କିରଣରେ ସତେ ଅବା ଆମକୁ ମାର୍ଗଦର୍ଶନ ଦେଉଛି; ସର୍ବବିଧ ସମୃଦ୍ଧି ପାଇଁ ନିଜକୁ ଉଦ୍‌ଯୋଗର ମହାଯଜ୍ଞରେ ସମର୍ପିଦେବା ନିମିତ୍ତ। ସମୁଚିତ ମାର୍ଗରେ, ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ 'ଚରୈବେତି, ଚରୈବେତି' ମହାମନ୍ତ୍ରରେ, ପ୍ରତିଟି ମୁହୂର୍ତ୍ତରେ ଆଗୁସାର ହେବା ପାଇଁ।

ଇଂଲିଶ ନବବର୍ଷ-୨୦୨୨, ଆମ ସମସ୍ତଙ୍କ ପାଇଁ ଆଣିଛି ନାନାଦି ଆହ୍ୱାନ, ପୁଣି ସମାଧାନର ଅସୀମ ସମ୍ଭାବନା। ସମଗ୍ର ମାନବସମାଜ ଅତି ଜଟିଳ, ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବା ସମୟରେ ଆମକୁ ଅଭୂତପୂର୍ବ ଧୈର୍ଯ୍ୟ, ଦୃଢ଼ତା ତଥା ଉତ୍ସର୍ଗୀକୃତ ଅଧ୍ୟବସାୟ ମାଧ୍ୟମରେ ସେସବୁର ସମ୍ମୁଖୀନ ହେବାକୁ ପଡ଼ିବ। ଅତୀତରୁ ବର୍ତ୍ତମାନ ଓ ବର୍ତ୍ତମାନରୁ ସମ୍ଭାବ୍ୟ ଭବିଷ୍ୟତ ଆଡ଼କୁ, ଆମକୁ ପାଦେ ପାଦେ ଅଗ୍ରସର ହେବା ପାଇଁ, କେବଳ ସଙ୍କଳ୍ପବଦ୍ଧ ନୁହେଁ, ନିରନ୍ତର ବ୍ରତୀ ହେବାକୁ ପଡ଼ିବ। ପ୍ରଖ୍ୟାତ ଇଂଲିଶ ପ୍ରାବନ୍ଧିକ ଫ୍ରାନ୍‌ସିସ୍ ବ୍ୟାକ୍‌ନଙ୍କ ସେହି ଆପ୍ତବାକ୍ୟ- "Sweetest are the uses of adversity"- ପ୍ରତିକୂଳ ପରିସ୍ଥିତିର ସଦୁପଯୋଗ ହିଁ ଦେଇଥାଏ ମଧୁର ଅନୁଭୂତି।

ପ୍ରାୟ ଦୁଇବର୍ଷ ଧରି ସମଗ୍ର ବିଶ୍ୱର, ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଅର୍ଥନୈତିକ, ବୃତ୍ତିଗତ, ସ୍ୱାସ୍ଥ୍ୟଭିତ୍ତିକ ସମସ୍ତ ଭିତ୍ତିଭୂମିକୁ କରୋନା ମହାମାରୀ ଧ୍ୱସ୍ତବିଧ୍ୱସ୍ତ କରିଦେବା ପରେ ଏବଂ ଏହାର ପ୍ରକୋପ ଅନେକ ମାତ୍ରାରେ ହ୍ରାସ ପାଇବା ମାତ୍ରେ- ଜନସାଧାରଣ, ପ୍ରଶାସନ, ସବୁ ସ୍ତରରେ ପୁଣିଥରେ ନୂଆ ଜୀବନ ପାଇଁ, ଅଭିନବ ଭିତ୍ତିଭୂମି ଲାଗି ପ୍ରୟାସ କରୁଛନ୍ତି। ମାତ୍ର, କ୍ଷିପ୍ରଗତିରେ ମାଡ଼ିଚାଲିଥିବା 'ଓମିକ୍ରନ୍' ବିଶ୍ୱର ଅନେକ ରାଷ୍ଟ୍ରକୁ ସଂକ୍ରମଣ କରିବାରେ ଲାଗିଛି। ଅବଶ୍ୟ ବିଶେଷଜ୍ଞଙ୍କ ମତରେ- କରୋନା ଅପେକ୍ଷା ଏହା ଦେଢ଼ଗୁଣ ଶୀଘ୍ର ବ୍ୟାପୁଥିଲେ ମଧ୍ୟ ଏତେଟା ଘାତକ ନୁହେଁ। ତେବେ ଘନଘନ ଏହି ପ୍ରଜାତିର ରୂପାନ୍ତର, ନାନାଦି ଆଶଙ୍କା ସୃଷ୍ଟି କରିଛି। ତେବେ ପ୍ରାୟ ଦୁଇବର୍ଷ ଧରି ଆମ ଦେଶ, ବିଶେଷଜ୍ଞଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରି, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ, ଜନସାଧାରଣଙ୍କୁ ସଚେତନ ଓ ସଶକ୍ତ କରିପାରିଛି। କେନ୍ଦ୍ର ସରକାରଙ୍କ ସର୍ବବୃହତ୍ ଟିକାକରଣ ଅଭିଯାନ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ବିହିତ ପଦକ୍ଷେପ ଏବଂ ସାଧାରଣ ଜନତାଙ୍କ ଅକୁଣ୍ଠ ସହଯୋଗ, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ଦେଇଛି। ସେଥିପାଇଁ ୮୪ତମ ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭୂତାଣୁ ବିରୋଧୀ ଲଢ଼େଇରେ ବିଜୟୀ ହେବା ପାଇଁ ଦେଇଛନ୍ତି ଦୁଇଟି ଅମୋଘ ଅସ୍ତ୍ର- ବ୍ୟକ୍ତିଗତ ସତର୍କତା ଓ ଶୃଙ୍ଖଳା। ଅମୂଲ୍ୟ ଜୀବନ-ରଥକୁ ସମସ୍ତ ପ୍ରକାର କ୍ଷତିକାରକ କୃତ୍ରିମତାରୁ ଦୂରେଇ ନେଇ ପ୍ରକୃତିର କାଳଜୟୀ ଅମୃତ ମାର୍ଗରେ ପରିଚାଳନା କରିବା ଆଜି ଅପରିହାର୍ଯ୍ୟ ହୋଇଛି। କୌଣସି ଦୃଷ୍ଟିରୁ, ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଥିବା ଗୁଜବରେ ପ୍ରଭାବିତ ନ ହୋଇ, ଉପଯୁକ୍ତ ପ୍ରତିବିଧାନ, ଚିକିତ୍ସା ତଥା ସୁସ୍ଥ ଜୀବନଶୈଳୀ ଦ୍ୱାରା ଓମିକ୍ରନକୁ ନିଶ୍ଚିତ ପରାଭୂତ କରିହେବ।

ଏହାର ନିରାକରଣ ଏବଂ ମୂଳୋତ୍ପାଟନ ଦିଗରେ 'ସୁସ୍ଥ ପରିବେଶ'-ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରଗତି ପାଇଁ, ପରିବେଶକୁ ବିଭିନ୍ନ ଦୃଷ୍ଟିକୋଣରୁ ଧ୍ୱଂସ କରିଚାଲିଥିବା ବିଭିନ୍ନ ରାଷ୍ଟ୍ର-ଆମ ଧରିତ୍ରୀ ପାଇଁ ଆଣିଦେଇଛନ୍ତି ନାନାଦି ମନୁଷ୍ୟକୃତ ବିଷାକ୍ତ ସଙ୍କଟ। ବାୟୁ, ଜଳ, ମାଟି ଆଦି ସବୁକିଛି ଆଜି ପ୍ରଦୂଷିତ। କରୋନା ରୋଗୀଙ୍କ ଚିକିତ୍ସା ସମୟରେ ଅମ୍ଳଜାନର ଅଭାବରୁ ସୃଷ୍ଟ ମୃତ୍ୟୁର ବିଭୀଷିକା ଆମକୁ ସଚେତନ କରୁ ଜଙ୍ଗଲ ସମ୍ପଦ, ଜୀବଜନ୍ତୁଙ୍କର ସୁରକ୍ଷା ପାଇଁ। ବିଗତ ନଭେମ୍ବରରେ ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ବିଶ୍ୱ ଜଳବାୟୁର ୨୬ତମ ସମ୍ମିଳନୀରେ, ୧୯୭ଟି ଦେଶ ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ପ୍ରାୟ ୨୫,୦୦୦ ପ୍ରତିନିଧିଙ୍କ ଉପସ୍ଥିତିରେ- ଚଳିତ ଶତାବ୍ଦୀର ଶେଷ ବେଳକୁ ବିଶ୍ୱ ତାପମାତ୍ରା- ୧.୫ରୁ ୨ ଡିଗ୍ରୀ ସେଲ୍‌ସିଅସ୍ ମଧ୍ୟରେ ହ୍ରାସ ପାଇଁ ସଙ୍କଳ୍ପବଦ୍ଧ ହୋଇଛନ୍ତି। ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ଯୋଗୁ ନାନାପ୍ରକାର ଜଳବାୟୁଜନିତ ବିପର୍ଯ୍ୟୟ ୟୁରୋପରେ ପ୍ରଳୟଙ୍କରୀ ବନ୍ୟା, କାନାଡାରେ ଅସହ୍ୟ ଗ୍ରୀଷ୍ମପ୍ରବାହ, ଆମେରିକାରେ ପ୍ରବଳ ଝଡ଼-ତୋଫାନ, ଆଫ୍ରିକାରେ ମରୁଡି ସାଙ୍ଗକୁ ଏସିଆ ମହାଦେଶରେ ବନ୍ୟାର ତାଣ୍ଡବଲୀଳା, ବାରମ୍ବାର ଜନଜୀବନକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଋତୁଚକ୍ର ଓ ପାଣିପାଗର ଆବର୍ତ୍ତନରେ କୌଣସି ସମୟସୀମା ଅଥବା ସ୍ଥିରତା ନାହିଁ। ବିଭିନ୍ନ ରାଷ୍ଟ୍ର ଅପୂରଣୀୟ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ କେବଳ ଭାରତର ଜିଡିପି ହାର ୩୦ ପ୍ରତିଶତ ହ୍ରାସ ପାଇଛି। ଆମେ ଓ ଆମର ଜୀବନଶୈଳୀ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଅହେତୁକ ବୃଦ୍ଧି ପାଇଁ ଦାୟୀ। ଏହାଦ୍ୱାରା ଜୀବଜନ୍ତୁଙ୍କ ବାସସ୍ଥଳୀ, ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ପ୍ରାକୃତିକ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଗୋଟିଏ ପଟେ ଖାଦ୍ୟର ପ୍ରାଚୁର୍ଯ୍ୟ ଥିବା ବେଳେ ଅନ୍ୟପଟେ କ୍ଷୁଧାର ବିକଳ ଚିତ୍ର ସମଗ୍ର ପୃଥିବୀ ପାଇଁ ଚିନ୍ତାର ବିଷୟ ହୋଇଛି। ଗୋଟିଏ ପଟେ ଗରିବ ଲୋକଙ୍କୁ ଦିନକୁ ଥରେ ମାତ୍ର ପେଟପୂରା ଖାଇବାକୁ ମିଳୁ ନ ଥିବା ବେଳେ, ଆଉ କିଛି ଲୋକ ମୋଟାପଣଜନିତ ନାନାଦି ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଏ ଅସମାନତା ଦୂର କରାଯିବା ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଦରକାର। ଅବଶ୍ୟ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସଚେତନ ନାଗରିକ ଏଥିପାଇଁ ଯଥାସମ୍ଭବ ଅଭିଯାନ ଆରମ୍ଭ କରିଛନ୍ତି ।

'ସମ୍ଭାବନାକୁ ଦେଖିଲେ କରୋନା ଯୁଦ୍ଧରେ ବିଜୟୀ ହେବା ପାଇଁ ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆ ନୂଆ ଟିକା ପ୍ରସ୍ତୁତି ପାଇଁ ଅଭିଯାନ ଜାରି ରହିଛି। ବିଦେଶରେ ନିର୍ମିତ ଅନ୍ୟାନ୍ୟ ପ୍ରତିଷେଧକ ସାମଗ୍ରୀ ଆମ ଦେଶରେ ଉତ୍ପାଦନ କରିବା ପାଇଁ ସରକାର ଆବଶ୍ୟକ ଚୁକ୍ତି କରୁଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ଆମ ଦେଶ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଚାଇନା ଓ ପାକିସ୍ତାନର ଚକ୍ରବ୍ୟୂହ। ସେଥିପାଇଁ ନିକଟରେ ଅନୁଷ୍ଠିତ ୫ଟି ଏସୀୟ ରାଷ୍ଟ୍ରସମୂହଙ୍କ ସହ ଏକଜୁଟ୍ ହୋଇ ଭାରତ ଉଚିତ ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି।

ଅନ୍ୟ ଏକ ବିଶେଷ ଆହ୍ୱାନ ହେଉଛି 'ନାରୀସୁରକ୍ଷା'। କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ପ୍ରଗତି ପାଇଁ ସରକାର ଅଣ୍ଟା ଭିଡ଼ିଥିବାବେଳେ ସ୍ୱାଧୀନତାର ଅନେକ ଦଶନ୍ଧି ପରେ ଅସହାୟା ମା', ଭଉଣୀମାନେ ମାତୃଗର୍ଭ ଓ ଶ୍ମଶାନକୁ ସୁରକ୍ଷାସ୍ଥଳୀ ଭାବେ ଗ୍ରହଣ କରିନେଇଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ, ବିଭିନ୍ନ ସ୍ଥାନରେ, ନିର୍ଯାତନା, ଶୋଷଣ, ବଳାତ୍କାର ଆଦିର ଶିକାର ହେଉଛନ୍ତି। ବିଳମ୍ବିତ ବିଚାର ବ୍ୟବସ୍ଥା, ତ୍ରୁଟିପୂର୍ଣ୍ଣ ଭାରତୀୟ ଦଣ୍ଡବିଧି ବ୍ୟବସ୍ଥା, ଅପରାଧୀମାନଙ୍କୁ ରାଜନୈତିକ ପୃଷ୍ଠପୋଷକତା... ନାରୀମାନଙ୍କୁ ସୁରକ୍ଷା ତଥା ଜଘନ୍ୟ ଅପରାଧୀଙ୍କୁ ଯଥାସମୟରେ, ଆତଙ୍କିତ କଲାଭଳି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେଇପାରୁ ନାହିଁ। ସେମାନଙ୍କର ଆଖିର ଲୁହ, ପରିବାର, ସମାଜ ଓ ଦେଶର ଭିତ୍ତିଭୂମିକୁ ଦୋହଲାଇ ଦେଇଛି। ସେଥିପାଇଁ, ଅତ୍ୟନ୍ତ ଜରୁରୀ ବ୍ୟବସ୍ଥାରେ ତୁରନ୍ତ ଆବଶ୍ୟକୀୟ ସଂଶୋଧନ କରାଯିବା ବାଞ୍ଛନୀୟ।

ଆଜାଦୀ କା ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଏହିଭଳି ଦେଶବିରୋଧୀ, ଦୁର୍ନୀତିଗ୍ରସ୍ତ ଏବଂ ଅପରାଧୀମାନଙ୍କୁ ଦମନ କରିବା ପାଇଁ ଆଶା କରାଯାଏ। ଏକ ସଶକ୍ତ, ସମୃଦ୍ଧ, ସୁସ୍ଥ ଓ ଗୌରବୋଜ୍ଜ୍ୱଳ ଭାରତ ଗଠନ ପାଇଁ ସରକାରୀ ବ୍ୟବସ୍ଥା ସହ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଲୋଡ଼ା। ସର୍ବଦା ଅଧିକାର ମାଗୁଥିବା ନାଗରିକ ତା'ର କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରିପାରିଲେ ଆପେ ଆପେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରିବ।

**ସିଡିଏ, ସେକ୍ଟର ୬, ମର୍କତନଗର, କଟକ**
**ମୋ: ୯୨୩୮୫୨୬୦୩୦**

# ରାମାୟଣ ପରିବାର



ଡା. ଦିଲୀପ କୁମାର ମହାରଣା

ରାମାୟଣ ଭାରତୀୟମାନଙ୍କର ଜୀବନ ନାଟିକା। କିଛି ବର୍ଷ ଆଗେ ସମଗ୍ର ଭାରତବର୍ଷରେ ଏମିତି ଗୋଟିଏ ଗାଁ ନ ଥିଲା ଯେଉଁଠି ରାମ ଉପାସନା ପାଇଁ ମନ୍ଦିରଟିଏ ନ ଥିଲା, ଏମିତି ଘରଟିଏ ନ ଥିଲା ଯେଉଁଠି ରାମଙ୍କର ଛବି ପୂଜା ପାଉ ନ ଥିଲା କିମ୍ବା ଏମିତି ଜୀଭ ନ ଥିଲା ରାମ ନାମ ଯେଉଁଠି ନୃତ୍ୟ କରୁ ନ ଥିଲା। ସମଗ୍ର ଦେଶ ରାମ ନାମର ସୁଗନ୍ଧରେ ଆମୋଦିତ ହୋଇଥିଲା। ଏବେ ଆମ ହୃଦୟରେ ଧର୍ମଜାତ ହେବା ପାଇଁ ଆମକୁ ଅନେକ ତ୍ୟାଗ କରିବାକୁ ହେବ। ହୃଦୟରେ ଧର୍ମଜାତ ପାଇଁ ଦଶରଥ ପୁତ୍ର କାମେଷ୍ଟି ଯଜ୍ଞ କରିଥିଲେ। ଭଗବାନ ହେଉଛନ୍ତି ଧର୍ମ ସ୍ୱରୂପ ଏବଂ ଧର୍ମ ମାଧ୍ୟମରେ ସେ ଉପାସିତ ହୋଇପାରିବେ। ଧର୍ମ ହେଉଛି ପବିତ୍ର କର୍ମ, ପବିତ୍ର କଥା, ପବିତ୍ର ଭାବନାର ଫୁଲମାଳ। ଭଲ ହେବା, ସେବା କରିବା ଓ ଭଲ କାମ କରିବାର ଦକ୍ଷ ହେବାର ସୁଖ୍ୟାତି ଅର୍ଜନ କରିବା। ଏଭଳି କର୍ମ ଦ୍ୱାରା ଯେଉଁ ସନ୍ତାନମାନେ ମାତାପିତାଙ୍କୁ ସୁଖୀ କରନ୍ତି ନାହିଁ ସେମାନେ ଶାନ୍ତି, ନିରାପତ୍ତା ଓ ସୁଖ ହରାଇଛନ୍ତି ବୋଲି ଏବେ ପ୍ରତ୍ୟେକ କ୍ରନ୍ଦନ କରୁଛନ୍ତି। ସବୁଠି ପ୍ରବଳ ଚିତ୍କାର ଶୁଣାଯାଉଛି ମାତ୍ର ଏଇ ଦୁର୍ଦ୍ଦଶା କାହିଁକି ଘଟିଛି କେହି ତାହା ଆବିଷ୍କାର କରିବାକୁ ଚାହୁଁ ନାହାନ୍ତି। ଏହାର କାରଣ ଯାହା କରାଯିବା କଥା ତାହା କରାଯାଉନାହିଁ। ଯାହା ପାଳନ କରିବା କଥା ତାହା ପାଳନ ହେଉନାହିଁ। ଯାହା କୁହାଯାଉଛି ଓ କରାଯାଉଛି ତା'ମଧ୍ୟରେ ସମନ୍ୱୟ ନାହିଁ। ସେମାନଙ୍କ ଓଠରେ ଭଗବାନଙ୍କ ନାମ ଉଚ୍ଚାରଣ କରି ଯେଉଁମାନେ ମାଳି ଗଡାଉଛନ୍ତି ସେମାନେ ନିରୀଶ୍ୱର କର୍ମରେ ଲିପ୍ତ ଅଛନ୍ତି। ହାତରେ ଭଗବଦ୍‌ଗୀତା ଧରି ସେମାନେ କୁତ୍ସାରଟନା କରୁଛନ୍ତି ଏବଂ ମନ୍ଦ ଚକ୍ରାନ୍ତ କରୁଛନ୍ତି। ଏହା କୌଣସି ବ୍ରତନୁହେଁ, ଆତ୍ମାର ଶୃଙ୍ଖଳା ନୁହେଁ। ନିଜକୁ ନିଷ୍ପାପର ଭକ୍ତ ମନେକରୁଥିବା ଜଣେ ବ୍ୟକ୍ତି ସର୍ବଦା ଜାଗ୍ରତ ରହିବା ଉଚିତ ଏବଂ ସର୍ବଦା ଦିବ୍ୟ ଉପସ୍ଥିତିରେ ରହିବାର ଶୃଙ୍ଖଳା ଅଭ୍ୟାସ କରିବା ଦରକାର। ଆମେ ଚେତନାରେ ଏବେ ନିଦ୍ରିତ ଥିବା ଈଶ୍ୱରଙ୍କୁ ଜାଣିବା ଉଚିତ ଏବଂ ତାଙ୍କୁ ଜାଗ୍ରତ କରିବା ଆବଶ୍ୟକ। ତା'ହେଲେ ଆମର ପ୍ରତ୍ୟେକ କର୍ମରେ ଦିବ୍ୟ ଦୀପ୍ତି ପ୍ରକାଶ ପାଇବ। ବ୍ୟକ୍ତି ଅର୍ଥ ପ୍ରକାଶିତ ସୁପ୍ତ ଅବସ୍ଥାରେ ଥିବା ଦିବ୍ୟତ୍ୱକୁ ବ୍ୟକ୍ତ କରୁଥିବାର ସଂସ୍କୃତରେ ଜଣେ ମଣିଷକୁ ବ୍ୟକ୍ତି କୁହାଯାଏ। ଆମ ମଧ୍ୟରେ, ଆମ ନିମନ୍ତେ ଭଗବାନ୍ ଅଛନ୍ତି ବୋଲି ଆମେ ଯେତେବେଳେ ଚେତନା ଲାଭ କରିବା ସେତେବେଳେ ସେହି ଚେତନା ଆମର ପ୍ରତ୍ୟେକ ଭାବନା, ଶବ୍ଦ ଓ କର୍ମକୁ ଆଉଥରେ ରୂପ ଦେବା ଉଚିତ ଏବଂ ଭଲ ଇଚ୍ଛା କରିବା ପାଇଁ, ଭଲ କଥା କହିବା ପାଇଁ ଓ ଭଲ ହେବା ଲାଗି ଆମକୁ ପ୍ରେରଣା ଦେବା ଉଚିତ। ଯେଉଁମାନେ ଆଡ଼ମ୍ବର ସହିତ ଧର୍ମଶୃଙ୍ଖଳା ପାଳନ କରିବା ପାଇଁ ନିଜକୁ ଉତ୍ସର୍ଗ କରୁଛନ୍ତି ସେମାନେ ବିଶ୍ୱ ରଙ୍ଗମଞ୍ଚରେ ଚିତ୍କାର କରୁଥିବା ଅଭିନେତା। ଅନ୍ୟମାନେ ସାମାନ୍ୟ ଭକ୍ତି ପୋଷଣ କରନ୍ତି। ସାମାନ୍ୟ ଜଞ୍ଜାଳ ବା ହତାଶା ଆସିଲେ ସେମାନେ ଈଶ୍ୱରଙ୍କ ଉପରୁ ଆସ୍ଥା ହରାନ୍ତି। ମାତ୍ର ଯେତେ ଦୁର୍ଭାଗ୍ୟ ଆସିଲେ ମଧ୍ୟ ପ୍ରକୃତ ଭକ୍ତ ଅତୁଟ ରହିଥାଏ।

ରାମାୟଣରେ ଥିବା ଅସଂଖ୍ୟ ଆଦର୍ଶ ଦୃଷ୍ଟାନ୍ତ ମନେ ପକାଅ। ରାମ ପରିବାର ପରମ ଧର୍ମର ଅମୂଲ୍ୟ ଗ୍ୟାଲେରି। ଜଣେ ପୁଅ ଯଦି ରାମଙ୍କ ପରି ବିଶ୍ୱସ୍ତ ହୋଇଥାଏ,ସେ ଯଦି ବନବାସକୁ ବାପାଙ୍କ ଇଚ୍ଛା ବୋଲି ଗ୍ରହଣ କରେ, ଅଭିଷେକ ପାଇଁ ସିଂହାସନ ଆଡ଼କୁ ଯିବା ପରିବର୍ତ୍ତେ ସେ ଯଦି ଆନନ୍ଦରେ ବନବାସ ଗମନ କରେ, ତା'ହେଲେ ସେ ପ୍ରକୃତରେ ଆଦର୍ଶ ପୁତ୍ର ହେବ। ମହୀୟସୀ ନାରୀ ସୀତା କିପରି ତାଙ୍କ ସ୍ୱାମୀଙ୍କୁ ପ୍ରଭୁ ଓ ଅନ୍ତର୍ଯ୍ୟାମୀ ରୂପେ ଉପାସନା କରୁଥିଲେ ତାହା ମନେ ପକାଅ। ସମସ୍ତ ଦୁଃଖକଷ୍ଟ ସହି ସେ ପତିଙ୍କ ସହିତ ବନବାସ କରିବା ପାଇଁ ରାମଚନ୍ଦ୍ରଙ୍କୁ ପ୍ରବର୍ତ୍ତାଇଥିଲେ। ଯଦି ସବୁ ନାରୀ ସୀତାଙ୍କ ପରି ତ୍ୟାଗଶୀଳା, ବିଶ୍ୱସ୍ତ ଓ ପ୍ରେମପରାୟଣା ହୁଅନ୍ତି ତା'ହେଲେ ଭାରତର ସବୁ ଘରେ ପରିତୃପ୍ତିର ହୃଦୟଭରା ହସ ଭରିଯିବ। କେଉଁ ଭାଇ ଲକ୍ଷ୍ମଣ ଅଥବା ଭରତଙ୍କ ଭଳି ହୋଇପାରିବେ ? ମା' ଭରତଙ୍କୁ ବିଶାଳ ସାମ୍ରାଜ୍ୟ ଦେଇଥିଲେ। ମାତ୍ର ବଡ଼ଭାଇ ସାମ୍ରାଜ୍ୟର ଅଧିକାରୀ ହେବା ଉଚିତ ବୋଲି ମତ ଦେଇ ଭରତ ତାହା ପରିତ୍ୟାଗ କରିଥିଲେ। ନୈତିକ ଦୃଷ୍ଟିରୁ ସାମ୍ରାଜ୍ୟ ଯାହାର ବନବାସରୁ ସେ ଫେରିଆସି ତାହା ଗ୍ରହଣ କରନ୍ତୁ ଓ ଉପଭୋଗ କରନ୍ତୁ ଏଇ ଉଦ୍ଦେଶ୍ୟରେ ଭରତ ଏପରି କରିଛନ୍ତି। ଗଭୀର ଅରଣ୍ୟରେ ଭାଇ ଓ ଭାଉଜଙ୍କୁ ଜଗିବା ପାଇଁ ଲକ୍ଷ୍ମଣ ନିଦ୍ରା ଏବଂ ଆହାର ପରିହାର କରିଛନ୍ତି। ପୂର୍ଣ୍ଣମାତ୍ରାରେ ଓ ଆନନ୍ଦର ସହିତ ସେ ଭାଇଙ୍କ ପାଦପଦ୍ମରେ ଶରଣାପନ୍ନ ହୋଇଛନ୍ତି। ଆଉ ନାରୀମାନେ ? ରାମଙ୍କ ସହିତ ବନବାସ କରିବା ପାଇଁ ଲକ୍ଷ୍ମଣ ଯେତେବେଳେ ମାତା ସୁମିତ୍ରାଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କଲେ ସୁମିତ୍ରା ଯୁକ୍ତି କଲେ ନାହିଁ, 'ତୁ କାହିଁକି ଯିବୁ? ବାପା ତୋତେ ଯିବା ପାଇଁ ଅନୁମତି ଦେଇ ନାହାନ୍ତି। ପ୍ରାସାଦରେ ଆନନ୍ଦରେ ରହ, ମୋତେ ଓ ତୋର ନବ ବିବାହିତା ବୋହୂକୁ ଆନନ୍ଦରେ ରଖ।' ସେ କହିଲେ, 'ପୁଅ ତୁ ଯେ ବଣକୁ ଯାଉଛୁ ଏବଂ ଆମେ ଅଯୋଧ୍ୟା ନଗରୀରେ ରହିଛୁ ଏପରି ଭାବ ନାହିଁ। ରାମଙ୍କ ବ୍ୟତୀତ ଏଇ ନଗରୀ ଏକ ଜଙ୍ଗଲ, ସେ ଥିବା ବେଳେ ଏଇ ଜଙ୍ଗଲ ଅଯୋଧ୍ୟା। ସ୍ତ୍ରୀ ଉର୍ମିଳା ସ୍ୱାମୀ ଲକ୍ଷ୍ମଣଙ୍କୁ କ'ଣ କହିଲେ ? କେତେକ ଉତ୍ତମ କାରଣରୁ ସୀତାଙ୍କ ପରି ସେ ସ୍ୱାମୀଙ୍କ ସହିତ ଯିବାକୁ ଅନୁମତି ଚାହିଁଲେ ନାହିଁ। ସେ କହିଲେ 'ମୁଁ ଯଦି ଯାଏ ତୁମେ ରାମସୀତାଙ୍କ ସେବାରେ ସମ୍ପୂର୍ଣ୍ଣ ମନୋନିବେଶ କରିପାରିବ ନାହିଁ। ତୁମର ଫେରିବା ପଥକୁ ଅନାଇ ମୁଁ ଏଠାରେ ଚଉଦ ବର୍ଷ ଅପେକ୍ଷା କରିବି।' ତ୍ୟାଗର କି ମହାନ୍ ଦୃଷ୍ଟାନ୍ତ। ଆମର ପ୍ରତ୍ୟେକ ପରିବାରରେ ଯଦି ଏପରି ପୁତ୍ର, ମାତା, ଭ୍ରାତା ଓ ଭଗିନୀ ଥାଆନ୍ତି ତା'ହେଲେ ଦେଶରେ ଉଦ୍‌ବେଗ ବା ଦୁଃଖ ରହିବ ନାହିଁ। ଏହା ଆନନ୍ଦ ଓ ଶାନ୍ତିରେ ଦୀପ୍ତିମନ୍ତ ହେବ।

**ଶିଖରପୁର ଉପରସାହି, କଟକ**
**ମୋ:୯୪୩୮୫୮୩୨୮୯**

## ଏଇ ଭାରତରେ

ପକ୍ଷୀଙ୍କ ସୁରକ୍ଷା ପାଇଁ ଅନେକେ ପ୍ରୟାସ କରୁଛନ୍ତି। କିଏ ଛୋଟ ଜଙ୍ଗଲ କରୁଛନ୍ତି ତ କିଏ ଖାଦ୍ୟ ବ୍ୟବସ୍ଥା କରୁଛନ୍ତି, ହେଲେ ଭଗବାନ୍‌ଜୀ ଭାଇଙ୍କ ପ୍ରୟାସ ସମ୍ପୂର୍ଣ୍ଣ ନିଆରା। ଭଗବାନ୍‌ଜୀ ଜଣେ କୃଷକ ଓ ତାଙ୍କ ଘର ଗୁଜରାଟର ନାଭି ସାଙ୍କିଲ ଗ୍ରାମରେ। ଜେତପୁର୍ ବ୍ଲକ୍‌ର ଏହି ଗାଁରେ ସେ ପକ୍ଷୀମାନଙ୍କ ଲାଗି ଏକ ବାର୍ଡ ହାଉସ୍ ନିର୍ମାଣ କରିଛନ୍ତି। ଏହି ଘରେ ଭାଙ୍ଗି ନ ଯିବା ଭଳି ୨୫,୦୦୦ ମାଠିଆ ଖଞ୍ଜା ଯାଇଛି। ଏହାକୁ ବୋର୍ ପାଇପ୍‌ରେ ବୋଲ୍ଟ ଯୋଗେ ଫିଟ୍ କରିଛନ୍ତି। ଏହି ଘର ସବୁ ଋତୁର ଅନିଶ୍ଚିତତାକୁ ସାମ୍ନା କରିବାକୁ ସକ୍ଷମ। ବର୍ଷାଦିନେ ପକ୍ଷୀମାନଙ୍କୁ ବଜ୍ରପାତରୁ ରକ୍ଷା କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହା ଆକର୍ଷଣୀୟ ଡିଜାଇନ୍‌ରେ ନିର୍ମିତ ଓ ଏଥି ଲାଗି ୨୫ ଲକ୍ଷ ଟଙ୍କା ନିଜ ପକେଟରୁ ବ୍ୟୟ କରିଛନ୍ତି। ଏହ ଘର ନିର୍ମାଣ କରିବା ସକାଶେ ଭଗବାନ୍‌ଜୀ ଭାଇଙ୍କୁ ତାଙ୍କ ସ୍ତ୍ରୀ, ପୁଅ ଓ ପୁଅଙ୍କ ସାଙ୍ଗମାନେ ସାହାଯ୍ୟ କରିଛନ୍ତି ଏବଂ ଏଥିପାଇଁ ତାଙ୍କୁ ଏକବର୍ଷ ଲାଗିଛି। ଏବେ ଏଥିରେ ପକ୍ଷୀମାନେ ଆସି ରହିବା ଆରମ୍ଭ କରିଦେଲେଣି। ସେମାନଙ୍କ ପାଇଁ ସେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ମଧ୍ୟ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜାନୁୟାରୀ ୧୯୯୭

- ଆମେରିକୀୟ ଫିଲ୍ମକୁ ଋଦ୍ଧିମନ୍ତ କରିଆସିଥିବା ବର୍ଷୀୟାନ ଅଭିନେତା ଲି ଆରେସଙ୍କର ୮୮ ବର୍ଷ ବୟସରେ ପରଲୋକ।
- ଦୀର୍ଘ ୮ ବର୍ଷ କାଳ ସୁପ୍ରିମ୍‌କୋର୍ଟର ବିଚାରପତି ଆସନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପରେ ଜଷ୍ଟିସ୍ କୁଲଦୀପ ସିଂ ଅବସର ନେଇଛନ୍ତି।
- ଶିଳ୍ପ କ୍ଷେତ୍ରରେ ବଡ଼ଧରଣର ସଂସ୍କାର ପାଇଁ କେନ୍ଦ୍ର ସରକାର ୧୬ଟି ନୂତନ ଶିଳ୍ପସଂସ୍ଥାକୁ ବିଦେଶୀ ପୁଞ୍ଜିନିବେଶ ଅନୁମତି ଦେଇଛନ୍ତି।

## ଚିରନ୍ତନୀ

ସବୁବେଳେ ଛଟପଟ
ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇ
ଟୋପେ ତାକୁ ଚିନାଜାଉ।
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମରଣମୁହଁକୁ ଠେଲନ୍ତୁ ନାହିଁ

ମହାଶୟ,

ଡାକ୍ତରମାନଙ୍କୁ ଆମେ ଦ୍ୱିତୀୟ ଈଶ୍ୱରର ମାନ୍ୟତା ଦେଇଥାଉ। ନାମକରା ଡାକ୍ତରଙ୍କ ନାଁ ଶୁଣି ରୋଗୀମାନେ ଦୂରଦୂରାନ୍ତରୁ ଗାଡ଼ି ଭଡ଼ା କରି ଦୌଡ଼ିଆସିଥାନ୍ତି ଏବଂ ତାଙ୍କର ଘରୋଇ କ୍ଲିନିକ୍‌ରେ ଫି ପୈଠ କରି ଡାକ୍ତରଙ୍କୁ ଦେଖାଇ ପ୍ରେସ୍‌କ୍ରିପସନ ନେଇ ବାହୁଡ଼ିଯାନ୍ତି। ଘରେ ପହଞ୍ଚିବା ପରେ ଔଷଧ ଖାଇ ରୋଗ ଯଦି ଉପଶମ ନ ହେଲା ସେ ଡାକ୍ତରଙ୍କୁ ଫୋନ୍ କଲେ ଡାକ୍ତର ତ ଫୋନ ଧରନ୍ତି ନାହିଁ, ତାଙ୍କର ଆଟେଣ୍ଡାଣ୍ଟ ଫୋନ୍ ଧରି ପଚାରନ୍ତି, ''ଆପଣ ସାର୍‌ଙ୍କୁ ଆଗରୁ ଦେଖେଇଥିଲେ କି ? ଯଦି ଦେଖେଇଥିଲେ କେବେ ଦେଖାଇଥିଲେ ? ୧୪ ଦିନରୁ ଅଧିକ ଯଦି ହୋଇଯାଇଛି ପେ ଫୋନରେ ବା ପେଟିଏମ୍‌ରେ ଫି'ଟା ଡିପୋଜିଟ କରିଦିଅନ୍ତୁ।'' ଡିପୋଜିଟ କରିବା ଆସେ ନାହିଁ କହିଲେ ସେ କହନ୍ତି ''ଏଇଟା ଆମର ପ୍ରୋଟୋକଲ। ଆପଣ ନ ମାନିଲେ ଆମେ କିଛି କରିପାରିବୁ ନାହିଁ।'' ଏତିକି କହି ଫୋନ ରଖିଦିଅନ୍ତି। ଡାକ୍ତର ଏଭଳି ନିୟମ ନ କରିଥିଲେ ଆଟେଣ୍ଡାଣ୍ଟ କେବେହେଲେ ଉପରୋକ୍ତ ଭାଷାରେ କହିବାକୁ ସାହସ କରନ୍ତେ ନାହିଁ। ଫୋନ୍‌ରେ ଟଙ୍କା ଡିପୋଜିଟ କରି ନ ପାରୁଥିବା ଲୋକ ସେହି ଡାକ୍ତରଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିବା ବେଳେ ଯମପୁରକୁ ଯିବା ଛଡ଼ା ତା'ର ଉପାୟ ବି ନାହିଁ। ଡାକ୍ତରମାନଙ୍କୁ ଅନୁରୋଧ, ଯେଉଁ ଦ୍ୱିତୀୟ ଈଶ୍ୱରର ମାନ୍ୟତା ଲାଭ କରିଛନ୍ତି, ତାହାର ମହତ୍ତ୍ୱ ପ୍ରତିପାଦନ କରନ୍ତୁ। ଗରିବ ରୋଗୀଟିକୁ ମରଣମୁହଁକୁ ଠେଲି ନ ଦିଅନ୍ତୁ।

**– ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନକ୍ଲେଭ, ମହୁରା, ଭୁବନେଶ୍ୱର**

### ବ୍ୟକ୍ତି ସ୍ୱାଧୀନତା ଉପରେ ଅଙ୍କୁଶ

ବିରୋଧୀ ଦଳର ତୀବ୍ର ବିରୋଧ ମଧ୍ୟରେ ଲୋକ ସଭାରେ ନିର୍ବାଚନ ଆଇନରେ ସଂଶୋଧନ ଆଣିବା ପାଇଁ ଆଧାର ନମ୍ବର ସହ ଭୋଟର ପରିଚୟପତ୍ର ସଂଯୋଗ ସମ୍ପର୍କିତ ବିଧେୟକ ଗୃହୀତ ହୋଇଛି । ଲୋକ ସଭାରେ ବିରୋଧୀ ଦଳଗୁଡ଼ିକ କହିଥିଲେ ଯେ ଏହି ବିଲ୍ ଦ୍ୱାରା ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର ଓ ଗୋପନୀୟତା ଉଲ୍ଲଂଘନ ହେବା ସହ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବ । ବିରୋଧୀଙ୍କ ଦାବିକୁ ଅଗ୍ରାହ୍ୟ କରି ଆଇନମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକରୁ ଅଧିକ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ କରିବା ଉଦ୍ଦେଶ୍ୟରେ ଭୋଟର କାର୍ଡ ସହ ଆଧାର କାର୍ଡ ସଂଯୋଗ କରାଯିବା ଲକ୍ଷ୍ୟ ରଖାଯାଇଥିଲାବେଳେ ଏହି ବିଲ୍ ପାସ୍ ହେବାଦ୍ୱାରା ତାହା ସମ୍ଭବ ହେବ ଏବଂ ମତଦାତାମାନେ ଏକାଧିକ ସ୍ଥାନରେ ନାମ ପଞ୍ଜୀକରଣ ପୂର୍ବକ ମତଦାନ କରୁଥିବାବେଳେ ଏହାକୁ ରୋକାଯାଇପାରିବ । ଏଠି ପ୍ରଶ୍ନ ଉଠେ, ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧୀୟ ସମାଧାନ କ'ଣ ଐଚ୍ଛିକ ପ୍ରଶାସନିକ ସମସ୍ୟାକୁ ଦୂର କରିପାରିବ ? ପ୍ରଶାସନିକ ତ୍ରୁଟି କ୍ରମାଗତ ଭାବେ ଚାଲୁ ରହିବାର ବହୁ ସମ୍ଭାବନା ଅଛି ଏବଂ ଡିଜିଟାଲ ମାଧ୍ୟମରେ ଏହା ନୂଆ ରୂପ ନେଇପାରେ । ପୁନଶ୍ଚ ପ୍ରଯୁକ୍ତି ବିଦ୍ୟାଦ୍ୱାରା ଗୋପନୀୟତା ଅଧିକାର କ୍ଷୁଣ୍ଣ ଓ ଅପବ୍ୟବହାର ହେବାର ଭୟ ମଧ୍ୟ ରହିଛି । ବାସ୍ତବରେ, ନିର୍ବାଚନ ପ୍ରକ୍ରିୟାରେ ଡିଜିଟାଲ ଓ ସୁସ୍ପଷ୍ଟ ପରିଚୟ ପତ୍ର ନିମନ୍ତେ ଏହିପରି ଯୋଜନାର ଅନୁସନ୍ଧାନ ଗୁରୁତ୍ୱପୂର୍ଣ୍ଣ ।

**–ହୃଷୀକେଶ ପ୍ରଧାନ, ରାୟଗଡ଼**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 9 | | 8 |
| | 1 | | | | | | | |
| | | 3 | | 6 | | | | |
| | 9 | | 7 | | | | 3 | 4 |
| | | 4 | 6 | | | | | 2 |
| | 2 | 8 | | | | | 7 | 9 |
| 5 | | 6 | 3 | 9 | | 2 | | |
| | | | | | | | | |
| | 3 | | 4 | | 2 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | 8 | 7 | 1 | 5 | 6 | 4 |
| 4 | 6 | 7 | 2 | 5 | 9 | 8 | 1 | 3 |
| 1 | 8 | 5 | 4 | 6 | 3 | 2 | 7 | 9 |
| 8 | 3 | 2 | 1 | 4 | 6 | 9 | 5 | 7 |
| 5 | 4 | 1 | 9 | 3 | 7 | 6 | 2 | 8 |
| 6 | 7 | 9 | 5 | 8 | 2 | 3 | 4 | 1 |
| 9 | 1 | 4 | 3 | 2 | 5 | 7 | 8 | 6 |
| 3 | 5 | 6 | 7 | 1 | 8 | 4 | 9 | 2 |
| 7 | 2 | 8 | 6 | 9 | 4 | 1 | 3 | 5 |

ଗତକାଲିର ଉତ୍ତର

## ଆଜି ରାଜାରାଣୀ ମନ୍ଦିର, ଖଣ୍ଡଗିରି, ଉଦୟଗିରି ବନ୍ଦ

ଭୁବନେଶ୍ୱର,(ବ୍ୟୁରୋ): ନୂଆବର୍ଷରେ ବିଏମ୍‌ସି ଅଞ୍ଚଳରେ ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ଶୁକ୍ରବାର ସହରର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଖଣ୍ଡଗିରି, ଉଦୟଗିରି ଏବଂ ରାଜାରାଣୀ ମନ୍ଦିରକୁ ମଧ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨ ତାରିଖ ପର୍ଯ୍ୟନ୍ତ ଏସବୁ ପର୍ଯ୍ୟଟନସ୍ଥଳ ବନ୍ଦ ରହିବ। ବର୍ଷର ପ୍ରଥମ ଦିନ ସାଧାରଣତଃ ଲୋକମାନେ ବୁଲାବୁଲି କରିବାକୁ ପସନ୍ଦ କରନ୍ତି। ତେଣୁ ଏହି ସ୍ଥାନଗୁଡିକରେ ଗହଳି ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ବିଏମ୍‌ସି ଏଭଳି ପଦକ୍ଷେପ ନେଇଛି। କୌଣସି ଦର୍ଶନୀୟ ସ୍ଥାନକୁ ଯେପରି କୌଣସି ବ୍ୟକ୍ତି ପ୍ରବେଶ ନ କରିପାରନ୍ତି ସେଥିପ୍ରତି ଦୃଷ୍ଟି ରଖିବାକୁ ସମ୍ପୃକ୍ତ ଅନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି।

# ୩ ଜୋନ୍‌ରେ ମିଳିତ ଚଢ଼ାଉ ଜୋର୍‌ଦାର

### ମାର୍କେଟ ବିଲ୍ଡିଂର ୮ ଦୋକାନ, ବାର୍, ରୟାଲ ବିରିୟାନୀ ସିଲ୍

ଭୁବନେଶ୍ୱର,୩୧।୧୨(ବ୍ୟୁରୋ) ନୂଆବର୍ଷ ପାଇଁ ଭିଡ଼ ଓ ସଂକ୍ରମଣ ଏଡ଼ାଇବାକୁ ବିଏମ୍‌ସି ଓ କମିଶନରେଟ ପୋଲିସ ପକ୍ଷରୁ ଶୁକ୍ରବାର ଦ୍ୱିତୀୟ ଦିନରେ ଚଢ଼ାଉକୁ ଜୋର୍‌ଦାର କରାଯାଇଥିଲା। ତେବେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବାପୁଜୀନଗରସ୍ଥିତ ଏକ ଫାଷ୍ଟଫୁଡ୍ ଦୋକାନ, ଡିଏନ୍ ରେଗାଲିଆ ନିକଟରେ ଥିବା ରୟାଲ ବିରିୟାନୀ, ଦି ମିଡିଲ୍ ଟନ୍ ବାର୍, ମାର୍କେଟ ବିଲ୍ଡିଂ ଅଞ୍ଚଳର ୮ଟି ଦୋକାନ ସିଲ୍ କରାଯାଇଛି। ଏଥିସହ ୪୦ଜଣ ଗ୍ରାହକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସେହିପରି ଇନ୍ଦ୍ରଧନୁ ମାର୍କେଟ, ପ୍ରିୟଦର୍ଶିନୀ ମାର୍କେଟ, ରୁଚିକା, ୟୁନିଟ-୮ ସ୍ଥିତ ଖାଦ୍ୟ ଷ୍ଟଲ, ଗଙ୍ଗନଗର ଓ ଏୟାରପୋର୍ଟ ମଧ୍ୟରେ ଥିବା ଖାଦ୍ୟଷ୍ଟଲ ଉପରେ ଚଢାଉ କରାଯାଇ ଜରିମାନା କରାଯାଇଛି। ୨ ତାରିଖ ପର୍ଯ୍ୟନ୍ତ ଏପରି ଚଢାଉ ଜାରି ରହିବ ବୋଲି ଉତ୍ତର ଜୋନ୍ ଚଢ଼ାଉରେ ନେତୃତ୍ୱ ନେଉଥିବା ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ କହିଛନ୍ତି। ସେହିପରି ଦକ୍ଷିଣ ପଶ୍ଚିମ ଜୋନ୍‌ରେ ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ଦକ୍ଷିଣପୂର୍ବ ଜୋନ୍‌ରେ ଜୋନାଲ ଡେପୁଟି କମିଶନର ମହେନ୍ଦ୍ର ବଢେଇ ନିଜ ଅଞ୍ଚଳରେ ହୋଇଥିବା ଚଢ଼ାଉର ନେତୃତ୍ୱ ନେଇଥିଲେ। କମିଶନରେଟ ପୋଲିସର ଜୋନ୍-୧ ଏସିପି ମାନସ ଗଡ଼ନାୟକ ଓ ସ୍ଥାନୀୟ ଆଇଆଇସି ମଧ ଚଢ଼ାଉରେ ସାମିଲ ଥିଲେ।

### ମିଠା ଖୁଆଇ ସ୍ୱାଗତ କଲା କମିଶନରେଟ୍ ପୋଲିସ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବ୍ଲକିଂବେଳେ ପୋଲିସ ଜଣେ ବ୍ୟକ୍ତିଙ୍କୁ ମିଠା ଖୁଆଇ ନୂଆବର୍ଷର ଶୁଭେଚ୍ଛା ଜଣାଉଛନ୍ତି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଇ-ଅଫିସ୍ ଉଦ୍‌ଘାଟିତ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଇ-ଅଫିସ୍ ଉଦ୍‌ଘାଟିତ ହୋଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ବିଶ୍ୱବିଦ୍ୟାଳୟର ଏକ ଇ-ଫାଇଲ୍‌ର ଶୁଭାରମ୍ଭ କରି ଏହାକୁ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଦକ୍ଷତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସମୟାନୁବର୍ତ୍ତିତା ତଥା ସେବା ପ୍ରଦାନ ପାଇଁ ଇ-ଅଫିସ୍ ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ। ବିଶ୍ୱବିଦ୍ୟାଳୟ ଏହି ପଦକ୍ଷେପ ନେଇ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛି, ଯାହାର ସୁଫଳ ଆମେ ଭବିଷ୍ୟତରେ ପାଇପାରିବା ବୋଲି କୁଳପତି କହିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର, ଏନ୍‌ଆଇସି ଉପନିର୍ଦ୍ଦେଶକ କବିତା ରାୟ, ସିଏମ୍‌ଜିଆଇ ପ୍ରକଳ୍ପ ସଂଯୋଜକ ପିନାକୀ ମହାନ୍ତି ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ସସ୍ମିତା ମହାନ୍ତି ଉପସ୍ଥିତ ଥିଲେ। ଇ-ଅଫିସ୍ ଭାରପ୍ରାପ୍ତ ଅଧିକାରୀ ଡ. ଆଲୋକ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

## ଝରକା ଭାଙ୍ଗି ଚୋରି

ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ମହାବୀର ନଗରରେ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମଞ୍ଜୁଶ୍ରୀ ମହାନ୍ତିଙ୍କ ଘରୁ୧୦ ଭରି ସୁନା, ୫ କେଜି ରୁପା ଓ ୧୦ ହଜାର ନଗଦ ଟଙ୍କା ନେଇଯାଇଛନ୍ତି। ପୋଲିସ ଏକ ମାମଲା(ନଂ.୩୪୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘରର ଏକ ରୁମ୍ ଝରକା ଭାଙ୍ଗି ଭିତରେ ପଶିଥିଲେ। ପରେ ମଞ୍ଜୁଶ୍ରୀ ଓ ତାଙ୍କ ବୁଢ଼ିମା ଶୋଇଥିବା ରୁମ୍‌କୁ ବାହାର ପଟୁ ତାଲା ପକାଇ ଅନ୍ୟ ଏକ ରୁମ୍‌ରେ ଥିବା ଆଲମିରାରୁ ଟଙ୍କା ଓ ଅଳଙ୍କାର ନେଇଯାଇଥିଲେ।

## ଗାୟତ୍ରୀବାଳା ପଣ୍ଡା ପାଇବେ 'ମହୁରି ସମ୍ମାନ'

ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ଓଡ଼ିଆ ସାହିତ୍ୟ ପତ୍ରିକା 'ମହୁରି' ପକ୍ଷରୁ କବୟିତ୍ରୀ ଗାୟତ୍ରୀବାଳା ପଣ୍ଡା ଚଳିତ ବର୍ଷର ସମ୍ମାନଜନକ 'ମହୁରି ସମ୍ମାନ' ପାଇବେ। ଡ. ପଣ୍ଡା ଏବେ ସୋଆ ପରିଚାଳିତ ପ୍ରିଜରଭେଶନ, ପ୍ରୋପାଗେଶନ ଆଣ୍ଡ୍ ରେଷ୍ଟୋରେଶନ ଅଫ୍ ଆନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ୍ ହେରିଟେଜ୍ ଅଫ ଇଣ୍ଡିଆ (ପ୍ରାଚୀନ)ର ମୁଖ୍ୟ ଅଛନ୍ତି। ଆସନ୍ତା ଜାନୁୟାରୀରେ ହେବାକୁ ଥିବା ମହୁରି ମହୋତ୍ସବ-୨୦୨୧ରେ ତାଙ୍କୁ ସମ୍ମାନିତ କରାଯିବ ବୋଲି ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଭବାନୀଶଙ୍କର ନିଆଲ ଘୋଷଣା କରିଛନ୍ତି। କବୟିତ୍ରୀ ଡ. ପଣ୍ଡା ୨୦୧୧ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାର ସହିତ ପଣ୍ଡା ଅନେକ ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ସେ ମଧ ସାହିତ୍ୟ ପତ୍ରିକା 'ଅନନ୍ୟା'ର ସମ୍ପାଦକ ଅଛନ୍ତି।

## ରାଜ୍ୟର ବିକାଶ ପାଇଁ କିଶୋର ପ୍ରଚେଷ୍ଟା ଜାରି ରଖିଥିଲେ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ପରଲୋକରେ ଶୁକ୍ରବାର ବିଜେଡି କାର୍ଯ୍ୟାଳୟଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏଥିରେ ଅଧକ୍ଷତା କରିଥିଲେ। ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ ଦାସ ବର୍ମା କହିଲେ, ଝାରସୁଗୁଡ଼ାକୁ ଏକ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେବାରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରମୁଖ ଅବଦାନ ଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ରାଜ୍ୟର ବିକାଶ ପାଇଁ ସେ ସଦାସର୍ବଦା ପ୍ରଚେଷ୍ଟା ଜାରି ରଖିଥିଲେ। ବରିଷ୍ଠ ନେତା ଅରୂପ ପଟ୍ଟନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ରବି ସାମଲ, ବିଜୟ ନାୟକ, ସୁଲତା ଦେଓ, ସୁବାସ ଚନ୍ଦ୍ର ପାତ୍ର, ଦୁର୍ଗା ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ମହାସୁପକାର, ରୁଦ୍ର ସାମନ୍ତରାୟ, ଏଲିନା ଦାସ ଉପସ୍ଥିତ ଥିଲେ।




































## ଖୁବ୍‌ଶୀଘ୍ର ଆସିବ 'ରେଡ ୨'



**ମୁମ୍ବାଇ:** ବଲିଉଡରେ ଏବେ ଟ୍ରେଣ୍ଡ ଚାଲିଛି ବାୟୋପିକ ସାଙ୍ଗକୁ ସିକ୍ୟୁଏଲ । ଏହା ବ୍ୟତୀତ ବଲିଉଡ ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ସତ ଘଟଣାକୁ ନେଇ ଏବେ ଫିଲ୍ମ ନିର୍ମାଣ କରିବାକୁ ପସନ୍ଦ କରୁଛନ୍ତି । ଉତ୍ତରପ୍ରଦେଶର ଅତର ବ୍ୟବସାୟୀ ପିୟୁଷ ଜୈନଙ୍କ ଘରେ ଟ୍ୟାକ୍ସ ଫାଙ୍କିବା ଅଭିଯୋଗରେ ଚଢାଉ ବେଳେ କୋଟି କୋଟି ଟଙ୍କା ସହ ସୁନା ଅଳଙ୍କାରର ଜବତ ହୋଇଥିଲା। ଏବେ ପିୟୁଷ ଜୈନଙ୍କ ଏହି ଘଟଣାକୁ ନେଇ ଏକ ଫିଲ୍ମର ନିର୍ମାଣ ହେବାକୁ ଯାଉଛି। ନିର୍ଦ୍ଦେଶକ କୁମାର ମଙ୍ଗତ ପାଠକ ଉତ୍ତରପ୍ରଦେଶ କାନପୁର ଓ କନୌଜରେ ପିୟୂଷଙ୍କ ଘର ଉପରେ କରାଯାଇଥିବା ଚଢଉକୁ ନେଇ 'ରେଡ ୨' ନାମକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି। ପିୟୂଷଙ୍କ ପାଚେରୀରୁ କୋଟି କୋଟି ଟଙ୍କା ମିଳିବା ତାଙ୍କୁ ଚଳଚ୍ଚିତ୍ର ନିର୍ମାଣ ପାଇଁ ଉତ୍ସାହିତ କରଥିବା କୁମାର ମଙ୍ଗତ କହିଛନ୍ତି।

# ବସୁଧୈବ କୁଟୁମ୍ବକମ୍ ଏକତାର ସଂକଳ୍ପ ସୃଷ୍ଟି କରେ

**ସ**ମଗ୍ର ବିଶ୍ୱ ଏକ ବଡ଼ ପରିବାର ସଦୃଶ। ତେଣୁ ବସୁଧୈବ କୁଟୁମ୍ବକମ୍ ଭାବେ ଏହାକୁ ବିବେଚନା କରାଯାଇଥାଏ। ଧର୍ମ, ବର୍ଣ୍ଣ, ଜାତି ନିର୍ବିଶେଷରେ ବିଶ୍ୱର ପ୍ରତିଟି ଲୋକଙ୍କ ମଧ୍ୟରେ ସମନ୍ୱୟ ଏକତାର ସଂକଳ୍ପ ସୃଷ୍ଟି ଦ୍ୱାରା ଏହା ସମ୍ଭବ ହୋଇପାରିଥାଏ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତିବର୍ଷ ଜାନୁୟାରୀ ୧ରେ ପାଳନ କରାଯାଉଥିବା ବିଶ୍ୱ ପରିବାର ଦିବସ (ଗ୍ଲୋବାଲ ଫ୍ୟାମିଲି ଡେ) ବିଶ୍ୱକୁ ଏକତାର ସକାରାତ୍ମକ ବାର୍ତ୍ତା ଦେଇଥାଏ।

ସମସ୍ତ ମାନବଜାତି ଏକ ବୃହତ ପରିବାର ଯାହା ଏକଜୁଟ ହେଲେ ହିଁ ବଞ୍ଚିପାରିବ ଏବଂ ସଫଳ ହୋଇପାରିବ। ଏହି ଲକ୍ଷ୍ୟ ହାସଲ ପାଇଁ କେବଳ ଶାନ୍ତି ଏବଂ ଏକତାର ବାର୍ତ୍ତା ବିସ୍ତାର କରିବା ଆବଶ୍ୟକ ବୋଲି ବିଶ୍ୱ ପରିବାର ଦିବସ ଅବସରରେ ଅବଗତ କରାଯାଇଥାଏ। ୧୯୯୯ରେ ମିଳିତ ଜାତିସଂଘର ସାଧାରଣ ସଭା ବିଶ୍ୱ ଶାନ୍ତି ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଦସ୍ୟ ରାଷ୍ଟ୍ରମାନେ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନକୁ ଆନୁଷ୍ଠାନିକ ଭାବରେ ବିଶ୍ୱ ଶାନ୍ତି ପାଇଁ ଉତ୍ସର୍ଗ କରିବାକୁ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାର ସକାରାତ୍ମକ ପ୍ରଭାବ ଦେଖି ଗ୍ଲୋବାଲ ଫ୍ୟାମିଲି ଡେକୁ ଜାତିସଂଘ ଦ୍ୱାରା ୨୦୦୧ରେ ବାର୍ଷିକ କାର୍ଯ୍ୟକ୍ରମ ଘୋଷିତ କରାଯାଇଥିଲା।




## ନୂଆବର୍ଷରେ ଓଟିଟିରେ ଡେବ୍ୟୁ କରିବେ ସୋନାକ୍ଷୀ



**ମୁମ୍ବାଇ:** କରୋନା ଯୋଗୁ ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରି ବହୁ କ୍ଷତି ସହିଲାଣି। ଏବେ ପୁଣିଥରେ ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିଲାବେଳେ ନୂଆ ଭାରିଏଣ୍ଟ ଓମିକ୍ରନ ପୁଣିଥରେ ଏହା ଉପରେ ଦାଉ ସାଧୁଛି । ଓମିକ୍ରନର ଦ୍ରୁତ ସଂକ୍ରମଣକୁ ଦେଖି ଥିଏଟର ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇ ସାରିଲେଣି। ନୂଆବର୍ଷକୁ ଲକ୍ଷ୍ୟ ରଖି ଏବେ ସେଲିବ୍ରିଟିଙ୍କ ପାଇଁ ସବୁଠାରୁ ଭଲ ବିକଳ୍ପ ପାଲଟିଛି ଓଟିଟି ପ୍ଲାଟଫର୍ମ । ୨୦୨୨ରେ ଓଟିଟି ପ୍ଲାଟଫର୍ମରେ କପିଲ ଶର୍ମାଙ୍କଠାରୁ ଆରମ୍ଭ କରି ସୋନାକ୍ଷୀ ସିହ୍ନାଙ୍କ ପର୍ଯ୍ୟନ୍ତ କେତେଜଣ ସେଲିବ୍ରିଟି ଡେବ୍ୟୁ କରିବାକୁ ଯାଉଛନ୍ତି । ଏହି ତାଲିକାରେ ରହିଛନ୍ତି, କପିଲ, ଶର୍ମା, ମାଧୁରୀ ଦୀକ୍ଷିତ, ନାଗା ଚୈତନ୍ୟ, ଅଜୟ ଦେବଗନ, ସୋନକ୍ଷୀ ସିହ୍ନା ଇତ୍ୟାଦି । ମାଧୁରୀ 'ଫାଇଣ୍ଡି ଅନାମିକା'ସହ ନେଟଫ୍ଲିକ୍ସରେ ପୁଣିଥରେ ଦମ୍‌ଦାର ରିଟର୍ଣ୍ଣ କରିବାକୁ ଯାଉଛନ୍ତି ।

## ବାଟବଣା କଲା ଗୁଗ୍‌ଲ ମ୍ୟାପ୍

ଲୋକମାନେ ସାଧାରଣତଃ ଗୁଗଲ ମ୍ୟାପ ବ୍ୟବହାର କରି କୌଣସି ନୂଆ ସ୍ଥାନରେ ସହଜରେ ପହଞ୍ଚିପାରିଥାନ୍ତି। ତେବେ ଗୁଗଲ୍ ମ୍ୟାପ ଯୋଗୁ ଏକ ବିସ୍ମୟକର ଘଟଣା ଘଟିଛି। ଘାନାର ଜଣେ ବ୍ୟକ୍ତି ଏହି ମ୍ୟାପ ଦେଖି ଗଛ ଉପରେ ଗାଡ଼ି ଚଢ଼ାଇ ଦେଇଛନ୍ତି। ଏହି ଘଟଣାକୁ ସେ ସୋସିଆଲ ମିଡିଆରେ ଲୋକଙ୍କ ସହ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଏହି ଅନନ୍ୟ ଘଟଣା ଶେୟାର କରିଥିବା ବ୍ୟକ୍ତିଙ୍କ ନାମ ହେଉଛି ଆଲଫ୍ରେଡ। ରାସ୍ତା ପାଇବା ପାଇଁ ସେ ଗୁଗଲ୍ ମ୍ୟାପ ବ୍ୟବହାର କରିଥିଲେ ଓ ମ୍ୟାପର ସୂଚନାନୁଯାୟୀ ଗାଡ଼ି ଚଳାଉଥିଲେ। ମ୍ୟାପ ସୂଚାଉଥିବା ରାସ୍ତା ଜଙ୍ଗଲ ଥିଲା। ଫଳରେ ସେ କାର୍‌ଟିକୁ ଗଛ ଉପରେ ଚଢ଼ାଇଦେଇଥିଲେ। ସୋସିଆଲ ମିଡିଆ ୟୁଜରମାନେ ଏହି ଘଟଣାକୁ ନେଇ ଅନେକ ମନ୍ତବ୍ୟ ଦେଇଛନ୍ତି।

# ଏସ୍‌ୟୁଭିକୁ ଟାଣିଲା ବାଘ

**ବେଙ୍ଗାଲୁରୁ:** ବାଘ ପ୍ରକୃତରେ କେତେ ଶକ୍ତିଶାଳୀ ତାହା କର୍ନାଟକର ବନ୍ନେରଘାଟା ଜାତୀୟ ଉଦ୍ୟାନର ଏକ ଭିଡିଓରୁ ଦେଖିବାକୁ ମିଳିଛି। ବାଘଟି ଯାତ୍ରୀ ଭର୍ତ୍ତି ଏକ ଏସ୍‌ୟୁଭିକୁ ପଛପଟୁ ଦାନ୍ତରେ ଧରି ଟାଣି ନେଉଥିବା ଦେଖାଯାଇଛି। ଶିଳ୍ପପତି ଆନନ୍ଦ ମହିନ୍ଦ୍ରାଉକ୍ତ ଭିଡିଓକୁ ଟୁଇଟରରେ ଶେୟାର କରିଛନ୍ତି। ଅନ୍ୟ ଏକ ଗାଡ଼ିରେ ବସିଥିବା ପର୍ଯ୍ୟଟକ ଉକ୍ତ ଅସାଧାରଣ ଦୃଶ୍ୟର ଭିଡିଓ ଚିତ୍ର ଉତ୍ତୋଳନ କରିଛନ୍ତି। ବାଘଟି ବାରମ୍ବାର ମହିନ୍ଦ୍ରା ଜାଇଲୋ ଏସ୍‌ୟୁଭିର ପଛ ବମ୍ପରକୁ ପାଟିରେ ଧରି ପଛକୁ ଭିଡୁଥିବା ଦେଖାଯାଇଛି। ଘଟଣାଟି ନଭେମ୍ବର ମାସର। ବେଙ୍ଗାଲୁରୁ ନିକଟବର୍ତ୍ତୀ ବନ୍ନେରଘାଟା ଜାତୀୟ ଉଦ୍ୟାନରେ ଏସ୍‌ୟୁଭି ବ୍ରେକ୍‌ଡାଉନ୍ ହେବାରୁ ଏହା ଅଟକି ରହିଥିଲା। ଏହି ଭିଡିଓ ଶେୟାର ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।




**ମୁଦ୍ରା ଫାଇନାନ୍ସ**

PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ **ଋଣ** ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।

**Mudra Finance**
Mob. 8987604637
Whatsapp: 8902923601


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ଜନ୍ମଦିନ ଅଭିନନ୍ଦନ**



**ଶ୍ରୀମତୀ ଶାନ୍ତିଲତା ନନ୍ଦ**
ପ୍ଲଟ୍ ନଂ.- ୨୪୬, ସରଯୁ ଭବନ, କଟକ ରୋଡ୍, ଭୁବନେଶ୍ୱର
ଆଜିର ଏହି ଶୁଭ "ନବ ବର୍ଷ-୨୦୨୨" ଅବସରରେ ତଥା "ଚଉଷଠି ତମ" ଜନ୍ମଦିନ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା ଜଣାଉଛୁ। ତୁମର ଭବିଷ୍ୟତ ସୁଖମୟ କରିବା ସହିତ ସୁସ୍ଥ ରଖିବା ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
*ସ୍ୱା: ସୁଶୀଳ କୁମାର ନନ୍ଦ, ପୁଅ, ବୋହୂ ଓ ନାତି ଏବଂ ଝିଅ, ଜ୍ୱାଇଁ ଓ ନାତୁଣୀ ।*
ଧ-୬୭୪୧୬

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



**ଅମ୍ରିତାଂଶୁ (ଗୁଡ୍‌ଲୁ)**
କୁନିନ୍ଦା, ଭୁବନ, ଢେଙ୍କାନାଳ
ଶୁଭ ଜନ୍ମଦିନ ଅବସରରେ ମା'ଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା ।
**ଶୁଭେଚ୍ଛା ସହ:** ଜେଜେ, ଅଜା, ଆଈ, ମାମା, ବାବା, ଦାଦା, ସାନମାମା, ମାମୁ, ମାଇଁ, ମଉସା, ମାଉସୀ, ସ୍ୱାତୀ, ପ୍ରୀତି, ପାପାଲୀ, ଗୁଗୁଲୁ, ସାଇ, ଅର୍ପିତା, ସୁହାନୀ ଓ ସାହୁ ପରିବାର, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୬୬୨

**୧୭ତମ ଜନ୍ମବାର୍ଷିକୀ**



**ସତ୍ୟଶ୍ରୀ ଶ୍ରୀଚନ୍ଦନ**
ଗଁଦିଆ ପାଟଣା, ଢେଙ୍କାନାଳ
ତୋର ଚଲାପଥ କୁସୁମିତ ହେଉ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ:** ବାପା, ମାଆ, ଜେଜେବାବା, ଜେଜେମାଆ, ଅଜା, ଆଈ, ମାମୁ, ମାଇଁ, ରାମ, ଶ୍ରୀ, କୃଷ୍ଣ,ମାମୁନି, ଶିବାନୀ, ଲିଙ୍କୁନ୍ଦୁ, ଟୁଲୁ ଓ ପରିବାରବର୍ଗ ।
ଧ-୬୦୩୭୫

**ଜନ୍ମଦିନ ଅଭିନନ୍ଦନ**



**ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ**
ପ୍ଲଟ୍ ନଂ.- ୧୨୭୭ ଓ ୧୨୭୮, ବମିଖାଲ, ଭୁବନେଶ୍ୱର
ଆଜିର ଶୁଭ "ନବ ବର୍ଷ-୨୦୨୨" ଅବସରରେ ଆପଣ ଅଶୀବର୍ଷ ପୂରଣ କରୁଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା ଜଣାଇବା ସହ ଆପଣଙ୍କର ସୁସ୍ଥ ଓ ନିରାମୟ ଭବିଷ୍ୟତ ଜୀବନ ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
*ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ଓ୍ୱେଲଫେୟାର୍ ଫୋରମ୍ ବମିଖାଲର ସଦସ୍ୟବୃନ୍ଦ।*
ଧ-୬୭୪୧୭


## OFFICE OF THE EXECUTIVE ENGINEER, RWS&S DIVISION, KENDRAPARA

At: Ichhapur, Post: Shree Baladevjew
Email: eerwsskendrapara@gmail.com
Identification No. RWS/85/2021-2022

Letter No. 7896 Dated: 28.12.2021

### 2nd Corrigendum

No. O-1607: This Corrigendum has been made for the NIT-85 invited online vide this office Letter No. 7441/Dated 20.12.2021 as there need changes in date for selling, closing, clarification and opening of the NIT-85 which was on Dt.30.12.2021 (Selling Date) 12.01.2022 (Closing Date) 03.01.2022 (Clarification Date) and 13.01.2022 (Opening Date) as per 1st Corrigendum may be read as 07.01.2022, 24.01.2022, 10.01.2022 and 25.01.2022 respectively due to unavoidable circumstances. All other terms and condition remain unaltered.

Sd./- (Er. B.K. Nayak)
Executive Engineer, RWS&S Division, Kendrapara
OIPR-25004/11/0034/2122

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, P.H. DIVISION, BHUBANESWAR, SAHID NAGAR, ODISHA

Phone/FAX:- 0674-2540578 (O)
e-Mail: eephiiibbsr@ori.nic.in/ eephiiibbsr@gmail.com

Office Order No. 18181 Dated: 29.12.21

### 1st Corrigendum to Bid Identification No.56 of 2021-22 dated 15.12.2021.

No.C-1748:- **The amendments have been made for the work Serial No. 1 to 4 to revise the period of completion of existing table in column No.7 from 11 (Eleven) Calendar Months to 6 (Six) Calendar Months.**

**All other terms and conditions of the above Original Tender Call Notice remain unchanged.**

Sd./- Superintending Engineer, P.H. Division, BBSR
OIPR-13021/11/0028/2122

## WORLD SKILL CENTER, BHUBANESWAR
## SKILL DEVELOPMENT & TECHNICAL EDUCATION DEPARTMENT
## GOVERNMENT OF ODISHA

Block B, Sector A, Tower, 2010, Mancheswar Industrial Estate, Bhubaneswar-751007
Country: India Telephone/Fax: +91-674-2580079
Website: www.worldskillcenter.org; www.skillodisha.gov.in
Email address: tenders@worldskillcenter.org; osdpadbosda@gmail.com; dirosems@gmail.com
No. WSC/32/ACADEMIC PROCUREMENT/2021-22/447
Date: 01st January 2022

### REQUEST FOR QUOTATION (RFQ) FOR PROVIDING CONSUMABLES FOR LABS OF WORLD SKILL CENTER, BHUBANESWAR

No. KK-186: World Skill Center Bhubaneswar invites Request for Quotation (RFQ) for providing Consumables for various labs of WSC Bhubaneswar as per the following packages:
PKG ACR001- Consumables for Labs, ACR of WSC BBSR
PKG MES001- Consumables for Labs, MES of WSC BBSR
PKG MCE001- Consumables for Labs, Mechatronics of WSC BBSR
Interested suppliers are requested to submit their offer for one or multiple packages on the office address in prescribed application form. The detail RFQ document can be downloaded from the WSC Bhubaneswar website: **www.worldskillcenter.org** or OSDA website: **www.skillodisha.gov.in** and **https://empmissionodisha.gov.in/Exchange/employment.jsp**.
Last date & Time for Submission of Proposals: 13-01-2022 at 03:00 PM
Date & Time of Opening of Proposals: 13-01-2022 at 04:00 PM

Sd./- Chief Executive Officer
World Skill Center, Bhubaneswar
OIPR-14083/11/0019/2122

## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER, DRAINAGE DIVISION, GANDARPUR, CUTTACK-753003

E-mail ID: eeddcuttack@gmail.com

### 1ST CORRIGENDUM

**Tender Call Notice NO.- EE-DD-CTC-08/2021-22**

No. A-795:- The following partial modifications are hereby made in reference to the detailed tender call notice published earlier.

| AS PUBLISHED EARLIER | TO BE READ AS |
|---|---|
| Availability of Tender On-line **From 31.12.2021, 4.00 PM to 09.01.2022, 5.00 PM** | Availability of Tender On-line **From 31.12.2021, 4.00 PM to 10.01.2022, 5.00 PM** |
| Date & Time of Opening of Tender **10.01.2022 at 11.00 AM** | Date & Time of Opening of Tender **11.01.2022 at 11.00 AM** |

All other terms & conditions will remain unchanged.

Executive Engineer, Drainage Division, Cuttack
OIPR-32201/11/0009/2122

## OFFICE OF THE MUNICIPAL COUNCIL, TITILAGARH

No.3070/Dated 30.12.2021

### "e"-Tender Notice

**BID Identification No. MUN-TIG No.010/2021-22**

**No.C-1742:-** Bid documents consisting of work, Estimated Cost, cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

1. Name of the work : Civil Construction works as mentioned in website
2. No. of works : 15 No.
3. Estimated cost : 0.89 Lakhs to 13.96 Lakhs
4. Period of completion : 45 Days to 90 Days
5. Date and time of availability of Bid Documents in the Portal : From 31.12.2021, 11.00 AM to 06.01.2022, 5.00 PM.
6. Last date & time for receipt of Bids in the portal : On 06.01.2022 at 5.00 PM
7. Last date & time for deposit of Fees & Documents (in sealed envelope) at Office : On 07.01.2022 at 12.00 PM
8. Bids received online shall be opened on : On 10.01.2022 at 11.00 AM
9. Name and address of the officer inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in**

Sd./- Executive Officer, Titilagarh Municipality
OIPR-13095/11/0024/2122

## OFFICE OF THE EXECUTIVE ENGINEER CUTTACK (R&B) DIVISION NO.II: CUTTACK

E-mail ID- eepwdcuttack2@gmail.com, Tele/Fax No. (0671)- 2973399
No.B-929 **GOVERNMENT OF ODISHA "e" procurement Notice**

### e-procurement Notice for Road Work

**Bid identification No. E.E. CTC (R&B)-II-29 of 2021-22**

1. Name of the work :- **01 No. of Road Work**
2. Estimated Cost :- **Rs.18,54,600/-**
3. Period of completion :- **2 (Two) calendar Months**
4. Date & time of sale & receipt of bid document :- **From 05.01.2022 to 5 PM of 19.01.2022**
5. Last date/time of receipt of bids :- **5 PM of 19.01.2022**
6. Date & time of Opening of Bids :- **11 AM of 20.01.2022**
7. Name and address of the Officer Inviting Bid :- **Executive Engineer, Cuttack (R&B) Division-II, Cuttack**

Further details can be seen from the e-procurement portal **http://www.tendersorissa.gov.in**. Any addendum/ corrigendum/ cancellation of tender can also be seen in the said website.

Executive Engineer,
Cuttack (R&B) Division No.II
OIPR-34091/11/0026/2122

## ODISHA PUBLIC SERVICE COMMISSION CUTTACK

### NOTICE

**No. 9684/PSC, (1R-42-21-22) (DR-V), Dt. 31.12.2021**

**No. D-267:-** It is for information of all concerned that, pursuant to the advertisement No. 08 of 2020-2021, **141 (one hundred forty one)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "English"**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **10.01.2022, 11.01.2022, 12.01.2022, 13.01.2022, 15.01.2022, 17.01.2022, 18.01.2022, 19.01.2022 & 20.01.2022** as per the programme mentioned below.

### PROGRAMME OF DOCUMENT VERIFICATION

| Date | Time | PPSAN |
|---|---|---|
| 10.01.2022 | 10.30 A.M. | 00089780, 00091215, 00089985, 00097190, 00097451, 00088237, 00099804, 00088238, 00088316 & 00089539 = **10 Candidates** |
| | 02.30 P.M. | 00095304, 00096025, 00090345, 00094812, 00088184 & 00094966 = **06 Candidates** |
| 11.01.2022 | 10.30 A.M. | 00087377, 00086850, 00100331, 00076666, 00091826, 00094869, 00077234, 00086120, 00086556, 00087183 = **10 Candidates** |
| | 02.30 P.M. | 00089288, 00091842, 00091860, 00092581, 00092862 & 00093358 = **06 Candidates** |
| 12.01.2022 | 10.30 A.M. | 00093490, 00095429, 00096216, 00099309,00099389, 00096302, 00077795, 00063515, 00089968 & 00090302 = **10 Candidates** |
| | 02.30 P.M. | 00088040, 00079114, 00097344, 00087291, 00089003 & 00097567 = **06 Candidates** |
| 13.01.2022 | 10.30 A.M. | 00086504, 00077497, 00077578, 00078483, 00081572, 00086567, 00090610, 00092196, 00092588, 00093920 = **10 Candidates** |
| | 02.30 P.M. | 00094980, 00095364, 00095729, 00096196, 00096981 & 00097902 = **06 Candidates** |
| 15.01.2022 | 10.30 A.M. | 00101885, 00092311, 00099218, 00082433, 00086133,00086748, 00089208, 00089988, 00091331 & 00091824 = **10 Candidates** |
| | 02.30 P.M. | 00097093, 00097235, 00090206, 00092389, 00061340 & 00095265 = **06 Candidates** |
| 17.01.2022 | 10.30 A.M. | 00078791, 00088820, 00092036, 00092081, 00088085, 00087031, 00098135, 00082080, 00089591 & 00091262 = **10 Candidates** |
| | 02.30 P.M. | 00097120, 00091189, 00094279, 00090960, 00091349 & 00089963 = **06 Candidates** |
| 18.01.2022 | 10.30 A.M. | 00096330, 00088533, 00092807, 00016443, 00087835, 00037851, 00090802, 00094414, 00096055, 00096911 = **10 Candidates** |
| | 02.30 P.M. | 00087039, 00094989, 00043383, 00101372, 00074481 & 00093695 = **06 Candidates** |
| 19.01.2022 | 10.30 A.M. | 00098882, 00035759, 00079215, 00070613, 00085068, 00085973, 00089483, 00096929, 00097967 & 00095037 = **10 Candidates** |
| | 02.30 P.M. | 00077430, 00091505, 00077885, 00102379, 00085971 & 00089769 = **06 Candidates** |
| 20.01.2022 | 10.30 A.M. | 00091291, 00089342, 00091313, 00095752, 00077482, 00091779, 00047796, 00092077 & 00098044 = **09 Candidates** |
| | 02.30 P.M. | 00094794, 00053243, 00090357, 00063736 = **04 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0195/2122 **Sd./- Secretary**




୨୦୨୨କୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା



କଟକ ଯୋବ୍ରା ନିକଟ ମହାନଦୀ ତଟରେ ବର୍ଷ ଶେଷ ଦିନକୁ ଉପଭୋଗ କରୁଥିବା ଲୋକମାନେ

୨୦୨୧କୁ ବିଦାୟ ଜଣାଇ ନୂଆବର୍ଷ ୨୦୨୨କୁ ସ୍ୱାଗତ କରିବାର ଉତ୍ସାହ ଶୁକ୍ରବାର ଦିନତମାମ ଅନେକ ସ୍ଥାନରେ ଦେଖିବାକୁ ମିଳିଥିଲା। କରୋନା କଟକଣା ଯୋଗୁ ସର୍ବସାଧାରଣରେ ଜିରୋ ନାଇଟ୍ ସେଲିବ୍ରେଶନ ଫିକା ପଡ଼ିଯାଇଥିଲେ ମଧ ଘରେ ଘରେ ଉତ୍ସାହ ଭରି ରହିଥିଲା। ଅନେକେ କଟକଣା ନ ମାନି କେତେକ ସ୍ଥାନରେ ଭିଡ଼ ଜମାଇଥିବା ପରିଲକ୍ଷିତ ହୋଇଥିଲା।



ନୂଆବର୍ଷ ପାଇଁ ଭୁବନେଶ୍ୱର ୟୁନିଟ୍-୧ ହାଟ ନିକଟରେ ଜଣେ ଗ୍ରାହକ ଫୁଲତୋଡ଼ା କିଣୁଛନ୍ତି




ଶୁକ୍ରବାର ସନ୍ଧ୍ୟାରେ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ଭୁବନେଶ୍ୱର ଖାରବେଳ ଭବନ



ନୂଆବର୍ଷର ଶୁଭକାମନା କରି ଶୁକ୍ରବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଆଗରେ ସମବେତ ଶ୍ରଦ୍ଧାଳୁ



ବିଦାୟୀ ବର୍ଷର ଶେଷ ଦିନକୁ ପୁରୀ ବେଳାଭୂମିରେ କଟାଇ ନୂଆବର୍ଷକୁ ଖୁସିରେ ସ୍ୱାଗତ କରିବା ପାଇଁ ଭିଡ଼ ଜମାଇଥିବା ପର୍ଯ୍ୟଟକ



ନୂଆବର୍ଷ ମଙ୍ଗଳମୟ କାମନା କରି ଜଣେ ଶ୍ରଦ୍ଧାଳୁ ଶୁକ୍ରବାର ଲିଙ୍ଗରାଜ ମନ୍ଦିର ନିକଟରେ ପ୍ରାର୍ଥନାରତ

ରଙ୍ଗିନ ଆଲୋକରେ ଝଲସୁଛି ବିଧାନସୌଧ





## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ହେମନ୍ତ କୁମାର ସାହୁ**

ଗ୍ରାମ: ଭେଲୁରୀହାଟ, ପୋ: ଭଇଁଚୁଆ, ଥା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା

ଆବିର୍ଭାବ: ୦୮।୦୧।୧୯୭୨
ତିରୋଧାନ: ୨୨।୧୨।୨୦୨୧

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ପୁଣ୍ୟ ଓ ପବିତ୍ର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପତ୍ନୀ: ଲକ୍ଷ୍ମୀପ୍ରିୟା, ପୁତ୍ର: ଚନ୍ଦନ, ପୁତ୍ରୀ: ବର୍ଷା, ଜ୍ୱାଇଁ: ଜଗା, ମା, ଭାଇ, ଭାଉଜ, ପୁତୁରା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୨୨୭୧୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ**

ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା।

ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୭୧୭୧୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇଂ. ସଦାନନ୍ଦ ନାୟକ**

ମହାନଦୀବିହାର, କଟକ

ଜନ୍ମ: ୧୫।୦୫।୧୯୪୦
ସ୍ୱର୍ଗାରୋହଣ: ୦୧।୦୧।୨୦୧୯
(ପୌଷମାସ କୃଷ୍ଣପକ୍ଷ ଏକାଦଶୀ)

ବାବା, କୋଉଠି ରହିଲ ଯାଇ
ଖୋଜି ବୁଲୁଛି ଆଖି ଆମର।
ତମକୁ ତ ପାଉନାଇଁ,
ଆଖି ବୁଜିଲେ ତମେ ଦିଶୁଚ
ହସୁଚ, ଗପୁଚ
ଏଇଠି ଅଛ, ଏଇଠି ନାଇଁ।

ଝୁରୁଚୁ ତୁମକୁ ମାମା ଓ ତମର ପିଲାମାନେ

ଧ-୨୨୭୮୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶତ୍ରୁଘ୍ନ ମହାନ୍ତି**

ବରପଦା, ଜଟଣୀ, ପୁରୀ

ଆବିର୍ଭାବ-୨୭।୦୩।୧୯୪୯
ତିରୋଧାନ- ୨୨।୧୨।୨୦୨୧

ଆପଣ ଆମକୁ ଶୋକ ସାଗରରେ ଭସାଇ ଚାଲିଗଲେ। ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟ ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶପରାୟଣତା, ମଣିଷପଣିଆ ଆମ ଲାଗି ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମିତ୍ତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ଅଭାଗିନୀ ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀମାନେ ତଥା ପରିବାରବର୍ଗ ।

ଧ-୨୨୭୭୭

# ଦିଲ୍ଲୀରେ ଓମିକ୍ରନ୍ ଗୋଷ୍ଠୀ ସଂକ୍ରମଣ



ମୁମ୍ବାଇର ଦାଦର ରେଳଷ୍ଟେଶନଠାରେ ଯାତ୍ରୀମାନଙ୍କ କୋଭିଡ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଉଛି।

**ନୂଆଦିଲ୍ଲୀ, ୩୧।୧୨**

ଦିଲ୍ଲୀରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ଗୋଷ୍ଠୀ ସଂକ୍ରମଣରେ ପରିଣତ ହୋଇଥିବା ଜଣାପଡ଼ିଛି। ଡିସେମ୍ବର ୧୨ରୁ ପରୀକ୍ଷା କରାଯାଇଥିବା ୫୦ ପ୍ରତିଶତ ରୋଗୀଙ୍କ ନମୁନାରେ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି। ମେଟ୍ରୋ ସହରର ସମସ୍ତ କୋଭିଡ୍ ପଜିଟିଭ୍ ମାମଲାର ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା। ଭାରତରେ ନିକଟରେ ପରୀକ୍ଷା କରାଯାଇଥିବା ୧୮ ପ୍ରତିଶତ ନମୁନାରେ ନୂଆ ଭାରିଆଣ୍ଟ ରହିଛି। ଦିଲ୍ଲୀରେ ଏହା ୫୦ ପ୍ରତିଶତ ହୋଇଥିବାରୁ ସେଠାରେ ଓମିକ୍ରନ୍‌ର ଗୋଷ୍ଠୀ ସଂକ୍ରମଣ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଡିସେମ୍ବରରେ ଦିଲ୍ଲୀରେ ୯ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି, ଯାହା ଗତ ୪ ମାସ ମଧ୍ୟରେ ସର୍ବାଧିକ। ଗୁରୁବାର ଦିଲ୍ଲୀରେ ୧,୩୧୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସଂକ୍ରମଣ କମାଇବା ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସାନି କଟକଣା ଲଗାଇଛନ୍ତି। ସେଠାରେ ସ୍କୁଲ୍, ସିନେମା ହଲ୍ ଆଦି ବନ୍ଦ କରିଦିଆଯାଇଛି।

ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ଦିଲ୍ଲୀ ସରକାର ମେଡିକାଲ ଅକ୍ସିଜେନ ଭିତ୍ତିଭୂମି ବଢ଼ାଇଛନ୍ତି। ଏଥିସହିତ ୬,୦୦୦ ଡି-ଟାଇପ୍ ସିଲିଣ୍ଡର କିଣାଯାଇଛି। ତଥ୍ୟ ଅନୁଯାୟୀ ଦିଲ୍ଲୀ ପରିବହନ ନିଗମ ନିକଟରେ ୯,୧୧୫ ସିଲିଣ୍ଡର ମହଜୁଦ୍ ରହିଛି। ଏଥିସହିତ ୯୯.୬୬ ମେଟ୍ରିକ୍ ଟନ୍ ଉତ୍ପାଦନକ୍ଷମ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି ଏବଂ ଜାନୁୟାରୀ ୫ ସୁଦ୍ଧା ଆଉ ୪ଟି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ସେହିପରି ଚଳିତ ସପ୍ତାହରେ ୧୨.୫ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ୨ଟି କ୍ରାୟୋଜେନିକ ବଟଲିଂ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବ, ଯାହା ଦିନକୁ ୧,୪୦୦ ସିଲିଣ୍ଡର ରିଫିଲିଂ କରିପାରିବ।

## ମୁମ୍ବାଇରେ ୧୫ ଯାଏ ୧୪୪ ଧାରା

**ନୂଆଦିଲ୍ଲୀ, ୩୧।୧୨**

ମହାରାଷ୍ଟ୍ରରେ ଓମିକ୍ରନ୍ ସହ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାବେଳେ ମୁମ୍ବାଇ ପୋଲିସ ୧୪୪ ଧାରାକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଘରୋଇ ଓ ସର୍ବସାଧାରଣ ସ୍ଥାନରେ ନୂଆବର୍ଷ ପାଳନକୁ ନିଷେଧ କରାଯାଇଛି। ଶୁକ୍ରବାର ମୁମ୍ବାଇ ଡେପୁଟି ପୋଲିସ କମିଶନରଙ୍କ ପକ୍ଷରୁ ସାନି ସର୍କୁଲାର ଜାରି କରାଯାଇ ସନ୍ଧ୍ୟା ୫ରୁ ସକାଳ ୫ଟା ପର୍ଯ୍ୟନ୍ତ ବେଳାଭୂମି, ଖୋଲା ସ୍ଥାନ, ପାର୍କ, ଗାର୍ଡେନ୍ ଆଦି ଭ୍ରମଣ ଉପରେ କଟକଣା କଡ଼ାକଡ଼ି କରାଯାଇଛି। ବିବାହ ଉତ୍ସବରେ ୫୦ ଜଣରୁ ଅଧିକ ଯୋଗଦେଇପାରିବେ ନାହିଁ। ସାମାଜିକ, ସାଂସ୍କୃତିକ, ରାଜନୈତିକ କିମ୍ବା ଧର୍ମୀୟ ଉତ୍ସବ ବା କାର୍ଯ୍ୟକ୍ରମରେ ମଧ୍ୟ ସର୍ବାଧିକ ୫୦ ଜଣ ଯୋଗଦେବା ଲାଗି ଅନୁମତି ଦିଆଯାଇଛି। ସେହିପରି ଶେଷକୃତ୍ୟ ସର୍ବାଧିକ ୨୦ ଜଣ ଲୋକରେ କରିବା ପାଇଁ ନିର୍ଦ୍ଦେଶନାମାରେ କୁହାଯାଇଛି। ଏହାର ଉଲ୍ଲଂଘନ କଲେ ଆଇପିସିର ଧାରା ୧୮୮ ଏବଂ ମହାମାରୀ ଆଇନ ୧୮୯୭, ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥା ଅନୁଯାୟୀ ଦଣ୍ଡିତ କରାଯିବ।

## ଜ୍ୱର ହେଲେ କୋଭିଡ୍ ପରୀକ୍ଷା କର

### ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ, ୩୧।୧୨**

କୌଣସି ବ୍ୟକ୍ତିଙ୍କୁ ଜ୍ୱର, ମୁଣ୍ଡବିନ୍ଧା, ଗଳା ଦରଜ, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କଲେ, ଦେହ ଘୋଳାବିନ୍ଧା ହେଲେ, ସ୍ୱାଦ କିମ୍ବା ଗନ୍ଧ ବାରି ନ ପାରିଲେ, ଡାଇରିଆ ହେଲେ କିମ୍ବା ଥକ୍କା ଅନୁଭବ କଲେ ସେମାନଙ୍କୁ କୋଭିଡ୍ ସନ୍ଦିଗ୍ଧ ବିବେଚିତ କରାଯାଇ ତୁରନ୍ତ ପରୀକ୍ଷା କରାଇବାକୁ କେନ୍ଦ୍ର ସରକାର ଶୁକ୍ରବାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ଦେଶରେ ସଂକ୍ରମଣ ବୃଦ୍ଧି ପାଇବା ସହ ତୃତୀୟ ଲହର ଆସିବା ଆଶଙ୍କା ସୃଷ୍ଟି ହୋଇଛି। ଓମିକ୍ରନ୍ ଭାରିଆଣ୍ଟ ଦ୍ରୁତ ବେଗରେ ସଂକ୍ରମିତ ହେଉଥିବାରୁ ସରକାରଙ୍କ ଚିନ୍ତା ବଢ଼ିଛି। ତେଣୁ କୌଣସି ବ୍ୟକ୍ତିଙ୍କ ଠାରେ ଉପରୋକ୍ତ ଲକ୍ଷଣ ଦେଖାଦେବା ମାତ୍ରେ ତାଙ୍କୁ ହୋମ୍ ଆଇସୋଲେଶନରେ ରଖିବାକୁ କୁହାଯାଇଛି। ଏଥିସହିତ କୋଭିଡ୍ ପରୀକ୍ଷା ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଦେଶରେ ଦୈନିକ କୋଭିଡ୍ ପରୀକ୍ଷା କ୍ଷମତା ୨୦ ଲକ୍ଷରୁ ଅଧିକ ରହିଥିବା କେନ୍ଦ୍ର କହିଛି। ଆର୍‌ଟି-ପିସିଆର୍ ପରୀକ୍ଷା ରିପୋର୍ଟ ମିଳିବାରେ ବିଳମ୍ବ ହେଉଥିଲେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା କରାଇବାକୁ ଏବଂ ଏଥିପାଇଁ ଅଧିକ ବୁଥ୍ ସ୍ଥାପନ କରି ୨୪ ଘଣ୍ଟିଆ ସେବା ଯୋଗାଇବା ଲାଗି କେନ୍ଦ୍ର ପରାମର୍ଶ ଦେଇଛି। ସେହିପରି ଘରେ ନିଜେ ପରୀକ୍ଷା କରିବାକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ହେବ। ଏଥିପାଇଁ ୭ଟି ହୋମ୍ ଟେଷ୍ଟିଂ କିଟ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଛି।

## ଦିନକରେ ୧୬,୭୬୪ କୋଭିଡ୍ ସଂକ୍ରମିତ, ୨୨୦ ମୃତ

### ୧,୨୭୦ରେ ପହଞ୍ଚିଲା ଓମିକ୍ରନ୍ ପଜିଟିଭ୍

**ନୂଆଦିଲ୍ଲୀ, ୩୧।୧୨**

ଓମିକ୍ରନ୍ ଭାରିଆଣ୍ଟ ଆସିବା ପରେ ଭାରତରେ କୋଭିଡ୍ ସଂକ୍ରମଣରେ ଦ୍ରୁତ ବୃଦ୍ଧି ଘଟିଛି। ୨୪ ଘଣ୍ଟା ମଧ୍ୟରେ ଦେଶରେ ୧୬,୭୬୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ଯାହା ପୂର୍ବଦିନ ତୁଳନାରେ ୨୭ ପ୍ରତିଶତ ଅଧିକ। ପ୍ରାୟ ୬୪ ଦିନ ପରେ ଦୈନିକ ସଂକ୍ରମଣ ୧୬,୦୦୦ ପାର୍ କରିଛି। ଓମିକ୍ରନ୍ ସଂକ୍ରମଣ ୨୩ ରାଜ୍ୟକୁ ବ୍ୟାପିଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧,୨୭୦ରେ ପହଞ୍ଚିଛି। ମହାରାଷ୍ଟ୍ରରେ ସର୍ବାଧିକ ୪୫୦ ଓମିକ୍ରନ୍ ମାମଲା ଚିହ୍ନଟ ହୋଇଥିବାବେଳେ ଦିଲ୍ଲୀରେ ୩୨୦ ସଂକ୍ରମିତ ହୋଇଛନ୍ତି। ସେହିପରି କେରଳରେ ୧୦୯ ଏବଂ ଗୁଜରାଟରେ ୯୭ ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଓମିକ୍ରନ୍‌ରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହା ଭାରତରେ ପ୍ରଥମ ଓମିକ୍ରନ୍ ମୃତ୍ୟୁ। ୨୪ ଘଣ୍ଟାରେ କୋଭିଡ୍‌ରେ ୨୨୦ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଦେଶରେ ମୋଟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୩,୪୮,୩୮,୮୦୪ରେ ପହଞ୍ଚିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୪,୮୧,୦୮୦ ହୋଇଛି। ଦେଶରେ ସକ୍ରିୟ ମାମଲା ସଂଖ୍ୟା ମୋଟ ସଂକ୍ରମଣର ୦.୨୬ ପ୍ରତିଶତ ରହିଛି। ୯୮.୩୬ ପ୍ରତିଶତ କୋଭିଡ୍‌ରୁ ଆରୋଗ୍ୟ ହୋଇଛନ୍ତି।

## ଭାରତୀୟ ଏମ୍‌ପିଙ୍କୁ ଚାଇନା ଦୂତାବାସର ଚିଠିକୁ ନେଇ ତୀବ୍ର ପ୍ରତିକ୍ରିୟା

**ନୂଆଦିଲ୍ଲୀ, ୩୧।୧୨**

ତିବ୍ବତୀୟ ନିର୍ବାସିତ ପାର୍ଲାମେଣ୍ଟ ଦ୍ୱାରା ଆୟୋଜିତ ଏକ ଅଭ୍ୟର୍ଥନା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାରତର କେତେଜଣ ଏମ୍‌ପିଙ୍କୁ ଚାଇନା ଦୂତାବାସ ପତ୍ର ଲେଖିଥିବାରୁ ଏହାକୁ ନେଇ ତୀବ୍ର ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଧିକାର ନ ଥିବା ଏକ ପ୍ରସଙ୍ଗରେ ମନ୍ତବ୍ୟ ପାଇଁ ପ୍ରମୁଖ ଏମ୍‌ପିମାନେ ଚାଇନା ଦୂତାବାସକୁ ସମାଲୋଚନା କରିଛନ୍ତି। ଡିସେମ୍ବର ୨୨ରେ ଦିଲ୍ଲୀର ଏକ ହୋଟେଲରେ ଆୟୋଜିତ ନୈଶଭୋଜିରେ ଔଦ୍ୟୋଗିକୀ ଓ ଦକ୍ଷତା ବିକାଶ ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ଭାଜପା ଏମ୍‌ପି ମାନେକା ଗାନ୍ଧୀ, କେ.ସି. ରାମମୂର୍ତ୍ତି, କଂଗ୍ରେସର ଜୟରାମ ରମେଶ, ମନୀଷ ତିୱାରୀ, ବିଜେଡି ଏମ୍‌ପି ସୁଜିତ କୁମାର ଯୋଗ ଦେଇଥିଲେ। ସେଠାରେ ତିବ୍ବତୀୟ ନିର୍ବାସିତ ପାର୍ଲାମେଣ୍ଟର ବାଚସ୍ପତି ଖେନ୍‌ପୋ ସୋନମ ଟେନ୍‌ଫେଲ୍ ମଧ୍ୟ ଉପସ୍ଥିତ ଥିଲେ। ଚାଇନା ଦୂତାବାସର ରାଜନୈତିକ କାଉନସିଲର ଝୋଉ ୟୋଙ୍ଗଶେଙ୍ଗ ଗୁରୁବାର ଉକ୍ତ ଏମ୍‌ପିମାନଙ୍କୁ ପତ୍ର ଲେଖି ଏହାର ପ୍ରତିବାଦ କରିଥିଲେ। ତିବ୍ବତ ପାଇଁ ତଥାକଥିତ ସର୍ବଦଳୀୟ ଭାରତୀୟ ସଂସଦୀୟ ଫୋରମ୍‌କୁ ପତ୍ର ଲେଖି, ସେମାନଙ୍କ ଯୋଗଦାନ ଉପରେ ଚିନ୍ତା ପ୍ରକଟ କରିଛି ଚାଇନା ଦୂତାବାସ। ତିବ୍ବତୀୟ ଶକ୍ତିକୁ ସମର୍ଥନ ବନ୍ଦ କରିବା ଲାଗି ଦୂତାବାସ ପକ୍ଷରୁ କୁହାଯାଇଛି। ତେବେ ଭାରତୀୟ ଏମ୍‌ପିଙ୍କୁ ପତ୍ର ଲେଖିବା ଅଧିକାର ଚାଇନା ଦୂତାବାସର ନାହିଁ ବୋଲି ଫୋରମ୍‌ର ଆବାହକ ସୁଜିତ କୁମାର କହିଛନ୍ତି। ଯେକୌଣସି ପ୍ରତିବାଦ ଅଫିସିଆଲ ଚ୍ୟାନେଲ ଜରିଆରେ କରିବାକୁ ବିଜେଡି ଏମ୍‌ପି କହିବା ସହ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ଭାରତ ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ତେବେ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ଉପରେ ବିଦେଶୀ ଦୂତାବାସର ମନ୍ତବ୍ୟକୁ ଭାରତ ଗ୍ରହଣ କରି ନ ଥାଏ। ସୂଚନାଯୋଗ୍ୟ, ଭାରତରେ ତିବ୍ବତୀୟମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ନ ଦେବା ପାଇଁ ସରକାର ୪ ବର୍ଷ ପୂର୍ବରୁ ବରିଷ୍ଠ ନେତା ଓ ସରକାରୀ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ବିଶ୍ୱ ଜନସଂଖ୍ୟା ୭.୪ କୋଟି ବଢ଼ିଛି

**ୱାଶିଂଟନ, ୩୧।୧୨:** ନୂଆବର୍ଷରେ ବିଶ୍ୱ ଜନସଂଖ୍ୟା ୭୮୦ କୋଟିରେ ପହଞ୍ଚିଥିବା ଆମେରିକା ଜନଗଣନା ବ୍ୟୁରୋ ପକ୍ଷରୁ କୁହାଯାଇଛି। ୨୦୨୧ରେ ବିଶ୍ୱ ଜନସଂଖ୍ୟା ୭.୪ କୋଟି ବଢ଼ିଛି, ଅର୍ଥାତ୍ ବୃଦ୍ଧି ହାର ୦.୯ ପ୍ରତିଶତ ରହିଛି। ନୂଆବର୍ଷରେ ବିଶ୍ୱବ୍ୟାପୀ ପ୍ରତି ସେକେଣ୍ଡରେ ୪.୩ ଜନ୍ମ ଓ ୨ ମୃତ୍ୟୁ ହେବ ବୋଲି ଜନଗଣନା ବ୍ୟୁରୋ ଆକଳନ କରିଛି। ଚଳିତ ବର୍ଷ ଆମେରିକା ଜନସଂଖ୍ୟା ୭,୦୭,୦୦୦ ବୃଦ୍ଧି ପାଇ ୩୩.୨୪ କୋଟିରେ ପହଞ୍ଚିଛି। ନୂଆ ବର୍ଷରେ ଆମେରିକାରେ ପ୍ରତି ୯ ସେକେଣ୍ଡରେ ଜଣେ ଶିଶୁ ଜନ୍ମ ହେବା ସହ ୧୧ ସେକେଣ୍ଡରେ ଜଣକର ମୃତ୍ୟୁ ହେବ। ସେହିପରି ପ୍ରତି ୧୩୦ ସେକେଣ୍ଡରେ ଜଣେ ବିଦେଶୀ ଆମେରିକା ଜନସଂଖ୍ୟାରେ ସାମିଲ ହେବେ ବୋଲି ଆକଳନ କରାଯାଇଛି।

### ବର୍ଷକରେ ୧୮୨ ଆତଙ୍କବାଦୀ ନିପାତ

**ଜମ୍ମୁ, ୩୧।୧୨(ପି.ଟି.):** ବିଦାୟୀ ବର୍ଷ ୨୦୨୧ରେ ଜମ୍ମୁ-କଶ୍ମୀରରେ ମୋଟ ୧୮୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୪ ଜଣ ଶୀର୍ଷ କମାଣ୍ଡର ହୋଇଥିବାବେଳେ ୨୦ ଜଣ ବିଦେଶୀ ଆତଙ୍କବାଦୀ। ୧୦୦ଟି ଆତଙ୍କବାଦୀ ନିରୋଧୀ ଅଭିଯାନରୁ ଏହି ସଫଳତା ମିଳିଥିବା ଜମ୍ମୁ-କଶ୍ମୀର ପୋଲିସ ଡିଜି ଦିଲ୍‌ବାଗ ସିଂ ଶୁକ୍ରବାର କହିଛନ୍ତି। ପାନ୍ଥ ଚୌକ୍‌ରେ ପୋଲିସ ବସ୍ ଉପରେ ଆକ୍ରମଣ କରିଥିବା ଜୈଶ-ଇ-ମହମ୍ମଦର ସମସ୍ତ ୯ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ବିଦାୟୀ ବର୍ଷରେ ଆତଙ୍କବାଦୀଙ୍କ ସୀମାପାର ଅନୁପ୍ରବେଶ ଯଥେଷ୍ଟ ହ୍ରାସ ପାଇଛି। ଆଫଗାନିସ୍ତାନର କୌଣସି ଆତଙ୍କବାଦୀ ଭାରତରେ ଅନୁପ୍ରବେଶ କରିନାହାନ୍ତି। ଗୁରୁବାର ରାତିରେ ପୋଲିସ ଓ ସୁରକ୍ଷା ବଳର ୧୦୦ତମ ଅଭିଯାନ ଶେଷ ହୋଇଛି ବୋଲି ଜମ୍ମୁ-କଶ୍ମୀର ପୋଲିସର ବାର୍ଷିକ ଖବରଦାତା ସମ୍ମିଳନୀରେ ସିଂ କହିଛନ୍ତି। ବାରମ୍ବାର ଆକ୍ରମଣର ସମ୍ମୁଖୀନ ହେଉଥିବା ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଏବେ ଆତଙ୍କବାଦୀମୁକ୍ତ ହୋଇପାରିଛି। ୨୦୨୧ରେ ପ୍ରାଣ ହରାଇଥିବା ୪୪ ଶୀର୍ଷ କମାଣ୍ଡରଙ୍କ ମଧ୍ୟରୁ ଲଶ୍କର-ଇ-ତୋଇବାର ୨୬ ଜଣ ଥିବାବେଳେ ଜେଇଏମ୍‌ର ୧୦, ହିଜ୍‌ବୁଲ ମୁଜାହିଦ୍ଦିନର ୭ ଏବଂ ଅଲ୍-ବଦରର ଜଣେ ଅଛନ୍ତି। ବହୁବର୍ଷ ପରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ସୀମା ସୁରକ୍ଷାରେ ବିଦାୟୀ ବର୍ଷ ସଫଳ ହୋଇଛି। ମାତ୍ର ୩୪ ଆତଙ୍କବାଦୀ ସୀମାପାର ଅନୁପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିହତ ହୋଇଥିବାବେଳେ ଅନ୍ୟମାନଙ୍କୁ ଟ୍ରାକ୍ କରାଯାଇଥିବା ଡିଜିପି କହିଛନ୍ତି।

### ବିମାନ ଟଏଲେଟ୍‌ରେ ଆଇସୋଲେଶନ

**ନ୍ୟୁୟର୍କ, ୩୧।୧୨:** ବିମାନ ଯାତ୍ରା ସମୟରେ ଜଣେ ମହିଳା ଯାତ୍ରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାରୁ ତାଙ୍କୁ ହଇହଟା ହେବାକୁ ପଡ଼ିଛି। ଉକ୍ତ ଯାତ୍ରୀଙ୍କୁ ବିମାନ ଟଏଲେଟ୍‌ରେ ୩ ଘଣ୍ଟା ଆଇସୋଲେଶନରେ ରଖାଯାଇଥିଲା। ଗତ ୧୯ ତାରିଖରେ ସିକାଗୋରୁ ଆଇସ୍‌ଲାଣ୍ଡ ଯାଉଥିବା ବିମାନରେ ମିଚିଗାନ୍‌ର ଶିକ୍ଷୟିତ୍ରୀ ମାରିସା ଫୋଟିଓ ଥିଲେ। କିଛି ବାଟ ଉଡ଼ାଣ ପରେ ତାଙ୍କ ଗଳାରେ କଷ୍ଟ ଅନୁଭୂତ ହୋଇଥିଲା। ସେ ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା କରାଇବାରୁ କୋଭିଡ୍ ପଜିଟିଭ୍ ଜଣାପଡ଼ିଥିଲା।




ଝାଡ଼ଖଣ୍ଡର ରାଞ୍ଚିଠାରେ ଯୁବତୀମାନେ ନୂତନ ବର୍ଷ ୨୦୨୨କୁ ସ୍ୱାଗତ କରୁଛନ୍ତି।

## ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲେ ୫ ପୂର୍ବତନ ସେନାମୁଖ୍ୟ

### ହରିଦ୍ୱାର ଘୃଣିତ ବକ୍ତବ୍ୟକୁ ନେଇ ଉଦ୍‌ବେଗ ଜଣାଇଲେ

**ନୂଆଦିଲ୍ଲୀ, ୩୧।୧୨**

ଉତ୍ତରାଖଣ୍ଡର ହରିଦ୍ୱାର ଏବଂ ଦିଲ୍ଲୀରେ ନିକଟରେ ଅନୁଷ୍ଠିତ ଧର୍ମ ସଂସଦରେ ଭାରତୀୟ ମୁସଲମାନଙ୍କ ବିରୋଧରେ ବକ୍ତାମାନଙ୍କ ଘୃଣିତ ମନ୍ତବ୍ୟକୁ ନେଇ ବିବାଦ ଜୋର୍ ଧରିଥିବାବେଳେ ୫ ଜଣ ପୂର୍ବତନ ସେନାମୁଖ୍ୟଙ୍କ ସମେତ ବରିଷ୍ଠ ନାଗରିକ, ପ୍ରଶାସନିକ ଅଧିକାରୀ ଓ ପ୍ରମୁଖ ନାଗରିକ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ପ୍ରତିବାଦ ଜଣାଇଛନ୍ତି। ଧର୍ମ ସଂସଦରେ ମୁସଲମାନମାନଙ୍କୁ ଗଣହତ୍ୟା ପାଇଁ ଆହ୍ୱାନ ଦିଆଯାଇଥିଲା। ସେଠାରେ ଖ୍ରୀଷ୍ଟିଆନ, ଦଳିତ ଓ ଶିଖ୍‌ମାନଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ଏଭଳି ହିଂସାତ୍ମକ ଆହ୍ୱାନ ଆଭ୍ୟନ୍ତରୀଣ ସଦ୍‌ଭାବନା ନଷ୍ଟର କାରଣ ହେବା ସହ ବାହ୍ୟ ଶକ୍ତିଗୁଡ଼ିକୁ ପ୍ରୋତ୍ସାହିତ କରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ସତର୍କ କରାଇ ଦେଇଛନ୍ତି। ଦେଶରେ ଶାନ୍ତି ଓ ସଦ୍‌ଭାବନା ଭଙ୍ଗ ହେଲେ ବାହ୍ୟ ଶତ୍ରୁଙ୍କୁ ଏହା ପ୍ରୋତ୍ସାହିତ କରିବ। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଏବଂ ପୋଲିସ ଫୋର୍ସ ସମେତ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଏକତା ଗୁରୁତର ପ୍ରଭାବିତ ହେବ ବୋଲି ଉକ୍ତ ପତ୍ରରେ କୁହାଯାଇଛି।

ହରିଦ୍ୱାରରେ ଡିସେମ୍ବର ୧୭ରୁ ଅନୁଷ୍ଠିତ ୩ ଦିନିଆ ଧର୍ମ ସଂସଦରେ ମୁସଲମାନଙ୍କ ବିରୋଧରେ ହିଂସା ପାଇଁ ପ୍ରତ୍ୟକ୍ଷ ଆହ୍ୱାନ ଦିଆଯାଇଥିଲା। ହିନ୍ଦୁ ସାଧୁ ଓ ଅନ୍ୟାନ୍ୟ ନେତାଙ୍କ ମନ୍ତବ୍ୟରେ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହିନ୍ଦୁରାଷ୍ଟ୍ର ପ୍ରତିଷ୍ଠା ଲାଗି ଉକ୍ତ ସମ୍ମିଳନୀରେ ବାରମ୍ବାର ଆହ୍ୱାନ ଦିଆଯାଇଥିଲା। ଆବଶ୍ୟକ ହେଲେ ହିନ୍ଦୁବାଦ୍‌ର ସୁରକ୍ଷା ଲାଗି ଭାରତୀୟ ମୁସଲମାନଙ୍କ ବିରୋଧରେ ଅସ୍ତ୍ର ଉଠାଇ ସେମାନଙ୍କୁ ହତ୍ୟା କରିବାକୁ କୁହାଯାଇଥିଲା। ସେହିପରି ଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଲୋକ ଯୋଗଦେଇ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବା ଲାଗି ସଂକଳ୍ପ ନେଇଥିଲେ। ଏଭଳି ଦେଶଦ୍ରୋହାତ୍ମକ ବୈଠକ ଦେଶର ଅନ୍ୟ ଭାଗରେ ମଧ୍ୟ ଅନୁଷ୍ଠିତ ହୋଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ଏଭଳି ଘୃଣିତ ମନ୍ତବ୍ୟ ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ଗମ୍ଭୀର ସଙ୍କଟ ସୃଷ୍ଟି କରିବା ସହ ଦେଶର ସାମାଜିକ ଶୃଙ୍ଖଳ ଭଙ୍ଗ କରିବ। ହିଂସା ସୃଷ୍ଟି ପାଇଁ ଉସୁକାଇବାକୁ ଦିଆଯାଇପାରିବ ନାହିଁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି। ସୂଚନାଯୋଗ୍ୟ, ହରିଦ୍ୱାର ଧର୍ମସଂସଦର ଘୃଣିତ ବକ୍ତବ୍ୟକୁ ବିରୋଧ କରି ପୂର୍ବରୁ ସୁପ୍ରିମକୋର୍ଟର ୭୬ ଜଣ ଆଇନଜୀବୀ ଭାରତର ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କୁ ପତ୍ର ଲେଖି ତାଙ୍କର ହସ୍ତକ୍ଷେପ ଦାବି କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, January 1/2022 | ପୃଷ୍ଠା-୧



**ରୌପ୍ୟ ପଦକ ଜିତିଲେ ପ୍ରମିଳା**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ବୁଗୁଡ଼ା ପିପୁଲସ୍ କଲେଜ ଛାତ୍ରୀ ପ୍ରମିଳା କିସାନୀ ରୌପ୍ୟ ପଦକ ଜିତି ଓଡ଼ିଶାର ନାମ ଉଜ୍ଜ୍ୱଳ କରିଛନ୍ତି।

୦୭

୦୮

**ଭାରତ ଏସିଆ କପ୍ ଚାମ୍ପିୟନ**

ୟାଶ ଧୂଲଙ୍କ ନେତୃତ୍ୱରେ ଭାରତ ୧୯ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଚାମ୍ପିୟନ ହୋଇଛି।





ନ୍ୟୁ ଇୟର୍ସ ଇଭ୍ ପାଳନ ଅବସରରେ ଶୁକ୍ରବାର ରାତିରେ ସିଡ୍‌ନୀ ଅପେରା ହାଉସ୍ ଏବଂ ହାର୍ବର ବ୍ରିଜ୍‌ରେ ବାଣ ଫୁଟାଯାଉଛି।

# ୨୦୨୨କୁ ସ୍ୱାଗତ କଲା ବିଶ୍ୱ

## ଓମିକ୍ରନ୍ ଭୟ: ନବବର୍ଷ ପାଳନ ଫିକା

ୱାଶିଂଟନ/ସିଡ୍‌ନୀ/ସିଓଲ/ବେଜିଂ,୩୧।୧୨

କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯାଇଛି ୨୦୨୧। ସାଙ୍ଗରେ ନୂଆ ଆଶା ଉଦ୍ଦୀପନା ନେଇ ଆସିଛି ନୂଆ ବର୍ଷ ୨୦୨୨। କିନ୍ତୁ ରହିଯାଇଛି ବିଦାୟୀ ବର୍ଷର ଘାତକ ଭୂତାଣୁ କୋଭିଡ୍-୧୯। ମହାମାରୀର ନୂଆ ଭାରିଆଣ୍ଟ ଓମିକ୍ରନ୍ ଏଥର ଭାରତ ସମେତ ଅନେକ ଦେଶରେ ଜିରୋ ନାଇଟ୍ ସେଲିବ୍ରେଶନକୁ ପାଣିଚିଆ କରିଦେଇଛି। ସଂକ୍ରମଣ ବୃଦ୍ଧିର ଆଶଙ୍କା ଥିବାରୁ ସବୁଠି ଉତ୍ସବ ପାଳନ ଉପରେ କଡ଼ା ଅଙ୍କୁଶ ଲଗାଯାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଓମିକ୍ରନ୍‌ର ଉତ୍ପତ୍ତିସ୍ଥଳ ଦକ୍ଷିଣ ଆଫ୍ରିକାରେ ନୂଆବର୍ଷ ପାଳନ ପାଇଁ ମଧ୍ୟରାତ୍ରିରୁ ଭୋର ୪ଟା ପର୍ଯ୍ୟନ୍ତ ସବୁ କଟକଣାକୁ ହଟାଇଦିଆଯାଇଛି।

ନ୍ୟୁଜିଲାଣ୍ଡ ହେଉଛି ଧୁମଧାମରେ ନବବର୍ଷ ପାଳନ କରାଯାଉଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଅକ୍‌ଲାଣ୍ଡ ଲ୍ୟାଣ୍ଡମାର୍କ୍ସ ସମେତ ସ୍କାଏ ଟାୱାର ଓ ହର୍ବର ବ୍ରିଜ୍ ନ୍ୟୁ ଇୟର ପାଇଁ ଆଲୋକମାଳାରେ ଝଲସିଥାଏ। ନ୍ୟୁଜିଲାଣ୍ଡରେ ଓମିକ୍ରନ୍ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିଲେ ହେଁ ସରକାରୀ କଟକଣା ଯୋଗୁ ସେତେଟା ଭିଡ଼ ଦେଖିବାକୁ ମିଳିନାହିଁ। ଅନ୍ୟପକ୍ଷେ ପଡ଼ୋଶୀ ଅଷ୍ଟ୍ରେଲିଆରେ ଭୂତାଣୁ ସଂକ୍ରମଣ ବିସ୍ଫୋରକ ରୂପ ଧାରଣ କରିବା ସତ୍ତ୍ୱେ ଲୋକେ ସିଡ୍‌ନୀ ହାର୍ବର ବ୍ରିଜ୍ ଓ ସିଡ୍‌ନୀ ଅପେରା ହାଉସ୍‌ରେ ବାଣ ଫୁଟାଇ ନୂଆବର୍ଷକୁ ଉଲ୍ଲାସର ସହ ସ୍ୱାଗତ କରିଛନ୍ତି। ଅଷ୍ଟ୍ରେଲିଆରେ ରେକର୍ଡ ସଂଖ୍ୟକ ୩୨,୦୦୦ ନୂଆ କୋଭିଡ୍ ମାମଲା ଚିହ୍ନଟ ହୋଇଥିବା ଏହି ସେଲିବ୍ରେଶନର କିଛି ଘଣ୍ଟା ପୂର୍ବରୁ ଅଧିକାରୀମାନେ ସୂଚନା ଦେଇଥିଲେ। ତହିଁରୁ ସର୍ବାଧିକ ସଂକ୍ରମିତ ହେଉଛନ୍ତି ସିଡ୍‌ନୀ ବାସିନ୍ଦା। ଜାପାନର ବିଭିନ୍ନ ସହରରେ ଲୋକେ କଟକଣା ଭିତରେ ମାସ୍କ ପିନ୍ଧି ନୂଆବର୍ଷକୁ ସ୍ୱାଗତ କରୁଥିବା ଦେଖିବାକୁ ମିଳିଛି। ଟୋକିଓର ବିଶିଷ୍ଟ ଲେଖକ ନାଓକି ମତ୍‌ସୁଜାୱା କହିଛନ୍ତି, ସେ ଆଗାମୀ କିଛିଦିନ ନିଜେ ରୋଷେଇ କରି ବିତାଇବେ। ଏହି ସମୟରେ ଅନେକ ଦୋକାନ ବନ୍ଦ ରହିଥିବାରୁ ସେ ନିଜେ ଖାଦ୍ୟ ପ୍ରସ୍ତୁତ କରି ବୟସ୍କ ଲୋକଙ୍କୁ ବିତରଣ କରିବେ। ନୂଆ ଭାରିଆଣ୍ଟ ଆସିବା ପରେ ଭାକ୍ସିନକୁ ନେଇ ଜାପାନବାସୀଙ୍କଠାରେ ସେତେଟା ଆଗ୍ରହ ଦେଖିବାକୁ ମିଳୁନାହିଁ। ତେବେ ନୂଆବର୍ଷ ୨୦୨୨ ଲୋକଙ୍କ ଜୀବନଶୈଳୀକୁ ଉନ୍ନତ କରିବ ବୋଲି ଆଶାବାଦୀ। ଦକ୍ଷିଣ କୋରିଆରେ କୋଭିଡ୍ ସଂକ୍ରମଣ ବଢ଼ିବାରେ ☞ପୃଷ୍ଠା-୭

## ପୂର୍ବ ଭାରତରେ କ୍ଲିନିକାଲ୍ ଟ୍ରାଏଲ ପାଇଁ ଭୁବନେଶ୍ୱର ଏମ୍ସ ମନୋନୀତ

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍) ପକ୍ଷରୁ ପୂର୍ବ ଭାରତରେ କ୍ଲିନିକାଲ୍ ପରୀକ୍ଷଣ ପାଇଁ ଏକ ବିକାଶୋନ୍ମୁଖୀ କେନ୍ଦ୍ର ବା ଆଡ୍‌ଭାନ୍ସଡ୍ ସେଣ୍ଟର ଭାବେ ଭୁବନେଶ୍ୱର ଏମ୍ସକୁ ମନୋନୀତ କରାଯାଇଛି। ଏ ନେଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ କରିବାକୁ ଏମ୍ସକୁ କୁହାଯାଇଛି। ନୂଆବର୍ଷ ପୂର୍ବରୁ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଏମ୍ସ ପାଇଁ ଏହା ଆଉଏକ ସଫଳତା ଆଣିଦେଇଛି। ତେବେ ଏହି ପ୍ରକ୍ରିୟା ଶେଷ ହେଲେ କୋଭିଡ୍ ମହାମାରୀ ଭଳି ଜଟିଳ ପରିସ୍ଥିତି ସହିତ ଲଢ଼ିବାରେ ଏମ୍ସ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଗବେଷଣା କେନ୍ଦ୍ରରେ ଟିକା, ଔଷଧ ସମେତ ବିଭିନ୍ନ ପ୍ରକାର ଚିକିତ୍ସା ସମ୍ପର୍କିତ ପରୀକ୍ଷା ନିରୀକ୍ଷା ହାତକୁ ନିଆଯିବ। ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗର ଅତିରିକ୍ତ ପ୍ରାଧ୍ୟାପକ ଡା. ସୁଜିତ କୁମାର ତ୍ରିପାଠୀ ଏହି ବ୍ୟବସ୍ଥାରେ ପ୍ରମୁଖ ଆବେଦନକାରୀ ଥିଲେ। ଡା. ରଶ୍ମିରଞ୍ଜନ ମହାନ୍ତି, ଡା. ରିତୁପର୍ଣ୍ଣୋ ମାଇତି, ଡା. ଆନନ୍ଦ ଶ୍ରୀନିବାସନ୍, ଡା. ରଶ୍ମି ଦାଶ, ଡା. ଅରବିନ୍ଦ ସିଂ, ଡା. ରାମଦାସ ବାଲାମୁର୍ଗନ୍ ଏବଂ ଡା. ସରୋଜ ମଜୁମଦାର୍ ପ୍ରମୁଖ ଚିକିତ୍ସକଙ୍କୁ ନେଇ ଏକ ବହୁମୁଖୀ ଗବେଷକ ଟିମ୍ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଛନ୍ତି। ଏହି ପ୍ରକ୍ରିୟାରେ ଜଡ଼ିତ ସମସ୍ତଙ୍କୁ ଏମ୍ସ ଭୁବନେଶ୍ୱର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଏମ୍ସର ପୂର୍ବତନ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବାଟମାନବେନ ଏହି ବ୍ୟବସ୍ଥାର ସୂତ୍ରଧର ସାଜିବା ସହିତ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପୂର୍ବରୁ ମଧ ଏମ୍ସରେ ମାଇକ୍ରୋବାୟୋମ୍, ମାଇକୋଲୋଜି, ବ୍ରେନ୍ ବ୍ୟାଙ୍କ, ଅତ୍ୟାଧୁନିକ ମଲିକୁଲାର କର୍କଟ ଗବେଷଣା ସୁବିଧା ତଥା ଡାକ୍ତରୀ ଶିକ୍ଷା ପରି ବିଭିନ୍ନ ଗବେଷଣାମୂଳକ କେନ୍ଦ୍ର ପ୍ରତିଷ୍ଠା ସରିଛି। ଆଗାମୀ ବର୍ଷ ଏମ୍ସ ଆହୁରି ଅନେକ ଶୁଭ ଖବର ଆଣିବା ସହିତ ଜନସାଧାରଣଙ୍କୁ ସେବା ଯୋଗାଇଦେବ ବୋଲି କୁହାଯାଇଛି।

# ଆଜି ଚାଷୀଙ୍କ ଖାତାକୁ ଆସିବ ଦଶମ କିସ୍ତି

### ପିଏମ୍ କିଷାନ

ନୂଆଦିଲ୍ଲୀ, ୩୧।୧୨

ନୂଆବର୍ଷ ଅବସରରେ ଶନିବାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦଶମ କିସ୍ତିରେ ୨୦୦୦ ଟଙ୍କା ଲେଖାଏ ପଠାଯିବ। ଏନେଇ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ଅର୍ଥ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଛାଡ଼ିବେ। ଏହା ଦ୍ୱାରା ଦେଶର ୧୦ କୋଟିରୁ ଊର୍ଦ୍ଧ୍ୱ କୃଷକ ପରିବାର ଉପକୃତ ହେବେ। ଏ ବାବଦରେ ୨୦ ହଜାର କୋଟି ଟଙ୍କା ବ୍ୟୟ ହେବ। ସୂଚନାଯୋଗ୍ୟ, ପିଏମ୍-କିଷାନ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୩ଟି କିସ୍ତିରେ ୬,୦୦୦ ଟଙ୍କା ପଠାଯାଉଛି। ଏହା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଚାଷୀମାନଙ୍କ ପାଖକୁ ୧.୬ ଲକ୍ଷ କୋଟି ଟଙ୍କା ପଠାଗଲାଣି। ତୃଣମୂଳ ସ୍ତରର ଚାଷୀଙ୍କୁ ସଶକ୍ତୀକରଣ କରିବା ଏହି ଯୋଜନାର ଉଦ୍ଦେଶ୍ୟ।

# ‘ଲୋକଙ୍କ ସେବା, ସୁରକ୍ଷାକୁ ପ୍ରାଥମିକତା’



ବିଦାୟୀ ଡିଜିପି ଅଭୟଙ୍କ ସହ ନବନିଯୁକ୍ତ ଡିଜିପି ସୁନୀଲ କୁମାର ବଂଶଲ କରମର୍ଦ୍ଦନ କରୁଛନ୍ତି।

### ଦାୟିତ୍ୱ ନେଲେ ନୂତନ ଡିଜିପି

କଟକ ଅଫିସ,୩୧।୧୨

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁନୀଲ କୁମାର ବଂଶଲ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଦାୟିତ୍ୱ ଗ୍ରହଣ ଅବସରରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପୂର୍ବତନ ଡିଜିପି ଅଭୟ ତାଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଥିଲେ। ଏହି ଅବସରରେ ବରିଷ୍ଠ ପୋଲିସ ଅଧିକାରୀମାନେ ନୂତନ ଡିଜିପି ବଂଶଲଙ୍କୁ ସ୍ୱାଗତ ଜଣାଇଥିଲେ। ଦାୟିତ୍ୱ ଗ୍ରହଣ ପରେ ନୂତନ ଡିଜିପି ବଂଶଲ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ସେ କହିଛନ୍ତି, ମୋ’ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରସା ରଖି ଗୁରୁଦାୟିତ୍ୱ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଉଛି। ଓଡ଼ିଶାବାସୀଙ୍କୁ ସେବା ଓ ସୁରକ୍ଷା ଯୋଗାଇଦେବା ଉପରେ ପ୍ରାଥମିକତା ରହିବ। ବିଶେଷକରି ରାଜ୍ୟର ଦୁର୍ବଳ, ଅସହାୟ, ଆଦିବାସୀ, ବୟସ୍କ ଓ ମହିଳାଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ଯେଉଁମାନେ ଥାନାକୁ ଆସିପାରୁ ନାହାନ୍ତି, ପୋଲିସ ତାଙ୍କ ପାଖରେ ପହଞ୍ଚିବ। ସେହିପରି ଏବେ ☞ପୃଷ୍ଠା-୭

### ନାର୍କୋଟିକ ଡ୍ରଗ୍ସ ସଂକ୍ରାନ୍ତ ଟାସ୍କଫୋର୍ସ ଅଧକ୍ଷ ହେଲେ ଅଭୟ

**କଟକ ଅଫିସ, ୩୧।୧୨:** ବରିଷ୍ଠ ଆଇପିଏସ୍ ଅଧିକାରୀ ଅଭୟ ଶୁକ୍ରବାର ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ଗ୍ରହଣ କରିଛନ୍ତି। ଏହାପରେ ଅଭୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ନାର୍କୋଟିକ ଡ୍ରଗ୍ସ ସମ୍ପର୍କିତ ଟାସ୍କଫୋର୍ସର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଉକ୍ତ ପଦବୀ ମୁଖ୍ୟ ଶାସନ ସଚିବ ପାହ୍ୟାର ଏବଂ ସେ ମୁଖ୍ୟ ସଚିବଙ୍କ ସମସ୍ତ ସୁବିଧା ଉପଭୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

# ପିଲାଙ୍କୁ ଟିକା: ଆଜିଠୁ ପଞ୍ଜୀକରଣ

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)



ଆସନ୍ତା ୩ ତାରିଖରୁ ରାଜ୍ୟରେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ଟିକା ଦିଆଯିବ। ଏଥିପାଇଁ ଶନିବାରଠାରୁ ପଞ୍ଜିକରଣ ଆରମ୍ଭ ହେବ। ୨୦୦୭ କିମ୍ବା ତା’ ପୂର୍ବରୁ ଯେଉଁ ପିଲା ଜନ୍ମ ହେଇଛନ୍ତି ସେମାନେ କୋଭାକ୍ସିନ ଟିକା ନେବା ପାଇଁ ଯୋଗ୍ୟ ହେବେ। ଯୋଗ୍ୟ ହିତାଧିକାରୀମାନେ କୋୱିନ୍ ପୋର୍ଟାଲରେ ନାମ ପଞ୍ଜିକରଣ କରିବେ। ଆଧାର ନ ଥିଲେ ସ୍କୁଲ ଆଇ କାର୍ଡ ଦେଖାଇ ପିଲାମାନେ ଟିକା ପାଇଁ ପଞ୍ଜିକରଣ କରିପାରିବେ। ଏହି ଟିକାକରଣ ପାଇଁ ସ୍ୱତନ୍ତ୍ର ଟିକା କେନ୍ଦ୍ର ଖୋଲାଯାଇଛି। ସେଠାଠାରେ ଦିନ ତମାମ ଟିକାକରଣ ଚାଲିବ। ଏଥିସହିତ ଯେଉଁ ଟିକା କେନ୍ଦ୍ରଗୁଡ଼ିକ ବର୍ତ୍ତମାନ ରହିଛି, ସେଠାରେ ମଧ ସକାଳ ୮ଟାରୁ ଅପରାହ୍ଣ ୧ଟା ସୁଦ୍ଧା ପିଲାଙ୍କୁ ଟିକା ଦିଆଯିବ। ଅନ୍ୟମାନଙ୍କୁ ଅପରାହ୍ଣ ସମୟରେ ଟିକା ଦିଆଯିବ। ଟିକାକରଣ ସମ୍ପର୍କରେ ଗୁରୁବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଥିଲେ, ଆବଶ୍ୟକ ସ୍ଥଳେ ସ୍କୁଲରେ ବି ଟିକାକରଣ କେନ୍ଦ୍ର ଖୋଲାଯିବ। ଠିକ୍ ସମୟରେ ସମସ୍ତେ ଟିକା ନେଲେ ମାସେ ମଧ୍ୟରେ ୧୫-୧୮ ବର୍ଷ ପିଲାଙ୍କ ଟିକାକରଣ ଶେଷ ହେବ ବୋଲି ସେ କହିଥିଲେ।

# ନୂଆବର୍ଷରୁ ଇ-ଫର୍ମାଟ୍‌ରେ ଡିଏଲ୍, ଆର୍‌ସି

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସ୍ମାର୍ଟ ହେବ। ଶେଷ ହୋଇଯିବ ପେପର ଡକ୍ୟୁମେଣ୍ଟ ଯୁଗ। ନୂଆବର୍ଷରୁ ଇ-ଫର୍ମାଟରେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍), ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ (ଆର୍‌ସି) ମିଳିବ। ଉଭୟ ପୋର୍ଟାଲ ଏବଂ ଆପ୍‌ରୁ ଏହାକୁ ଡାଉନ୍‌ଲୋଡ୍ କରିହେବ। ଡିଏଲ୍ ଓ ଆର୍‌ସି ପାଇଁ ସ୍ମାର୍ଟକାର୍ଡ ପ୍ରସ୍ତୁତ କରୁଥିବା ସଂସ୍ଥା ‘ସ୍ମାର୍ଟ ଚିପ୍ ଲିମିଟେଡ୍ ସହ ରାଜ୍ୟ ସରକାରଙ୍କ ଏ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଡିସେମ୍ବର ୨୧ରୁ ବାଣିଜ୍ୟ ଓ ପରିବହନ ବିଭାଗ ଏ ନେଇ ବିଜ୍ଞପ୍ତି ଜାରି କରିଥିବାବେଳେ ଶନିବାରଠାରୁ ବିଧିବଦ୍ଧ ଭାବେ ଲାଗୁ ହେବ। ତେବେ ପୂର୍ବରୁ ଜାରି ହୋଇଥିବା ପେପର ଡକ୍ୟୁମେଣ୍ଟଭିତ୍ତିକ ସ୍ମାର୍ଟକାର୍ଡ, ଡିଏଲ୍ ଓ ଆର୍‌ସି ବୈଧ ରହିବ। ଦଲାଲ୍‌ଙ୍କ ପ୍ରାଦୁର୍ଭାବ ରୋକିବାକୁ ଏହି ନୂତନ ବ୍ୟବସ୍ଥା ପ୍ରଚଳନ କରାଯାଇଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ସେହିପରି ବିଭାଗୀୟ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି, ନୂଆ ବ୍ୟବସ୍ଥା ଦ୍ୱାରା ଲୋକଙ୍କୁ ବାରମ୍ବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ। ପୂର୍ବରୁ ଡିଏଲ୍, ଆର୍‌ସି ବାବଦ ସ୍ମାର୍ଟକାର୍ଡ ଓ ପେପର ଡକ୍ୟୁମେଣ୍ଟ ଲାଗି ୨୫୦ରୁ ୨୮୦ ଟଙ୍କା ଦେବାକୁ ପଡୁଥିଲା। ଏବେ କେବଳ ସଫ୍ଟୱେର ଖର୍ଚ୍ଚ ବାବଦକୁ ୧୪୦ ଟଙ୍କା ଦେବାକୁ ପଡ଼ିବ। ରାଜ୍ୟ ସରକାରଙ୍କୁ ବାର୍ଷିକ ୨ରୁ ଅଢ଼େଇ କୋଟି ଟଙ୍କାରୁ ଅଧିକ ରାଜସ୍ୱ ମିଳିବ ବୋଲି ସଚିବ ପାଢ଼ୀ କହିଛନ୍ତି।




# ଅରୁଣାଚଳକୁ ନିଜର କହିଲା ଚାଇନା

ବେଜିଂ, ୩୧।୧୨(ପି.ଟି.)




ବିସ୍ତାରବାଦୀ ଚାଇନା ଅରୁଣାଚଳ ପ୍ରଦେଶର ୧୫ ସ୍ଥାନର ନାଁ ବଦଳାଇ ଦେଇଛି। ଭାରତର ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଆଦିମ କାଳରୁ ଚାଇନାର ହୋଇ ରହିଆସିଛି ବୋଲି ଶୁକ୍ରବାର ବେଜିଂ ଦାବି କରିଛି। ତିବ୍ବତର ଦକ୍ଷିଣ ଭାଗ (ଅରୁଣାଚଳ ପ୍ରଦେଶ) ତିବ୍ବତ ସ୍ୱୟଂଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଏବଂ ଏହା ଚାଇନାର ସ୍ୱାଭାବିକ ଅଞ୍ଚଳ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ ଗଣମାଧ୍ୟମକୁ କହିଛନ୍ତି। ସେଠାରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକ ବହୁବର୍ଷ ଧରି ବସବାସ କରୁଛନ୍ତି ଓ ସ୍ଥାନଗୁଡ଼ିକର ଭିନ୍ନ ଭିନ୍ନ ନାଁ ଦେଇଛନ୍ତି। ଉକ୍ତ ଅଞ୍ଚଳର ମାନକୀକୃତ ପରିଚାଳନାର ଉପଯୁକ୍ତ କର୍ତ୍ତୃପକ୍ଷ ଚାଇନା। ଏହା ଚାଇନା ସାର୍ବଭୌମତ୍ୱ ଅନ୍ତର୍ଗତ ବିଷୟ ବୋଲି ଝାଓ କହିଛନ୍ତି।

ଚାଇନାର ଏଭଳି ଉଦ୍ୟମକୁ ଭାରତ ପକ୍ଷରୁ ଗୁରୁବାର ତୀବ୍ର ବିରୋଧ କରାଯାଇଛି। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ନାଁ ବଦଳାଇଦେଲେ ସତ ବଦଳିଯିବ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଗୁରୁବାର କହିଥିଲେ। ୨୦୧୭ ଏପ୍ରିଲରେ ଚାଇନା ଅରୁଣାଚଳ ପ୍ରଦେଶର ୬ଟି ସ୍ଥାନକୁ ନୂଆ ନାଁ ଦେଇଥିଲା। ଏବେ ୧୫ଟି ସ୍ଥାନର ନାଁ ବଦଳାଇ ସେଗୁଡ଼ିକୁ ଚାଇନା ମାନଚିତ୍ରରେ ସେହି ନାଁ ଅନୁସାରେ ଲେଖାଯିବ ବୋଲି ଏହାର ନାଗରିକ ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର ଘୋଷଣା କରିଥିଲା। ଚାଇନା ମାନଚିତ୍ରରେ ଅରୁଣାଚଳ ପ୍ରଦେଶକୁ ଜାଙ୍ଗ୍‌ନାନ୍ ତଥା ଦକ୍ଷିଣ ତିବ୍ବତ ଦର୍ଶାଯାଇଛି। ୨୦୧୭ରେ ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଭାରତ ଗସ୍ତ ପରେ ଚାଇନା ପ୍ରତିଶୋଧ ପରାୟଣ ହୋଇ ଅରୁଣାଚଳର ୬ ସ୍ଥାନର ନାଁ ନିଜ ମାନଚିତ୍ରରେ ବଦଳାଇଥିଲା।

## ମେଷ

ଅନେକ ଆଶା ଭରସା ଓ ସମ୍ଭାବ୍ୟ ସମ୍ଭାବନାକୁ ନେଇ ନୂତନବର୍ଷଟି ଆସିଛି ଖାସ୍ ଆପଣଙ୍କ ପାଇଁ। କେତେ ନୂଆ କାମ କରିବେ, ନୂଆ ଜିନିଷ କିଣିବେ, ନୂଆ ଜାଗା ବୁଲିବେ, ମାଙ୍ଗଳିକ କାର୍ଯ୍ୟର ବନ୍ଧୁଗହଣରେ ଘର ଦୁଲୁକି ଉଠିବ। ନବଜାତକର କୁନି କୁନି ଓଠର କୁଆଁ କୁଆଁ ଧ୍ୱନିରେ ପୁଲକିତ ହେବ ଦେହ, ମନ ଓ ପ୍ରାଣ। ଦେବଗୁରୁ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ସାମାଜିକ ଜୀବନରେ ପ୍ରତିଷ୍ଠାର୍ଜନ କରି ଗୁରୁଗୌରବର ଅଧିକାରୀ ହେବେ। ଅର୍ଥର ପ୍ରାଚୁର୍ଯ୍ୟ ସାଙ୍ଗକୁ ବୈଷୟିକ ସୁଖସମ୍ପଦରେ ଘର ପୂରିଉଠିବ। ଉତ୍ତମ ବୁଝାମଣା ମାଧ୍ୟମରେ ପାରିବାରିକ ଜୀବନ ହେବ ମଧୁମୟ। ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରାର ସୁଯୋଗ ପ୍ରାପ୍ତ ହେବେ। କର୍ମକ୍ଷେତ୍ରରେ ନୂତନ ନିଯୁକ୍ତି ସାଙ୍ଗକୁ ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟିହେବ। କିନ୍ତୁ କଚେରି ମାମଲା, ଋଣ ପରିଶୋଧ, ଜମିଜମା ବିବାଦ ଓ ଭ୍ରାତୃ ସମ୍ପର୍କରେ ନ୍ୟୂନତା ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ। ଅଶ୍ୱିନୀ/ମେଷ- ସମସ୍ତ ପ୍ରକାରର ବାଧା, ବିଘ୍ନ ଓ ପ୍ରତିବନ୍ଧକକୁ ପ୍ରତିହତ କରିପାରିବେ। ବର୍ଷର ଶେଷଭାଗରେ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ବନ୍ଧୁମାନଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ସାଧାରଣ କଥାରେ ଶତ୍ରୁତା, ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି, ବନ୍ଧୁ ବିଚ୍ଛେଦଜନିତ ଦୁଃଖ ଓ ଶୋକ ଉତ୍ପନ୍ନ ହେବାର ଆଶଙ୍କା ରହିଛି। ଦ୍ୱିଜା/ମେଷ ବ୍ୟକ୍ତିଙ୍କ-ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଋଣ ପରିଶୋଧ, ପାରିବାରିକ ସହମତିରେ କାର୍ଯ୍ୟସିଦ୍ଧି, ବନ୍ଧୁମିଳନ, ଯାନବାହନ କ୍ରୟ, ଧର୍ମକାର୍ଯ୍ୟ ସମ୍ପାଦନ ସହ ବିବାଦୀୟ ଘଟଣାର ପରିସମାପ୍ତି ଘଟାଇବେ। ଏହା ସାଙ୍ଗକୁ ସ୍ୱଜନଶତ୍ରୁତା, ଗୃହସୀମା ବିବାଦ, ଧନହାନି, କର୍ମକ୍ଷେତ୍ରରେ ସ୍ଥାନାନ୍ତର ଦୁଶ୍ଚିନ୍ତାର କାରଣ ପାଲଟିଯିବ। କୃତ୍ତିକା/ମେଷ-କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରି ବହୁଜନ ପ୍ରଶଂସିତ ହେବେ। ଦୂରଯାତ୍ରାରେ ସମସ୍ୟା, ସମ୍ପର୍କରେ ନ୍ୟୂନତା, ସ୍ୱାସ୍ଥ୍ୟର ନିୟନ୍ତ୍ରଣରୁ ଆଶ୍ୱସ୍ତିଲାଭ କରିବେ। ସମ୍ମାନ ପ୍ରାପ୍ତି, ନୂତନ ବନ୍ଧୁତା, ଆଧ୍ୟାତ୍ମିକତା, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରୁ ଖୁସି ରହିବେ। ପାରିବାରିକ ଝଡ଼ଝଞ୍ଜା ଓ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଘଟିବ । ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ହେତୁକ ମନ ଉଦ୍‌ବିଗ୍ନ ରହିବ।

## ବୃଷ

ବର୍ଷାରମ୍ଭରୁ ଭାଗ୍ୟାଧିପ ଶନି ଧନାଧିପ ମିତ୍ର ବୁଧଙ୍କ ସହ ଅବସ୍ଥାନ କରି ଆପଣଙ୍କୁ ବୌଦ୍ଧିକ ବିକାଶ, ଅର୍ଥ ସମ୍ପଦ, ନୂତନ ବନ୍ଧୁ ସମ୍ପର୍କ, ଉଚ୍ଚଶିକ୍ଷା ଓ ସନ୍ତାନ ଦିଗରେ ଉନ୍ନତଫଳ ପ୍ରଦାନ କରିବେ। ବୃହସ୍ପତିଙ୍କ ପ୍ରତ୍ୟକ୍ଷଦୃଷ୍ଟି, ନୂତନଗୃହ, ଯାନବାହନ, ଜମିବାଡ଼ି କ୍ରୟ କରିବା ଦିଗରେ ଅନୁପ୍ରେରିତ କରିବ। ଆଂଶିକ କାଳସର୍ପ ଯୋଗ ସୂଚକ ରାହୁ ଜନ୍ମରାଶିରେ ଅବସ୍ଥାନ କରି ମାନସିକ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟା, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ଧନହାନି ସାଙ୍ଗକୁ ଆକସ୍ମିକ କଳହଜନିତ ବନ୍ଧୁ ମନାନ୍ତର କିମ୍ବା ପ୍ରିୟଜନ ବିଚ୍ଛେଦ ଘଟାଇ ପାରନ୍ତି। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନ ଦୁର୍ବିଷହ ହୋଇପଡ଼ିବ। ରାଜନୀତି କ୍ଷେତ୍ରରେ, ଆଇନ ବ୍ୟବସାୟରେ, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କରିବେ। କୃତ୍ତିକା/ବୃଷ-ଜାତ ବ୍ୟକ୍ତିମାନେ କର୍ମ କ୍ଷେତ୍ରରେ ଯଶ ଓ ସମ୍ମାନ ମିଳିଲେ ମଧ୍ୟ ମିଥ୍ୟାରୋପ, ଭିଜିଲାନ୍ସ ଚଢ଼ାଉ, ସ୍ତ୍ରୀଙ୍କ ସହ ସମ୍ପର୍କ ହାନି, ସ୍ଥଗିତ ବିଦେଶ ଯାତ୍ରା, କ୍ଷତିରେ ଚାଲୁଥିବା ବ୍ୟବସାୟ ଓ ବାଣିଜ୍ୟ ସକାଶେ ଚିନ୍ତିତ ରହିବେ। ତଥାପି ବନ୍ଧୁମାନଙ୍କ ପ୍ରେରଣା ଓ ଆନୁଷଙ୍ଗିକ ସହଯୋଗରେ ନୂତନ ଯୋଜନାରମ୍ଭ କରିପାରନ୍ତି। ରୋହିଣୀ/ବୃଷ- ବର୍ଷାରମ୍ଭରେ ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଅର୍ଥ ସଂକଟକୁ ବନ୍ଧୁ ଦୂରେଇ ନେବେ। ଚେଷ୍ଟା କରୁଥିବା କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। କଳା, ସାହିତ୍ୟରେ ସୁନାମ ଅର୍ଜନ କରିବେ। ପରୋକ୍ଷ ଶତ୍ରୁତା, କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା, କୌଣସି ଅଧସ୍ତନ କର୍ମଚାରୀଙ୍କ ବିରୁଦ୍ଧାଚରଣ ଦ୍ୱାରା ସ୍ଥାନାନ୍ତରର ଆଶଙ୍କା ଦେଖାଦେବ। ମୃଗଶିରା/ବୃଷ ରାଶି କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନୃତ୍ୟବାଦ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରବେ। କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ଗବେଷଣାରେ ସୁନାମ, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତରେ ଲୋକପ୍ରିୟତା ଅର୍ଜନ କରିବେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା, ଲୋକ ସମ୍ପର୍କ ବଢ଼ିବ, କୂଟନୀତି ପ୍ରୟୋଗ କରି ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ। ପୁରୁଣା ରୋଗ, ପଡ଼ୋଶୀ ଓ ସହକର୍ମୀଙ୍କ ସହ ଶତ୍ରୁତା, ପରିବାରରେ ମତଭେଦ, ଆକସ୍ମିକ ଦୁର୍ଘଟଣା ଓ ଧନହାନି ଘଟିପାରେ।

## ମିଥୁନ

ଦେବଗୁରୁଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ପ୍ରଭାବରେ ଦୈବୀସମ୍ପଦ ଲାଭକରି ନୂଆବର୍ଷଟି ଉପଭୋଗ୍ୟ ରହିବ। ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟାରୁ ଶାରୀରିକ ସୁସ୍ଥତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟର ଅଭ୍ୟୁଦୟରୁ ଆର୍ଥିକ ଅଭିବୃଦ୍ଧି, ମାନସିକ ଓ ପାରିବାରିକ ଜୀବନକୁ ଋଦ୍ଧିମନ୍ତ କରିବ। ଧର୍ମଭାବରେ ଗୁରୁ ଧାର୍ମିକ, ଆନୁଷ୍ଠାନିକ, ମାଙ୍ଗଳିକ କାର୍ଯ୍ୟକୁ ସମ୍ପାଦନ କରାଇବେ। ନବଜାତ ସନ୍ତାନ, ସାହିତ୍ୟ କୃତି, ସଂସ୍କୃତି ପରମ୍ପରାର ଉତ୍ସବାନୁଷ୍ଠାନ, ମନୋରଞ୍ଜନ କାର୍ଯ୍ୟକ୍ରମ, ସାମାଜିକ ସମ୍ମାନ ପ୍ରଦାନରେ ସହାୟକ ହେବ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ଗବେଷଣାରେ ସୁନାମ, କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତରେ ଲୋକପ୍ରିୟତା ଅର୍ଜନ କରିବେ। ଆକସ୍ମିକ କଳହଜନିତ ପରୋକ୍ଷ ଶତ୍ରୁତା, ସ୍ଥାନାନ୍ତର, ଧନହାନି, ଋଣଗ୍ରସ୍ତ ମାନସିକ ଅଶାନ୍ତିକୁ ଏଡ଼ିପାରିବେନି। ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ପାରିବାରିକ ଜୀବନ ଦୁର୍ବିଷହ ହେବ। ଦୂରଯାତ୍ରାରେ ସମସ୍ୟା, ସମ୍ପର୍କରେ ନ୍ୟୂନତା, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ପଦାଧିକାରୀଙ୍କ ସହ ବୈରତାଜନିତ ମାନସିକ ଅଶାନ୍ତିର ସୂଚନା ରହିଛି। ମୃଗଶିରା/ମିଥୁନ- ପ୍ରତ୍ୟେକ ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ଲାଭ କରିବେ। ନିଶା, ଜୁଆ, କୁସଙ୍ଗରୁ ମିଥ୍ୟାପବାଦ, ପକ୍ଷପାତିତାରୁ ପାରିବାରିକ ବିବାଦ, ଅସାବଧାନତାରୁ ଚୋରି, ପକେଟମାର ହେତୁ ଧନହାନିର ସମ୍ମୁଖୀନ ହୋଇପାରନ୍ତି। ଆର୍ଦ୍ରା/ମିଥୁନ-ବନ୍ଧୁମାନଙ୍କ ପ୍ରେରଣା ଓ ଆନୁଷଙ୍ଗିକ ସହଯୋଗରେ ନୂଆ ଯୋଜନା କରିବେ। ଶିକ୍ଷା, ସନ୍ତାନ, ନୂତନ ସମ୍ପର୍କ ସାଙ୍ଗକୁ ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସି ରହିବେ। କୌଣସି ଅଧସ୍ତନ କର୍ମଚାରୀଙ୍କ ବିରୁଦ୍ଧାଚରଣ ଦ୍ୱାରା ସ୍ଥାନାନ୍ତରର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅପଯଶ ଓ ଶତ୍ରୁତା ସୁଖ୍ୟାତିକୁ ବ୍ୟାହତ କରିବାର ଆଶଙ୍କା ଦେଖାଦେଇପାରେ। ପୁନର୍ବସୁ/ମିଥୁନ- ଆରୋଗ୍ୟଲାଭ, ବନ୍ଧୁମାନଙ୍କ ଆଦର,ପାରିବାରିକ ସୌଖ୍ୟ, ବୈଶ୍ୱିକ ଅଭିବୃଦ୍ଧି, ଧର୍ମକାର୍ଯ୍ୟ, ତୀର୍ଥାଟନ କରିବାର ସୌଭାଗ୍ୟ ଅର୍ଜନ କରିବେ। ଆତ୍ମୀୟଙ୍କ ପ୍ରତାରଣା, ବ୍ୟବସାୟିକ କ୍ଷତି, ପରିବହନରେ ଝଗଡ଼ା, ଯାନବାହନ ଜନିତ ଦୁର୍ଘଟଣା, ଖଳ ଲୋକମାନଙ୍କ ଦ୍ୱାରା ମିଥ୍ୟା ଅଭିଯୋଗ ସାମାଜିକ ଜୀବନକୁ କଳୁଷିତ କରିବାର ସୂଚନା ରହିଛି ।

## କର୍କଟ

ଚଳିତବର୍ଷର ଫଳ ଆପଣଙ୍କ ପାଇଁ ମଧ୍ୟମ ପ୍ରକାରର ରହିବ। ଅଷ୍ଟମସ୍ଥ ବୃହସ୍ପତି ଓ ସପ୍ତମସ୍ଥ ଶନି ଆପଣଙ୍କୁ ଶଯ୍ୟାଶାୟୀ ନ କଲେ ମଧ୍ୟ କ୍ରନିକ୍ ରୋଗରେ ପୀଡ଼ିତ କରାଇବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ। ପାରିବାରିକ ଶାନ୍ତି, ବନ୍ଧୁ ଓ ସହକର୍ମୀଙ୍କ ସହାନୁଭୂତି ଲାଭକରି ଖୁସି ରହିବେ। ସଂଘର୍ଷ ମଧ୍ୟରେ ଦୀର୍ଘଦିନର ଆଶା ଓ ଅଭିଳାଷ ପୂରଣ କରିବା ଦିଗରେ ଚେଷ୍ଟିତ ହେବେ। ନୂତନ ଗୃହ, ଯାନବାହନ, ଭୋଗବିଳାସ, ପ୍ରୀତିଲାଭ, ଅର୍ଥ ପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି, ଆଦୃତି, ସୁଖ ସମ୍ମାନ, ଉଚ୍ଚ ଆଶା ଓ ପରୋପକାର ହେତୁ ପ୍ରଶଂସିତ ହେବେ । ଭୁଲ୍ ବୁଝାମଣାରୁ ବନ୍ଧୁ ସହ କଳହ, ଧନହାନି, ଦୂରଯାତ୍ରା, ସମ୍ପର୍କରେ ନ୍ୟୂନତାଜନିତ ମାନସିକ ଅଶାନ୍ତିର ସୂଚନା ରହିଛି। ରାଜନୀତି ଓ ପ୍ରଶାସନିକ ସ୍ତରରେ ମତଭେଦ ଘଟିପାରେ। ଈର୍ଷାପରାୟଣତା କାରଣରୁ କର୍ମକ୍ଷେତ୍ରରେ ସହକର୍ମୀ ଶତ୍ରୁତା ଆଚରଣ କରିବାର ସୂଚନା ରହିଛ। କଚେରି ମାମଲା ପୂର୍ବଭଳି ରହିବ। ପୁନର୍ବସୁ/କର୍କଟ- କର୍ମକ୍ଷେତ୍ରରେ ଯଶପ୍ରତିଷ୍ଠା, ନିରଙ୍କୁଶ ଶାସନ, କଳା, କାରିଗରି, ଯୋଗସାଧନା, ଆଧ୍ୟାତ୍ମିକତା ଦିଗରେ ଉନ୍ନତମାନର ଫଳପାଇବେ। ନୂତନ ପ୍ରକଳ୍ପାରମ୍ଭ, ଶିଳ୍ପ, ବାଣିଜ୍ୟର ଅଭିବୃଦ୍ଧି ଘଟାଇବେ। ବିବାଦରେ ପଶନ୍ତୁନି, ଧାରକରଜ ଦିଅନ୍ତୁନି, ସ୍ୱଜନଶତ୍ରୁତା କରନ୍ତୁନି, ଅନ୍ୟମନସ୍କ ରହନ୍ତୁନି, ସ୍ୱାସ୍ଥ୍ୟପ୍ରତି ଯତ୍ନବାନ୍ ହୁଅନ୍ତୁ ଦେଖିବେ ସବୁ ଠିକ୍‌ଠିକ୍ ଚାଲିବ । ପୁଷ୍ୟା/କର୍କଟ- ଚଳିତବର୍ଷ ସମସ୍ତ ଝଡଝଞ୍ଜା, ଦୁଃଖଦୈନ୍ୟ, ଅଭାବ ଅସୁବିଧା ଓ ନୈରାଶ୍ୟ ଭିତର ଦେଇ ଗତିକରିବେ। ପାରିବାରିକ ସହମତିରେ କାର୍ଯ୍ୟସିଦ୍ଧି, ନୂତନ ବାଣିଜ୍ୟ, ଉଚ୍ଚଶିକ୍ଷାର ସୁଯୋଗ, ମୂଲ୍ୟବାନ ଦ୍ରବ୍ୟଲାଭ, ସଭା ସମିତିକୁ ଆହ୍ୱାନରୁ ଖୁସି ରହିବେ । ସହକର୍ମୀ ଓ ପ୍ରତିବେଶୀଙ୍କ ଦୌରାତ୍ମ୍ୟ, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ସମ୍ପର୍କରେ ହାନି, କ୍ରନିକ ରୋଗରେ ପୀଡ଼ା ପ୍ରତି ସାବଧାନ ରହିବା ଭଲ । ଅଶ୍ଳେଷା/କର୍କଟ-ନୂଆବର୍ଷଟିରେ ବୌଦ୍ଧିକ ବିକାଶ, ବନ୍ଧୁବତ୍ସଳତା ସହ ଭାବପ୍ରବଣତା ଓ ବୃଥାଚିନ୍ତାରୁ ମନସ୍ତାପ ସୃଷ୍ଟି କରିବେ । ଡାଇବେଟିସ୍, ଆଣ୍ଠୁଅଣ୍ଟା ବ୍ୟଥା, ମାତୃପିତୃପୀଡ଼ା ଓ ସମାଲୋଚନାରୁ ରକ୍ଷା ପାଇବେନି। ସାଧାରଣ କଥାରେ କଳହ, ବିବାଦରେ ମଧ୍ୟସ୍ଥତା କରିବାରୁ ଦୂରେଇ ରହିବା ସହ ଯାନବାହନରେ ସତର୍କ ରହିବା ଭଲ ।

## ସିଂହ

ଆପଣଙ୍କ ରାଶି ସକାଶେ ଗ୍ରହସ୍ଥିତିର ଅପୂର୍ବ ସଂଯୋଗ ନୂତନବର୍ଷର ପ୍ରଥମାର୍ଦ୍ଧ ପାଇଁ ସବୁ ପ୍ରକାରର ସୁଖ, ସମ୍ପଦ, ସମ୍ମାନକୁ ନେଇ ସୌଭାଗ୍ୟପ୍ରଦ ରହିବ। ଶନି ଓ ରାହୁଙ୍କ ଶୁଭତ୍ୱରୁ ଶତ୍ରୁତାର ବିନାଶପୂର୍ବକ ରାଜନୈତିକ ସ୍ଥିତି ସୁଦୃଢ଼ ରହିବ। ଶାରୀରିକ ସୁସ୍ଥତା, ପାରିବାରିକ ସଦ୍ଭାବ, କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ଗୌରବ ସାଙ୍ଗକୁ ଅର୍ଥ ସମ୍ପଦର ପ୍ରାଚୁର୍ଯ୍ୟରେ ଆନନ୍ଦିତ ରହିବେ। ମାଙ୍ଗଳିକ କର୍ମରେ ବନ୍ଧୁମିଳନ, ସାମାଜିକ କ୍ଷେତ୍ରରେ ଲୋକସମ୍ପର୍କ ଓ ଧାର୍ମିକ କାର୍ଯ୍ୟରେ ସହଯୋଗରୁ ପ୍ରଶଂସିତ ହେବେ। ଶୁକ୍ରଙ୍କ ଶୁଭତ୍ୱରୁ କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ସଙ୍ଗୀତାଦି କ୍ଷେତ୍ରରୁ ସୁନାମ ଅର୍ଜନ କରିବେ । ପ୍ରେସ୍, ପବ୍ଲିକେଶନ, ନୂତନ ପ୍ରକଳ୍ପ, କଳ କାରଖାନା, କଳା, ସାହିତ୍ୟ, ଚଳଚ୍ଚିତ୍ର, ଟିଭି ଚ୍ୟାନେଲ୍‌ରୁ ସୁଫଳ ପାଇବେ। ରୋକ୍‌ଠୋକ୍ ଅପ୍ରିୟ ସତ୍ୟ କହିବା, ପ୍ରତିଶୋଧ ପରାୟଣ, ରହସ୍ୟଜନକ କର୍ମ, ସମସ୍ୟା ସୃଷ୍ଟି କରିପାରେ।
ମଘା/ସିଂହ- ଦେବଗୁରୁଙ୍କ ଶୁଭ ଦୃଷ୍ଟିରୁ ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ପ୍ରାପ୍ତ ହେଲେ ମଧ୍ୟ ଚତୁର୍ଥସ୍ଥ କେତୁ ପ୍ରଭାବରେ ସାମୟିକ ମତଭେଦ ସୃଷ୍ଟି କରିବ । ବନ୍ଧୁ ପରିଜନଙ୍କ ନିକଟରୁ କଳହ ଓ ପ୍ରତାରିତ ମଧ୍ୟ ହେବାର ସୂଚନା ରହିଛି। ଯାନବାହନରେ ସମସ୍ୟା, ଅପବ୍ୟୟ, ନୀଚଜନ ବିବାଦ, କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିକୁ ମଧ୍ୟ ଏଡ଼ି ହେବନାହିଁ। ପୂର୍ବା ଫାଲ୍‌ଗୁନୀ/ସିଂହ- ସକାଶେ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ପାରିବାରିକ ସୌଖ୍ୟ, ସ୍ୱାସ୍ଥ୍ୟର ନିୟନ୍ତ୍ରଣରୁ ଆଶ୍ୱସ୍ତିଲାଭ କରିବେ। ଟଙ୍କା ପାଇଁ କାମ ଅଟକିବ ନାହିଁ, କିନ୍ତୁ ଅଭାବ ଲାଗି ରହିବ। ଭଲ କାମକରି ମଧ୍ୟ ନିନ୍ଦା ଶୁଣିବେ । ସନ୍ତାନଙ୍କ ସକାଶେ, ଋଣ ପରିଶୋଧ ପାଇଁ, ଜମିଜମା ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମସ୍ୟାର ସମ୍ମୁଖୀନ ହେବେ। କଳାସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଶାନ୍ତି ଉପୁଜିବ। ଉତ୍ତରା ଫାଲ୍‌ଗୁନୀ/ସିଂହ-ଆର୍ଥିକ ସ୍ଥିତି ଓ କର୍ମକ୍ଷେତ୍ରକୁ ନିୟନ୍ତ୍ରଣରେ ରଖିବେ। ନୂତନ ଗୃହ କ୍ରୟ କରିପାରନ୍ତି। ନୂତନ ପ୍ରକଳ୍ପାରମ୍ଭ, ଗୃହରେ ଶୁଭକାର୍ଯ୍ୟ, ପରୀକ୍ଷାରେ ସଫଳତା ପାଇବେ। ପରୋକ୍ଷ ଶତ୍ରୁତା, ବିବାଦ, ଅସାବଧାନତାରୁ ଧନହାନି, ବନ୍ଧୁରେ କଳହ, ଚୌରଭୟ, ଉଚ୍ଚସ୍ଥାନରୁ ପତନ ପ୍ରତି ସତର୍କ ରହିବା ଭଲ।

## କନ୍ୟା

ଭଲମନ୍ଦ, ସୁଖଦୁଃଖ ପ୍ରଭୃତି ବହୁତ ଉତ୍ଥାନ-ପତନ ମଧ୍ୟରେ ଚଳିତବର୍ଷଟି ମଧ୍ୟମ ପ୍ରକାରର ରହିବ। ପ୍ରଥମ ଚାରିମାସ ପରେ ବୃହସ୍ପତିଙ୍କ ମୀନରାଶିକୁ ଚଳନରୁ ଆର୍ଥିକ ଅଭିବୃଦ୍ଧି, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି, ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ପ୍ରତିଯୋଗିତାରେ ବିଜୟ ଲାଭର ଯୋଗ ରହିଛି। ମାଙ୍ଗଳିକ କାମ ସାଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ବନେଇ ପାରନ୍ତି। ମେଷରାଶିସ୍ଥ ଅଷ୍ଟମ ରାହୁଜନିତ ଚୋରି ହେତୁକ ଧନହାନି, କଳହରୁ ଚିନ୍ତିତ ରହିପାରନ୍ତି। ଶିକ୍ଷା, ସନ୍ତାନଙ୍କ କ୍ଷେତ୍ରରେ ଅସନ୍ତୋଷ ଲାଗି ରହିବ। ଅପ୍ରିୟସତ୍ୟ ଭାଷଣ, ଅଧ୍ୟୟନ ଓ ଅଧ୍ୟାପନାରେ ଅମନଯୋଗିତା, ତରବରିଆ ନିଷ୍ପତ୍ତି ସଂକଟଜନକ ସ୍ଥିତି ଉତ୍ପନ୍ନ କରିବ। ଆତ୍ମୀୟ ସ୍ୱଜନ ବିରୋଧ କରିବେ, କୋର୍ଟ କଚେରି ମାମଲାରେ ମନ ଉଦ୍‌ବେଗ ରହିପାରେ। ବୃଥା ତର୍କ ଓ ବିବାଦରୁ ଦୂରେଇ ରହିବା ଭଲ। ଉତ୍ତରା ଫାଲ୍‌ଗୁନୀ/କନ୍ୟା- ରାଶିର ସ୍ୱାସ୍ଥ୍ୟ ସମସ୍ୟା ପୂର୍ବଭଳି ରହିବ। ପାରିବାରିକ ଜୀବନ ଉଠାପକା ଗତିରେ ଗଡ଼ି ଚାଲିବ। ଦୁର୍ନୀତି ବିରୁଦ୍ଧରେ ଲଢ଼େଇ ବିଭିନ୍ନ ସମସ୍ୟାର କାରଣ ହେବାର ସୂଚନା ରହିଛି । ଅର୍ଥାଗମରେ ବାଧା, କାର୍ଯ୍ୟ ହାସଲରେ ପ୍ରତିବନ୍ଧକ, ପାଖ ପଡ଼ୋଶୀଙ୍କ ବିରୁଦ୍ଧାଚରଣ ଏବଂ ଈର୍ଷା ପରାୟଣ ବ୍ୟକ୍ତିବିଶେଷଙ୍କ ପରୋକ୍ଷ ଶତ୍ରୁତା ମାନସିକ ଶାନ୍ତି ଭଗ୍ନ କରିବ। ହସ୍ତା/କନ୍ୟା- ପାଇଁ କାମଗୁଡିକ ବିଳମ୍ବରେ ସମ୍ପନ୍ନ ହେବାରୁ କ୍ଷୋଭ ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାର୍ଯ୍ୟ, ଗବେଷଣା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରୁ ସୁଫଳ ପାଇବେ। ଏହା ସାଙ୍ଗକୁ ପରିବାରରେ ଭୁଲ୍‌ବୁଝାମଣା ଜନିତ କଳହ, ବନ୍ଧୁସମ୍ପର୍କ ହାନି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସ୍ୱାସ୍ଥ୍ୟହାନି ଏବଂ ବିଭିନ୍ନ ସମସ୍ୟାରେ ନୟାନ୍ତ ହୋଇପାରନ୍ତି। ଚିତ୍ରା/କନ୍ୟା- କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ରଚନାତ୍ମକ କାର୍ଯ୍ୟରୁ, କ୍ରୀଡ଼ା ଚଳଚ୍ଚିତ୍ରରୁ, ସଙ୍ଗୀତ ସମାରୋହରୁ ସୁନାମ ଅର୍ଜନ କରିବେ। ମାଲିମକଦ୍ଦମାରେ ଦୋଷୀସାବ୍ୟସ୍ତ, ମିଥ୍ୟାରୋପରୁ ଦୁଶ୍ଚିନ୍ତା, ଭିଜିଲାନ୍ସ ଚଢ଼ାଉଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟହାନି, ସନ୍ତାନଙ୍କ ବିଶୃଙ୍ଖଳା, ଗୁପ୍ତକଥା ପ୍ରଘଟ, ଅପନିନ୍ଦାର ଆଶଙ୍କା ଦେଖାଦେଇପାରେ।

## ତୁଳା

ଆପଣଙ୍କ ରାଶି ପାଇଁ ପଞ୍ଚମଭାବସ୍ଥ ବୃହସ୍ପତି ଓ ସ୍ୱଗୃହୀ ଗଣତନ୍ତ୍ରର ପ୍ରତୀକ ଶନି ଗତବର୍ଷରୁ ଦେଉଥିବା ଶୁଭଫଳକୁ ଚଳିତବର୍ଷ ଏପ୍ରିଲ ମାସ ପର୍ଯ୍ୟନ୍ତ ବଳବତ୍ତର ରଖିବେ। କର୍ମକ୍ଷେତ୍ରରେ ଯଶ, ସମ୍ମାନ, ପ୍ରତିଷ୍ଠା, ଲୋକାଭିମୁଖୀ କର୍ମ ହେତୁ ପ୍ରଶଂସିତ ଓ ସମ୍ବର୍ଦ୍ଧିତ ମଧ୍ୟ ହେବେ। କିନ୍ତୁ ଅଷ୍ଟମସ୍ଥ ରାହୁ ଆପଣଙ୍କୁ ବିଶେଷ ଭ୍ରମଣ, ବିଭିନ୍ନ ସମସ୍ୟାର ସାମ୍ନା କରାଇବ। ଆର୍ଥିକ ସ୍ଥିତିରେ ନ୍ୟୂନତା ରହିବନି। ଭ୍ରାତୃ ସମ୍ପର୍କରେ ଉନ୍ନତି ସାଙ୍ଗକୁ ପାରିବାରିକ ସ୍ଥିତି ପୂର୍ବଭଳି ରହିବ। ଶିଳ୍ପ, ବାଣିଜ୍ୟ, ପରିବହନ, ନୂତନ ପ୍ରକଳ୍ପାରମ୍ଭରେ ସଫଳତା ପାଇବେ। ନୂତନଗୃହ, ଯାନବାହନ ଲାଭ ଯୋଗ ରହିଛି। ଈର୍ଷା ପରାୟଣ ବ୍ୟକ୍ତିମାନଙ୍କ ପରୋକ୍ଷ ଶତ୍ରୁତା କାରଣରୁ, ସହକର୍ମୀଙ୍କ ବିରୁଦ୍ଧାଚରଣଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ସ୍ୱାସ୍ଥ୍ୟହାନି ଏବଂ ସନ୍ତାନଙ୍କ ବୈବାହିକ ସମସ୍ୟାରେ ଚିନ୍ତିତ ରହିବେ। ଅପ୍ରିୟ ସତ୍ୟଭାଷଣ, ଅନ୍ୟମନସ୍କତା, ଯାନବାହନରେ କ୍ଷତି, ତରବରିଆ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିପାରେ। ଆତ୍ମୀୟ ସ୍ୱଜନ ବିରୋଧ କରିବେ, କୋର୍ଟ କଚେରି ମାମଲାରେ ମନ ଉଦ୍‌ବେଗ ରହିପାରେ।
ଚିତ୍ରା/ତୁଳା- ସ୍ୱାସ୍ଥ୍ୟ ଓ କର୍ମକ୍ଷେତ୍ରରେ ବିଶେଷ ଅସୁବିଧା ରହିବନାହିଁ। ପାରିବାରିକ ମତଭେଦ, ଆତ୍ମୀୟଙ୍କ ଅପପ୍ରଚାର, ପରୋକ୍ଷଶତ୍ରୁତା ଦୁଶ୍ଚିନ୍ତାର କାରଣ ହେବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ତଥା କଚେରିମାମଲାରେ ଧନକ୍ଷୟ ଓ ଯଶ, ସମ୍ମାନହାନି ଘଟିପାରେ । ସ୍ୱାତୀ/ତୁଳାର ପାରିବାରିକ ଜୀବନ ଉଠାପକା ଗତିରେ ଗଡ଼ି ଚାଲିବ। ସାମାଜିକ ସ୍ତରରେ ନିର୍ଭୀକତା, ସତ୍ୟାନୁଗାମୀ, ଦୁର୍ନୀତି ବିରୁଦ୍ଧରେ ଲଢ଼େଇକରି ପ୍ରଶଂସିତ ହେବେ। ଅର୍ଥାଗମରେ ବାଧା, କାର୍ଯ୍ୟ ହାସଲରେ ପ୍ରତିବନ୍ଧକ, ପାଖ, ପଡ଼ୋଶୀଙ୍କ ବିରୁଦ୍ଧାଚରଣ ଏବଂ ଈର୍ଷା ପରାୟଣ ବ୍ୟକ୍ତିବିଶେଷଙ୍କ ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ବିଶାଖା/ତୁଳା- କଳା, ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାର୍ଯ୍ୟ, ଗବେଷଣା, ପ୍ରକାଶନ ଓ ପ୍ରଶାସନ କ୍ଷେତ୍ରରୁ ସୁଫଳ ପାଇବେ । ବ୍ୟବସାୟରେ ପୁଞ୍ଜିଲଗାଣ କରିପାରନ୍ତି। ପୁରୁଣା ଗୃହ, ଗାଡି, ମୋଟରର ନବୀକରଣ କରିବେ। ସ୍ୱାସ୍ଥ୍ୟହାନି, ସ୍ୱଜନ ଶତ୍ରୁତା, ପରିବାରରେ କଳହ, ଧର୍ମକାର୍ଯ୍ୟରେ ବାଧା ଉପୁଜିପାରେ।

## ବିଛା

ରାଶିଚକ୍ରର କେତୁ ଓ ରାହୁ ମଧ୍ୟସ୍ଥ ଗ୍ରହସ୍ଥିତି କେତେକ ବ୍ୟତିକ୍ରମ ମଧ୍ୟରେ ଶୁଭଫଳ ପ୍ରଦାନ କରିବ। ବର୍ଷାରମ୍ଭରୁ ସ୍ୱଗୃହୀ ମଙ୍ଗଳ କବନ୍ଧଗ୍ରହ ଯୁକ୍ତ ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ଔଷଧ ଏବଂ ଡାକ୍ତରଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ। ଋଣ ପରିଶୋଧ କରିପାରିବେ। ଦୂରେଇ ଯାଇଥିବା ବନ୍ଧୁ ପାଖେଇ ଆସିବେ। ନୂତନ ସମ୍ପର୍କ ସ୍ଥାପନ, ପାରିବାରିକ ସୌଖ୍ୟ, ନୂତନ କର୍ମସଂସ୍ଥାନ, ବ୍ୟବସାୟିକ ସଫଳତା, ମାଲି ମକଦ୍ଦମାରେ ବିଜୟ ପ୍ରାପ୍ତି, ଗୃହରେ ମାଙ୍ଗଳିକ କର୍ମ କରିପାରନ୍ତି। କ୍ରୀଡା, କାରିଗରି, ନୂତନ ପ୍ରକଳ୍ପାରମ୍ଭ, ହୋଟେଲ ଶିଳ୍ପ, ଜଳଜାତ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହେବେ । ସଭାସମିତିରେ ସମ୍ମାନ, ଆନୁଷ୍ଠାନିକ କାମରେ ସାହାଯ୍ୟ ପ୍ରାପ୍ତି ଘଟିବ। କର୍ମକ୍ଷେତ୍ରରେ ମତପାର୍ଥକ୍ୟ ଓ ପରିବାରରେ ଭୁଲ୍ ବୁଝାମଣା, ଘାତ ପ୍ରତିଘାତ, ବାଧା, ବିଘ୍ନ ଓ ପ୍ରତିବନ୍ଧକ, ବିବାହ କାମରେ ସମସ୍ୟା, ଆତ୍ମୀୟ ସ୍ୱଜନଙ୍କ ବିପକ୍ଷ, ସନ୍ତାନଙ୍କ ବିଶୃଙ୍ଖଳା ଜନିତ ସମସ୍ୟା ଦେଖାଦେବ। ବିଶାଖା/ବିଛା- କର୍ମକ୍ଷେତ୍ରରେ ଉଦ୍ୟମ, ସାହସ, ଧୈର୍ଯ୍ୟ ଓ ଦୃଢ଼ ମନୋବଳ ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଶେୟାର ବଜାରରେ ପୁଞ୍ଜି ଲଗାଣ, କଳକାରଖାନାର ଆଧୁନିକୀକରଣ, ଶ୍ରମଭିତ୍ତିକ କାର୍ଯ୍ୟରେ ସଫଳତା ମିଳିବ। କଳା, କ୍ରୀଡ଼ା, ଚଳଚ୍ଚିତ୍ରରେ ସୁନାମ ଓ ଯଶଖ୍ୟାତି ଲାଭ କରିବେ। ସ୍ୱାସ୍ଥ୍ୟହାନି, ମିତ୍ରବନ୍ଧୁ ବିରୋଧ, ସନ୍ତାନଙ୍କ ସକାଶେ, ଋଣପରିଶୋଧ ପାଇଁ, ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା, ଆତ୍ମୀୟଙ୍କ ବେଖାତିର ମନୋଭାବ ଓ ପାରିବାରିକ ମତାନ୍ତର ମାନସିକ ଅଶାନ୍ତିର କାରଣ ହେବ। ଅନୁରାଧା/ବିଛା- ଆଳସ୍ୟ ଓ ଅବହେଳାଜନିତ ସ୍ୱାସ୍ଥ୍ୟ ଏବଂ କର୍ମହାନି ଘଟିବ । ଅପବ୍ୟୟ, ପରୋକ୍ଷ ସମାଲୋଚନା, ଆତ୍ମୀୟଙ୍କ ଅନାଦର, ବୃଥାଭ୍ରମଣ ଓ ପାରିବାରିକ ମତାନ୍ତରରୁ ଚିନ୍ତିତ ରହିବେ। ଜ୍ୟେଷ୍ଠା/ବିଛା- କର୍ମକ୍ଷେତ୍ରରେ ନୂତନନିଯୁକ୍ତି ସହ ସମ୍ମାନିତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନଙ୍କ ସହ କଳହ, ଚୌରଭୟ, ପଶୁହାନି, କୃଷିବାଣିଜ୍ୟରେ ସମସ୍ୟା, ପ୍ରେମ ସମ୍ପର୍କରୁ ନିନ୍ଦିତ ହେବେ। ସହକର୍ମୀଙ୍କ ସହ ଯୁକ୍ତିତର୍କ, ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ, କ୍ରନିକ୍ ରୋଗଜନିତ ସ୍ୱାସ୍ଥ୍ୟହାନି ଓ ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

## ଧନୁ

ବର୍ଷାରମ୍ଭରୁ ବୃହସ୍ପତି ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ବର୍ଷଟି ସୌଭାଗ୍ୟପ୍ରଦ ରହିବ। ଶନିଙ୍କ ପ୍ରଭାବରୁ ଆର୍ଥିକ ଅଭିବୃଦ୍ଧି ଘଟିବ। ଷଷ୍ଠସ୍ଥ ରାହୁ ଶତ୍ରୁନାଶ, ଋଣ ପରିଶୋଧ, ସମସ୍ୟା ସମାଧାନ, ରାଜନୈତିକ ପ୍ରତିଷ୍ଠା ପ୍ରଦାନ କରିବେ। ମୀନରାଶିକୁ ବୃହସ୍ପତି ଚଳନ ପରେ ନୂତନଗୃହ, ଯାନବାହନ, ଜମିଜମା, ମାଙ୍ଗଳିକ କାର୍ଯ୍ୟ ଜନସମ୍ପର୍କ ସୃଷ୍ଟି ହୋଇପାରିବ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ମିତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ, ପାରିବାରିକ ସ୍ନେହଶ୍ରଦ୍ଧା, ବ୍ୟବସାୟିକ ସଫଳତା ପାଇବେ। ଶିକ୍ଷା, ଗବେଷଣା ଓ ରଚନାତ୍ମକ କାମରେ ପ୍ରତିଷ୍ଠାର୍ଜନ କରିବେ। ସନ୍ତାନ ହେତୁକ ଗର୍ବ ଓ ଗୌରବ ଅନୁଭବ ପ୍ରାପ୍ତି ହେବ। ପରୋକ୍ଷ ଶତ୍ରୁତା, ସହକର୍ମୀଙ୍କ ଅସହଯୋଗ, ଖଳ ଲୋକମାନଙ୍କ ଅପବାଦ, ଯାନବାହନରେ ତ୍ରୁଟି, ବିଚ୍ୟୁତି, କଚେରି ମାମଲାରେ ସାମୟିକ ଦୁଶ୍ଚିନ୍ତାରୁ ରକ୍ଷା ପାଇପାରିବେନି। ମୂଳା/ଧନୁ- ବ୍ୟକ୍ତିବିଶେଷ ଅଟକି ରହିଥିବା କାମଗୁଡିକୁ ପୂର୍ଣ୍ଣାଙ୍ଗ କରିପାରିବେ। ବୈଷୟିକ ଅଭିବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ପଦୋନ୍ନତି, ବନ୍ଧୁ ପରିସର ବୃଦ୍ଧି ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରୁ ସୁନାମ ମିଳିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ଅପଦସ୍ଥ ହେବେ। ପୂର୍ବାଷାଢ଼ା/ଧନୁ- ଆପଣ ବନ୍ଧୁ ପାଇଁ ତ୍ୟାଗ ସ୍ୱୀକାର କରିବେ, ମାତ୍ର ପ୍ରତିଦାନ ପାଇବେ ନାହିଁ । ଅନ୍ୟାୟର ପ୍ରତିରୋଧ କରିବେ, କିନ୍ତୁ ସମର୍ଥନ ମିଳିବନି। କ୍ରନିକରୋଗରେ ପୀଡିତ ହେବେ, କିନ୍ତୁ ଶଯ୍ୟାଶାୟୀ ହେବେନି। ପାରିବାରିକ ଅଶାନ୍ତି, ଆର୍ଥିକ ଦୁରବସ୍ଥା, ସ୍ୱଜନ ଶତ୍ରୁତା, ଅପଯଶ ଓ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡିବେ। ଉତ୍ତରାଷାଢ଼ା/ଧନୁ- ପାରିବାରିକ ଶାନ୍ତି, ସମସ୍ୟା ସମାଧାନ, କାର୍ଯ୍ୟ ସାଧନ, ଧର୍ମକାର୍ଯ୍ୟରେ ଯୋଗ, ଏହାସାଙ୍ଗକୁ ପରିବାରରେ ଭୁଲ୍‌ବୁଝାମଣା ଜନିତ କଳହ, ବନ୍ଧୁସମ୍ପର୍କ ହାନି, ବିଦେଶ ଯାତ୍ରା, ତୀର୍ଥାଟନ, ଭୋଗବିଳାସ, ନୂତନ ନିଯୁକ୍ତିରୁ ଖୁସି ରହିବେ। ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବାକୁ ପଡିବ। ଅର୍ଥଦ୍ରବ୍ୟ ହାନି, ବନ୍ଧୁଙ୍କ ପ୍ରତାରଣା, ମିଥ୍ୟାପବାଦ, ଯାନବାହନରୁ ପତନ, ସ୍ମରଣ ଶକ୍ତିର ହ୍ରାସ, ଆକସ୍ମିକ ସ୍ଥାନାନ୍ତର ଓ କଚେରି ମାମଲା, ଜମିଜମା, ଗୃହସୀମା ବିବାଦ ବୃଦ୍ଧିର ସମ୍ଭାବନା ରହିଛି।

## ମକର

କ୍ଷେତ୍ରବାସୀ ଶନିଶ୍ଚରଙ୍କ ପ୍ରଭାବରେ, ସ୍ନେହପୂର୍ଣ୍ଣବନ୍ଧୁତ୍ୱ, ବୈବାହିକ କାର୍ଯ୍ୟ, ଅଭିଳଷିତ କାର୍ଯ୍ୟସିଦ୍ଧିରେ ଜୀବନଯାତ୍ରା ହେବ କୁସୁମିତ। ବିବାଦୀୟ ପରିସ୍ଥିତିରେ ବିଜୟୀ ହେବେ। ସାଙ୍ଗଠନିକ ଓ ରାଜନୈତିକ ସ୍ଥିତି ସୁଦୃଢ଼ ରହିବ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବାନୁଷ୍ଠାନରୁ ସମ୍ମାନିତ ହେବେ। ଶିଳ୍ପ, ରପ୍ତାନି ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ପ୍ରକାଶନ ଓ ପ୍ରଶାସନିକ ସ୍ଥିରତା ଆସିବ। କିନ୍ତୁ ରାହୁଙ୍କ ଦୋଷରୁ ଭୁଲ୍ ବୁଝାମଣା, ପରିବାର ଭିତରେ ଅଶାନ୍ତି, ଜମିଜମା ବିବାଦ, ଯାନ ବାହନରେ ସମସ୍ୟା ଓ ବନ୍ଧୁମାନଙ୍କ ସହ ସାମୟିକ ଝଗଡ଼ା ମଧ୍ୟ ସୃଷ୍ଟି ହେବାର ସୂଚନା ବିଦ୍ୟମାନ। ଯାନବାହନରେ ଯାତ୍ରା ସମୟରେ ଅନ୍ୟମନସ୍କତା ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ। ଯାନବାହନରେ କ୍ଷତି ଏବଂ ତରବରିଆ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିପାରେ। ପ୍ରିୟବ୍ୟକ୍ତିଙ୍କୁ ହରାଇ ମାନସିକ ଅସ୍ଥିରତା ଅନୁଭବ କରିବାକୁ ପଡ଼ିପାରେ। ଉତ୍ତରାଷାଢ଼ା/ମକର ରାଶିର ବ୍ୟକ୍ତିମାନେ ନୂତନ ଗୃହ, ଯାନବାହନ କ୍ରୟ , ଚାକିରିରେ ନୂତନ ଅଫର୍ ପାଇବେ। ବିଦେଶ ଯାତ୍ରା, ତୀର୍ଥାଟନ ଯୋଗ ରହିଛି । ମାତ୍ର ପରିବହନ ଓ ମାଲିମକଦ୍ଦମା କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ନିଜର ଲୋକମାନେ ଶତ୍ରୁତା କରିବେ। ରୋଗପୀଡ଼ା ସାମୟିକ ଦାଉ ସାଧିପାରେ। ଶ୍ରବଣା/ମକର ନୂତନ କର୍ମ ନିଯୁକ୍ତି, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରରେ ସଫଳତା ପାଇବେ। ଗୃହରେ ଶୁଭ ମଙ୍ଗଳ କାମ କରିବେ। ପ୍ରେମ ପ୍ରଣୟରେ ପ୍ରତାରଣା, ପରିବାରରେ କଳହ, ବନ୍ଧୁ, ପଡ଼ୋଶୀଙ୍କ ସହ ମତାନ୍ତର, ପୁରାତନ ରୋଗରେ ପୀଡ଼ା, ବିନା କାରଣରେ ସମ୍ପର୍କ ଛିନ୍ନ ହେବାର ଆଶଙ୍କା ରହିଛି। ଧନିଷ୍ଠା/ମକର- ପାରିବାରିକ ଓ କର୍ମକ୍ଷେତ୍ରରେ ଜଟିଳ ସ୍ଥିତି ଦୂରେଇ ଯିବ। ଶିକ୍ଷା, ଗବେଷଣା ଓ ରଚନାତ୍ମକ କାମରେ ପ୍ରତିଷ୍ଠାର୍ଜନ କରିବେ। ସନ୍ତାନ ହେତୁକ ଗର୍ବ ଓ ଗୌରବ ଅନୁଭବ ପ୍ରାପ୍ତି ହେବ। ବିବାହ କାମରେ ସମସ୍ୟା, ଆତ୍ମୀୟ ସ୍ୱଜନଙ୍କ ବିପକ୍ଷ, ସହକର୍ମୀଙ୍କ ପ୍ରତାରଣା, ସ୍ୱଜନ ଶତ୍ରୁତା, କାମରେ ପ୍ରତିରୋଧ ଓ ପ୍ରତିବନ୍ଧକ, ଭ୍ରାତୃବିବାଦ, କଳହ, ରାଜନୈତିକ ଆକ୍ରୋଶଜନିତ ଚାକିରିରେ ବଦଳିର ସୂଚନା ରହିଛି। ସନ୍ଦେହ, ଭୁଲ୍ ବୁଝାମଣା, ସ୍ୱାର୍ଥପରତା, ପାରିବାରିକ ଜୀବନକୁ କଳୁଷିତ କରିବ।

## କୁମ୍ଭ

ବର୍ଷସାରା ବୃହସ୍ପତି କେନ୍ଦ୍ର ଓ ଧନଭାବରେ ରହି ଶାରୀରିକ ସୁସ୍ଥତା, ଆର୍ଥିକ ପ୍ରଗତି, ପାରିବାରିକ ପ୍ରୀତି ଓ ନୂତନମୈତ୍ରୀ ସୃଷ୍ଟି କରିବାରେ ସହାୟକ ହେବେ। କଳା, ସାହିତ୍ୟ, ସଂସ୍କୃତିରେ ସାମାଜିକ ସମ୍ମାନ ପାଇବେ। ଶନି ଓ ରାହୁଙ୍କ କୁପ୍ରଭାବରୁ ଖଳଲୋକଙ୍କ କୁମନ୍ତ୍ରଣାରେ ଭଲ ସମ୍ପର୍କ ଥିବା ବନ୍ଧୁମାନେ ଶତ୍ରୁ ପାଲଟିଯିବେ। ରାଜଦଣ୍ଡର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମନସ୍କ କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇପାରନ୍ତି। କ୍ରନିକ୍ ରୋଗ, ପାରିବାରିକ ଦୋଷ ଦୁର୍ବଳତା, ସନ୍ତାନଙ୍କ ସମସ୍ୟା ଓ ଖଳ ଲୋକମାନଙ୍କ ଈର୍ଷା ଓ ଅସୂୟାର ପ୍ରତିଫଳନ ମଧ୍ୟ ଦେଖିବାକୁ ପାଇବେ। ଧନିଷ୍ଠା/କୁମ୍ଭ- କର୍ମ ପରିସର ବୃଦ୍ଧି ପାଇବା ହେତୁ ସ୍ଥିରତା ରହିବ ନାହିଁ । ଶିକ୍ଷା, ଗବେଷଣା ଓ ରଚନାତ୍ମକ କାମରେ ପ୍ରତିଷ୍ଠାର୍ଜନ କରିବେ। ସନ୍ତାନ ହେତୁକ ଗର୍ବ ଓ ଗୌରବ ଅନୁଭବ ପ୍ରାପ୍ତି ହେବ। ସାମୟିକ ସମସ୍ୟା, ଅର୍ଥାଭାବ, ନିକଟ ସମ୍ପର୍କୀୟମାନଙ୍କ ବିରୁଦ୍ଧାଚରଣ, କାର୍ଯ୍ୟହାନି ଓ ମନସ୍ତାପ ମଧ୍ୟ ଲାଗି ରହିବ । ପାରିବାରିକ କଳହ ସାଙ୍ଗକୁ ଆତ୍ମୀୟସ୍ୱଜନ ଅପପ୍ରଚାର କରିପାରନ୍ତି । ସାହିତ୍ୟ, ସଙ୍ଗୀତରୁ ପ୍ରଶଂସା, ଆଇନ ଅଦାଲତରେ ସଫଳତା ପାଇବେ। ଶତଭିଷା/କୁମ୍ଭ- କାମ ହାସଲ ପାଇଁ କଠିନ ଶ୍ରମ କରିବାକୁ ପଡ଼ିବ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। ସ୍ଥିର ଭାବରେ ଗୋଟିଏ ସ୍ଥାନରେ ରହି ପାରିବେ ନାହିଁ। ବନ୍ଧୁଙ୍କ ଉପରୁ ବିଶ୍ୱାସ ହରାଇବେ। ଭିଜିଲାନ୍ସ କବଳରେ ପଡିପାରନ୍ତି। ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବାକୁ ପଡ଼ିପାରେ। ଶାରୀରିକ ସୁସ୍ଥତା, ପାରିବାରିକ ସଦ୍ଭାବ, କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ଗୌରବ ସାଙ୍ଗକୁ ଅର୍ଥସମ୍ପଦର ପ୍ରାଚୁର୍ଯ୍ୟରେ ଆନନ୍ଦିତ ରହିବେ। ଆନୁଷ୍ଠାନିକ ଓ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ପୂର୍ବଭାଦ୍ରବ/କୁମ୍ଭ- ଆପଣଙ୍କ କଥା ଓ କାମର ଓଜନ ବଢ଼ିଯିବ। ଜମିଜମା ବିବାଦ, କଚେରି ମାମଲା, ବିବାହ କାର୍ଯ୍ୟରେ ବିଶୃଙ୍ଖଳା, ଖଳ ଲୋକଙ୍କ ପ୍ରରୋଚନାରୁ ଘଟିପାରେ। ସନ୍ତାନଙ୍କ ସକାଶେ, ଋଣ ପରିଶୋଧ ପାଇଁ, ଜମିଜମା ବିବାଦ ଓ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ। ବେଳକାଳ ଉଣ୍ଡି ଶତ୍ରୁମାନେ ଦାଉ ସାଧିପାରନ୍ତି। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର, ସହକର୍ମୀଙ୍କ ବିରୋଧ, ସ୍ଥାନାନ୍ତର ଓ ବନ୍ଧୁ ବିଚ୍ଛେଦଜନିତ ଶୋକାକୁଳ ହୋଇପାରନ୍ତି।

## ମୀନ

ବର୍ଷଫଳ ମଧ୍ୟମ। କର୍ମକ୍ଷେତ୍ର ଉଠାପକା ମଧ୍ୟରେ ଗତିଶୀଳ ହେବ। ଆରୋଗ୍ୟ ଲାଭ, ମାଙ୍ଗଳିକ କାର୍ଯ୍ୟ, ନୂତନଗୃହ, ଯାନବାହନାଦି ପ୍ରାପ୍ତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଲଢୁଥିବା କେଶ୍, ପାଉ ନ ଥିବା ପ୍ରାପ୍ୟ ଅନାୟାସରେ ମିଳିଯିବ। କଚେରି ମାମଲାରେ ଜୟଯୁକ୍ତ ହେବେ। ସଭାସମିତିରେ ସମ୍ମାନିତ ହେବେ। ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଗବେଷଣାରେ ସୁନାମ ପାଇବେ। ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ସ୍ଥାପିତ ହେବ। କିନ୍ତୁ ଶନିଙ୍କ ଦୋଷରୁ କ୍ରନିକ୍ ରୋଗ, ପାରିବାରିକ ଦୋଷ ଦୁର୍ବଳତା, ସନ୍ତାନଙ୍କ ସମସ୍ୟା ଓ ଖଳ ଲୋକମାନଙ୍କ ଈର୍ଷା ଓ ଅସୂୟାର ପ୍ରତିଫଳନ ମଧ୍ୟ ଦେଖିବାକୁ ପାଇବେ। ପୂର୍ବଭାଦ୍ରବ/ମୀନ-କର୍ମ ପରିସର ବୃଦ୍ଧି ପାଇବା ହେତୁ ସ୍ଥିରତା ରହିବ ନାହିଁ । ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବାକୁ ପଡିବ। ଋଣ ପରିଶୋଧ କରିବାରେ ବିଫଳ ହେବ। ବେଳକାଳ ଉଣ୍ଡି ଶତ୍ରୁମାନେ ଦାଉ ସାଧିପାରନ୍ତି। ସାମୟିକ ସମସ୍ୟା, ଅର୍ଥାଭାବ, ନିକଟ ସମ୍ପର୍କୀୟମାନଙ୍କ ବିରୁଦ୍ଧାଚରଣ, କାର୍ଯ୍ୟହାନି ଓ ମନସ୍ତାପ ମଧ୍ୟ ଲାଗି ରହିବ । ଉତ୍ତର ଭାଦ୍ରବ/ମୀନ- ବର୍ଷର ପୂର୍ବାର୍ଦ୍ଧ କାର୍ଯ୍ୟସିଦ୍ଧି, ଆର୍ଥିକ ଅଭିବୃଦ୍ଧି, ବିବାଦର ସମାଧାନ, ଜମିଜମା ଲାଭ, ବ୍ୟବସାୟିକ ସଫଳତା ପ୍ରାପ୍ତି ହେବ । ଶେଷଭାଗରେ ରୋଗପୀଡ଼ା, ସ୍ଥାନାନ୍ତର, ଆତ୍ମୀୟସ୍ୱଜନଙ୍କ ବିରୁଦ୍ଧାଚରଣ ଓ ପାରିବାରିକ କଳହ ଦେଖାଦେଇପାରେ। ତଥାପି ସାହିତ୍ୟ, ସଙ୍ଗୀତରୁ ପ୍ରଶଂସା, ଆଇନ ଅଦାଲତରେ ସଫଳତା ପାଇବେ। ରେବତୀ/ମୀନ- ଆନୁଷ୍ଠାନିକ ଓ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ପ୍ରତିରୋଧର ସାମ୍ନା କରି ସଫଳତା ହାସଲ କରିବେ। ଶିକ୍ଷାରେ ଅଗ୍ରଗତି, ସନ୍ତାନଙ୍କ ବିବାହ କାର୍ଯ୍ୟ, ନୂତନ ଗୃହୋପକରଣ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର କ୍ରୟ କରିପାରନ୍ତି। ସ୍ତ୍ରୀଙ୍କ ସହ ମତାନ୍ତର ଓ ସହକର୍ମୀଙ୍କ ବିରୋଧରୁ ସମସ୍ୟା ବଢ଼ିବ, ସ୍ଥାନାନ୍ତର ସ୍ଥଗିତ ରହିବ। ବନ୍ଧୁ ବିଚ୍ଛେଦଜନିତ ଶୋକାକୁଳ ହୋଇପାରନ୍ତି ।
ବି.ଦ୍ର.- (ପ୍ରତ୍ୟେକ ରାଶିର ରାଶିଫଳ ସହ ନକ୍ଷତ୍ର ଭିତ୍ତିକ ରାଶିଫଳ ସ୍ୱତନ୍ତ୍ର ଭାବରେ ଅନୁଭୂତ ହେବ ) ଜୟ ଜଗନ୍ନାଥ, ନବବର୍ଷ ଶୁଭଂ ଭବତୁ।

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମୋ-୯୭୭୮୦୧୮୪୫ mail: pkmahapatro@gmail.com

# ୫ କୋଟି ଟପିଲା ଟିକାକରଣ

## ଦିନକରେ ୨୨୮ ଆକ୍ରାନ୍ତ, ଖୋର୍ଦ୍ଧାରୁ ଶହେରୁ ଊର୍ଦ୍ଧ୍ୱ



ଭୁବନେଶ୍ୱର, ୩୧।୧୨(ବ୍ୟୁରୋ) ଟିକାକରଣ କ୍ଷେତ୍ରରେ ଓଡ଼ିଶାକୁ ଆଉ ଏକ ସଫଳତା ମିଳିଛି। ରାଜ୍ୟରେ ଟିକାକରଣ ୫ କୋଟି ଡୋଜ୍ ଟପିଛି। ଏ ନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ଏହି ସଫଳତା ପାଇଁ ସମସ୍ତ କୋଭିଡ୍ ଯୋଦ୍ଧାଙ୍କୁ ବିଭାଗ ଶୁଭେଚ୍ଛା ଜଣାଇଛି। ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି କହିଛି, ଶୁଭେଚ୍ଛା ଓଡିଶା ! ରାଜ୍ୟରେ ଟିକାକରଣ ୫ କୋଟି ଡୋଜ୍ ଟପିଛି। ଏଥିପାଇଁ ଆମର ସମସ୍ତ କୋଭିଡ୍ ଯୋଦ୍ଧାଙ୍କୁ ସାଲ୍ୟୁଟ୍। ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କ ଦିନରାତି ପରିଶ୍ରମ ଫଳରେ ଓଡ଼ିଶା ଏହି ସଫଳତା ପାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ରାଜ୍ୟରେ ଏବେ ଓମିକ୍ରନ୍ ଭୟ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ଟିକାକରଣ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତ ରଖୁଛନ୍ତି। ଏହାରି ଭିତରେ ରାଜ୍ୟରେ ଟିକାକରଣ ୫ କୋଟି ଡୋଜ୍ ଟପିବା ଆଶ୍ୱସ୍ତି ଦେଇଛି। ସେପଟେ ରାଜ୍ୟରେ ଏବେ ଟିକାକରଣ ଏକ ମାଇଲ୍‌ଷ୍ଟୋନ୍ ଅତିକ୍ରମ କରୁଥିବାବେଳେ କୋଭିଡ୍ ସଂକ୍ରମଣ ବୃଦ୍ଧି ଚିନ୍ତାର ବିଷୟ ପାଲଟିଛି। ଗତ ୨୪ଘଣ୍ଟାରେ ୨୪ ଜିଲାରୁ ୨୨୮ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରେ ପୁଣି ଶହେ ଉପରକୁ ଟପିଛି ସଂକ୍ରମିତଙ୍କ ସଂଖ୍ୟା। ରାଜ୍ୟର ମୋଟ୍ ଦୈନିକ ସଂକ୍ରମିତଙ୍କ ମଧ୍ୟରେ କେବଳ ଖୋର୍ଦ୍ଧାରୁ ୫୦% ଚିହ୍ନଟ ହେଉଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୧୦୫ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୧୫, କଟକରେ ୧୨ଜଣ ଥିବାବେଳେ ବାକିସବୁ ଜିଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୧୦ ତଳେ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୫୪,୮୩୪କୁ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ଜୀବନ ଯିବାପରେ ମୋଟ ମୃତ୍ୟୁ ସଂଖ୍ୟା ୮,୪୬୦ରେ ପହଞ୍ଚିଛି।

# ୩ରୁ ହିଁ ପ୍ରାଥମିକ ସ୍କୁଲ ଖୋଲିବ

## ସ୍ପଷ୍ଟ କଲେ ମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୨(ବ୍ୟୁରୋ) :** ଆସନ୍ତା ୩ ତାରିଖରୁ ହିଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବ। ପ୍ରାଥମିକ ସ୍କୁଲ୍ ଖୋଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ସ୍ପଷ୍ଟ କରିବା ସହ ସେପରି କୌଣସି ଦ୍ୱନ୍ଦ୍ୱ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, ନୋଡାଲ ଅଫିସରମାନେ ଜିଲା ବୁଲୁଛନ୍ତି। ଜିଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କ ସହ ସଚିବ ବୈଠକ କରୁଛନ୍ତି। ଯିଏ ଚାହିଁବେ ଅନ୍‌ଲାଇନ୍‌ରେ ପଢ଼ି ପାରିବେ। ତେବେ ମନ୍ତ୍ରୀଙ୍କ ଏହି ସୂଚନା ପରେ ପ୍ରାୟ ୨ ବର୍ଷ ପରେ ପ୍ରାଥମିକ ବିଦ୍ୟାଳୟ ପିଲାମାନେ ଶ୍ରେଣୀଗୃହରେ ବସି ପାଠପଢ଼ିବେ। ଏଥିସହ ୨୦୨୨ରେ ଦଶମ ଓ ଦ୍ୱାଦଶ ପରୀକ୍ଷା ଠିକ୍ ସମୟରେ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୩ରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲିବ ବୋଲି ଗତ ୨୮ରେ ରାଜ୍ୟ ସରକାର ଘୋଷଣା କରିଥିଲେ। କିନ୍ତୁ ଠିକ୍ ତା’ ପରଦିନ ଡିଏମ୍‌ଇଟି ରମାରମଣ ମହାନ୍ତି ସ୍କୁଲ ଖୋଲିବା ନିଷ୍ପତ୍ତି ବଦଳିପାରେ ବୋଲି କହିଥିଲେ। କରୋନା ସ୍ଥିତିକୁ ଦେଖି ରାଜ୍ୟ ସରକାର ସ୍କୁଲ ଖୋଲିବା ନିଷ୍ପତ୍ତିକୁ ପୁଣି ଥରେ ପରିବର୍ତ୍ତନ କରିପାରନ୍ତି। ରାଜ୍ୟ ସରକାର ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ ବୋଲି ଡିଏମ୍‌ଇଟି କହିବା ପରେ ବିବାଦ ଓ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଏପରିକି ଡିଏମ୍‌ଇଟିଙ୍କ ଏପରି ମନ୍ତବ୍ୟକୁ ନେଇ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ।

# ଭୁଲ୍ ସତ୍ୟପାଠ ଦାଖଲ କଲେ ଜେଲ

## କ୍ୟାବିନେଟ ନିଷ୍ପତ୍ତି

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନରେ ସଂଶୋଧନ ପାଇଁ ୩ଟି ଅଧ୍ୟାଦେଶକୁ ଅନୁମୋଦନ କରାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ-୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ-୧୯୫୯ ଏବଂ ଓଡ଼ିଶା ଜିଲା ପରିଷଦ ଅଧିନିୟମ-୧୯୯୧ରେ ଆବଶ୍ୟକ ସଂଶୋଧନ ଅଧ୍ୟାଦେଶ ମାଧ୍ୟମରେ କରାଯାଇଛି। ଏଣିକି ପଞ୍ଚାୟତିରାଜ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀଙ୍କ ନିମନ୍ତେ ସତ୍ୟପାଠ ଦାଖଲ ବାଧ୍ୟତାମୂଳକ କରାଯାଇଛି। ପ୍ରାର୍ଥୀମାନେ ନିଜର ଆପରାଧିକ, ଶିକ୍ଷାଗତ ଓ ସମ୍ପତ୍ତି ଆଦି ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିବେ। ଭୁଲ ତଥ୍ୟ ଦେଲେ ଜେଲଦଣ୍ଡ ସହ ଜରିମାନାର ବ୍ୟବସ୍ଥା ରହିଛି । ସେହିପରି ବିପର୍ଯ୍ୟୟ ପରିଚାଳନାକୁ ମଧ୍ୟ ଆଇନଗତ ଭାବେ ଲାଗୁ କରାଯାଇଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପଞ୍ଚାୟତ ପ୍ରତିନିଧିମାନେ ବିପର୍ଯ୍ୟୟ ପରିଚାଳନାରେ ସାମିଲ ହେବାକୁ ବାଧ୍ୟ ହେବେ । ଏହାଛଡ଼ା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଓ ବିଡିଏର ୧୬ଟି ପ୍ରକଳ୍ପରେ ଘର ଓ ଦୋକାନ ନେଇଥିବା ପ୍ରାୟ ୫୨୩୫ ଜଣ ଲିଜ୍‌ଧାରୀଙ୍କୁ ମାଲିକାନା ସ୍ୱତ୍ୱ ମିଳିବ। ସେମାନେ ଆବଶ୍ୟକ ସ୍ଥଳେ ନିଜର ଘରକୁ ବନ୍ଧକ ଓ ବିକ୍ରି କରିପାରିବେ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି। ରାଜ୍ୟ ସରକାର ଓଡ଼ିଶା ସରକାରୀ ମହାବିଦ୍ୟାଳୟ ଗ୍ରନ୍ଥାଗାରିକ (ନିଯୁକ୍ତି ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୭କୁ ସଂଶୋଧନ କରିବେ। ସରକାରୀ ମହାବିଦ୍ୟାଳୟରେ କନିଷ୍ଠ ଗ୍ରନ୍ଥାଗାରିକ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉକ୍ତ ନିୟମାବଳୀରେ ସଂଶୋଧନ କରାଯିବ। କନିଷ୍ଠ ଗ୍ରନ୍ଥାଗାରିକ ପଦବୀ ନିମନ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ରାଜ୍ୟ ଚୟନ ବୋର୍ଡ ଦ୍ୱାରା ପରିଚାଳିତ ହେବ। କେଉଁ ତାରିଖରେ କେଉଁଠି ପରୀକ୍ଷା ହେବ ତାହା ବୋର୍ଡ ନିର୍ଦ୍ଧାରଣ କରିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେହିପରି ସରକାରୀ କଲେଜ ପ୍ରୟୋଗଶାଳା ସହାୟତା ତଥା ଭଣ୍ଡାର ରକ୍ଷକ (ନିଯୁକ୍ତି ଓ ସେବାସର୍ତ୍ତ) ନିୟମାବଳୀ ୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ସଂଶୋଧନ ପରେ ପ୍ରୟୋଗଶାଳା ସହାୟତା ତଥା ଭଣ୍ଡାର ରକ୍ଷକ ପଦବୀ ନିମନ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ରାଜ୍ୟ ଚୟନ ବୋର୍ଡ ଦ୍ୱାରା ପରିଚାଳିତ ହେବ। ଓଡ଼ିଶା ସରକାରୀ ମହାବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି) ନିଯୁକ୍ତି ଓ ସେବାସର୍ତ୍ତ ନିୟମାବଳୀ ୨୦୧୭ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି।















# ଭାରତରେ ନିର୍ବାଚନ ସମ୍ଭାବନାମୟ ୨୦୨୨

ନୂଆବର୍ଷ ୨୦୨୨ ଅନେକଙ୍କ ପାଇଁ ସମ୍ଭାବନାମୟ ହେବା କାରଣ ଏହି ବର୍ଷ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ହେବ, ଯେଉଁଠି ଗାଁ ତଥା ସହର ଭୋଟର ଆଗାମୀ ୫ ବର୍ଷ ପାଇଁ ସେମାନଙ୍କ ସ୍ଥାନୀୟ ପ୍ରତିନିଧି ବାଛିବେ। ସେହିପରି ଉତ୍ତର ପ୍ରଦେଶ ଓ ପଞ୍ଜାବ ସମେତ ୭ ରାଜ୍ୟରେ ବିଧାନସଭା ନିର୍ବାଚନ ସହ ଲୋକ ସଭା ଏବଂ ରାଜ୍ୟ ସଭାର କେତେକ ଆସନ ଲାଗି ଉପନିର୍ବାଚନ ମଧ ହେବାକୁ ଯାଉଛି। ଜାତୀୟ ରାଜନୀତିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେବ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ। ଏହିସବୁ ରାଜନୈତିକ କସରତର ପରିଣାମ ବର୍ତ୍ତମାନର ସମୀକରଣକୁ ବଦଳାଇଦେଲେ ୨୦୨୪ରେ ଭାଜପା ଓ ଏହାର ମାଷ୍ଟର ନରେନ୍ଦ୍ର ମୋଦିଙ୍କୁ ବିଚଳିତ କରିପାରେ। ୨୦୨୧ରେ ପାର୍ଲାମେଣ୍ଟ ଭିତର ଓ ବାହାର ରାଜନୈତିକ ତିକ୍ତତା ବଢ଼ିଥିବାବେଳେ ୨୦୨୨ରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିପାରେ। କୋଭିଡ୍-୧୯ ମହାମାରୀର ଆସନ୍ନ ତୃତୀୟ ଲହର ଜାତୀୟ ରାଜନୀତିର ଦୃଶ୍ୟପଟରେ କିଛିଟା ପରିବର୍ତ୍ତନ ଆଣିପାରେ। କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ନେଇ ନିଜ ରାଜନୈତିକ ଯୋଜନା ପ୍ରଘଟ କରିପାରନ୍ତି। ସମ୍ପ୍ରତି ହିନ୍ଦୁତ୍ୱ ଗୋଷ୍ଠୀ ବିବାଦୀୟ ମନ୍ତବ୍ୟ ଦେବାରେ ଲାଗିଥିବାବେଳେ ଭାଜପା ସରକାରଙ୍କ ନୀରବ ସମର୍ଥନ ସାମାଜିକ ଉତ୍ତେଜନା ବୃଦ୍ଧିର କାରଣ ପାଲଟିଛି। ଯୁବତୀଙ୍କ ବିବାହ ଯୋଗ୍ୟ ବୟସ ୨୧କୁ ବୃଦ୍ଧି କରିବା ଲାଗି କେନ୍ଦ୍ର ଆଣିବାକୁ ଥିବା ନୂଆ ଆଇନ ସବୁ ସମ୍ପ୍ରଦାୟ କ୍ଷେତ୍ରରେ ଲାଗୁ ହେଲେ ନୂଆ ବର୍ଷରେ ସାମାଜିକ ଘାଇ ବଢ଼ିବା ନିଶ୍ଚିତ।


ଯୋଗୀ ଆଦିତ୍ୟନାଥ
ଅଖିଳେଶ ଯାଦବ

## ଉତ୍ତରପ୍ରଦେଶ

୨୦୨୨ର ସବୁଠୁ ବଡ଼ ନିର୍ବାଚନ ହେବ ଉତ୍ତରପ୍ରଦେଶରେ। ୪୦୩ ଆସନରେ ହେବାକୁ ଥିବା ଏହି ଭୋଟକୁ ୨୦୨୪ ସାଧାରଣ ନିର୍ବାଚନର ସେମିଫାଇନାଲ ବିବେଚନା କରାଯାଉଛି। ଯେଉଁ ଦଳ ଜିତିବ ପରବର୍ତ୍ତୀ ଲୋକ ସଭା ନିର୍ବାଚନବେଳେ ତା'ର ପତିଆରା ରହିବ। ଯୋଗୀ ଆଦିତ୍ୟନାଥ ସରକାର କ୍ଷମତାକୁ ଫେରିବା ସଙ୍କେତ ମିଳୁଥିଲେ ହେଁ ଭାଜପା ପ୍ରାୟ ୧୦୦ ସିଟ୍ ହରାଇବ ବୋଲି କୁହାଯାଉଛି। ଅଖିଳେଶ ଯାଦବଙ୍କ ନେତୃତ୍ୱରେ ସମାଜବାଦୀ ପାର୍ଟି ଅନ୍ୟ ଦଳଗୁଡ଼ିକ ସହ ମେଣ୍ଟ କରି ମୋଦି-ଯୋଗୀ ଯୋଡ଼ିକୁ ବିଗ୍ ଫାଇଟ୍ ଦେବାକୁ ଯାଉଛି। ଦଳିତଙ୍କ ସହ ବ୍ରାହ୍ମଣ ଭୋଟ୍ ବ୍ୟାଙ୍କ ଉପରେ ନଜର ରଖିଥିବା ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ଭୂମିକା ଏଥର ପ୍ରଭାବୀ ହୋଇ ନ ପାରେ।

## ପଞ୍ଜାବ

ଫେବୃୟାରୀ-ମାର୍ଚ୍ଚରେ ପଞ୍ଜାବର ୧୧୭ ଆସନରେ ସବୁଠୁ ରୋଚକ ଲଢ଼େଇ ହେବ। କଂଗ୍ରେସ ଛାଡ଼ି ପଞ୍ଜାବ ଲୋକ କଂଗ୍ରେସ ନାମରେ ନୂଆ ଦଳ ଗଢ଼ିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଭାଜପା ସହ ମେଣ୍ଟ କରୁଛନ୍ତି। କଂଗ୍ରେସ ଚରଣଜିତ୍ ସିଂ ଚନ୍ନିଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ ହେଁ କ୍ଷମତାର ଅସଲ ଡୋର ପିପିସିସି ମୁଖ୍ୟ ନବଜ୍ୟୋତ ସିଂ ସିଦ୍ଧୁଙ୍କ ହାତରେ ଅଛି। କୃଷି ଆଇନ ଉଚ୍ଛେଦ ଦାବିରେ ଆନ୍ଦୋଳନ କରିଥିବା ୨୨ କୃଷକ ସଙ୍ଗଠନ ମଇଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ଫଳରେ କୃଷି ଆଇନକୁ ପ୍ରସଙ୍ଗ କରି ଭାଜପାର ହାତ ଛାଡ଼ିଥିବା ଶିରୋମଣି ଅକାଳୀ ଦଳ ଏବେ ଏକ ପ୍ରକାର କୋଣଠେସା ହୋଇଯାଇଛି। ଚଣ୍ଡିଗଡ଼ ମହାନଗର ନିଗମ ନିର୍ବାଚନ ଫଳ ବିଧାନସଭା ଭୋଟରେ ବି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟିକୁ ସୁହାଇବା ସଙ୍କେତ ଦେଉଛି।

## ମୋଦିଙ୍କ ଆଗରେ ଆହ୍ୱାନ

୨୦୨୨ରେ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାର ପ୍ରମାଣ ଦେବ। କାରଣ ଯେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଯିଏ ହୋଇଥାଆନ୍ତୁ ନା କାହିଁକି ଭାଜପା ସବୁବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଉପସ୍ଥାପନ କରି ବିରୋଧୀ ଦଳଗୁଡ଼ିକର ଆଞ୍ଚଳିକ ଚେହେରାକୁ ଟକ୍କର ଦେବାକୁ ଉଦ୍ୟମ କରୁଛି। କୋଭିଡ୍-୧୯ର ଦ୍ୱିତୀୟ ଲହର ମୁକାବିଲା କ୍ଷେତ୍ରରେ ବିଫଳତା ସାଙ୍ଗକୁ ଦରଦାମ୍ ବୃଦ୍ଧି ଓ ବେରୋଜଗାରୀ ଭଳି ବହୁବିଧ ପ୍ରସଙ୍ଗ ଉଠାଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଥିବାବେଳେ ଏହି ସବୁ ନିର୍ବାଚନ ଆସୁଛି। ନିର୍ବାଚନରେ ପରାଜୟ ଭୟ କେନ୍ଦ୍ରକୁ ୩ ବିବାଦୀୟ କୃଷି ଆଇନ ଉଚ୍ଛେଦ ଲାଗି ବାଧ କରିଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ହ୍ରାସ ହେଲା ଭଳି ବିଶେଷ କିଛି ଜଣାପଡୁ ନ ଥିବାରୁ ୭ ରାଜ୍ୟରେ ହେବାକୁ ଥିବା ନିର୍ବାଚନର ପରିଣାମ ଏହାର ପ୍ରଥମ ସୂଚକ ହେବ। ପଞ୍ଜାବ ବ୍ୟତୀତ ଅନ୍ୟ ରାଜ୍ୟ ୟୁପି, ଉତ୍ତରାଖଣ୍ଡ, ଗୋଆ, ମଣିପୁର, ଗୁଜରାଟ, ହିମାଚଳ ପ୍ରଦେଶରେ ଭାଜପା ସରକାର ଚାଲିଛି। ଏହାର ଫଳାଫଳ ଜାତୀୟ ରାଜନୀତିକୁ ବିଶେଷ ପ୍ରଭାବିତ କରିବା ସମ୍ଭାବନା ବହନ କରୁଥିବାରୁ ମୋଦି ଓ ତାଙ୍କ ଟିମ୍ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁବେ ନାହିଁ।


ନରେନ୍ଦ୍ର ମୋଦି

## ଉତ୍ତରାଖଣ୍ଡ

୭୦ ଆସନ ବିଶିଷ୍ଟ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ଫେବୃୟାରୀ-ମାର୍ଚ୍ଚରେ ଅନୁଷ୍ଠିତ ହେବ। ଭାଜପା ଏଠାରେ ମାର୍ଚ୍ଚରୁ ଜୁଲାଇ ଭିତରେ ୩ ମୁଖ୍ୟମନ୍ତ୍ରୀ ବଦଳାଇ ସାରିଥିବାବେଳେ ପୁଣି କ୍ଷମତା ଆଶାରେ ଅଛନ୍ତି କଂଗ୍ରେସର ହରିଶ ରାୱତ। ଏଠାରେ ଏଥର ଭାଜପା ପାଇଁ ଦୁର୍ଗ ସମ୍ଭାଳିବା କାଠିକର ହୋଇଯିବ ବୋଲି କେତେକ ସର୍ଭେରୁ ଜଣାପଡ଼ିଛି।

## ମଣିପୁର

ମଣିପୁର ବିଧାନସଭାର ୬୦ ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଭାଜପା ପୁଣି ଥରେ କ୍ଷମତାସୀନ ହେବାକୁ ଉଦ୍ୟମ ଚଳାଇଛି। ଭାଜପା ଏଠାରେ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏବଂ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକ ସହ କ୍ଷମତା ଭାଗବଣ୍ଟା ବୁଝାମଣା କରି ସରକାର ଗଢ଼ିଛି।

## ଗୋଆ

ଉପକୂଳ ରାଜ୍ୟ ଗୋଆ ବିଧାନସଭାର ୪୦ ଆସନ ପାଇଁ ନିର୍ବାଚନ ହେବ। ଭାଜପା କ୍ଷମତାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ହଟାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଟିଏମ୍‌ସି ଏବଂ କଂଗ୍ରେସ।

## ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ରାଜ୍ୟ ଗୁଜରାଟରେ ୨୦୨୨ ଶେଷ ଆଡ଼କୁ ନିର୍ବାଚନ ହେବ। ଗଡ଼ ଯେମିତି ହାତରୁ ନ ଖସିବ ସେଥିପାଇଁ କିଛି ମାସ ତଳେ ବିଜୟ ରୂପାନୀଙ୍କୁ ହଟାଇ ଭୂପେନ୍ଦ୍ର ରଜନୀକାନ୍ତ ପଟେଲଙ୍କୁ ଭାଜପା ମୁଖ୍ୟମନ୍ତ୍ରୀ କରିଛି। ତେବେ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ଗୈରିକ ଦଳକୁ କେତେ ଟକ୍କର ଦେଇପାରିବେ ତାହା ଉପରେ ନଜର ରହିବ।

## ହିମାଚଳପ୍ରଦେଶ

ନଭେମ୍ବରରେ ହିମାଚଳ ପ୍ରଦେଶର ୬୮ ଆସନରେ ଭୋଟ ହେବ। ନିକଟରେ ଅନୁଷ୍ଠିତ ମଣ୍ଡି ଲୋକ ସଭା ଆସନ ଉପନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂଙ୍କଠାରୁ ଭାଜପା ହାରିଯିବା ପରେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ନେତୃତ୍ୱ ଓ ପ୍ରଦର୍ଶନକୁ ନେଇ ଉଠିଛି ପ୍ରଶ୍ନ।

## ଜମ୍ମୁ-କଶ୍ମୀର

୨୦୧୮ ନଭେମ୍ବରରେ ଜମ୍ମୁ-କଶ୍ମୀର ରାଜ୍ୟ ବିଧାନସଭାକୁ ଭଙ୍ଗ କରି ରାଷ୍ଟ୍ରପତିଶାସନ ଜାରିକରାଯାଇଥିଲା। ୨୦୧୯ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ହଟାଇବା ପରେ ଏହା କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲା। ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ଜାରି ରହିଥିବାବେଳେ ୨୦୨୨ରେ ଭୋଟ ହେବ ବୋଲି କୁହାଯାଉଛି। ତେବେ କେଉଁମାସରେ ନିର୍ବାଚନ ହେବ ତାହା ସ୍ପଷ୍ଟ ହୋଇନାହିଁ।

## ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ

ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କ ୫ ବର୍ଷିଆ କାର୍ଯ୍ୟକାଳ ଯଥାକ୍ରମେ ୨୦୨୨ ଜୁଲାଇ ଏବଂ ଅଗଷ୍ଟରେ ଶେଷ ହେବ। ଦେଶର ଏହି ସର୍ବୋଚ୍ଚ ସାମ୍ବିଧାନିକ ୨ ପଦବୀ ପାଇଁ ଶାସକ ଏନ୍‌ଡିଏ କିମ୍ବା ବିରୋଧୀ ଉପା ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ କିଛି ସଙ୍କେତ ମିଳିନାହିଁ।

## ବିରୋଧୀ ନେତୃତ୍ୱ ଅସ୍ପଷ୍ଟ

କଂଗ୍ରେସରେ ତ୍ରିକୋଣୀୟ ନେତୃତ୍ୱ ଦଳକୁ ରାସତଳଗାମୀ କରିଥିବାବେଳେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କ ହ୍ୟାଟ୍ରିକ୍ ବିଜୟ ଜାତୀୟ ରାଜନୀତିର ସମୀକରଣ ବଦଳାଇବା ସଙ୍କେତ ଦେଇଛି। ନିଜ ପାଇଁ ଜାତୀୟ ଭୂମିକା ଅଣ୍ଡାଳୁଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୋଆ ସମେତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଉଭୟ ଭାଜପା ଓ କଂଗ୍ରେସ ଲାଗି କାଳ ହୋଇପାରନ୍ତି। ସେପଟେ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି ମଧ ପଞ୍ଜାବରେ କଂଗ୍ରେସକୁ ଚ୍ୟାଲେଞ୍ଜ ଦେଇ ୟୁପି, ଉତ୍ତରାଖଣ୍ଡ, ଗୋଆ ଓ ଗୁଜରାଟରେ ଭାଜପାକୁ ହଟାଇବା ପାଇଁ ବାଟ ଖୋଜୁଛି। ତାମିଲନାଡୁରେ ଏମ୍.କେ. ଷ୍ଟାଲିନଙ୍କ ଆବିର୍ଭାବ ଏବଂ କେରଳରେ ପିନାରାୟୀ ବିଜୟନ୍ ବାମଦଳକୁ ଲଗାତର ଦ୍ୱିତୀୟ ଥର ପାଇଁ ଜିତାଇବା ବିରୋଧୀଙ୍କ ଶକ୍ତି ବୃଦ୍ଧି ଘଟାଇଛି। କିନ୍ତୁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ସ୍ଥିତି ପ୍ରାୟ ସବୁ ରାଜ୍ୟରେ ଦୁର୍ବଳ ହେବାରେ ଲାଗିଛି। ସ୍ୱାଧୀନତା ପରେ ୧୯୯୬ରୁ ୨୦୦୪ ପର୍ଯ୍ୟନ୍ତ କଂଗ୍ରେସ ସର୍ବାଧିକ ସମୟ ବିରୋଧୀ ଭୂମିକା ତୁଲାଇଥିଲା। ୨୦୦୩ରେ ୧୫ ରାଜ୍ୟରେ କ୍ଷମତାସୀନ ଥିବା କଂଗ୍ରେସ ଏବେ ମାତ୍ର ୩ ରାଜ୍ୟରେ ସୀମିତ ରହିଛି। ୨୦୦୦ ସୁଦ୍ଧା ୪ ବର୍ଷ ବିରୋଧୀ ଭୂମିକା ତୁଲାଇବା ଭିତରେ ସର୍ବପୁରାତନ ଦଳ ୩ଟି ଜାତୀୟ ନିର୍ବାଚନରେ ପରାଜୟବରଣ କରିଥିଲା। ଏହାର ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି ଉଠୁଥିବାବେଳେ ୨୦୨୨ ସେପ୍ଟେମ୍ବରରେ ରାହୁଲ ଗାନ୍ଧୀଙ୍କୁ ପୁନର୍ବାର କଂଗ୍ରେସ ଅଧ୍ୟକ୍ଷ କରାଯାଇପାରେ।

ପାର୍ଲାମେଣ୍ଟ ବାହାରେ ଓ ଭିତରେ ବିରୋଧୀ ଦଳଗୁଡ଼ିକର ନେତୃତ୍ୱ ନେବା ପାଇଁ କଂଗ୍ରେସ ଏବଂ ଟିଏମ୍‌ସି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରେ ଲାଗିଥିବାବେଳେ ଏଏପି ନିଜ ଅନୁସାରେ ବାଟ ଚାଲୁଛି। ଫଳରେ ଭାଜପାକୁ ଟକ୍କର ଦେବା ପାଇଁ ବିରୋଧୀ ଏକତା ମଜଭୁତ ହୋଇପାରୁନାହିଁ। ୨୦୨୨ରେ ଏଭଳି ସ୍ଥିତି ଲାଗିରହିଲେ ଗୈରିକ ଦଳକୁ ସୁହାଇବ ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।


ଅରବିନ୍ଦ କେଜ୍‌ରିୱାଲ
ରାହୁଲ ଗାନ୍ଧୀ
ମମତା ବାନାର୍ଜୀ

---

୨୦୨୨ରେ ଆୟୋଜନ ହେବ ଏକାଧିକ ମେଗା କ୍ରୀଡ଼ା ପ୍ରତିଯୋଗିତା। ସେଥିମଧ୍ୟରୁ ଫିଫା ବିଶ୍ୱକପ ଆକର୍ଷଣର କେନ୍ଦ୍ରରେ ରହିଥିବାବେଳେ ୱିଣ୍ଟର ଅଲିମ୍ପିକ୍ସ, ମହିଳା ହକି ବିଶ୍ୱକପ, ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ, ଆଇସିସି ଟି୨୦ ବିଶ୍ୱକପ ଉପରେ ମଧ ନଜର ରହିବ। ଏହି ବର୍ଷ ଭୁବନେଶ୍ୱର ସମେତ ଭାରତର ୫ଟି ଷ୍ଟାଡିୟମରେ ଆୟୋଜନ ହେବ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍। ଏହା ବ୍ୟତୀତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ୱିଣ୍ଟର ଗେମ୍ସ, ଆଇସିସି ମହିଳା ଦିନିକିଆ ବିଶ୍ୱକପ, ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍, ଆଇଏଏଏଫ୍ ବିଶ୍ୱ ଚାମ୍ପିୟନଶିପ୍, ୟୁଥ୍ ଅଲିମ୍ପିକ୍ସ ଆଦି ଅନେକ ବୃହତ୍ ଇଭେଣ୍ଟ ଏହି ବର୍ଷ ଅନୁଷ୍ଠିତ ହେବ।

## ଫିଫା ବିଶ୍ୱକପ




୨୦୨୨ର ଶେଷ ଭାଗରେ ଅର୍ଥାତ୍ ନଭେମ୍ବର ୨୧ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ କାତାରରେ ଅନୁଷ୍ଠିତ ହେବ ଫିଫା ବିଶ୍ୱକପର ୨୨ତମ ସଂସ୍କରଣ। ଏହା ହେବ ଆରବରେ ସର୍ବପ୍ରଥମ ଏବଂ ଏସିଆରେ ଦ୍ୱିତୀୟ ଫୁଟବଲ ମହାକୁମ୍ଭ। ପୂର୍ବରୁ ଏସିଆ ମହାଦେଶରେ ପ୍ରଥମ ଥର ପାଇଁ ୨୦୦୨ରେ ଜାପାନ ଓ ଦକ୍ଷିଣ କୋରିଆରେ ଏହି ବିଶ୍ୱକପ ଆୟୋଜନ ହୋଇଥିଲା। ବିଶ୍ୱକପ ପାଇଁ ୪ ରାଉଣ୍ଡ ବିଶିଷ୍ଟ ବିଡିଂ ପ୍ରକ୍ରିୟାରେ ଆମେରିକାକୁ ୧୧-୩, ୧୦-୫, ୧୧-୬, ୧୪-୮ ଭୋଟରେ କାତାର ପଛରେ ପକାଇ ଦେଇଥିଲା।

## ୱିଣ୍ଟର ଅଲିମ୍ପିକ୍ସ

ଏଥର ୱିଣ୍ଟର ଅଲିମ୍ପିକ୍ସ ଚାଇନାର ବେଜିଂରେ ଫେବୃୟାରୀ ୪ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ହେବ ପ୍ରତିଯୋଗିତାର ୧୪ତମ ସଂସ୍କରଣ। ଏଥିରେ ୭ଟି କ୍ରୀଡ଼ାର ୧୫ଟି ବିଭାଗରେ ୧୦୯ଟି ଇଭେଣ୍ଟ ଆୟୋଜନ ହେବ। ଚାଇନାରେ ମାନବାଧିକାର ଉଲଂଘନ ଅଭିଯୋଗ ଦର୍ଶାଇ ଏଥର ୱିଣ୍ଟର ଅଲିମ୍ପିକ୍ସରୁ ଆମେରିକା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଗ୍ରେଟ୍ ବ୍ରିଟେନ, କାନାଡ଼ା, କୋସୋଭୋ, ଜାପାନ, ଲିଥୁଆନିଆ, ଇସ୍ତୋନିଆ, ଅଷ୍ଟ୍ରିଆ ଓ ବେଲଜିୟମ ଓହରି ଯିବାକୁ ନିଷ୍ପତ୍ତି ନେଇଛନ୍ତି। ୱିଣ୍ଟର ପାରାଲିମ୍ପିକ୍ସ ଚାଇନାରେ ମାର୍ଚ୍ଚ ୪ରୁ ୧୩ ପର୍ଯ୍ୟନ୍ତ ଆୟୋଜିତ ହେବ।

## ମହିଳା ହକି ବିଶ୍ୱକପ

ମହିଳା ହକି ବିଶ୍ୱକପର ୧୫ତମ ସଂସ୍କରଣ ସ୍ପେନର ଟେରାସା ଓ ନେଦରଲାଣ୍ଡ୍ସର ଆମଷ୍ଟେଲଭିନରେ ଆୟୋଜିତ ହେବ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଆନୁକୂଲ୍ୟରେ ଏହା ଜୁଲାଇ ୧ରେ ଆରମ୍ଭ ହୋଇ ୧୭ରେ ଶେଷ ହେବ। ଏଥିରେ ୫ଟି କନ୍‌ଫେଡେରେଶନରୁ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜକ ଦଳଭାବେ ସ୍ପେନ, ନେଦରଲାଣ୍ଡ୍ସ, ୟୁରୋ ହକି ଚାମ୍ପିୟନଶିପ୍‌ରୁ ବେଲ୍‌ଜିୟମ, ଇଂଲଣ୍ଡ, ଜର୍ମାନୀ ଓ ୟୁରୋପିଆନ କ୍ୱାଲିଫାୟରରୁ ଆୟର୍ଲାଣ୍ଡ ଯୋଗ୍ୟତା ଅର୍ଜନ କରି ସାରିଥିବାବେଳେ ଆଫ୍ରିକା କପ୍ ଅଫ୍ ନେସନ୍ସ, ପାନ୍ ଆମେରିକାନ୍ କପ୍, ଏସିଆ କପ୍ ଏବଂ ଓସେନିଆ କପ୍‌ରୁ ଅବଶିଷ୍ଟ ଦଳଗୁଡ଼ିକ ଯୋଗ୍ୟତା ଭିତ୍ତିରେ ଖେଳିବେ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଂଲଣ୍ଡର ବର୍ମିଂହାମ୍‌ରେ ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ୭୨ ରାଜ୍ୟଗୋଷ୍ଠୀ ଦେଶର ପ୍ରତିଯୋଗୀ ୨୦ଟି କ୍ରୀଡ଼ାର ୨୮୩ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଇଂଲଣ୍ଡ ତୃତୀୟଥରପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ଅଧିକାର ପାଇଛି। ପୂର୍ବରୁ ୧୯୩୪ରେ ଲଣ୍ଡନ ଓ ୨୦୦୨ରେ ମାଞ୍ଚେଷ୍ଟରଠାରେ ଏହି କ୍ରୀଡ଼ା ଆୟୋଜନ ହୋଇଥିଲା। ପ୍ରତିଯୋଗିତାର ଏହା ହେବ ୨୨ତମ ସଂସ୍କରଣ।

## ଏସିଆନ ଗେମ୍ସ

ଏସିଆ ମହାଦେଶର ସର୍ବୋଚ୍ଚ ମଲ୍ଟି ଇଭେଣ୍ଟ ବିଶିଷ୍ଟ କ୍ରୀଡ଼ା ଏସିଆନ ଗେମ୍ସ ଏଥର ଚାଇନାର ହାଙ୍ଗଝୋଉ ଓ ଝେଜିଆଙ୍ଗରେ ଅନୁଷ୍ଠିତ ହେବ। ଏହା ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ପ୍ରତିଯୋଗିତାରେ ୪୦ଟି କ୍ରୀଡ଼ାର ୪୮୨ଟି ଇଭେଣ୍ଟ ଆୟୋଜନ ହେବ। ଅଲିମ୍ପିକ୍ କାଉନ୍‌ସିଲ ଅଫ୍ ଏସିଆର ଅନୁମୋଦନକ୍ରମେ ୧୯ତମ ଏସିଆଡ଼ଭାବେ ପରିଚିତ ଏହି ମେଗା ପ୍ରତିଯୋଗିତାରେ ୧ମଥରପାଇଁ ଓସେନିଆର ଆଥଲେଟ୍ ଅଂଶଗ୍ରହଣ କରିବେ।

## ଭୁବନେଶ୍ୱରରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ




ଓଡ଼ିଶା ସରକାର ହକି ସମେତ ବିଭିନ୍ନ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଆସୁଥିବାରୁ ଏଠାରେ ପ୍ରତିବର୍ଷ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ହୋଇ ଆସୁଛି। ଏହି କ୍ରମରେ ୨୦୨୨ରେ ଭୁବନେଶ୍ୱର ସମେତ ଭାରତର ୫ଟି ସହରରେ ଆୟୋଜନ ହେବ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ସପ୍ତମ ସଂସ୍କରଣ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କୋଲକାତାର ସଲ୍ଟଲେକ୍, ଗୁଆହାଟୀର ଇନ୍ଦିରାଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ, ଅହମଦାବାଦର ଏକା ଆରେନା ଓ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ନାମେଣ୍ଟ ପ୍ରକୃତରେ ୨୦୨୦ରେ ଆୟୋଜନ ହେବାର ଥିଲା, ମାତ୍ର କରୋନା ସଂକ୍ରମଣ କାରଣରୁ ଏହାକୁ ସ୍ଥଗିତ ରଖା ଯାଇଥିଲା। ଓଡ଼ିଶାରେ ପ୍ରଥମ ଏବଂ ଭାରତରେ ଦ୍ୱିତୀୟ ଥରପାଇଁ କୌଣସି ଏକ ଫିଫା ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି।



ବର୍ଷ ଆରମ୍ଭରେ ପରଦାକୁ ଆସିବାକୁ ଥିବା ଚର୍ଚ୍ଚିତ ଚଳଚ୍ଚିତ୍ର ଆର୍‌ଆର୍‌ଆର୍‌ର ଏକ ଦୃଶ୍ୟ

# ପରଦାକୁ ଆସିବ

ଚଳିତ ବର୍ଷ ଆମ ଦେଶରେ ମୁକ୍ତିଲାଭ କରିବାକୁ ଥିବା ସିନେମାର ସମ୍ଭାବ୍ୟ ତାଲିକା(ଆଇଏମଡିବି ପକ୍ଷରୁ ପ୍ରଦତ୍ତ)



**ଜାନୁୟାରୀ ୭**
■ଆର୍‌ଆର୍‌ଆର୍
■ଅନବାରିଭୁ
■ସ୍ନୋମ୍ୟାନ
■ସୁପର ସରନ୍ୟା

**ଜାନୁୟାରୀ ୧୪**
■ସ୍କ୍ରିମ୍
■ ଦ ୩୫୫
■ରାଧେ ଶ୍ୟାମ
■ସ୍ୟାଲୁଟ୍
■ଭାଲିମାଇ
■ମେପ୍ପାଦିଆନ୍

**ଜାନୁୟାରୀ ୨୦**
■ଦ ହାର୍ବର

**ଜାନୁୟାରୀ ୨୧**
■ପୃଥ୍ୱୀରାଜ
■ଦ ଗ୍ରେଟ ଏସ୍‌କେପ
■ଏକ୍ ଲଭ ୟା

**ଜାନୁୟାରୀ ୨୫**
■ଗେହରାଇୟାଁ

**ଜାନୁୟାରୀ ୨୬**
■ଦ କାଶ୍ମୀର ଫାଇଲ୍‌ସ
■ବିରାମି ଭଗାଇ ସୋଦୁମ୍

**ଜାନୁୟାରୀ ୨୭**
■ନାରାଧନ୍
■କଲ୍ଲାନ୍ ଡିସୌଜା

**ଜାନୁୟାରୀ ୨୮**
■ଆଟାକ୍
■ପୋଷ୍ଟି
■ଭେୟିଲ

**ଫେବୃୟାରୀ ୪**
■କିଙ୍ଗ ରିଚାର୍ଡ
■ମୁନ୍ ଫଲ୍
■ଆଚାର୍ଯ୍ୟ
■ବଧାଇ ଦୋ
■ଜୁମ୍ନିଭ୍ଲି
■ଇଥାରକ୍କମ୍ ଥୁନିନ୍‌ଧୱନ



ଚଳଚ୍ଚିତ୍ର: ବଚ୍ଚନ ପାଣ୍ଡେ



ଚଳଚ୍ଚିତ୍ର: ଭୁଲ ଭୁଲେୟା-୨



ଚଳଚ୍ଚିତ୍ର:ଘନି

**ଫେବୃୟାରୀ ୧୧**
■ମେଜର
■ଖିଲାଡି
■ମେରେ ଦେଶ କି ଧରତୀ
■ଗଦେରା

**ଫେବୃୟାରୀ ୧୪**
■ରୋଷେୟି: ଦ ସାଫରନ୍ ଚାପ୍‌ଟର

**ଫେବୃୟାରୀ ୧୮**
■ରମ୍ୱଲ
■ଗାଙ୍ଗୁବାଈ କାଠିଆୱାଡି

**ଫେବୃୟାରୀ ୨୪**
■ଭୀଷ୍ମପର୍ବମ୍
■ବିକ୍ରାନ୍ତ ରାନା

**ଫେବୃୟାରୀ ୨୫**
■ଜୟଶଭାଇ ଜୋରଦାର
■ଭିମ୍‌ଲା ନାୟକ
■ହେ ସିନାମିକା

**ମାର୍ଚ୍ଚ ୪**
■ବଚ୍ଚନ ପାଣ୍ଡେ
■କର୍ମା ଷ୍ଟ୍ରାଇକ୍‌ସ

**ମାର୍ଚ୍ଚ ୧୮**
■ସମ୍‌ସେରା
■ଅନଟାଇଟଲଡ୍ ଲଭ : ରଞ୍ଜନ ଫିଲ୍ମ
■ଘନି

**ମାର୍ଚ୍ଚ ୨୫**
■ଭୁଲ ଭୁଲେୟା-୨
■ରାମାରାଓ ଅନ୍ ଡିୟୁଟି

**ମାର୍ଚ୍ଚ ୩୧**
■ଅନେକ୍

**ଏପ୍ରିଲ ୧**
■ସରକାରୁ ଭାରି ପାଟା
■ରକେଟ୍ରି : ଦ ନାମ୍ବି ଇଫେକ୍ଟ
■ତାରା ଭର୍ସେସ ବିଲାଲ୍

**ଏପ୍ରିଲ ୮**
■ଧକ୍କଡ
■ଅପ୍‌ନେ-୨

**ଏପ୍ରିଲ ୧୪**
■ଲାଲ୍ ସିଂ ଚଡ୍ଢା
■ସଲ୍ଲାର
■ଭେଡିୟା



ଚଳଚ୍ଚିତ୍ର: ଆଟାକ୍

■ବିକ୍ରମ
■ପଥୋମବାଥମ ନୋଟ୍ଟାଣ୍ଟୁ

**ଏପ୍ରିଲ ୨୯**
■ରନ୍‌ୱେ ୩୪
■ହେରୋପନ୍ତି-୨
■ହରିହର ଭୀରା ମଲ୍ଲୁ
■ଏଫ ୩ : ଫନ୍ ଆଣ୍ଡ ଫ୍ରଷ୍ଟେସନ୍

**ମେ ୬**
■ଡକ୍ଟର ଷ୍ଟ୍ରେଞ୍ଜ ଇନ୍ ଦ ମଲଟିଭର୍ସ ଅଫ ମ୍ୟାଡନେସ୍

**ମେ ୧୩**
■ମିଶନ ମଜ୍‌ନୁ
■ଆଖିଁ ମିଚୋଲି

**ମେ ୨୦**
■ହିଟ୍ ଦ ଫାଷ୍ଟ କେଶ୍
■ମିସେସ ଚାର୍ଟାର୍ଜୀ ଭର୍ସେସ ନରୱେ

**ଜୁନ୍ ୩**
■ମଇଦାନ

**ଜୁନ୍ ୧୦**
■ଗୋବିନ୍ଦା ନାମ୍ ମେରା

**ଜୁନ୍ ୧୭**
■ଡକ୍ଟର ଜୀ

**ଜୁନ୍ ୨୪**
■ଜୁଗ୍ ଜୁଗ୍ ଜିୟୋଁ

**ଜୁଲାଇ ୮**
■ଏକ୍ ଭିଲେନ୍ ରିଟର୍ନ୍‌ସ
■ଓ ମାଇଁ ଘୋଷ୍ଟ




ଚଳଚ୍ଚିତ୍ର: ଧକଡ

**ଜୁଲାଇ ୧୫**
■ସର୍କସ
■ଫୋନ୍ ଭୂତ

**ଜୁଲାଇ ୨୨**
■ୱାର୍ଣ୍ଣିଂ-୨

**ଜୁଲାଇ ୨୯**
■ଥ୍ୟାଙ୍କ ଗଡ୍

**ଅଗଷ୍ଟ ୬**
■ପାରାନଏଡ୍ : ଏଭ୍ରିଥିଙ୍ଗ ୱାଇପ୍ ଫ୍ରମ ଦ ବିଗନିଙ୍ଗ

**ଅଗଷ୍ଟ ୧୧**
■ରକ୍ଷାବନ୍ଧନ
■ଆଦିପୁରୁଷ

**ଅଗଷ୍ଟ ୧୯**
■ଟିପ୍‌ସି

**ଅଗଷ୍ଟ ୨୫**
■ଲିଗର

**ସେପ୍ଟେମ୍ବର ୯**
■ବ୍ରହ୍ମାସ୍ତ୍ର

**ସେପ୍ଟେମ୍ବର ୨୯**
■ଟ୍ୱାଇସ୍ ଅପନ୍ ଏ ଟାଇମ୍

**ସେପ୍ଟେମ୍ବର ୩୦**
■ମିଶନ : ଇମ୍ପସିବୁଲ ୭
■ବିକ୍ରମ ଭେଡା

**ଅକ୍ଟୋବର ୭**
■ମିଷ୍ଟର ଆଣ୍ଡ ମିସେସ ମାହି



ଚଳଚ୍ଚିତ୍ର: ବ୍ରହ୍ମାସ୍ତ୍ର



'ଦ ୩୫୫' ଚଳଚ୍ଚିତ୍ରର ଏକ ଦୃଶ୍ୟ



ଗାଙ୍ଗୁବାଈ କାଠିଆୱାଡି ଚଳଚ୍ଚିତ୍ରରେ ଆଲିଆ ଭଟ୍ଟ

**ନଭେମ୍ବର ୪**
■ଶେହେଜାଦା

**ନଭେମ୍ବର ୧୧**
■ଯୋଦ୍ଧା

**ଡିସେମ୍ବର ୧୭**
■ଦ ଗୁଡ ମହାରାଜା

**ଡିସେମ୍ବର ୨୨**
■ଚାଇନା ମୋବାଇଲ୍

**ଡିସେମ୍ବର ୨୩**
■ଗଣପଥ
■ମେରି ଖ୍ରୀଷ୍ଟମାସ୍

**ଡିସେମ୍ବର ୨୭**
■କରାଚୀ-୮୧ ।



ଚଳଚ୍ଚିତ୍ର: ଲାଲ୍ ସିଂ ଚଡ୍ଢା



ଚଳଚ୍ଚିତ୍ର: ଅପ୍‌ନେ-୨



ଚଳଚ୍ଚିତ୍ର: ରାଧେ ଶ୍ୟାମ



ଚଳଚ୍ଚିତ୍ର: ପୃଥ୍ୱୀରାଜ



ବିଦ୍ୟାରାଣ ଚଳଚ୍ଚିତ୍ରରେ ବାବୁସାନ୍

# ଓଡ଼ିଆ ସିନେମା

ଏବର୍ଷ ପରଦା ଉପରକୁ ଆସିବାକୁ ଥିବା ଓଡ଼ିଆ ସିନେମାର ତାଲିକା ଲମ୍ବା । କରୋନା ମହାମାରୀ ପାଇଁ ୨୦୨୦ରେ ୪ଟି ଏବଂ ୨୦୨୧ରେ ୨୦ଟି ଚଳଚ୍ଚିତ୍ର ମୁକ୍ତିଲାଭ କରିସାରିଛି । ୨୦୨୨ରେ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା ମଧ୍ୟରୁ ଚର୍ଚ୍ଚାରେ ଅଛି ବାବୁସାନ୍‌ଙ୍କ ଅଭିନୀତ 'ବିଦ୍ୟାରାଣ' । ଜ୍ୟୋତି ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମଟି ରଜ ଅବସରରେ ମୁକ୍ତିଲାଭ କରିବାର ଯୋଜନା ରହିଛି । ଅନ୍ୟପକ୍ଷରେ ପ୍ରଶାନ୍ତ ଲେଙ୍କାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ମିତାଲି ଅପା'ରେ ଏକ ଭିନ୍ନ ଧରଣର ଭୂମିକାରେ ଆସୁଛନ୍ତି ଶ୍ରୀତମ ଦାସ । ଖାସ୍ କଥା ହେଲା ଦୀପକଙ୍କ ଅଭିନୀତ ୪ଟି ଫିଲ୍ମ (ପଲ୍ ପଲ୍ ତତେ ଚାହେଁ, ଧଡକନ୍‌ରେ ତୁ, ଏଇ ବୋଧେ ଭଲ ପାଇବା ଏବଂ ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍)ଏବର୍ଷ ପରଦା ଉପରକୁ ଆସିବ । ଏଗୁଡ଼ିକ ବ୍ୟତୀତ ଚଳିତ ବର୍ଷ ମୁକ୍ତିଲାଭ ତାଲିକାରେ ଥିବା ପ୍ରମୁଖ ଓଡ଼ିଆ ସିନେମା ହେଲା-'ଅତିଥି', 'ବାଜିବଲୋ ସାହାନାଇ', 'ବାଳୀ', 'ବିଚାରା ଦିଲ୍', 'ବାୟ ବାୟ ଦିଲ୍', 'ତୁମକି ସେ ତ ପାଣିରେ ବୁଡ଼ିବ ନାହିଁ କି', 'ଧୋରେ ବାଇଆ ଧୋ', 'ଦିଲ୍ କହେ ଲଭ୍ ୟୁ ଲଭ ୟୁ', 'ଦିଲ୍ ମୋର ମାନେନା', 'ଗୁରୁଦେବ', 'ହୀରୋ ନଂ ଜିରୋ', 'ହୀରାଲାଲ୍ ମୋତିଲାଲ୍', 'ହମ୍ କିସିସେ କମ୍ ନେହିଁ', 'ଆଇଆଇସି ଧୀରେନ୍', 'ଲଗାମ୍', 'ମନ ବୁଝେନା ଇସ୍କ ବିନା', 'ମନ ମୋର କାଗଜ ଗୁଡ଼ି', 'ଅକ୍ସିଜେନ୍', 'ପ୍ରେମ ଏଟିଏମ', 'ୟାର ଗଦ୍ଦାର', 'ମହାବାହୁ', 'ଲଭ୍ ପ୍ରୋମିଜ୍', ଓମ୍ ସ୍ୱାହା', 'ଲଭ ୪୨୦', 'ଚାଲ ଟିକେ ପ୍ରେମ କରିବା', 'ତୋ ନା ର ମାନେ ହଁ', 'ଧରମାରେ', 'ଆସିବ ବର ତୋର', 'ମୋ ସରପଞ୍ଚ', 'ରାଉଡି ରାଜା' ଏବଂ 'ଗୋଟେ ରାଜା ଥିଲା' ।



ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍ ଚଳଚ୍ଚିତ୍ରରେ ଦୀପକ- ଶ୍ରୁତି

## ହଲିଉଡ୍

ଚଳିତବର୍ଷ ମୁକ୍ତିଲାଭ ଅପେକ୍ଷାରେ ଥିବା ପ୍ରମୁଖ ହଲିଉଡ୍ ଫିଲ୍ମ-'ଦ ନର୍ଥମ୍ୟାନ୍' (ଆଲେକଜାଣ୍ଡର ସ୍କାର୍ସଗାଡ, ଅନ୍ୟା ଟେଲର), 'ଦ ଲଷ୍ଟ ସିଟି' (ସାନଡ୍ରା ବୁଲକ, ବ୍ରାଡ୍ ପିଟ୍), 'ଡେଥ୍ ଅନ୍ ଦ ନାଇଲସ' (କେନ୍‌ଥ ବାନ୍‌ଗ୍ରା, ଗାଲ୍ ଗାଡଟ୍), 'ଦ ବ୍ୟାଟ୍‌ମ୍ୟାନ୍' (ରବର୍ଟ ପିଟିନସନ, ଆଣ୍ଡି ସାର୍କିସ), 'ମୋର୍ବିୟସ' (ମାଇକେଲ୍ କିଟ୍‌ନ, ଜରିଡ୍ ଲିଟୋ) ଏବଂ 'ଥୋର୍ :ଲଭ୍ ଆଣ୍ଡ ଥଣ୍ଡର' (ନାଟାଇଲ୍ ପୋର୍ଟମ୍ୟାନ, ତାଇକା ୱାଟି) । ଏଗୁଡ଼ିକ ବ୍ୟତୀତ 'ଅବତାର-୨', 'କିଲରସ ଅନ୍ ଦ ଫ୍ଲାୱାର ମୁନ୍', 'ଜୁରାସିକ୍ ୱାର୍ଲ୍ଡ ଡୋମିନିଅନ', 'ଦ ବ୍ୟାଡ୍ ଗେଜ୍' ଏବଂ 'ବେବିଲୋନ୍' ଆଦି ଫିଲ୍ମ ପରଦା ଉପରକୁ ଆସିବାର ଯୋଜନା ରହିଛି । ( ବି.ଦ୍ର. ପାର୍ଶ୍ୱରେ ପ୍ରଦତ୍ତ ସମ୍ଭାବ୍ୟ ତାଲିକାରେ କେତେକ ହଲିଉଡ ଫିଲ୍ମ ନାମ ମଧ୍ୟ ଉଲ୍ଲେଖ କରାଯାଇଛି) ।



'ଦ ଲଷ୍ଟ ସିଟି' ଚଳଚ୍ଚିତ୍ରର ଏକ ଦୃଶ୍ୟ

# ବିଦ୍ୟାଳୟ ମୋ ମନକୁ କରିଥିଲା ସମ୍ବେଦନଶୀଳ

## ଭାରତ-ଭାରତୀ


ନୀଳମଣି ଫୁକନ

**ନୀଳମଣି ଫୁକନ**ଙ୍କ ଜନ୍ମ ୧୦ ସେପ୍ଟେମ୍ବର ୧୯୩୩ରେ, ଆସାମର ଦେରଗାଁରେ। କବି ଜୀବନର ଆରମ୍ଭରେ ସେ ଅନ୍ୟ ସମକାଳୀନ ଭାରତୀୟ କବିଙ୍କ ପରି ଫରାସୀ ପ୍ରତୀକବାଦୀ କାବ୍ୟ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କର ପ୍ରସିଦ୍ଧ କବିତାଗ୍ରନ୍ଥ ମଧ୍ୟରେ 'ସୂର୍ଯ୍ୟ ହେନୁ ନାମି ଆହେ ଏଇ ନୋଦିୟେଦି', 'ଗୁଲାପି ଜାମୁର ଲଗ୍ନ' ଓ 'କବିତା' ଆଦି ପ୍ରମୁଖ। ଅହମିୟା କବିତାକୁ ଅମୂଲ୍ୟ ଅବଦାନ ପାଇଁ ସେ 'ଆସାମ ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୧), 'ପଦ୍ମଶ୍ରୀ' ଓ ସାହିତ୍ୟ ଏକାଡେମୀର ଫେଲୋଶିପ୍ (୨୦୦୨) ଦ୍ୱାରା ସମ୍ମାନିତ। ୨୦୨୧ରେ ଦେଶର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଜ୍ଞାନପୀଠ ପୁରସ୍କାର' ଦ୍ୱାରା ଅଭିନନ୍ଦିତ ଏହି କବିଙ୍କର ଏକ ଚର୍ଚ୍ଚିତ 'ସାକ୍ଷାତ୍କାର'ର କିୟଦଂଶ ଏଠାରେ ସ୍ଥାନିତ ଓଡ଼ିଆ ପାଠିକାପାଠକଙ୍କ ଅବଗତି ପାଇଁ।

**ପ୍ର:** ଦେରଗାଁ ଆପଣଙ୍କର ଜନ୍ମସ୍ଥାନ ଓ ପିତୃ ପିତାମହଙ୍କ ବାସସ୍ଥାନ। ସେଠାକାର ପ୍ରକୃତି ଓ ଐତିହ୍ୟ ଆପଣଙ୍କ ଲେଖକ ମନରେ କି ଧରଣର ପ୍ରଭାବ ପକାଇଥିଲା ?

**ଉ:** ମୋ' ଗାଁ ଖଣ୍ଡକ ପ୍ରକୃତିର ଅନନ୍ତ ବିସ୍ତାର ମଧ୍ୟରେ ବିରାଜମାନ ଥିଲା। ଶାଳ, ଶିମୂଳୀ, ଛତିଆନା ଓ ଜାମୁ ଆଦି ନାନା ଗଛବୃଚ୍ଛରେ ଭରା। ପ୍ରକୃତିର ଏହି ବିପୁଳତା ମୋ' ମନରେ ସ୍ୱପ୍ନର ଇନ୍ଦ୍ରଜାଲ ସୃଷ୍ଟି କରିଥିଲା। ମନ୍ଦିର ସ୍ଥାପତ୍ୟର ବହୁ ଭଗ୍ନାବଶେଷ ଗାଁର ଆଖପାଖରେ ଏବେ ବି ଆବିଷ୍କୃତ ହେଉଛି। ଏପରି ସ୍ଥାପତ୍ୟ ଆସାମର ଅନ୍ୟ ସ୍ଥାନରେ ଦୁର୍ଲଭ। ଏସବୁ ମୋ' ମନ ଓ ଚେତନାକୁ କୈଶୋରରୁ ନାନା ଭାବେ ପ୍ରଭାବିତ କରିଛି।

**ପ୍ର:** ଆପଣ ଲେଖକ ହେବା ପଛରେ ଆପଣଙ୍କ ପରିବାର ପରିଜନଙ୍କ ସାହଚର୍ଯ୍ୟ ଆପଣଙ୍କୁ କିପରି ମିଳିଛି ?

**ଉ:** ମୋ' ପରିବାର ପରିଜନଙ୍କ ମଧ୍ୟରେ ଲେଖାଲେଖି ଓ ପଢ଼ାପଢ଼ିର ଏକ ବୁନିଆଦି ଥିଲା। ଲକ୍ଷ୍ମୀନାଥ ଫୁକନ ଓ ବଂଶୀଧର ଫୁକନ ଲେଖକ ଥିଲେ। ବଂଶୀଧର ବିଦ୍ରୋହୀ କବିତା ଲେଖୁଥିଲେ। ଦାଦା ଜଗଦୀଶ ଫୁକନ 'ଜନ୍ମଭୂମି' ପତ୍ରିକାର ସମ୍ପାଦକ ଥିଲେ ଓ ମୋତେ ଲେଖାଲେଖି ପାଇଁ ଉତ୍ସାହିତ କରିଥିଲେ।

**ପ୍ର:** ସ୍ୱନାମଧନ୍ୟ ସାମ୍ବାଦିକ ତଥା ସାହିତ୍ୟିକ ଲକ୍ଷ୍ମୀନାଥ ଫୁକନଙ୍କ ସଙ୍ଗେ ଆପଣଙ୍କ ଘନିଷ୍ଠତା ସର୍ବଜନବିଦିତ। ଏ ସମ୍ପର୍କରେ କିଛି କହିବେ କି ?

**ଉ:** ୧୯୫୨ରୁ ୧୯୫୮ ପର୍ଯ୍ୟନ୍ତ ମୁଁ ତାଙ୍କ ନିକଟ ସମ୍ପର୍କରେ ଆସିଥିଲି। ସେ ଅହମିୟା ଭାଷାର ସାହିତ୍ୟ ବାହାରେ ଅନ୍ୟ ଭାଷାରେ ରଚିତ ସାହିତ୍ୟରେ ଆଗ୍ରହ ରଖୁଥିଲେ। ମୋପାସାଁ, ଚେଖଭ, ରବୀନ୍ଦ୍ରନାଥ ଓ ଶରତଚନ୍ଦ୍ରଙ୍କ ସାହିତ୍ୟରେ ତାଙ୍କର ରୁଚି ଥିଲା। ତାଙ୍କ ସୌଜନ୍ୟରୁ ମୁଁ ଶରତଚନ୍ଦ୍ରଙ୍କର ପ୍ରାୟ ଉପନ୍ୟାସ ପଢ଼ିବାର ସୁଯୋଗ ପାଇଥିଲି। ଶରତଚନ୍ଦ୍ରଙ୍କ 'ଦତ୍ତା', 'ଗୃହଦା', 'ଶ୍ରୀକାନ୍ତ' ପଢ଼ି ମୁଗ୍ଧ ହୋଇଥିଲି। ସେ ମୋତେ ରତ୍ନକାନ୍ତ ବରକାକତୀ, ଅମ୍ବିକାଗିରି ରାୟ ଚୌଧୁରୀ, ପାର୍ବତୀ ପ୍ରସାଦ ବରୁଆ, ସୂର୍ଯ୍ୟ କୁମାର ଭୂୟାଁ ଓ ହେମ ବରୁଆ ପ୍ରମୁଖ ଲେଖକଙ୍କ ସଙ୍ଗେ ପରିଚିତ କରାଇ ଦେଇଥିଲେ। ଲକ୍ଷ୍ମୀନାଥ ମୋତେ ବହୁ ପୁରାଣ କଥା କହୁଥିଲେ ଓ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ମୋର 'ବ୍ରହ୍ମପୁତ୍ର' କବିତା ଲେଖିଥିଲି।

**ପ୍ର:** ସ୍କୁଲ୍‌ରେ ପଢ଼ିବାବେଳେ ପାଠ୍ୟପୁସ୍ତକର ସାହିତ୍ୟ ଆପଣଙ୍କୁ କିପରି ଉଦ୍‌ବୁଦ୍ଧ କରିଥିଲା ।

**ଉ:** ଦେରଗାଁ ହାଇସ୍କୁଲରେ ମୁଁ ପଢୁଥିଲି ଓ ଗୁଆହାଟୀରେ ମେଟ୍ରିକ୍ ପରୀକ୍ଷା ଦେଇଥିଲି। ସେ ସମୟର ପାଠ୍ୟପୁସ୍ତକରୁ ମୁଁ ଜ୍ୟୋତିପ୍ରସାଦଙ୍କ 'ଶିଳ୍ପୀର ପୃଥିବୀ', ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ଓ 'ସଞ୍ଚୟିତା', ରମା ଦାସଙ୍କ ଗଳ୍ପ, ଡିମ୍ବେଶ୍ୱର ନେଓଗଙ୍କ 'ଅସମୀୟା ସାହିତ୍ୟର ଇତିହାସ' ସମ୍ପର୍କରେ ଅବଗତ ହୋଇଥିଲି। ସାହିତ୍ୟ ପାଠ ଓ ରଚନା ଲେଖା ପ୍ରତି ମୋର ଖୁବ୍ ଆଗ୍ରହ ଥିଲା। ମୋର ପ୍ରିୟ ବିଷୟ ଥିଲା ମଧ୍ୟଯୁଗୀୟ ଆସାମର ଇତିହାସ ଓ ସଂସ୍କୃତି, କବିତା, ନାଟକ ଓ ଲୋକ ସାହିତ୍ୟ। ଏ ସବୁକୁ ମୁଁ କାହିଁକି ଭଲ ପାଇ ବସିଥିଲି କହି ପାରିବି ନାହିଁ। ବିଦ୍ୟାଳୟ ହିଁ ମୋ' ମନକୁ କରିଥିଲା ସମ୍ବେଦନଶୀଳ ଓ ସୌନ୍ଦର୍ଯ୍ୟ ସନ୍ଧାନୀ।

**ପ୍ର:** କେଉଁମାନେ ଥିଲେ ସମଧର୍ମା, ଯେଉଁମାନଙ୍କ ସ୍ମୃତି ଏବେ ବି ଆପଣଙ୍କ ମନରୁ ଲିଭି ନାହିଁ ?

**ଉ:** ସ୍କୁଲରେ ମୋ' ଉପର ଶ୍ରେଣୀରେ ପଢୁଥିବା କେହି କେହି ଗଳ୍ପ, ପ୍ରବନ୍ଧ, କବିତା ଆଦି ଲେଖୁଥିଲେ। କିଏ କିଏ ବି ମନୀଷୀମାନଙ୍କର ବାଣୀ ସଂଗ୍ରହରେ ମାତିଥିଲେ। କିଏ ଢୋଲ, ଖୋଳ, ତବଲା, ବଂଶୀ ବା ହାର୍‌ମୋନିୟମ୍ ବଜାଉଥିଲେ, ଚିତ୍ର ଆଙ୍କୁଥିଲେ, ଆକସ୍ମିକ ବକ୍ତୃତା ଦେଉଥିଲେ ଇତ୍ୟାଦି। ଅନୁଜପ୍ରତିମ ମୋର ବନ୍ଧୁ କେତେଜଣ ମିଶି ୧୯୪୬ରେ 'ଆଜାଦ୍ ପୁସ୍ତକାଳୟ' ନାମକ ଏକ ପାଠାଗାର ଖୋଲିଥିଲେ। ଏହି ପାଠାଗାର ତରଫରୁ ଏକ ଆଲୋଚନା ପତ୍ରିକା 'ଜ୍ୟୋତି' ପ୍ରକାଶ ପାଇଥିଲା। ଏଠାରେ ଅହମିୟା ସାହିତ୍ୟର ବରେଣ୍ୟ ସ୍ରଷ୍ଟାମାନଙ୍କର ସ୍ମରଣ ସଭା ହେଉଥିଲା। ଏଠାକୁ ରାଜମୋହନ ନାଥ, ଦେବକାନ୍ତ ବରୁଆ, କଣ୍ଠଶିଳ୍ପୀ ଶିବ ଭଟ୍ଟାଚାର୍ଯ୍ୟ ଓ ପ୍ରଫେସର ରାବଣନାଥ ପ୍ରମୁଖ ବକ୍ତୃତା ଦେବାକୁ ଆସିଥିଲେ। ମୋର ପ୍ରଥମ କବିତା ସଙ୍କଳନଟି ମୁଁ ମୋର ବନ୍ଧୁ ସାହିତ୍ୟାନୁରାଗୀ ଦିଲ୍ଲୀପ ବରଠାକୁରଙ୍କୁ ଉତ୍ସର୍ଗ କରିଥିଲି। ମୁଁ ଲେଖୁଥିବା ମୋର ପ୍ରତ୍ୟେକଟି କବିତା ଓ ପ୍ରବନ୍ଧ ମୋର ଅନୁଜପ୍ରତିମ ବନ୍ଧୁ ଜିତେନ୍ ଫୁକନ୍‌ଙ୍କୁ ପ୍ରଥମେ ପଢ଼ି ଶୁଣାଉଥିଲି। ଜିତେନ୍ ଓ ଦିଲ୍ଲୀପ ଥିଲେ ମୋର କବିତା ଓ ପ୍ରବନ୍ଧର ପ୍ରଥମ ପାଠକ ତଥା ସମାଲୋଚକ।

**ପ୍ର:** ଆପଣ ଆସାମର ବହୁ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ। ଏ ସମ୍ପର୍କରେ ଆପଣଙ୍କ ଅନୁଭୂତି କହିବେ ?

**ଉ:** 'ଆଜାଦ୍‌ପୁସ୍ତକାଳୟ', 'ଜନସଂସ୍କୃତିସଂଘ' ଓ 'ପରାଗ ସଂଘ'ର ମୁଁ ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। 'ପରାଗ ସଂଘ' ଏବେ ବି ଆସାମର ସବୁଠୁଁ ଜନପ୍ରିୟ ଅନୁଷ୍ଠାନ।

**ପ୍ର:** ଆପଣଙ୍କ କବିତା ଓ ପ୍ରବନ୍ଧ ମୁଖ୍ୟତଃ କେଉଁସବୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା ?

**ଉ:** ହଲିରାମ ଡେକା ସମ୍ପାଦିତ 'ବିହୁବାନ୍', ଯୋଗେନ୍ ବରକାକତୀ ସମ୍ପାଦିତ 'ସାଦିନୀୟା ଅସମୀୟା', 'ଜନମଭୂମି', 'ନତୁନ ଅସମୀୟା' ଓ 'ରାମଧେନୁ'ରେ ମୋର ଲେଖା ପ୍ରକାଶ ପାଇଥିଲା। ହାତଲେଖା 'ଜ୍ୟୋତି' ଓ 'ଅଙ୍କୁର' ପତ୍ରିକାରେ ମଧ୍ୟ ମୋର କବିତା ଓ ପ୍ରବନ୍ଧ ପ୍ରକାଶିତ ହୋଇଥିଲା। 'ବିହୁବାନ୍'ରେ ମୋ' ଲିଖିତ କବିତାକୁ ବାଗ୍ମୀବର ଫୁକନଙ୍କର ବୋଲି ମନେକରି ଛପାଯାଇଥିବାରୁ ଏକ ସଭାରେ ସେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ।

**ପ୍ର:** ଦେଶର ସ୍ୱାଧୀନତା ଆନ୍ଦୋଳନ ଆପଣଙ୍କ ଉପରେ କି ପ୍ରଭାବ ପକାଇଥିଲା ?

**ଉ:** ସ୍ୱାଧୀନତା ଆନ୍ଦୋଳନ ଆମ ଭିତରେ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରିଥିଲା। ସେତେବେଳେ ଆମର ନେତା ଥିଲେ ଗୋଲାଘାଟର ଶଙ୍କର ବରୁଆ, ରାଜେନ୍ ବରୁଆ, ଦେରଗାଁର ନରେନ୍ ଶର୍ମା, ଜୀବେଶ୍ୱର ହାଜରିକା ପ୍ରମୁଖ। ସେଇ ସମୟରେ ପ୍ରକାଶିତ ହେମ ବରୁଆଙ୍କର 'ଗଣବିପ୍ଳବ', ନରେନ୍ ଶର୍ମାଙ୍କର 'କମଳା ମିରି' ଓ 'କୁଶଲ କୋଁବର' ଭଳି ଚଟି ବହିମାନ ଆମ ଆବେଗ-ଅନୁଭୂତିରେ ନିଆଁ ଲଗାଇ ଦେଇଥିଲା। ଲୋକଙ୍କ ଦେଖାଦେଖି ମୁଁ ଓ ମୋର ସାଙ୍ଗମାନେ ଗାନ୍ଧୀ ଟୋପି ଓ ଖଦଡ଼୍ ଲୁଗା ପିନ୍ଧିଥିଲୁ। ଜ୍ୟୋତି ପ୍ରସାଦଙ୍କ ବିପ୍ଳବୀ ଗାନ ଗାଇ ଗାଇ ଶୋଭାଯାତ୍ରାରେ ବୁଲିଥିଲୁ। ସ୍ୱାଧୀନତା ସଂଗ୍ରାମର ନେତାମାନଙ୍କ ମଧ୍ୟରେ ଆମକୁ ସବୁଠୁ ମୋହିତ କରିଥିଲେ ଗାନ୍ଧୀ ଓ ସୁଭାଷ ଚନ୍ଦ୍ର ବୋଷ।

**ପ୍ର:** କଟନ କଲେଜରେ ପଢ଼ିଲାବେଳେ ଆପଣଙ୍କ କବିତା 'ଜାରୁବାଲୀର ଗାନ' କବିତା ପ୍ରତିଯୋଗିତାରେ ପ୍ରଥମ ହୋଇଥିଲା। କବିତାଟିରେ ଥିବା ମାନବୀୟ ସହାନୁଭୂତି ଓ ସାମାଜିକ ଭାବନା ଆଜି ବି ପାଠକଙ୍କୁ ସ୍ପର୍ଶ କରେ। ଏ ସମ୍ପର୍କରେ ଆପଣଙ୍କ ଉପଲବ୍ଧି କ'ଣ ?

**ଉ:** ଆଇ.ଏ. ପ୍ରଥମ ବର୍ଷ ପଢ଼ିଲାବେଳେ ମୁଁ ଏ କବିତାଟି ଲେଖିଥିଲି। କବିତାଟି ଏକ ବାସ୍ତବ ଅନୁଭୂତି ଆଧାରିତ ଥିଲା। ସେ ସମୟରେ ଆମ ଉପରେ ବାମପନ୍ଥୀ ଚିନ୍ତାଧାରାର ପ୍ରଭାବ ପ୍ରବଳ ଥିଲା। ସେତେବେଳେ ଦୀନନାଥ ଶର୍ମା ସମ୍ପାଦିତ 'ଆବାହନ' ପତ୍ରିକାରେ ଭବାନନ୍ଦ ଦତ୍ତଙ୍କର 'ଅସମୀୟା କବିତା କାହିନୀ' ଧାରାବାହିକ ଭାବେ ପ୍ରକାଶ ପାଉଥିଲା, ଯାହାଦ୍ୱାରା ଆମେ ଅନୁପ୍ରାଣିତ ହୋଇଥିଲୁ। ନେରୁଦାଙ୍କ 'Let The Rail Splitters Awake' ଓ ଚୀନା ନାଟକ 'White Haired Girl', ସୁନ୍ଦରଲାଲଙ୍କ 'China Today' ଆଦି ବହି ଓ ଆଲୋଚନା ଖୁବ୍ ପ୍ରଭାବଶାଳୀ ଥିଲା।

**ପ୍ର:** ହେମ ବରୁଆ, ନବକାନ୍ତ ବରୁଆ, ମହେନ୍ଦ୍ର ବରା ପ୍ରମୁଖ ଅହମିୟା ଆଧୁନିକ କାବ୍ୟ ଆନ୍ଦୋଳନର ନେତୃସ୍ଥାନୀୟ କବି ଥିଲେ। ଏମାନଙ୍କ ଅବଦାନ ସମ୍ପର୍କରେ ଆପଣ କ'ଣ କହିବେ ?

**ଉ:** ଏମାନେ ସମସ୍ତେ ମୋର ଶ୍ରଦ୍ଧେୟ ପୂର୍ବସୂରୀ। ଆଧୁନିକ ଅହମିୟା କବିତାର ମାର୍ଗଦର୍ଶକ। ଅହମିୟା କବିତାର ସୃଷ୍ଟି, ବିକାଶ ଓ ପ୍ରସାରରେ ଏମାନଙ୍କର ଭୂମିକା ତର୍କାତୀତ ନ ହେଲେ ବି ଅହମିୟା କବିତାକୁ ଏମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ହେମ ବରୁଆଙ୍କ 'ବାନ୍ଦର' ଓ 'ଲାଇଟ୍ ପୋଷ୍ଟ' ଆଧୁନିକ ଅହମିୟା କବିତାର ନବଦିଗନ୍ତ ଉନ୍ମୋଚନ କରିଥିଲା। ରାଜେଶ୍ୱର ରାଓଙ୍କ କବିତାରେ ହିଁ 'ମଡାର୍ଣ୍ଣ' ଅହମିୟା 'ପୋଏଟ୍ରି' ଜନ୍ମ ନେଲା। ସେ 'ଏଇଗାଁଓ ଏଇଗୀତ' ଲେଖି ଭାରତୀୟ ଲୋକ କବିତାର ବିପୁଳ ସମ୍ପଦର ସନ୍ଧାନ ଦେଲେ। 'ମମତାର ଚିଠି' ପରି ସୁନ୍ଦର କବିତାର ସେ ବିରଳ ସ୍ରଷ୍ଟା। ମହେନ୍ଦ୍ର ବରୁଆ ଆଧୁନିକ ଅହମିୟା କବିତା ଉପରେ ଉଠୁଥିବା ପ୍ରତିବାଦ, ପ୍ରତିକ୍ରିୟାର ଉପଯୁକ୍ତ ଜବାବ ରଖି ପାଠକମାନଙ୍କୁ ଆଧୁନିକ କବିତା ପ୍ରତି ଉନ୍ମୁଖ କରାଇଲେ। 'ଫୁଲ ତରା ଗାନ' ଲେଖି ଅହମିୟା କବିତାରେ ବିଶ୍ୱ କବିତାର ଅପାର ବୈଚିତ୍ର୍ୟକୁ ଉଜାଗର କଲେ।

**ଅନୁବାଦ ଓ ଉପସ୍ଥାପନା: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## କବିତା

### ତିନୋଟି କବିତା
ଇପ୍ସିତା ମହାନ୍ତି

॥ ୧ ॥
**ଅଜବ ପ୍ରେମ**
ମୂଲ୍ୟବାନ ସମୟ ତକ
ଯା' ଲାଗି ସାରିଲି,
ଏ ଯାଏଁ ତା' ଲାଗି ମୁଁ
ଅବୁଝା ରହିଲି
ମୋ' ପାଖେ ଯା' ଲାଗି
ସମୟ ହିଁ ନାହିଁ,
ପ୍ରତି କ୍ଷଣେ ମୋତେ
ସେ ଖୋଜି ବୁଲଇ।

॥ ୨ ॥
**ରଙ୍ଗହୀନ ଜୀବନ**
ଋତୁ ପରେ ଋତୁ ଓହ୍ଲାଇ ଆସିଛି,
ବହୁରୂପୀ ପରି ଧରା ବଦଳିଛି,
ଶୀତର ହାବୁକା ମାଡ଼େ ମୁଁ ଥରିଛି,
ନିଦାଘ ମନେ ମୋ' ଉଷ୍ମତା ଭରିଛି,
ଶ୍ରାବଣ ସ୍ପର୍ଶରେ ମୁଁ କେତେ ଯେ ଭିଜିଛି,
ବସନ୍ତ ବି ମୋ' ଦେହେ ଅବିର ବୋଳିଛି,
ତଥାପି ମୁଁ ରଙ୍ଗହୀନ ଜୀବନ ଜିଉଛି।

॥ ୩ ॥
**ସବୁଠୁ ସୁନ୍ଦର**
ସବୁଠୁ ସୁନ୍ଦର ଅଟଇ ଶିଶୁ,
ଏ ପର୍ଯ୍ୟନ୍ତ ସିଏ ବଢି ପାରିନାହିଁ
ସବୁଠୁ ସୁନ୍ଦର ଅଟଇ ଦିନ,
ଏ ଯାଏଁ ଯାହାକୁ ମୁଁ ଦେଖି ପାରିନାହିଁ
ସବୁଠୁ ସୁନ୍ଦର ଅଟଇ ଶବ୍ଦ,
ଯାହା ମୁଁ ତୁମକୁ କହିବାକୁ ଚାହୁଁଥିଲି,
ଏ ଯାଏଁ କିନ୍ତୁ ତାହା କହି ପାରିନାହିଁ।
ମୋ: ୬୩୭୦୬୭୯୪୦୫

### ଇଚ୍ଛା ହୁଏ
ସମ୍ବିତ ଦାଶ

ଇଚ୍ଛା ହୁଏ
ମୁକ୍ତ ଆକାଶରେ ଉଡ଼ିବା ପାଇଁ
ହେଲେ ମୋ' ପାଖରେ ନ ଥାଏ
ଚଢ଼େଇ ଭଳି ଦୁଇଟି ଡେଣା।

ଇଚ୍ଛା ହୁଏ
ପର୍ବତ ଶୀର୍ଷକୁ ଚଢ଼ିବା ପାଇଁ
ହେଲେ ମୁଁ ଶୀର୍ଷ ଯାଏ ଚାଲିପାରେନା
ଅଧା ବାଟୁ ଫେରିଆସେ।

ଇଚ୍ଛା ହୁଏ
ନିଆଁରେ ଚାଲିବାକୁ
ହେଲେ ଭାରି ଭୟ ଲାଗେ
କାଳେ ପାଦ ଫୋଟକା ହେଇଯିବ!

ଇଚ୍ଛା ହୁଏ
ବର୍ଷାରେ ଭିଜି ଭିଜି ନାଚିବାକୁ
ହେଲେ ମତେ ଭାରି ଭୟ ଲାଗେ
କାଳେ ଥଣ୍ଡା, ଜର ହେଇଯିବ!

ଇଚ୍ଛା ହୁଏ
ନଈରେ ପହଁରିବା ପାଇଁ
ହେଲେ ମତେ ଭାରି ଡର ଲାଗେ
କାଳେ ନଦୀ ସୁଅରେ ଭାସିଯିବି!

ଇଚ୍ଛା ହୁଏ
ଗଛ ଉପରେ ବସି ଫଟୋ ନେବାକୁ
ହେଲେ ମତେ ଗଛ ଚଢ଼ିବାକୁ ଭୟ ଲାଗେ
କାଳେ ଗଛରୁ ତଳେ ପଡ଼ିଯିବି!
ମୋ: ୯୧୭୮୮୦୪୬୩୫

### ଅଭାବ
ଅର୍ଚ୍ଚନା ଦେଓ

ଶୂନ୍ୟତା କେବଳ ମୋ' ଭିତରେ ନାହିଁ
ସବୁ ମଣିଷ ଭିତରେ ରହିଛି
କାହା ପାଖରେ ଶବ୍ଦର ଅଭାବ ତ
ଆଉ କାହା ପାଖରେ ସମ୍ପର୍କର ଅଭାବ
ତଥାପି ସେମାନେ ଦୁନିଆ ସାମ୍ନାରେ
କୃତ୍ରିମ ହସ ହସନ୍ତି ଖୁବ୍ ସନ୍ତର୍ପଣରେ।

ଚାଳିଆ ଛପର ଘର କରି
ଲୋକେ ଖୁସିରେ ରହିପାରନ୍ତି
ହେଲେ ବଡ଼ ଘରର ମେମ୍ ସାହେବା
ଖୁସି ଟିକକର ସନ୍ଧାନ ପାଇଁ
ରାତିରେ ଘୂରିବୁଲନ୍ତି
ପଞ୍ଚତାରକା ହୋଟେଲ।

ଜଣେ ପଖାଳ କଂସାରେ ବି
ପେଟ ପୂରାଇ ପାରେ
ଆଉ ଜଣେ ପିଜା, ବର୍ଗର ଖାଇ ବି
ଅସନ୍ତୋଷର ଜୀବନ କାଟେ।
କିଏ ଅଳ୍ପ ସୁଖରେ ରହିଛି ତ
କିଏ ସମ୍ପର୍କ ଦୁଃଖରେ
ଗଡ଼ିଆ ପାଣିର ମାଛ ପରି
ଛଟପଟ ହେଉଛି।

ଅଭାବ ତ ରହିଛି
ସମସ୍ତଙ୍କ ଭିତରେ
କେବଳ ଯାହା ଫରକ ଅନୁଭବର।
ମୋ: ୯୩୪୮୪୪୧୯୮୪

## ଗୀତି-କବିତା

### ଖଟିଖିଆ ବାସଭୂଇଁ
ହୃଦାନନ୍ଦ ପାଣିଗ୍ରାହୀ

ପଲିଥିନ୍‌ଢଙ୍କା ଭଙ୍ଗା ଚାଳଘର
ଖଟିଖିଆ ବାସଭୂଇଁ
ପାଣି ପବନକୁ ସହିବା ଶକତି
ଦଦରା ଘରର କାହିଁ।୦।

କେତେ ବା ସହିବ ଖରା କି ବରଷା
ପବନ ଶୀତ କାକର
ଥମଥମ ମେଘ, ବିଜୁଳି ଚମକ
ଛାତିରେ ଛାନିଆ ଡର
ଛପର ଖଣ୍ଡକ ପାଲଟାଇ ଦେବି
ହାତରେ ସମ୍ବଳ ନାହିଁ।୧।

ମୁଦିବା ଆଖିକି କଉଁ ଆସେ ନିଦ
ଜଳଜଳ ରହେ ଚାହିଁ
ଚିନ୍ତା ଜରଜର ଲୁଣଖିଆ ହାଣ୍ଡି
ଦୁଃଖରେ ଯାଏ ଝାଳେଇ
ଖଟିଖଟି ଗୋଡ଼ ହାତ ରସିଲାଣି
କଷଣର ଶେଷ ନାହିଁ।୨।
ମୋ: ୯୪୩୭୯୮୭୪୨୯

## ପୁସ୍ତକ ପରିଚୟ

### ମୁଠାଏ ସ୍ୱର୍ଗ




**କବି:** ପ୍ରସନ୍ନ କୁମାର ମହାନ୍ତି
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୦/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୪୦ଟି କବିତା ସ୍ଥାନିତ ଏବଂ ୧୦୮ ପୃଷ୍ଠାର କଳେବର ଭିତରେ କବିତାଗୁଡ଼ିକର ଉଚ୍ଚାରଣ ଖୁବ୍ ସଂଯତ ତଥା ସମ୍ଭ୍ରାନ୍ତ। କବିତାଗୁଡ଼ିକ ପଢ଼ିଲେ ମନେହୁଏ ବିକ୍ରମଙ୍କ ପ୍ରତି ବେତାଳ ଯେପରି ବିଶ୍ୱସ୍ତ, ଶବ୍ଦଗୁଡ଼ିକ କବିଙ୍କର ସୂକ୍ଷ୍ମ ଜୀବନାନୁଭୂତିକୁ ବହନ କରିବାରେ ସେହିପରି ବଶମ୍ବଦ। କେତୋଟି ଉଦାହରଣ ନେବା: ୧. ''ଏବେ ଏଇ ଘରେ/ ଆମେ ରହୁ କେବଳ ଦି'ଜଣ/ ମୁଁ ଓ ନିର୍ଜନତା'' (ଅତିଥି, ପୃ:୧୩), ୨. ''ମୋର ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାରେ/ ସ୍ୱର୍ଗର ମହକ, ମହୁ ଓ ମଦିରା,/ ସ୍ୱର୍ଗର ସ୍ପନ୍ଦନ... ସ୍ୱର୍ଗ ସମ୍ପୂର୍ଣ୍ଣ/ ମିଶିଯାଇଛି, ଆକାଶ ସହିତ/ ନୀଳ ରଙ୍ଗ ପରି। / ଜୀବନ ସହିତ ଦୁଃଖ ପରି।'' (ମୁଠାଏ ସ୍ୱର୍ଗ, ପୃ:୨୧), ୩. ''ସେଦିନ ଯୋଉ ଦୀପଟି/ ଜାଳିଥିଲ ଛାତି ଭିତରେ/ ତାକୁ ଲିଭାଇବନି କେବେ/ ମୁଁ ସେଇ ଦୀପର/ ଶିଖା ଭିତରେ ଅଛି/ ଡିମିରି ଫୁଲ ପରି।'' (ଫେରି ଆସିବି, ପୃ:୪୭)। ପ୍ରସନ୍ନ ଶବ୍ଦ ଭିତରର ସବୁ କୋଳାହଳକୁ ନିଗାଡ଼ି ଦେଇ କେବଳ ନୀରବତାରେ କବିତା ଲେଖନ୍ତି। ଉଦ୍ଧୃତ କବିତା ତ୍ରୟକୁ ଛାଡ଼ିଦେଲେ 'ଅଧାଲେଖା କବିତା', 'ଅତ୍ୟନ୍ତ ଗୋପନୀୟ', 'ଶବ୍ଦ-ଶାପ', 'ଘର', 'ଫେରନ୍ତା ବାଟ', 'ଯୁଦ୍ଧ କରୁ କରୁ', 'ଲୁହା ଦର୍ଜା ସେପାଖେ', 'ବାଟଖୋଜା', 'ବାପା' ଓ 'ମାଟିର ଦ୍ରୋଣ' ଭଳି କବିତାଗୁଡ଼ିକରେ ସମୟ, ସ୍ୱପ୍ନ ଓ ଜୀବନର ବିବଶତାକୁ ଗୋଟିଏ ପଘାରେ ଲଟକାଇ ଦିଅନ୍ତି ପ୍ରସନ୍ନ। ଆମ ସମୟର କ୍ୱଚିତ୍ କବି 'ମୁଠାଏ ସ୍ୱର୍ଗ'ର କବିତ୍ୱକୁ ଅତିକ୍ରମ କରିବାର କ୍ଷମତା ରଖନ୍ତି।

**ଆମ ସମୟର ଶ୍ରେଷ୍ଠ କଥା**

### କଥା ଦଶକ




**ବିଭୂତି ପଟ୍ଟନାୟକ**
**ସମ୍ପାଦନା:** ପୀତବାସ ରାଉତରାୟ
**ପ୍ରକାଶକ:** ମହାବୀର ପ୍ରକାଶନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ. ୧୦୦/-

ପୀତବାସ ଏହି ଗ୍ରନ୍ଥରେ ତାଙ୍କର ଅନ୍ୟ ଗ୍ରନ୍ଥ ପରି ପ୍ରଥିତଯଶା ଗାଳ୍ପିକ ବିଭୂତି ପଟ୍ଟନାୟକଙ୍କ ଦଶଟି ଚର୍ଚ୍ଚିତ ଗଳ୍ପ ସହିତ ଦଶଜଣ ସମକାଳର କଥାଶିଳ୍ପୀଙ୍କ ମୂଲ୍ୟାୟନକୁ ଏକାଠି କରିଛନ୍ତି। ଚୟିତ ଗଳ୍ପଗୁଡ଼ିକ ହେଲା- 'ଭାରତବର୍ଷ', 'ମହାତ୍ମା, ମ୍ୟାଜିକ୍', 'ସମାନ୍ତର ସରଳରେଖା', 'ବଇଦାସର ବଳଦ', 'ବାପଘର-ଶାଶୁଘର', 'କାନ୍ଦୁରୀ ବୁଢ଼ୀର ଶେଷହସ', 'କାଳୀ-ଗୋରୀ', 'ଅପରାହ୍ନର ଅଶ୍ରୁ' ଓ 'ଧୂଳିଆ ବାବା ଏବଂ ଅବକାରୀ ମନ୍ତ୍ରୀ'। ସମୀକ୍ଷାରେ ଅଛନ୍ତି ଯଥାକ୍ରମେ ଅସିତ ମହାନ୍ତି, ଦାଶ ବେନହୁର, ହିରଣ୍ମୟୀ ମିଶ୍ର, ଅରବିନ୍ଦ ରାୟ, ଗୌରହରି ଦାସ, କୃପାସାଗର ସାହୁ, ରବି ପଣ୍ଡା, ସଦାନନ୍ଦ ତ୍ରିପାଠୀ ଓ ସୀତେଶ ତ୍ରିପାଠୀ। ଗ୍ରନ୍ଥର ପ୍ରମୁଖ ପ୍ରାପ୍ତି ପାଠକଙ୍କ ପାଇଁ ହେଉଛି ଏଥିରେ ସନ୍ନିବେଶିତ ଲେଖକଙ୍କ ସବିଶେଷ ପରିଚୟ, 'ମୁଁ କାହିଁକି ଲେଖେ' ଶୀର୍ଷକରେ ଲେଖକଙ୍କ ମୂଲ୍ୟବାନ୍ ବକ୍ତବ୍ୟ, ସାରସ୍ୱତ ସମ୍ଭାର ଓ ତିନୋଟି ଉଲ୍ଲେଖନୀୟ ସାକ୍ଷାତ୍କାର। ଯେଉଁ ବିଭୂତି ମାର୍କ୍ସ, ଗାନ୍ଧୀ ଓ ଶ୍ରୀଜଗନ୍ନାଥଙ୍କୁ ଈଶ୍ୱରଙ୍କ ମାନ୍ୟତା ଦିଅନ୍ତି ଓ ନିଜ ଗଳ୍ପ, ଉପନ୍ୟାସର ପ୍ରେରଣା ବୋଲି ସ୍ୱୀକାର କରନ୍ତି, ସେଇ ବିଭୂତିଙ୍କୁ ପାଠକେ ବହିଟିରୁ ଗୋଟିପଣେ ପାଇବସିବେ। ଆଶା, ପୁସ୍ତକଟି ବିଭୂତି-ଅନୁରାଗୀ ଓ ସର୍ବୋପରି ଓଡ଼ିଆ ପାଠକ ତଥା ଗବେଷକଙ୍କ ପାଇଁ ରଂକ-ରତ୍ନ ବିବେଚିତ ହେବ।

## କାଳକାଳକୁ

**''ଯେତେବେଳେ ମୁଁ ପିଲା ଥିଲି, ବହି ମୋତେ ହତାଶାରୁ ରକ୍ଷା କରିଛି। ସଂସ୍କୃତି ହିଁ ସର୍ବୋତ୍ତମ ମୂଲ୍ୟବୋଧ, ବହିରୁ ମୁଁ ବୁଝିଛି।''**
**- ସାଇମନ୍ ଡେ ବିଉଭର୍**



**ସାଇମନ୍ ଡେ ବିଉଭର**ଙ୍କ ଜନ୍ମ ୯ ଜାନୁୟାରୀ ୧୯୦୮ରେ ଓ ପରଲୋକ ୧୪ ଏପ୍ରିଲ ୧୯୮୬ରେ, ଫ୍ରାନ୍ସରେ। ସେ ଏକାଧାରରେ ଔପନ୍ୟାସିକ, ସ୍ଥିତିବାଦୀ ଦାର୍ଶନିକ ଓ ରାଜନୈତିକ କର୍ମୀ। ତାଙ୍କର ବିଶ୍ୱବିଦିତ ଗ୍ରନ୍ଥ ''ଦ ସେକେଣ୍ଡ୍ ସେକ୍ସ'' ୧୯୪୯ରେ ପ୍ରକାଶିତ। ଅନ୍ୟ ଉପନ୍ୟାସ ମଧ୍ୟରେ 'ସି ନେମ୍ ଟୁ ଷ୍ଟେ' ଓ 'ଦ ମାଣ୍ଡାରିନ୍‌ସ' ବହୁ ଚର୍ଚ୍ଚିତ। ତାଙ୍କର 'ସ୍ମୃତି କଥା' ବହୁ ପଠିତ ଓ ଖୁବ୍ ପ୍ରଭାବଶାଳୀ। ସେ କହନ୍ତି: ୧. 'ଅନ୍ୟର ଜୀବନରେ ମୂଲ୍ୟ ଭରୁଥିବା ଯାଏ, ଜଣଙ୍କ ଜୀବନର ମୂଲ୍ୟ ଅଛି।' ୨. 'ଜଣେ ପୁରୁଷ ନାରୀ ସଂଗେ ଲିପ୍ତ ହୁଏ, ତାକୁ ଉପଭୋଗ କରିବା ପାଇଁ ନୁହେଁ, ନିଜକୁ ଉପଭୋଗ କରିବା ପାଇଁ।' ଏହା ହିଁ ସୂଚାଏ ଜୀବନ ଓ ସମାଜକୁ ନେଇ ତାଙ୍କ ବିଚାରଧାରାର ସ୍ୱାତନ୍ତ୍ର୍ୟ।

## ଗଳ୍ପ

### କର୍ତ୍ତବ୍ୟ
ଦେବେନ୍ଦ୍ର କର

ଆରେ ଦେବୁ ଏ ଦେବୁ ଶୁଣ ଶୁଣ। ଏ ଗହଳି ରାସ୍ତାରେ କିଏ ଆଉ ମତେ ଡାକୁଛି। ଗାଡ଼ି ଅଟକାଇ ସବୁ ଆଡ଼େ ଚାହିଁଦେଲି। ନଜର ପଡ଼ିଲା ରାସ୍ତା ସେପଟେ ବିଜୟ ଭାଇ ଡାକ ଦେଉଛନ୍ତି। ବହୁତ ଦିନ ପରେ ଦେଖା। ଖୁସି ମନରେ ଚଟାପଟ୍ ଭାଇଙ୍କ ପାଖକୁ ଧାଇଁଗଲି। ଭାଇ ପ୍ରଣାମ। ହସି ହସି ଭାଇ କହିଲେ ବୁଢ଼ାଟିଏ ହେଇଥା'। ଆଉ କେମିତି ଅଛୁ ? ଆଜି କଟକରେ କ'ଣ କାମ ଥିଲା କି ? ଆଜ୍ଞା, ଭାଇ ଭଲ ଅଛି। ଅଫିସ୍ କାମରେ ମୁଁ ବେଳେବେଳେ କଟକ ଆସେ। ଏଇ ସମୟରେ ମୋ' ମୋବାଇଲ୍‌ଟା ବାଜି ଉଠିଲା। ଅଫିସ୍‌ରୁ ଡାକରା ଆସିଲାଣି। ଇଚ୍ଛା ଥିଲା ଭାଇଙ୍କ ସହିତ ଘଡ଼ିଏ ଦୁଃଖସୁଖ ହେଇଥା'ନ୍ତି। ଏବେ ଗୋଟେ ମିନିଟ ଛିଡ଼ା ହେବା ବି ମୋ' ପକ୍ଷେ ସମ୍ଭବ ନୁହେଁ। ବିଜୟ ଭାଇ ତାଙ୍କ ବସାକୁ ଯିବାକୁ ବାଧ୍ୟ କରୁଥିଲେ। ଭାଇ ଆଉ କେବେ ଆସିଲେ ନିଶ୍ଚୟ ଯିବି, ଜବାବ ଦେଇ ଭାଇଙ୍କ ପାଖରୁ ବିଦାୟ ନେଲି।

ବିଜୟ ଭାଇ ଗାଁ ଛାଡ଼ିବା ପାଖାପାଖି ଦଶ ବର୍ଷ ହେଲାଣି। କଟକର ଏକ ବେସରକାରୀ କମ୍ପାନୀରେ ତାଙ୍କର ଚାକିରି। ପୂର୍ବରୁ ପ୍ରତ୍ୟେକ ଦିନ ଗାଁରୁ ସହର ଆସିବା କରୁଥିଲେ। ବିଜୟ ଭାଇ ଜଣେ ପରୋପକାରୀ ମଣିଷ। ଗାଁରେ କାହାରି କିଛି ହେଲେ ବିଜୟ ଭାଇଙ୍କ ପାଖକୁ ଧାଇଁ ଆସନ୍ତି। ଡାକ୍ତରଦେଖା ଔଷଧକିଣା ସବୁ ଦାୟିତ୍ୱ ବିଜୟ ଭାଇଙ୍କ ଉପରେ ଥିଲା। ଅନ୍ୟ କିଛି ଦରକାର ଜିନିଷ ଥିଲେ ବିଜୟ ଭାଇ କଟକରୁ କିଣି ନିଅନ୍ତି। ବିବାହ ପର ବର୍ଷ ବିଜୟ ଭାଇ ଭାଉଜଙ୍କ ସହିତ କଟକରେ ଆସି ରହିଲେ। ବିଜୟ ଭାଇଙ୍କ ଅନୁପସ୍ଥିତିରେ ଆରମ୍ଭ ହେଇଗଲା ଏଣୁତେଣୁ ଚର୍ଚ୍ଚା। ପରିବାର ଲୋକଙ୍କ ଛୋଟମୋଟ ଆକ୍ଷେପ ସାହି ପଡ଼ିଶାଙ୍କୁ ବେସ୍ ସୁହାଇଲା। ଘର କଥା ଦାଣ୍ଡରେ ପଡ଼ିଲା। କିଏ କହିଲା ସ୍ତ୍ରୀ ବୋଲକରା, କିଏ କହିଲା ମାଇଚିଆ ତ ପୁଣି କିଏ କହିଲା ସ୍ୱାର୍ଥପର। ଯିଏ ଦିନେ ବୋଲହାକ ଶୁଣୁଥିଲା, ସାହାଯ୍ୟ ପାଇଁ ଟଙ୍କା ପଇସା ଦେଉଥିଲା ସେ ହେଲା ଉପହାସର ପାତ୍ର।

ମୁଁ ଭୁବନେଶ୍ୱର ଚାକିରି କରିବା କଥା ବିଜୟ ଭାଇଙ୍କୁ ଜଣେଇଥିଲି। ମଝିରେ ମଝିରେ ଭାଇ ଫୋନ ବି କରନ୍ତି। ବିଜୟ ଭାଇ ନିଜ ରକ୍ତର କେହି ନ ହେଲେ ବି ଗାଁ ସାହିଭାଇ ହିସାବରେ ସେମିତି କିଛି ଆତ୍ମୀୟତା ଥିଲା ମୋ' ସହିତ। ଏମିତି ନୁହେଁ ଯେ ବିଜୟ ଭାଇଙ୍କର ଗାଁ ସହିତ ସମ୍ପର୍କ ପୂରାପୂରି ତୁଟି ଯାଇଥିଲା। ମଝିରେ ମଝିରେ ଭାଉଜଙ୍କୁ ନେଇ ଗାଁ ଆଡ଼େ ଯାଆନ୍ତି। ପୁଅଟେ ହିସାବରେ ଯାହା ଯାହା କର୍ତ୍ତବ୍ୟ କରିବା କଥା ସେଥିରେ ଆଦୌ ଖିଲାପ କରନ୍ତିନି।

ସେଦିନ ବି ମୋର କଟକରେ କାମ ପଡ଼ିଥାଏ। ଦ୍ୱିପ୍ରହର ସୁଦ୍ଧା କାମ ବି ସରିଗଲା। ବିଜୟ ଭାଇଙ୍କ କଥା ମନେପଡ଼ିବାରୁ ରିଂ କରିଦେଲି। ମାତ୍ର କିଛି ସମୟ ଭିତରେ ବିଜୟ ଭାଇ ଯଥା ସ୍ଥାନରେ ହାଜର ହେଇଗଲେ। ବାଟରେ ଗଲାବେଳେ ଭାଇ ମନ ଦୁଃଖରେ କହୁଥାନ୍ତି, ମୁଁ ଆଉ ପୂର୍ବପରି ଗାଁକୁ ଯାଇପାରିନି। ପୁଅଟାର ପରୀକ୍ଷା ଥିଲା, ପୁଣି ଏପଟେ ଘର ମାଲିକ ଘର ଖାଲି କରିବାକୁ କହିଲା। ଭାରି କଷ୍ଟରେ ଆଉ ଗୋଟେ ଘର ମିଳିଲା। ଦୁଇ ବଖୁରିଆ ଛୋଟ ଛୋଟ ରୁମ। ବହୁତ ଦିନ ପରେ ଭାଉଜଙ୍କ ସହିତ ଭେଟ। ଭାଉଜ ନମସ୍କାର। ପ୍ରତିନମସ୍କାର ପକାଇ ଭାଉଜ ହସହସ ମୁହଁରେ ସ୍ୱାଗତ ଜଣାଇଲେ। ଗାଁର ହାଲ୍‌ଚାଲ ମୋ'ଠାରୁ ପଚାରି ବୁଝିଲେ। ପଚାରିଲି, ଭାଉଜ ପୁଅ କାହିଁ ଦିଶୁନି। କହିଲେ, ତା'ର ପା' ଟ୍ୟୁଶନ ଚାଲିଛି। ମୁଁ ପୁଣି ପ୍ରଶ୍ନ କଲି, ଭାଉଜ ପୁଅର କେଉଁ ସ୍କୁଲ ? କହିଲେ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର। ମୁଁ କହିଲି, ଶିଶୁ ମନ୍ଦିର ସ୍କୁଲଗୁଡ଼ିକରେ ଭଲ ପଢ଼ା ହେଉଛି। ଏଣୁ ହାଇସ୍କୁଲ ପରୀକ୍ଷାରେ ସେମାନେ ଭଲ ରେଜଲ୍ଟ କରୁଛନ୍ତି। ଭାଉଜ କହିଲେ, ପୁଅ ବି କ୍ଲାସରେ ଫାଷ୍ଟ ହେଉଛି। ଆମେ ଦିହେଁ ତାକୁ ଗୋଡ଼େ ଗୋଡ଼େ ଜଗିଛୁ। ମୁଁ କହିଲି, ଠିକ୍ ଠିକ୍ ଆମେ ଆମ କର୍ତ୍ତବ୍ୟ କରିବା ତେଣିକି ଉପରବାଲା ହାତରେ। ସମୟ ଘଡ଼ିକି ଚାହିଁ ଭାଉଜ ଏଥର ରୋଷେଇ ପ୍ରସ୍ତୁତିରେ ଲାଗିପଡ଼ିଲେ।

ଭାଇଭାଉଜ ଉଭୟଙ୍କ ତୁଣ୍ଡରୁ ଗାଁ ସାହି ଭାଇଙ୍କର ପ୍ରଶଂସାପୂର୍ଣ୍ଣ ଶବ୍ଦଗୁଡ଼ିକ ଶୁଣି ମତେ ଭାରି ଖୁସି ଲାଗିଲା। ସେପଟେ ଭାଉଜ ରୋଷେଇ ପ୍ରସ୍ତୁତିରେ ଲାଗିପଡ଼ିଲେ। ଛୋଟିଆ ରୁମ୍‌ଟି ଖୁବ୍ ସୁନ୍ଦର ଭାବରେ ସଜ୍ଜା ହୋଇଥିଲା। ପ୍ରତ୍ୟେକ ଜିନିଷ ଯଥା ସ୍ଥାନରେ ସାଇତା ହୋଇଥାଏ। ମନ ମହକିଆ ତରକାରି ବାସ୍ନା ସେପଟ ରୁମରୁ ଭାସି ଆସିଲ। ଭାଉଜ କେତେ ଯେ ତତ୍ପର ମଣିଷ ମତେ ଆଉ ଜାଣିବାକୁ ବାକି ନ ଥିଲା।

ମାତ୍ର କିଛି ମିନିଟରେ ଭାଉଜ ଆମ ଦିହିଁଙ୍କର ଖାଇବା ପରଷି ଦେଲେ। ଭାଇ ଓ ଭାଉଜଙ୍କ ସ୍ନେହପୂର୍ଣ୍ଣ କଥାରେ ଖାଦ୍ୟର ସୁଆଦ ଆହୁରି ବଢ଼ିଗଲା। ଆଉ କେଉଁ ଦିନ ସମୟ ପାଇଲେ ନିଶ୍ଚୟ ଆସିବା ପାଇଁ ଭାଉଜ ମତେ ନିମନ୍ତ୍ରଣ ଦେଲେ। ଫେରିବା ସମୟରେ ଭାଉଜ ଜରି ପୁଡ଼ିଆଟେ ଦେଲେ। କହିଲେ, ଏଥିରେ ଆରିସା ପିଠା ଅଛି। ମୁଁ ମନା କରିବା ସତ୍ତ୍ୱେ ବହୁତ ରାଣ ନିୟମ ପକେଇ ହାତରେ ଜବରଦସ୍ତି ଧରେଇଦେଲେ। ବିଦାୟ ନେଇ ମୁଁ ମୋ' ରାସ୍ତାରେ ଆଗକୁ ବଢ଼ିଲି। ଭାଇଭାଉଜ ଉଭୟଙ୍କ କଥା, ବ୍ୟବହାର ଚର୍ଚ୍ଚାରେ ମୁଁ ପୂରାପୂରି ମୁଗ୍ଧ ହେଇ ଉଠିଥାଏ। ଏଭଳି ଅତିଥି ଚର୍ଚ୍ଚା ମୁଁ ପୂର୍ବରୁ କେବେ କେଉଁଠି ପାଇନଥିଲି। ଭଲ ମଣିଷର ସ୍ୱଭାବ ସର୍ବଦା ସୁନା ପରି ଚିକ୍‌ଚିକ୍ କରେ। ସୁନାକୁ ଲୋକ ପିତଳ କହିଦେଲେ ସୁନା କ'ଣ କେବେ ପିତଳ ହେଇପାରେ। ଭିନ୍ନ ଏକ ଅନୁଭୂତିଟିଏ ନେଇ ମୁଁ ଆଗକୁ ବଢ଼ିଲି।
ଫୋନ: ୯୯୩୭୯୬୩୯୧୦



## ଭଦ୍ରକରେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ଭଦ୍ରକ ଅଫିସ: ଭଦ୍ରକ ପୌରପାଳିକା ୧୮ ନଂ. ୱାର୍ଡର ଜଣେ ଯୁବକ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ସାଉଦି ଆରବ ଫେରନ୍ତା ବୋଲି ଜଣାପଡ଼ିଛି। ସେ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ସୁସ୍ଥ ଅଛନ୍ତି ବୋଲି ସିଡିଏମ୍‌ଓ ଡ. ସନ୍ତୋଷ ପାତ୍ର କହିଛନ୍ତି। ଯୁବକ ଜଣଙ୍କ ସନ୍ଦେହରେ ପ୍ରଥମେ ସ୍ୱାବ୍ ଟେଷ୍ଟ କରିଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଚିକିତ୍ସାଧୀନ ଥିଲେ। ସେ ୧୮ ତାରିଖରେ ସାଉଦି ଆରବରୁ ଓଡ଼ିଶା ଫେରିଥିଲେ। ୨୦ ତାରିଖରେ ପରୀକ୍ଷା ପାଇଁ ନମୁନା ଦେଇଥିଲେ। ପୌରପାଳିକା ପକ୍ଷରୁ ଉକ୍ତ ୱାର୍ଡର ମୁଲନାସାହିକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଚିହ୍ନଟ ପରିବାର ଓ ପଡ଼ୋଶୀ ପରିବାରର ସଦସ୍ୟଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି।

# ପ୍ରମିଳାଙ୍କୁ ରୌପ୍ୟ

### ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତା

**ବୁଗୁଡ଼ା,୩୧।୧୨(ଡି.ଏନ.ଏ.)**


ପ୍ରମିଳା କିସାନୀ

ଆନ୍ଧ୍ର ପ୍ରଦେଶର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଜିଲା ବୁଗୁଡ଼ା ପିପୁଲସ୍ କଲେଜ ଛାତ୍ରୀ ପ୍ରମିଳା କିସାନୀ ରୌପ୍ୟ ପଦକ ଜିତି ଓଡ଼ିଶାର ନାମ ଉଜ୍ଜ୍ୱଳ କରିଛନ୍ତି। ଡିସେମ୍ବର ୨୭ରୁ ୩୦ ଯାଏ ଚାଲିଥିବା ଏହି ପ୍ରତିଯୋଗିତାରେ ସେ ୫୫ କିଲୋ ବର୍ଗରେ ୧୭୦ ପଏଣ୍ଟ ହାସଲ କରି ଏହି ସଫଳତା ପାଇଥିବା ଜଣାପଡିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ବିଭିନ୍ନ ବର୍ଗରେ ୫ ଜଣ ଝିଅ ଅଂଶଗ୍ରହଣ କରିଥିବା ବେଳେ ପ୍ରମିଳାଙ୍କୁ ହିଁ ଏହି ସଫଳତା ମିଳିଛି। ବୁଗୁଡ଼ା ପିପୁଲସ୍ କଲେଜରେ ଯୁକ୍ତ ୩ ଇତିହାସ ସମ୍ମାନ ନେଇ ଶେଷ ବର୍ଷରେ ପଢୁଥିବା ପ୍ରମିଳା ଏହି ସଫଳତା ପାଇଁ ସେ ପିପୁଲସ୍ କଲେଜ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ବ୍ରହ୍ମପୁର ହନୁମାନ କ୍ଲବର କେ. ରବି କୁମାର, ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ସମେତ କ୍ଲବର ସିନିୟର ଭାରୋତ୍ତୋଳନକାରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି କୃତିତ୍ୱରେ ବୁଗୁଡା ପିପୁଲ୍‌ସ କଲେଜର ଅଧ୍ୟକ୍ଷ ରଜନୀ କାନ୍ତ ଦାଶଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର ପ୍ରଶଂସା କରିଛନ୍ତି।

## 'ଲୋକଙ୍କ ସେବା...

ପ୍ରଥମ ପୃଷ୍ଠାରୁ...

କରୋନା ମହାମାରୀ କମି ନ ଥିବାରୁ ଓଡ଼ିଶା ପୋଲିସ ସଜାଗ ରହିବ। ସାଇବର କ୍ରାଇମ ରୋକିବା ନେଇ ସେ କହିଛନ୍ତି, ନିକଟରେ ରାଜ୍ୟ ସରକାର ୧୪ଟି ଥାନା ଓ ସାଇବର ଥାନା ଲୋକାର୍ପଣ କରିଛନ୍ତି। ଏହା ସାଇବର ଅପରାଧ ଦମନ ଦିଗରେ ବେଶ୍ ସହାୟକ ହେବ। ଆଗକୁ ବିଭାଗରେ ଅଧିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ ସହ ସଚେତନ ଓ ସତର୍କତା ଦ୍ୱାରା ସାଇବର ଅପରାଧକୁ ରୋକାଯିବ। ମାଓବାଦୀ ଦମନ ଓ ନିଶା କାରବାର ରୋକିବା ନେଇ ନୂତନ ଡିଜିପି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ମାଓବାଦୀ ମୁକାବିଲା ସ୍ଥିତି ଭଲ ରହିଛି। ପଡ଼ୋଶୀ ଛତିଶଗଡ, ଆନ୍ଧ୍ରପ୍ରଦେଶ ଏବଂ ଅନ୍ୟ ମାଓବାଦୀପ୍ରବଣ ରାଜ୍ୟ ସହ ମିଶି ମୁକାବିଲା କରାଯିବ। ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ସହ ନିଶା କାରବାର ଦିଗରେ କଠୋର ପଦକ୍ଷେପ ନିଆଯିବ। ସେହିପରି ମହିଳା ଓ ଶିଶୁଙ୍କ ଉପରେ ନିର୍ଯାତନାକୁ ଦୃଢ ହସ୍ତରେ ଦମନ କରାଯିବ। ରାଜ୍ୟ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ସେଲ୍‌ରେ ଅଧିକ ଦକ୍ଷ ଅଧିକାରୀଙ୍କୁ ନିୟୋଜିତ କରାଯିବ। ଆଇନଶୃଙ୍ଖଳା ଯୋଗୁ ତଦନ୍ତ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି କି ପ୍ରଶ୍ନରେ ସେ କହିଛନ୍ତି, ପୋଲିସ ବିଭାଗରେ ସର୍ବଦା ଚ୍ୟାଲେଞ୍ଜ ରହିଥାଏ। ତେବେ ତଦନ୍ତକୁ ପ୍ରାଥମିକତା ଦିଆଯାଏ। ରାଜ୍ୟକୁ ଅପରାଧମୁକ୍ତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବଂଶଲ କହିଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ କରାଯିବାକୁ ପଦକ୍ଷେପ ନିଆଯିବ। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ନୂତନ ଡିଜିପି ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ନେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ' ସରକାର ଓ ୫-ଟି ବ୍ୟବସ୍ଥା ଲାଗୁ କରିଛନ୍ତି। ଏହା ଅତ୍ୟନ୍ତ ଅଭିନବ ଯୋଜନା। ମୋ' ସରକାର ଯୋଗୁ ରାଜ୍ୟରେ ଅପରାଧ କମିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରୁଛି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ ପୋଲିସ ବିଭାଗରେ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ।

## ୨୦୨୨କୁ ସ୍ୱାଗତ...

ଲାଗିଥିବାରୁ ରାଜଧାନୀ ସିଓଲରେ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ବେଲ୍-ରିଙ୍ଗିଙ୍ଗ୍ ସେରେମନିକୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବାତିଲ କରିଦିଆଯାଇଛି। ପୂର୍ବରୁ ରେକର୍ଡ କରାଯାଇଥିବା ଏକ ଭିଡିଓକୁ ଟିଭି ଏବଂ ଅନ୍‌ଲାଇନ୍‌ରେ ପ୍ରସାରଣ କରାଯାଇଛି। ୧୯୫୩ରୁ ପାଳନ କରାଯାଉଥିବା ଏହି ଉତ୍ସବକୁ ଗତବର୍ଷ ପ୍ରଥମଥର ପାଇଁ ବନ୍ଦ କରାଯାଇଥିଲା।

ଆମେରିକା ଓ ବ୍ରିଟେନରେ ଓମିକ୍ରନ୍ ସଂକ୍ରମଣ ସର୍ବାଧିକ ବଢ଼ିଥିବାରୁ ଏହି ଦୁଇଦେଶରେ ନ୍ୟୁ ଇୟର ସେଲିବ୍ରେଶନ କଟକଣା ମଧ୍ୟରେ ଚାଲିଛି। ନ୍ୟୁୟର୍କ ସିଟିରେ ଟାଇମ୍ସ ସ୍କୋୟାରରେ ଚଳିତବର୍ଷ କମ୍ ଲୋକଙ୍କୁ ନେଇ ସେଲିବ୍ରେଶନ କରାଯାଇଛି। ସେହିପରି ଜର୍ମାନୀ, ପୋଲାଣ୍ଡ ଓ ଡେନ୍‌ମାର୍କ ସମେତ ଅନେକ ୟୁରୋପୀୟ ଦେଶରେ ଲୋକେ କଟକଣା ମାନି ସଂଯତ ହୋଇଛନ୍ତି। ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସହରରେ ଲକ୍‌ଡାଉନ୍ ଜାରି କରାଯାଇଛି। ବେଜିଂରେ ନୂଆବର୍ଷ ପାଳନ ଉପରେ କମ୍ୟୁନିଷ୍ଟ ସରକାରଙ୍କ କଟକଣା ଅନେକଙ୍କୁ ନିରାଶ କରିଛି। ସାଂଘାଇ ସରକାର ମଧ୍ୟ ନୂଆବର୍ଷ ପୂର୍ବ ରାତି କାର୍ଯ୍ୟକ୍ରମଗୁଡ଼ିକୁ ବାତିଲ କରିଦେଇଛନ୍ତି। ସରକାରୀ କଟକଣା ଯୋଗୁ ରାଜଧାନୀ ଜାକର୍ତ୍ତାବାସୀ କେବଳ ଘରେ ବାଣ ଫୁଟାଇ ଓ ଅନ୍ୟମାନଙ୍କୁ ଅନ୍‌ଲାଇନ୍‌ରେ ଅଭିନନ୍ଦନ ଜଣାଇ ପାଳନକୁ ସୀମିତ ରଖିଛନ୍ତି। ଭିଏତ୍‌ନାମର ହାନୋଇ ଏବଂ ହୋଚିମିନ୍ ସିଟିରେ ଲାଇଭ୍ କାଉଣ୍ଟଡାଉନ୍ ଶୋ' ଦେଖିବାରୁ ଲୋକେ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷେ ହଂକଂରେ ୩,୦୦୦ ଦର୍ଶକ ନ୍ୟୁ ଇୟର ଇଭ୍ କନ୍‌ସର୍ଟର ମଜା ନେଇଛନ୍ତି। ଥାଇଲାଣ୍ଡ କର୍ତ୍ତୃପକ୍ଷ ମଧ୍ୟ ଉତ୍ସବ ପାଳନକୁ ଅନୁମତି ଦେଇଛନ୍ତି। ତେବେ ବୌଦ୍ଧ ମନ୍ଦିରଗୁଡ଼ିକରେ ସାମୂହିକ ପ୍ରାର୍ଥନା ଉପରେ ରୋକ ଲଗାଯାଇଛି। ଫିଲିପାଇନ୍ସରେ ଦୁଇସପ୍ତାହ ପୂର୍ବରୁ ଆସିଥିବା ଶକ୍ତିଶାଳୀ ସାମୁଦ୍ରିକ ଝଡ଼ରେ ୪୦୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ଶତାଧିକ ନିଖୋଜ ହୋଇଯାଇଥିଲେ। ଏଥିଯୋଗୁ ସେଠାରେ ମଧ୍ୟ ନବବର୍ଷକୁ ସ୍ୱାଗତ କରିବା ପାଇଁ ଲୋକଙ୍କ ମନରେ ସରାଗ ନାହିଁ।

ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୧୨୭୦କୁ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଅନେକ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଜାରି କରାଯାଇଥିବାରୁ ଦିଲ୍ଲୀ, ମୁମ୍ବାଇ ସମେତ ବିଭିନ୍ନ ମେଟ୍ରୋପଲିଟାନ୍ ସିଟିରେ ଜିରୋ ନାଇଟ୍ ପାଳନକୁ ବାତିଲ କରାଯାଇଛି। କଟକଣା ଭୟରେ ଲୋକେ ଘରେ ରହି ନୂଆବର୍ଷକୁ ସ୍ୱାଗତ କରିଛନ୍ତି। ବିଚ୍, ବାର୍, ରେଷ୍ଟୁରାଣ୍ଟଗୁଡ଼ିକ ଉପରେ କଡ଼ା କଟକଣା ହେତୁ ସେଲିବ୍ରେଶନରୁ ଲୋକେ ବଞ୍ଚିତ ହୋଇଛନ୍ତି। ତେବେ ଗୋଆ ଓ ହାଇଦ୍ରାବାଦରେ କଟକଣା ସେତେଟା ନ ଥିବାରୁ ସେଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଛି।


























































# ଭାରତକୁ କ୍ରମାଗତ ତୃତୀୟ ଟାଇଟଲ

**୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ**

ଦୁବାଇ,୩୧।୧୨

ଯଶ ଧୂଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପୁଣି ଥରେ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଭାରତ ଡକ୍ୱର୍ଥ ଲୁଇସ୍ ନିୟମରେ ୯ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ଟାଇଟଲ ହାସଲ କରିଛି। ପ୍ରବଳ ବର୍ଷା ଯୋଗୁ ମ୍ୟାଚ୍ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚ୍‌କୁ ୩୮ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ଶ୍ରୀଲଙ୍କା ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଫଳରେ ଦଳ ୯ ଉଇକେଟ ହରାଇ ମାତ୍ର ୧୦୬ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ତେବେ ବର୍ଷା କାରଣରୁ ଭାରତକୁ ୩୨ ଓଭରରେ ୧୦୨ ରନର ଟାର୍ଗେଟ ଦିଆଯାଇଥିଲା। ଜବାବରେ ଭାରତ ୨୧.୩ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୧୦୪ ରନକରି ବିଜୟୀ ହୋଇଥିଲା।

ଏହି ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ତୃତୀୟ ଓ ମୋଟ୍ ଉପରେ ୮ଥର ଚାମ୍ପିୟନ ହୋଇ ସଫଳତମ ଦଳ ଭାବେ ଉଭା ହୋଇଛି। ଭାରତ ଟୁର୍ନାମେଣ୍ଟରେ ଯେତେଥର ଫାଇନାଲ ଖେଳିଛି ସେତେଥର ଟାଇଟଲ ଜିତିଛି। ତେବେ ୨୦୧୨ରେ ଭାରତ ଓ ପାକିସ୍ତାନ ଯୁଗ୍ମ ଭାବେ ଚାମ୍ପିୟନ ହୋଇଥିଲେ। ଭାରତ କେବଳ ୨୦୧୭ରେ ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଶ୍ରୀଲଙ୍କା ଏଥିସହ ୫ଥର ଫାଇନାଲରେ ପ୍ରବେଶ କରିଥିଲା। ୨୦୧୮ ଫାଇନାଲରେ ଶ୍ରୀଲଙ୍କା ଭାରତଠାରୁ ହାରିଥିଲା। ପୂର୍ବରୁ ଭାରତ ୧୯୮୯, ୨୦୦୩, ୨୦୧୨, ୨୦୧୩/୧୪, ୨୦୧୬, ୨୦୧୮, ୨୦୧୯ ଓ ୨୦୨୧ରେ ଚାମ୍ପିୟନ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୩୮ ଓଭରରେ ୧୦୬/୯ (ୟାସିରୁ ରୋଡ୍ରିଗୋ- ୧୯*, ରବିନ ଡିସିଲଭା- ୧୫, ଭିକି ଓଷ୍ଟୱାଲ- ୩/୧୧, କୌଶାଲ ତାମ୍ବେ- ୨/୨୩, ରାଜ ବାୱା- ୧/୨୩, ରବି କୁମାର- ୧/୧୭, ରାଜବର୍ଦ୍ଧନ ହଙ୍ଗରଗେକର- ୧/୨୬)। ଭାରତ ୨୧.୩ ଓଭରରେ ୧୦୪/୧ (ଅଙ୍ଗକ୍ରିସ୍ ରଘୁବଂଶୀ- ୫୬*, ଶେଖ ରସିଦ- ୩୧*, ହରନୁର ସିଂ- ୫, ୟାସିରୁ ରୋଡ୍ରିଗୋ- ୧/୧୨)।



ଟ୍ରଫି ସହ ଚାମ୍ପିୟନ ଭାରତୀୟ ଦଳ।

## ହସ୍ପିଟାଲରୁ ଛାଡ଼ପାଇଲେ ଗାଙ୍ଗୁଲି

**କୋଲକାତା, ୩୧।୧୨ (ପି.ଟି.):** କୋଭିଡ୍ ପଜିଟିଭ ପାଇଁ ଚିକିତ୍ସିତ ହେଉଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ତଥା ଭାରତର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଶୁକ୍ରବାର ହସ୍ପିଟାଲରୁ ଛାଡ଼ ପାଇଛନ୍ତି। କିନ୍ତୁ ସେ ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ହୋମ୍ ଆଇସୋଲେସନରେ ରହିବେ। ଗାଙ୍ଗୁଲି ଓମିକ୍ରନ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହୋଇ ନ ଥିଲେ। ହୋମ୍ ଆଇସୋଲେଶନରେ ସେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବେ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରକାଶ କହିଛନ୍ତି। କୋଭିଡ୍ ଟେଷ୍ଟରେ ପଜିଟିଭ ଆସିବାରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୪୯ ବର୍ଷୀୟ ଗାଙ୍ଗୁଲିଙ୍କୁ ସୋମବାର ରାତିରେ ଉଡ୍‌ଲାଣ୍ଡ୍ସ ମଲ୍‌ଟିସ୍ପେସିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ ତାଙ୍କର ମନୋକ୍ଲୋନାଲ ଆଣ୍ଟିବଡି କକ୍‌ଟେଲ ଥେରାପି କରାଯାଇଥିଲା। ହୃଦ୍‌ଘାତ ଯୋଗୁ ଗାଙ୍ଗୁଲି ଚଳିତ ବର୍ଷ ପୂର୍ବରୁ ଦୁଇଥର ହସ୍ପିଟାଲରେ ଭର୍ତ୍ତି ହୋଇ ସାରିଛନ୍ତି।

# ଲୋକେଶ ରାହୁଲ ଅଧିନାୟକ

**ଦିନିକିଆ ସିରିଜରୁ ରୋହିତ ବାଦ୍**

ନୂଆଦିଲ୍ଲୀ,୩୧।୧୨

ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ପାଇଁ ଏକ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଧିନାୟକ ରୋହିତ ଶର୍ମା ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଏହି ସିରିଜରୁ ବାଦ୍ ପଡିଛନ୍ତି। ତାଙ୍କ ଅନୁପସ୍ଥିତିରେ ଉପ-ଅଧିନାୟକ ଲୋକେଶ ରାହୁଲଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଅଲରାଉଣ୍ଡର ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ଫିଟ୍‌ନେସ କାରଣରୁ ଦଳରେ ସ୍ଥାନ ପାଇନାହାନ୍ତି। ସେହିପରି ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇଛି। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଉପଅଧିନାୟକ ନିଯୁକ୍ତ କରାଯାଇଛି। ରୋହିତ ଫିଟ୍ ନ ଥିବାରୁ ଦଳରେ ସ୍ଥାନ ପାଇନାହାନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ ଚୟନକର୍ତ୍ତା ଚେତନ ଶର୍ମା କହିଛନ୍ତି। ରାହୁଲଙ୍କ ପାଖରେ ନେତୃତ୍ୱ ନେବାର ଦକ୍ଷତା ରହିଛି। ତାଙ୍କର ଏହି ଦକ୍ଷତାକୁ ଆହୁରି ଶାଣିତ କରାଯିବାର ଆବଶ୍ୟକତା ରହିଛି। ତେଣୁ ତାଙ୍କୁ ଅଧିନାୟକ କରାଯାଇଛି। ୩ଟି ଦିନିକିଆ ୧୯, ୨୧ ଓ ୨୩ ତାରିଖରେ ଖେଳାଯିବ।

**ଭାରତୀୟ ଦଳ:** ଲୋକେଶ ରାହୁଲ (ଅଧିନାୟକ), ଶିଖର ଧାୱନ, ଋତୁରାଜ ଗାଏକ୍ୱାଡ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଭେଙ୍କଟେଶ ଆୟାର, ଋଷଭ ପନ୍ତ (ଉଇକେଟକିପର), ଇଶାନ କିଷନ (ଉଇକେଟକିପର), ଯୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ, ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମ୍‌ରା (ଉପ-ଅଧିନାୟକ), ଭୁବନେଶ୍ୱର କୁମାର, ଦୀପକ ଚହର, ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ସିରାଜ।




ଲୋକେଶ ରାହୁଲ

## ଫାଇନାଲରେ ଆଇଆରସି, ସହିଦନଗର

**ଲକ୍ଷ୍ମୀସାଗର କପ କ୍ରିକେଟ**



ରଶ୍ମିରଞ୍ଜନ ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୩୧।୧୨(କ୍ରୀଡ଼ା ପ୍ରତିନିଧି):** ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଚାଲିଥିବା ୧୩ତମ ଲକ୍ଷ୍ମୀସାଗର କପ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ଆଇଆରସି ଓ ସହିଦନଗର ମଧ୍ୟରେ ଆସନ୍ତା ରବିବାର ଅନୁଷ୍ଠିତ ହେବ। ଶୁକ୍ରବାର ସେମିଫାଇନାଲରେ ଉଭୟ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଟସ ଜିତି ସହିଦନଗର ଦଳ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁ ଷ୍ଟାର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୨୦ରନ କରିଥିଲା। ଜବାବରେ ସହିଦନଗର ୧୯.୫ ଓଭରରେ ୯ ଉଇକେଟ ହରାଇ ୨୨୨ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଭବାନୀଶଙ୍କର ସାହୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଦ୍ୱିତୀୟ ସେମିଫାଇନାଲ ଆଇଆରସି ଓ ଜୟ ମା' ଦୁର୍ଗା ମଧ୍ୟରେ ହୋଇଥିଲା। ଆଇଆରସି ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଜୟ ମା' ଦୁର୍ଗା ଦଳ ୧୬ ଓଭରରେ ୯ ଉଇକେଟ ହରାଇ ୧୫୫ରନ କରିଥିଲା। ଜବାବରେ ଆଇଆରସି ଦଳ ୧୫.୪ ଓଭରରେ ୬ ଉଇକେଟ ହରାଇ ୧୫୭ରନ କରି ବିଜୟୀ ହୋଇଥିଲା। ଦଳକୁ ଫାଇନାଲକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରଶ୍ମିରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।

## ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସ୍ଥଗିତ

**ଭୁବନେଶ୍ୱର, ୩୧।୧୨ (କ୍ରୀଡ଼ା ପ୍ରତିନିଧି):** କରୋନା ସଂକ୍ରମଣ ପୁଣି ବୃଦ୍ଧି ପାଉଥିବାରୁ ଭୁବନେଶ୍ୱରରେ ହେବାକୁଥିବା ୟୁଥ୍ (ବାଳିକା- ବାଳକ), ଜୁନିୟର (ମହିଳା-ପୁରୁଷ) ଏବଂ ସିନିୟର (ମହିଳା-ପୁରୁଷ) ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖା ଯାଇଛି। ଏହା ମାର୍ଚ୍ଚ ୨୦ରୁ ୨୯ ପର୍ଯ୍ୟନ୍ତ ହେବ। ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଭାରତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଲ୍ଏଫ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଅନୁବନ୍ଧିତ ରାଜ୍ୟ ଗୁଡ଼ିକର ଏଣ୍ଟ୍ରି ତାରିଖ ଅପରିବର୍ତ୍ତିତ ରଖା ଯାଇଛି। ଡିସେମ୍ବର ୩୧ ସୁଦ୍ଧା ଏଣ୍ଟ୍ରି କରିଥିବା ଅନୁବନ୍ଧିତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ବିଭାଗୀୟ ବୋର୍ଡ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିସହିତ ଭାରତୀୟ ଭାରୋତ୍ତୋଳନ ଫେଡେରେଶନର କାର୍ଯ୍ୟନିର୍ବାହୀ ବୈଠକ ଏବଂ ରେଫରୀ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖା ଯାଇଛି।

## ଅଧିନାୟକ ପଦ ନ ଛାଡ଼ିବା ଲାଗି କୋହଲିଙ୍କୁ କୁହାଯାଇଥିଲା: ଚେତନ

**ନୂଆଦିଲ୍ଲୀ,୩୧।୧୨(ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ଖେଳିବା ଲାଗି ପ୍ରସ୍ଥାନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ଟେଷ୍ଟ ଅଧିନାୟକ ବିରାଟ କୋହଲି ଦେଇଥିବା ବିସ୍ଫୋରକ ବୟାନକୁ ଶୁକ୍ରବାର ଖଣ୍ଡନ କରିଛନ୍ତି ଜାତୀୟ କ୍ରିକେଟ ସିଲେକ୍ସନ କମିଟି ଚେୟାରମ୍ୟାନ ଚେତନ ଶର୍ମା। ସେ କହିଛନ୍ତି ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ପଦ ନ ଛାଡ଼ିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମସ୍ତ କର୍ମକର୍ତ୍ତା କୋହଲିଙ୍କୁ କହିଥିଲେ। ଏପରିକି ବିଶ୍ୱକପ୍ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ଲାଗି ତାଙ୍କୁ କୁହାଯାଇଥିଲା। ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ଆକସ୍ମିକ ଟି୨୦ ଅଧିନାୟକ ପଦ ତ୍ୟାଗ କରିବାର କିଛିଦିନ ପରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଥିଲେ, କୋହଲିଙ୍କୁ ନିଷ୍ପତ୍ତିର ପୁନର୍ବିଚାର ପାଇଁ କୁହାଯାଇଥିଲା। ମାତ୍ର ଗାଙ୍ଗୁଲିଙ୍କ ଏହି ବକ୍ତବ୍ୟକୁ କୋହଲି ଦକ୍ଷିଣ ଆଫ୍ରିକା ଟୁର୍ ଯିବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ଖଣ୍ଡନ କରିଥିଲେ। ଟି୨୦ ଅଧିନାୟକ ପଦ ନ ଛାଡ଼ିବା ଲାଗି ତାଙ୍କୁ ବିସିସିଆଇର କୌଣସି କର୍ମକର୍ତ୍ତା କହି ନ ଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଦଳ ମନୋନୟନ ବୈଠକର ଦେଢ଼ ଘଣ୍ଟା ପୂର୍ବରୁ ତାଙ୍କୁ ଦିନିକିଆ ଅଧିନାୟକ ପଦବୀରୁ ହଟାଇ ଦିଆଯାଇଥିବା ବିଷୟ ଜଣାଇ ଦିଆଯାଇଥିଲା ବୋଲି ସେ ପ୍ରତ୍ୟାରୋପ କରିଥିଲେ। କୋହଲିଙ୍କ ଏହି ବିସ୍ଫୋରକ ବିବୃତି ବିସିସିଆଇ ଅଫିସିଆଲ ଓ ତାଙ୍କ ମଧ୍ୟରେ ଚାଲିଥିବା ବିବାଦ ପଦାରେ ପଡ଼ିଯାଇଥିଲା।

# ସୌମ୍ୟ ରଞ୍ଜନ ଚାମ୍ପିୟନ

**ଅରାତି ବିଜୟ ସ୍ମାରକୀ ସର୍ବଭାରତୀୟ ଓପନ ଚେସ୍**

ଭୁବନେଶ୍ୱର, ୩୧।୧୨ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଅରାତି ବିଜୟ ମହାନ୍ତି ସ୍ମାରକୀ ସର୍ବଭାରତୀୟ ଓପନ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୧୩ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ସୌମ୍ୟ ୧୧.୫ ପଏଣ୍ଟ ରଖି ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିସହ ସୌମ୍ୟ ୨ଟି ସର୍ବଭାରତୀୟ ଓପନ ଏବଂ ୧୩ଟି ଅଲ୍ ଓଡ଼ିଶା ଓପନ ଟାଇଟଲ ଜିତି ବର୍ଷ ଶେଷ କରିଛନ୍ତି। ଗୁଜରାଟ ଅହମ୍ମଦାବାଦ କର୍ତ୍ତବ୍ୟ ଅନାଡକଟ୍ ଓ ନଭି ମୁମ୍ବାଇର ଭବେଶ କୁଞ୍ଜି ଭାନୁଶାଳୀ ୧୦.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପ୍ରଦର୍ଶନ ଭିତ୍ତିରେ ହର୍ଷିତ ରଞ୍ଜନ ସାହୁ (୯ ପଏଣ୍ଟ), ଭାରତୀ ମଣି, ସୁଶାନ୍ତ ଷଡ଼ଙ୍ଗୀ, ଆଜତେଶ ଜୁନିୟର, ସଙ୍କେତ ସାଗର ଦାଶ, ଅମିତ ମହାନ୍ତି ଓ ସତ୍ୟେନ୍ଦୁ ଶେଖର ଖୁଣ୍ଟିଆ (ସମସ୍ତେ ୮.୫) ଟପ୍-୧୦ ଫିନିଶ୍ କରିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅକ୍ଷଜ ନାୟକ, ପ୍ରତୀକ କୁଶାଲ ରାଉତ, ଭିନିତ ନାୟକ, ପି. ନନ୍ଦିନୀ, ଅରିଜିତ ଘୋଷ, ଦତ୍ତାତ୍ରେୟ ପାଣିଗ୍ରାହୀ, ସିଦ୍ଧାର୍ଥ ମିଶ୍ର, ଅଂଶୁମାନ ପତି, ତ୍ରିଦେବ ତୀର୍ଥଙ୍କର, ସ୍ୱୟମ ପ୍ରକାଶ ସାହୁ, ସାୱାନ ସିଂ, ଆଭା ପ୍ରିୟଦର୍ଶିନୀ, ଅଭିଷେକ ଜୁନିୟର, ସୌମ୍ୟ ସାଫଲ୍ୟ ଦାଶ, କ୍ରିଷ୍ଣା କୁମାର, ସ୍ମାରକୀ ମହାନ୍ତି, ସାହାନା ଲେଙ୍କା ଓ ପ୍ରୀତେଶ ମିତ୍ର ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଓ ରାଧାଶ୍ୟାମ ମିଶ୍ର ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଶୁଭ ସିଂ ସଇନୀ, ନିଭେଶ୍ ବଳ, ଲଳିତ ରଞ୍ଜନ ସାହୁ, ଆଦିତ୍ୟ ଜେନା ଓ ନିଶ୍ଚୟ ସିଂ ରଣାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗୀଙ୍କୁ ମୋଟ ୪୪,୪୪୪ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏସ୍. ଶ୍ରୀନିବାସନ ଅତିଥିଭାବେ ଯୋଗଦେଇ ଗୁଗ୍‌ଲ ମିଟ୍‌ରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ସ୍ମୃତି ରଞ୍ଜନ ଦାସ, ଉପସଭାପତି ବିମଳ ପ୍ରସାଦ ମହାନ୍ତି, ଭୁବନେଶ୍ୱର ଚେସ୍ ଆସୋସିଏଶନ ଉପସଭାପତି ସୀତେନ୍ଦୁ ରାଜଗୁରୁ, ନିର୍ଦ୍ଦେଶକ ଦୀପକ କୁମାର ପଲାଇ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ଜାତୀୟ ସିନିୟର ଖେଳାଳି ସ୍ୱୟଂଶୁ ସତ୍ୟକାମ, ସଂଘମିତ୍ରା ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଚାମ୍ପିୟନ ସୌମ୍ୟରଞ୍ଜନ ମିଶ୍ର।

## ପାରାମାଉଣ୍ଟ ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ ୟ । ଚ ୬ ର ଆୟୋଜକ ଦଳ ୧୦ ଉଇକେଟରେ ଗ୍ରୀନ୍ସ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୧୬.୧ ଓଭରରେ ମାତ୍ର ୩୨ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ଶୁଭଶ୍ରୀ ପରମାଣିକ ୪ଟି ଉଇକେଟ ନେଇଥିଲେ। ୩୩ ରନ ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୩.୨ ଓଭରରେ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ଶୁଭଶ୍ରୀ ପରମାଣିକ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ସଦସ୍ୟ ବିବେକାନନ୍ଦ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଶୁଭଶ୍ରୀ ପରମାଣିକଙ୍କୁ ପୁରସ୍କୃତ କରାଯାଉଛି।

## ସର୍ବଭାରତୀୟ ଟେନିସରେ କମଲେଶଙ୍କୁ ସଫଳତା

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ପଞ୍ଜାବର ଜଲନ୍ଧରରେ ଶେଷ ହୋଇଥିବା ଚାମ୍ପିୟନଶିପ୍ ସିରିଜ (ସିଏସ୍୭) ଟେନିସ ଟୁର୍ନାମେଣ୍ଟରେ ସଫଳତା ଅର୍ଜନ କରିଛନ୍ତି ଓଡ଼ିଶାର କମଲେଶ ରଥ। ସେ ୧୬ ବର୍ଷରୁ କମ୍ ବାଳକ ବର୍ଗରେ ରନର୍ସଅପ୍ ହୋଇଥିବାବେଳେ ୧୮ ବର୍ଷରୁ କମ୍ ବାଳକ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ କମଲେଶ ପଞ୍ଜାବର ଉଦୟ ବାତ୍ରାଙ୍କଠାରୁ ୬-୪, ୨-୬, ୪-୬ ସେଟ୍‌ରେ ହାରି ଯାଇଥିଲେ। ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ ହେଁ ସେ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲେ। ପୂର୍ବରୁ ସେ ୧୮ ବର୍ଷରୁ କମ୍ ବାଳକ ଡବଲ୍ସରେ ପୁସ୍କର ଶ୍ରୀବାସ୍ତବଙ୍କୁ ସାଥିକରି ଫାଇନାଲରେ ଅକ୍ଷତ ଶର୍ମା ଓ ଯୁବରାଜ ଭରଦ୍ୱାଜ ଯୋଡ଼ିଙ୍କୁ ୬-୧, ୪-୬, (୧୦-୭) ସେଟ୍‌ରେ ପରାସ୍ତ କରିଥିଲେ। ଏହି ଟୁର୍ନାମେଣ୍ଟରୁ ସେ ସିଙ୍ଗଲ୍ସରେ ୨୦ ଓ ଡବଲ୍ସରେ ୨୫ ଏଆଇଟିଏ ର୍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି।




ଟ୍ରଫି ସହ କମଲେଶ ରଥ।

# ହାପି ଏକାଦଶ-ୱିଣ୍ଡ ୨୦୦୦ ଫାଇନାଲ

**ସନ୍ତୋଷ ମେମୋରିଆଲ କ୍ରିକେଟ**

ଭୁବନେଶ୍ୱର, ୩୧।୧୨ (କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ସ୍ଥିତ ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଶନିବାର ହାପି ଏକାଦଶ ଓ ୱିଣ୍ଡ -୨୦୦୦ ମଧ୍ୟରେ ଫାଇନାଲ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ହାପି ଏକାଦଶ ୬୧ ରନରେ ମ୍ୟାଜିକ୍ ଇଲେଭେନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ହାପି ଏକାଦଶ ୧୨ ଓଭରରେ ୧୯୦ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ପିଣ୍ଟନ ବିଶ୍ୱାଳ ସର୍ବାଧିକ ୫୩ ଓ ରଶ୍ମିରଞ୍ଜନ ଓଝା ୫୦ ରନ କରିଥିଲେ। ବିପକ୍ଷ ଦଳର କ୍ରିଷ୍ଣା ଚୌଧୁରୀ ୫ ଉଇକେଟ ସଫଳତା ପାଇଥିଲେ। ୧୯୧ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ମ୍ୟାଜିକ୍ ଏକାଦଶ ୧୦.୧ ଓଭରରେ ୧୨୯ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ତୁଷାର ପଟ୍ଟନାୟକ ସର୍ବାଧିକ ୨୫ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ଗିରିଜା ରେଡ୍ଡୀ ୪ଟି ଓ ରଶ୍ମି ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ରଶ୍ମିରଞ୍ଜନ ଓଝାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ୱିଣ୍ଡ -୨୦୦୦ ୮୫ ରନରେ ଏମ୍‌ବିଏସ୍ ଏକାଦଶକୁ ହରାଇ ଦେଇଥିଲା। ୱିଣ୍ଡ- ୨୦୦୦ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିଥିଲା। ସୁଶାନ୍ତ ପ୍ରଧାନ ସର୍ବାଧିକ ୮୭ ରନ କରିଥିଲେ। ୨୧୪ ରନ ବିଜୟ ଲକ୍ଷ୍ୟରେ ଏମ୍‌ବିଏସ୍ ଏକାଦଶ ୧୦.୧ ଓଭରରେ ୧୨୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରାଜା ପଣ୍ଡା ସର୍ବାଧିକ ୪୦ ରନ କରିଥିଲେ। ବିଜୟୀ ଦଳର ସୁଶାନ୍ତ ପ୍ରଧାନ ୨ଟି ଉଇକେଟ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ସ୍ମୃତି ବିଶ୍ୱାଳ ଓ ରାକେଶ ବଳିୟାରସିଂ ମ୍ୟାଚ ପରିଚାଳନା କରିଥିଲେ। ପାର୍ଥ ସ୍ମୃତି ରାଉତରାୟ ମ୍ୟାଚ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ସୁଧାଂଶୁ ଶେଖର ବେହୁରା ଓ ବୁଦ୍ଧପ୍ରକାଶ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ରଶ୍ମିରଞ୍ଜନ ଓଝାଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ପୁରସ୍କାର ଦୌଡ଼ରେ ରୁଟ୍, ୱିଲିୟମସନ, ରିଜୱାନ, ଆଫ୍ରିଦି

**ଦୁବାଇ, ୩୧।୧୨ (ପି.ଟି.):** କ୍ରିକେଟର ସମସ୍ତ ଫର୍ମାଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦିଆଯାଇ ଆସୁଥିବା ଆଇସିସି ପୁରୁଷ କ୍ରିକେଟର ଅଫ୍ ଦି ଇୟର ପାଇଁ ଶୁକ୍ରବାର ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ଏଥିରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍, ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଓ ପାକିସ୍ତାନର ଦୁଇ ଖେଳାଳି ଶାହିନ ଆଫ୍ରିଦୀ ଓ ମହମ୍ମଦ ରିଜୱାନଙ୍କ ନାମ ସ୍ଥାନ ପାଇଛି। ୨୦୨୧ ବର୍ଷ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ (ଟେଷ୍ଟ, ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦)ରେ ଓଭରଅଲ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ। ବିଜେତାଙ୍କ ନାମ ଜାନୁୟାରୀ ୨୪ରେ ଘୋଷଣା କରାଯିବ।

# ଜାତୀୟ ଜୁନିୟର ବାସ୍କେଟବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୩୧।୧୨ (କ୍ରୀଡ଼ା ପ୍ରତିନିଧି)

ମଧ୍ୟପ୍ରଦେଶର ଇନ୍ଦୋରରେ ଜାନୁୟାରୀ ୪ରୁ ୧୦ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପ୍ ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ଶନିବାର ଇନ୍ଦୋର ଯାତ୍ରା କରିବ ବୋଲି ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ ଜଣାଇଛନ୍ତି।

**ଓଡ଼ିଶା ବାଳିକା ଦଳ:** ଲିଜାଲିନ୍ ଜେନା, ସଞ୍ଜିତା କୁମାରୀ ନାଏକ, ପିଙ୍କି ମଲିକ, ଶ୍ୱେତା ପ୍ରଧାନ, ଅନନ୍ୟା ଆନନ୍ଦିତା ମହାନ୍ତି, ତନୁଶ୍ରୀ ମହାନ୍ତି, ସୋହାନା ପାତ୍ର, ଚିନ୍ମୟୀ ରଣା, ତନୁଶ୍ରୀ ଶଶିନି, ସ୍ୱାଗତିକା ସାହୁ, ବନିତା ଚାର୍ଲ୍ସ, ଶ୍ରାବଣୀ ସାମଲ। ଷ୍ଟାଣ୍ଡବାଇ: କାଜଲ ବାରିକ, ମଧୁସ୍ମିତା ଜେନା, କେ. ଭବାନୀ। କୋଚ୍: ଶଶିକାନ୍ତ ନାୟକ, ସହକାରୀ କୋଚ୍: ପ୍ରସନ୍ନ ନାୟକ, ମ୍ୟାନେଜର: ତାବସୁମ ବାହାର।

**ଓଡ଼ିଶା ବାଳକ ଦଳ:** ଏସ.କେ. ଫୟାଜ, ସୋଭନ କୁମାର ପ୍ରଧାନ, ଅନିବେଶ ସାହୁ, ଓମ୍ ସ୍ଥିତପ୍ରଜ୍ଞ, ପୁନିତ, ଉପାସକ ମହାନ୍ତି, ଅମ୍ରିତ ଗୌରବ ରାୟ, ପ୍ରୀୟାଂଶୁ ସିଂ, ଜତିନ ବାରିକ, ସୋନୁ ସ୍ୱାଇଁ, ଆଦର୍ଶ ପଟ୍ଟନାୟକ, ଭଜମନ ମାଝି। ଷ୍ଟାଣ୍ଡବାଇ: ବିଶ୍ୱନାଥ ସିସା, ଅମୃତ ଦାଶ, ସତ୍ୟବ୍ରତ ସ୍ୱାଇଁ। କୋଚ୍: ପ୍ରଶାନ୍ତ କୁମାର ତରାଇ, ସହକାରୀ କୋଚ୍: ପୱନ କୁମାର, ମ୍ୟାନେଜର: ଅମିୟ କୁମାର ମହାପାତ୍ର।



ଇନ୍ଦୋରରେ ହେବାକୁଥିବା ଜାତୀୟ ଜୁନିୟର ବାସ୍କେଟବଲ ପାଇଁ ମନୋନୀତ ଓଡ଼ିଶା ବାଳିକା ବାଳକ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆଦର୍ଶ ନଗର ଆବାସିକ ସଂଘର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ:** ଆଦର୍ଶ ନଗର ଆବାସିକ ସଂଘ ସେକ୍ଟର-୧୧ର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଦ୍ୱାରିକାନାଥ ମହାନ୍ତି ଯୋଗଦେଇ ସିଡିଏ ଜମିକୁ ଲିଜ୍ ବଳଦରେ ଫ୍ରି ହୋଲ୍ଡିଂ କରିବାକୁ ଦାବି କରିଥିଲେ। ଏଥିସହ କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା, ଖେଳପଡ଼ିଆର ବିକାଶ, ସଫେଇ ଗାଡ଼ି ଦ୍ୱାରା ସଫା କରିବା, ଅମୃତ ଯୋଜନାରେ ପାନୀୟଜଳ ଯୋଗାଣ ପାଇଁ ଦାବି କରିଥିଲେ। ସଂଘ ସଭାପତି ମୈତ୍ରିଜିତ ମହାନ୍ତିଙ୍କ ଅଧକ୍ଷତାରେ ଲକ୍ଷ୍ମୀ ନାରାୟଣ ଦାଶ, ଧନଞ୍ଜୟ ମୁଣ୍ଡ, ଜ୍ଞାନେଶ୍ୱର ଶତପଥୀ, ପ୍ରଭାକର ମହାନ୍ତି, ପ୍ରଦୀପ ଶତପଥୀ, ପ୍ରଶାନ୍ତ ରାୟ, ଏସ୍.କେ. ମହାବୀର ପ୍ରମୁଖ ଯୋଗଦେଇଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

**ଚୌଦ୍ୱାର,୩୧।୧୨(ଡି.ଏନ୍.ଏ.):** ଚୌଦ୍ୱାର ଅଞ୍ଚଳରେ ଏକ ପ୍ରାଥମିକ ବିଦ୍ୟାଳୟର ଜଣେ ୫ମ ଶ୍ରେଣୀ ଛାତ୍ରୀକୁ ଅସଦାଚରଣ କରିଥିବା ଅଭିଯୋଗରେ ସେହି ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମାହାଙ୍ଗା ଅଞ୍ଚଳର ତ୍ରୈଲୋକ୍ୟ ସାହୁ। ସେ ଚୌଦ୍ୱାର ପୌରପାଳିକା ଅଧୀନ ବାଟବୁଢ଼ୀ କଲୋନୀରେ ଭଡ଼ାରେ ରହୁଥିଲେ। ଥାନା ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଦିନ ୧୦ଟା ସମୟରେ ଶିକ୍ଷକଙ୍କ ଡାକରାରେ ସ୍କୁଲକୁ ଯାଇଥିଲେ। ସ୍କୁଲରେ ଥିବା ଶିକ୍ଷକ ନାବାଳିକାଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିଲେ। ପରେ ଛାତ୍ରୀ ଆସି ପରିବାର ଲୋକଙ୍କୁ କହିବାରୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଜଗତପୁର ଅଞ୍ଚଳରେ ଚଢ଼ାଉ କରି ତ୍ରୈଲୋକ୍ୟଙ୍କୁ ଧରିଥିଲେ।















# ଘରେ ଜିରୋ ନାଇଟ୍ ପାଳି ନୂଆବର୍ଷକୁ ସ୍ୱାଗତ

**କଟକ ଅଫିସ, ୩୧।୧୨**

**■ଧର୍ମାନୁଷ୍ଠାନରେ ଝୁଲୁଛି ତାଲା**

**■ସିଏମ୍‌ସି ପକ୍ଷରୁ ୨ ଟିମ୍ ଗଠନ**

ଓମିକ୍ରନ ସଂକ୍ରମଣ ବଢୁଥିବାରୁ ଭିଡ଼କୁ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଟକଣା କଡ଼ାକଡ଼ି କରାଯାଇଛି । ସିଏମ୍‌ସି ପକ୍ଷରୁ ସହରର ସମସ୍ତ ଧର୍ମାନୁଷ୍ଠାନକୁ ଶୁକ୍ରବାରଠାରୁ ୨ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଶୁକ୍ରବାର ସହରରେ ଥିବା ସମସ୍ତ ମନ୍ଦିର, ଚର୍ଚ୍ଚ, ମସଜିଦ ଆଦିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ନୂତନ ବର୍ଷରେ ଠାକୁରଙ୍କ ଦର୍ଶନ କରିବାକୁ ମିଳି ନ ଥିବାରୁ ଭକ୍ତମାନେ କ୍ଷୋଭପ୍ରକାଶ କରିଥିଲେ ମଧ ନିୟମକୁ ମାନିଥିଲେ। ସେହିପରି ପିକ୍‌ନିକ୍ ଭୋଜିଭାତକୁ ସରକାରଙ୍କ ପକ୍ଷରୁ ରୋକ ଲଗାଯାଇଥିବାରୁ ଲୋକମାନେ ଘରେ ରହି ଜିରୋନାଇଟ ପାଳିବା ସହ ନୂତନ ବର୍ଷର ସ୍ୱାଗତ କରିଛନ୍ତି । ତେବେ ଅମାନିଆଙ୍କ ପାଇଁ ସିଏମ୍‌ସି ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ ଶୁକ୍ରବାର ରାତି ଏବଂ ଶନିବାର ସହରର ବିଭିନ୍ନ ସ୍ଥାନ ଯାଞ୍ଚ କରିବ। ଯଦି କେଉଁଠାରେ ସରକାରଙ୍କ ନିୟମ ଉଲ୍ଲଂଘନ ହେଉଥିବା ପରିଲକ୍ଷିତ ହୁଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡେପୁଟି କମିଶନର ଅଭିନାଶ ରାଉତ ସୂଚନା ଦେଇଛନ୍ତି। ଏଥିସହ ସହରରେ ୧୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏ ନେଇ ଚାଉଳିଆଗଞ୍ଜ ଅଞ୍ଚଳର ସୁନୟନା ଦାଶ କହିଛନ୍ତି, କୋଭିଡ୍ କାରଣରୁ ୨ ବର୍ଷ ହେବ ସବୁ ଫିକା ପଡିଛି । ତେବେ ଏଥର ଘରେ ରହି ନୂଆବର୍ଷ ପାଳନ କରିଦେଉଛୁ । ହେଲେ ଆସନ୍ତାବର୍ଷ କୋଭିଡ ମୁକ୍ତ ହେବ ବୋଲି ଆଶା ରହିଛି । ସେହିପରି ରାଣୀହାଟ ଅଞ୍ଚଳର ପୁଷ୍ପାଞ୍ଜଳି ସାହୁ କହିଛନ୍ତି, କୋଭିଡ୍ ସଂକ୍ରମଣ କମୁଥିବା ବେଳେ ଭୋଜି ପ୍ରତି ଆଗ୍ରହ ଥିଲା । ହେଲେ କଟକଣା କାରଣରୁ ସାବୁ ଫସର ଫାଟିଲା। ତେବେ ନିଜ ସମ୍ପର୍କୀୟଙ୍କୁ ଡାକି ଘରେ ନୂଆବର୍ଷ ପାଳନ କରିଛୁ ବୋଲି ସେ କହିଛନ୍ତି ।









## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତେନ୍ଦ୍ର



@ ଭୈରବ



@ ସୁଶ୍ରୀ ସଙ୍ଗୀତା



@ କୈଳାସ



@ ଅରବିନ୍ଦ







## ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନିଲମ୍ବିତ

**ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ସମ୍ପାଦକ ବୈକୁଣ୍ଠ ମଲ୍ଲିକଙ୍କୁ ଶୁକ୍ରବାର ପଦରୁ ନିଲମ୍ବିତ କରାଯାଇଛି। ସେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ପକ୍ଷରୁ ଦିଆଯାଇଥିବା ପ୍ରେସ ଇସ୍ତାହାରରେ ସୂଚନା ଦିଆଯାଇଛି। ଏସମ୍ପର୍କରେ ମଲ୍ଲିକଙ୍କ ପକ୍ଷରୁ କୌଣସି ମତାମତ ମିଳିପାରିନାହିଁ।

# କଟକ ମହାନଗର ମହିଳା ବିଜେଡିର ନୂଆ ଟିମ୍

**କଟକ ଅଫିସ,୩୧।୧୨**

କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଏବଂ ନଗର ବିଜେଡି ସଭାପତି ମଧୁସୂଦନ ସାହୁଙ୍କ ଅନୁମୋଦନ କ୍ରମେ ଜିଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରାଙ୍କ ସହଯୋଗରେ ମହାନଗର ମହିଳା ବିଜେଡି ସଭାନେତ୍ରୀ ପୂର୍ଣ୍ଣିମା ସିଂହ କଟକ ମହାନଗର ମହିଳା ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ବାରବାଟୀ-କଟକ ମହିଳା ଉପସଭାନେତ୍ରୀ ଭାବେ ମଞ୍ଜୁଶ୍ରୀ ମିଶ୍ର, ଅନୁଜା ରାଉତ, ସସ୍ମିତା ଖଣ୍ଡୁଆଳ, ବିମଳା ରଣା, ଶର୍ମିଷ୍ଠା ନାଗିଆ, ବାସନ୍ତୀ ଦଳବେହେରା, ଚୌଦ୍ୱାର-କଟକ ଉପସଭାନେତ୍ରୀ ଅନୀତା ମହାନ୍ତି, ସଂଯୁକ୍ତା ପରିଡ଼ା, ସଦର କଟକରୁ ପ୍ରବୀଣା ସେନାପତି, ବାରବାଟୀ-କଟକର ସାଧାରଣ ସମ୍ପାଦକ ଭାବେ ଇତିଶ୍ରୀ ବେହେରା, ଚୌଦ୍ୱାର-କଟକରୁ କବିତା ଖଣ୍ଡାଇ, ସଦର କଟକରୁ ବନଲତା ସେନାପତି, ସମ୍ପାଦିକା ଭାବେ ବାରବାଟୀ-କଟକରୁ ସୁନିତା ଶେଖର, ଇତିଶ୍ରୀ ଧଳ, ନିତୁଶ୍ରୀ ଜେନା, ଅର୍ପିତା ଦାସ, ସୁଲୋଚନା ସାମନ୍ତରାୟ, ରୀତା ମହାନ୍ତି, ଅଞ୍ଜଳି ମହାନ୍ତି, ଅନିଶା ଅଲ୍ଲୀ, କବିତା ବ୍ରହ୍ମା, ସ୍ୱର୍ଣ୍ଣଲତା ଦଳାଇ, ଚୌଦ୍ୱାର-କଟକରୁ ସମ୍ପାଦିକା ଭାବେ ସୁଲୋଚନା ସେଠୀ, ରୀନାରାଣୀ ସେଠୀ, ମମତା ବେହେରା, କଟକ ସଦର ସମ୍ପାଦିକା ତିଲୋତ୍ତମା ଭଞ୍ଜଙ୍କୁ ମନୋନୀତ କରାଯାଇଛି। ଡିଜିଟାଲ ସେକ୍ରେଟାରୀ ବାରବାଟୀ-କଟକରୁ ରୋଜାଲିନ୍ ସାମନ୍ତରାୟ, ଚୌଦ୍ୱାର-କଟକରୁ ବିଜୟଲକ୍ଷ୍ମୀ ମହାପାତ୍ର, ସଦରରୁ ଦୀପ୍ତିମୟୀ ମହାନ୍ତି ଏବଂ ମହାନଗରରୁ ଅର୍ପିତା ଦାସଙ୍କୁ ଦାୟିତ୍ୱ ମିଳିଛି। କାର୍ଯ୍ୟନିର୍ବାହୀ ସଦସ୍ୟା ବାରବାଟୀ-କଟକରୁ ୩୧, ଚୌଦ୍ୱାର-କଟକରୁ ୨୩ ଓ ସଦରରୁ ୬ଜଣଙ୍କୁ ମହାନଗର ମହିଳା କମିଟିକୁ ମନୋନୀତ କରାଯାଇଛି।

# ସଂରକ୍ଷଣ ତାଲିକାରେ ତ୍ରୁଟି: ଜିଲାପାଳଙ୍କ ନିକଟରେ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୩୧।୧୨(ସ୍ୱ.ପ୍ର.)**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକରେ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡସଭ୍ୟ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ତେବେ ଏହି ବ୍ଲକର ବନ୍ଧୁପୁର ଓ ରାମକୃଷ୍ଣପୁର ପଞ୍ଚାୟତରେ ସଂରକ୍ଷଣ ତାଲିକାରେ ତ୍ରୁଟି ଥିବା ଦର୍ଶାଇ ପଞ୍ଚାୟତବାସୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବନ୍ଧୁପୁର ପଞ୍ଚାୟତରେ ସରପଞ୍ଚ ପଦ ପୂର୍ବରୁ ଅନୁସୂଚିତ ଜାତିର ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ପଞ୍ଚାୟତରେ ସମସ୍ତ ଲୋକ ସଂଖ୍ୟାର ୩୫ ପ୍ରତିଶତ ଅନୁସୂଚିତ ଜାତିର ହୋଇଥିବା ବେଳେ ଚଞ୍ଚକତା କରାଯାଇ ସାଧାରଣ ମହିଳା ବର୍ଗ ପାଇଁ ଉଦ୍ଦିଷ୍ଟ ରଖାଯାଇଛି। ସେହିପରି ସଂରକ୍ଷଣ ତାଲିକାରେ ୧୯୯୭ଠାରୁ ରାମକୃଷ୍ଣପୁର ପଞ୍ଚାୟତରେ ଅନୁସୂଚିତ ଜାତିର ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ସେମାନଙ୍କ ପାଇଁ ଏହି ଆସନ ସଂରକ୍ଷିତ ରଖାଯାଉ ନଥିବା ଅଭିଯୋଗ ହୋଇଛି।




# ପଲିଟେକ୍‌ନିକ ଦଳ ଚାମ୍ପିୟନ

**କଟକ ଅଫିସ, ୩୧।୧୨**

ଡ୍ରିମ୍‌ସ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଆନ୍ତଃ ଉଇଙ୍ଗ କ୍ରିକେଟ ଟୁର୍ନାମେଣ୍ଟରେ ପଲିଟେକ୍‌ନିକ ବିଭାଗ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରାଇଜିଂ ଦଳ ପଲିଟେକ୍‌ନିକକୁ ଭେଟିଥିଲା। ନିର୍ଦ୍ଧାରିତ ୧୨ ଓଭରରେ ରାଇଜିଂ ଦଳ ୬ ଉଇକେଟ ହରାଇ ୬୪ ରନ୍ କରିଥିଲାବେଳେ ପଲିଟେକ୍‌ନିକ ଦଳ ୩ ଉଇକେଟ ହରାଇ ୬୮ ରନ୍ କରି ବିଜୟୀ ହୋଇଥିଲା। ପଲିଟେକ୍‌ନିକ୍‌ର ରଣଜିତ୍ ସାହୁ ମ୍ୟାନ୍ ଅଫ ଦି ସିରିଜ୍ ହୋଇଥିଲେ। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ୨ଟିମ୍‌କୁ ପୁରସ୍କୃତ କରିଥିଲେ। ଦୁର୍ଗାପ୍ରସାଦ ରଥ, ବଳରାମ କର, ପ୍ରଦୀପ୍ତଚନ୍ଦ୍ର ରଥ, ଲୋକନାଥ ବେହେରା, କପିଳେଶ୍ୱର ମିଶ୍ର, ନବକିଶୋର ମିଶ୍ର, ଅଶୋକ ମିଶ୍ର ପ୍ରମୁଖ ସାମିଲ ଥିଲେ। ଲୀନା ପଟ୍ଟନାୟକ, ରଶ୍ମିରଞ୍ଜନ ବିଶ୍ୱାଳ, ସୁବ୍ରତ ନନ୍ଦୀ ପ୍ରମୁଖ ପରିଚାଳନା କରିଥିଲେ।



















## ଅଡଶପୁର ବଜାର ବ୍ୟବସାୟୀ ସଂଘ ନିର୍ବାଚନ

**କଣ୍ଟାପଡା, ୩୧।୧୨(ଡି.ଏନ.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡଶପୁର ବଜାର ବ୍ୟବସାୟୀ ସଂଘ ସଭାପତି ପଦ ପାଇଁ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟବସାୟୀ ଆର୍ତ୍ତତ୍ରାଣ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ୨୨୭ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ଜ୍ଞାନେନ୍ଦ୍ର ସ୍ୱାଇଁ ୯୪ ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ବ୍ୟବସାୟୀ ଅଭିମନ୍ୟୁ ବିଶ୍ୱାଳ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## କାର୍ତ୍ତିକେଶ୍ୱର ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

**ଖୁଣ୍ଟୁଣୀ, ୩୧।୧୨(ଡି.ଏନ.ଏ.)**

ଖୁଣ୍ଟୁଣୀ ନୂଆବଜାର କାର୍ତ୍ତିକେଶ୍ୱର ପୂଜା କମିଟିର ବାର୍ଷିକ ଅଧିବେଶନ ସ୍ଥାନୀୟ ରାଧାଶ୍ୟାମପୁରର ବନଦୁର୍ଗା ପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ବାର୍ଷିକ ଆୟବ୍ୟୟ ହିସାବ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ପୂଜା କମିଟିର ସଭାପତି ଭାବେ ସୁଶାନ୍ତ କୁମାର ସାହୁ, ସମ୍ପାଦକ ବିଶ୍ୱଜିତ୍ ମହାପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି ଅଧିବେଶନରେ ବରିଷ୍ଠ ସଭ୍ୟ ଅର୍ଜ୍ଜୁନ ସାହୁ, ଗୌରଚନ୍ଦ୍ର ପରିଡା, ବିଚିତ୍ରାନନ୍ଦ ପଣ୍ଡା, ରବୀନ୍ଦ୍ର କୁମାର ନାୟକ, ଶରତ ବେହେରା, ବାବାଜୀ ସାହୁଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦିବଂଗତ ସଦସ୍ୟ ରମେଶ ଜେନାଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଖବରକାଗଜ ବିତରକଙ୍କୁ ଜ୍ୟାକେଟ୍ ବଣ୍ଟନ

**ଚୌଦ୍ୱାର, ୩୧।୧୨(ଡି.ଏନ୍.ଏ.)**

ଚୌଦ୍ୱାରସ୍ଥିତ ଇଙ୍ଗାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଖବରକାଗଜ ବିତରକମାନଙ୍କୁ ଶୀତ ଜ୍ୟାକେଟ୍ ବଣ୍ଟନ କରାଯାଇଛି। ଏହି ଅବସରରେ ଚୌଦ୍ୱାର ଓଟିଏମ୍ ବଜାରରେ ବିଜୟ କୁମାର ହୋତାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଙ୍ଗାର ସିନିୟର ଡିଜିଏମ ଜି. ସାରଦା ପ୍ରସାଦ ରାଓ, ଡିଜିଏମ ଧ୍ରୁବ ଚରଣ ରାଉତ, ଅଭିଶେକ ଘୋଷ ଓ ଆଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ୩୦ଜଣ ବିତରକଙ୍କୁ ଜ୍ୟାକେଟ୍ ପ୍ରଦାନ କରିଥିଲେ।















# ୧୫ ଟିକିଆ ହାତୀପଲ, ଲୋକେ ଭୟଭୀତ

ନିରାକାରପୁର, ୩୧।୧୨ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଫସଲ, ପନିପରିବା ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଭାଙ୍ଗୁଛନ୍ତି। ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଛି। ଶୁକ୍ରବାର ସନ୍ଧ୍ୟାରେ ଏହି ବନାଞ୍ଚଳ ଅନ୍ତର୍ଗତ ନିରାକାରପୁର ଥାନା ପଛପଟେ ୧୫ଟିକିଆ ହାତୀପଲ ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବରପାଇ ଭୂଷଣ୍ଡପୁର ଫରେଷ୍ଟ ବିଭାଗ କର୍ମଚାରୀ ପହଞ୍ଚି ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଉଥିବା ଦେଖିବାକୁ ମିଳିଛି।













# ବଡ଼ପୋଖରିଆରୁ ଟ୍ୟାଙ୍କର ଚାଳକଙ୍କୁ ଅପହରଣ

■ କାର୍, ଟଙ୍କା ଜବତ: ୩ ଗିରଫ
■ ପାଟକୁରା ଅଞ୍ଚଳରୁ ଉଦ୍ଧାର

ନିରାକାରପୁର,୩୧।୧୨(ଡି.ଏନ୍.ଏ.)

ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରିଆ ଛକ ଜାତୀୟ ରାଜପଥରୁ ଶୁକ୍ରବାର ସକାଳେ ୪ଜଣ ଦୁର୍ବୃତ୍ତ ଏକ ଟ୍ୟାଙ୍କର ଚାଳକଙ୍କୁ ମାଡ଼ ମାରି ଅପହରଣ କରିନେଇଥିଲେ। ଏହି ଘଟଣାର ପୋଲିସ ତଦନ୍ତ କରି କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳରୁ ଟ୍ୟାଙ୍କର ଚାଳକ ଜି.ଭେଙ୍କୁ ନାଇଡୁଙ୍କୁ ଉଦ୍ଧାର କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଟକୁରା ଅଞ୍ଚଳର ଦେବବ୍ରତ ଦାସ, କଟକ ଗୋବିନ୍ଦପୁର ଅଞ୍ଚଳର ଦୀପ୍ତି ରଞ୍ଜନ ବରାଳ ଓ ପାତ୍ରାକଣାର ବାବୁନି ସାହୁ। ଏମାନଙ୍କ ନିକଟରୁ ୩ହଜାର ଟଙ୍କା ଓ ଏକ କାର୍ ଜବତ ହୋଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି। ସୂଚନା ମୁତାବକ, ପାରାଦୀପରୁ ହାଇଡ୍ରୋକ୍ଲୋରାଇଡ ଏସିଡ୍ ବୋଝେଇ ୩ଟି ଟ୍ୟାଙ୍କର ବିଶାଖପାଟଣା ଅଭିମୁଖେ ଯାଉଥିଲା। ଏକ କାର (ଓଡି୦୨ ବିଏଚ ୬୪୭୪)ରେ ୪ଜଣ ଦୁର୍ବୃତ୍ତ ଉକ୍ତ ଟ୍ୟାଙ୍କରଗୁଡ଼ିକୁ ପିଛା କରି ନିରାକାରପୁର ଥାନା ବଡପୋଖରିଆ ଛକ ଜାତୀୟ ରାଜପଥରେ ଅଟକାଇଥିଲେ। ଦୁର୍ବୃତ୍ତମାନେ ଏକ ଟ୍ୟାଙ୍କର(ଏପି୩୧ ଟିଏଚ୍ ୭୨୩୭) ଚାଳକଙ୍କୁ ଆମ ଗାଡିକୁ କାହିଁକି ସାଇଡ୍ ମାରିଲୁ କହି କାଠଫାଳିଆ ଓ ଲୁହା ରଡରେ ଆକ୍ରମଣ କରିଥିଲେ। ପଛରେ ଥିବା ଆଉ ଦୁଇ ଟ୍ୟାଙ୍କର ଚାଳକ ଓ ହେଲ୍ପର ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପରେ ଦୁର୍ବୃତ୍ତମାନେ ଟ୍ୟାଙ୍କର ଚାଳକ ନାଇଡୁଙ୍କୁ ଅପହରଣ କରିନେବା ସହ ୨ଲକ୍ଷ ଟଙ୍କା ଦେଲେ ଛାଡ଼ିବୁ ବୋଲି କହିଥିଲେ। ଅନ୍ୟ ଚାଳକମାନେ ନିରାକାରପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୨୫/୨୧) ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତଙ୍କୁ ପାଟକୁରା ଅଞ୍ଚଳରୁ ଧରିବା ସହ ଚାଳକ ନାଇଡୁଙ୍କୁ ଉଦ୍ଧାର କରିଥିଲା। ଦୁର୍ବୃତ୍ତଙ୍କ ମାଡ଼ରେ ଆହତ ହୋଇଥିବା ଟ୍ୟାଙ୍କର ଚାଳକ ଓ ହେଲ୍ପର ଅଜୟ କୁମାର, ନରସିଂହ ରାଓ ଏବଂ ସନ୍ତୋଷ ଯାଦବ ଚିକିତ୍ସିତ ହୋଇ ଫେରିଥିବା ଜଣାପଡିଛି ।







ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଜିତେନ୍ଦ୍ର


@ ଭୈରବ


@ ସୁଶ୍ରୀ ସଙ୍ଗୀତା


@ କୈଳାସ


@ ଅରବିନ୍ଦ






# ବିଭିନ୍ନ ଯୋଜନା ପାଇଁ ୨୬୦୦.୬୯କୋଟି

## ଖୋର୍ଦ୍ଧା ଜିଲା ଯୋଜନା କମିଟି ବୈଠକ

ଖୋର୍ଦ୍ଧା ଅଫିସ,୩୧।୧୨

ଖୋର୍ଦ୍ଧା ଜିଲା ଯୋଜନା କମିଟି(ଡିପିସି) ବୈଠକ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ଜିଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାରେ ୨୦୨୧-୨୨ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ୨୬୦୦କୋଟି ୬୯ଲକ୍ଷ ୩୭ହଜାର ଟଙ୍କାର ଯୋଜନା ପ୍ରସ୍ତାବ ଆଗତ କରାଯାଇଛି। ସେଥିରୁ କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୫୮କୋଟି ୮୪ଲକ୍ଷ ୩୭ହଜାର, ଗ୍ରାମୀଣ ବିକାଶ ପାଇଁ ୬୬କୋଟି ୧୯ଲକ୍ଷ ୩୮ହଜାର, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ୫୮କୋଟି ୫୪ଲକ୍ଷ ୩୦ହଜାର, ଜଳସେଚନ, ଡ୍ରେନେଜ୍ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୬୪କୋଟି ୮୩ଲକ୍ଷ ୫୧ହଜାର, ଶକ୍ତି ପାଇଁ ୧୦କୋଟି ୩୭ଲକ୍ଷ ୪୨ହଜାର, ଶିଳ୍ପ ଓ ଖଣିଜ ପାଇଁ ୨୮କୋଟି ୭୬ଲକ୍ଷ ୧ହଜାର, ପରିବହନ ପାଇଁ ୬୩୧ କୋଟି ୯୧ଲକ୍ଷ ୭୫ହଜାର, ବିଜ୍ଞାନ,କାରିଗରି ଓ ପରିବେଶ ପାଇଁ ୩୧କୋଟି ୫୨ଲକ୍ଷ, ସାଧାରଣ ଅର୍ଥନୈତିକ ସେବା ପାଇଁ ୭୨କୋଟି ୮୩ଲକ୍ଷ ୮୨ହଜାର, ସାମାଜିକ ସେବା ପାଇଁ ୧୫୭୬ କୋଟି ୬୫ ଲକ୍ଷ ୮୧ହଜାର, ସାଧାରଣ ସେବା ପାଇଁ ୨୧ ଲକ୍ଷ ଟଙ୍କାର ଯୋଜନା କରାଯାଇଛି। ଏଥିସହ ଫନୀରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା, ଭାଙ୍ଗିଥିବା ସ୍କୁଲଘର ମରାମତି କରାଯିବା ନେଇ ବୈଠକରେ ସ୍ଥିର କରାଯାଇଛି। କୃଷି ଓ କୃଷକଙ୍କ ସୁବିଧା ପାଇଁ ଜିଲାରେ ୧୫ଟି ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ବରୁଣେଇ ପୀଠର ଉନ୍ନତୀକରଣ ପାଇଁ ୨ କୋଟି, ଭଗବତୀ ପୀଠ ପାଇଁ ୨ କୋଟି ଏବଂ ଉଗ୍ରତାରା ପୀଠର ଉନ୍ନତୀକରଣ ପାଇଁ ୧କୋଟି ଟଙ୍କା ମଞ୍ଜୁର କରାଯାଇଛି। କ୍ରୀଡାର ବିକାଶ ପାଇଁ ଖୋର୍ଦ୍ଧାରେ ଏକ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିରେ ଇନ୍‌ଡୋର ଷ୍ଟାଡିୟମ ଏବଂ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଯିବା ନେଇ ସ୍ଥିର ହୋଇଛି। ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅରବିନ୍ଦ ଢାଲି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଶଙ୍କର ବେହେରାଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟା, ସଭ୍ୟ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ

ବେଗୁନିଆ,୩୧।୧୨(ଡି.ଏନ୍.ଏ.)

ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶୁକ୍ରବାର ସକାଳେ ବେଗୁନିଆ ବ୍ଲକ ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଏହି ବ୍ଲକର ବଡ଼ବେରଣା ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ରାସ୍ତା କାର୍ଯ୍ୟ ଦେଖିବା ପରେ ଗୋବିନ୍ଦପୁର ପଞ୍ଚାୟତକୁ ଯାଇଥିଲେ। ସେଠାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଥିବା ରାଶନ ସାମଗ୍ରୀ ତଦାରଖ କରିଥିଲେ। ପରେ ପରିଛଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବୁଲି ଦେଖିଥିଲେ। ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଦେଖି ଫେରିଯାଇଥିଲେ। ତେବେ ପୂର୍ବ ଧାର୍ଯ୍ୟ ଅନୁଯାୟୀ ଦେଉଳି ପଞ୍ଚାୟତ ଅଞ୍ଚଳକୁ କୌଣସି କାରଣ ନେଇ ବାତିଲ କରିଥିଲେ। ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଯନ୍ତ୍ରୀ ପ୍ରଶାନ୍ତ ସାହୁ, ଜାଫର ଆଫ୍ରିନ ଉପସ୍ଥିତ ଥିଲେ।







## ଏକଲବ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଶରଧାପୁର କ୍ଲବ ଚାମ୍ପିୟନ

ବେଗୁନିଆ,୩୧।୧୨ (ଡି.ଏନ୍.ଏ.)

ବେଗୁନିଆ ବ୍ଲକ ରାଉତପଡ଼ା ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଏକଲବ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଅରଗୁଳ ଗୋଲ୍ଡେନ କ୍ଲବକୁ ୨-୦ଗୋଲରେ ପରାସ୍ତ କରି ଶରଧାପୁର କ୍ଲବ ଚାମ୍ପିୟନ ହୋଇଛି। ମ୍ୟାଚ ଶେଷ ହେବାର ୫ମିନିଟ ପୂର୍ବରୁ ଗୋଲ୍ଡେନ କ୍ଲବକୁ ୨ଟି ଗୋଲ ଦେଇ ଶରଧାପୁର କ୍ଲବ ବିଜୟୀ ହୋଇଥିଲା। ଶରତ ଚନ୍ଦ୍ର ରାଉତରାୟ ମ୍ୟାଚ ପରିଚାଳନା କରିଥିଲେ। ବିଜୁ ପରିଡା ଓ ଚିତ୍ତ ପରିଡ଼ା ଲାଇନ୍ସରେ ସହାୟତା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେଡି ନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବାବୁଲି ବ୍ରହ୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେଖ୍ ଅସଗର ଅଲ୍ଲି, ଦେବ ନାୟକ, ମୁନା ନାୟକ, ତମା ପରିଡ଼ା, ସାରଥ ବନ୍ଧୁ ବେହେରା, ବାଇନ ବ୍ରହ୍ମା, ସରିଫ୍ ଉଦ୍ଦିନ ପ୍ରମୁଖ ଚାମ୍ପିୟନ ଓ ରନର୍ସ ଟିମ୍‌କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ।



















## କାଳିଜାଈ ପୀଠରେ ପୋଲିସର ପଇଁତରା

କୃଷ୍ଣପ୍ରସାଦ,୩୧।୧୨ (ଡି.ଏନ୍.ଏ.)

ରାଜ୍ୟରେ କରୋନା ସଂକ୍ରମଣ ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ ବ୍ୟାପିବାରେ ଲାଗିଛି। ନୂଆବର୍ଷ ଭିଡ଼କୁ ଦୃଷ୍ଟିରେ ରଖି ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର କଟକଣାକୁ କଡ଼ାକଡ଼ି କରିଛନ୍ତି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚିଲିକାର ଅଧିଷ୍ଠାତ୍ରୀ ମା'କାଳିଜାଈଙ୍କ ପୀଠରେ ସର୍ବସାଧାରଣ ଦର୍ଶନକୁ ବାରଣ କରାଯାଇଛି ।,କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଳିଜାଈଙ୍କ ପୀଠ ଚିଲିକାରେ ପୋଲିସ ପାଟ୍ରୋଲିଂ କଡାକଡ଼ି କରାଯାଇଛି। ପୀଠକୁ ପୂଜକଙ୍କ ବ୍ୟତୀତ ଅନ୍ୟ କେହି ନ ଆସନ୍ତି ସେ ଦିଗରେ ପାଟ୍ରୋଲିଂ ଜାରିରହିଛି। ପୀଠରେ ଜଣେ ଅଫିସରଙ୍କ ସମେତ ୧ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅଞ୍ଚଳର ଘାଟ ପେଣ୍ଠରୁ ଯାତାୟାତ କରୁଥିବା ଯାତ୍ରୀବାହୀ ଡଙ୍ଗା ଉପରେ ରାଜସ୍ୱ ସୁପରଭାଇଜର ମଧୁସୂଦନ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଦିଲୀପ ଜେନା, ଜ୍ୟୋତି ରଞ୍ଜନ ବେହେରା, ସରୋଜ ନାୟକ, ତପନ ରାଉତରାୟ, ରାଜୀବ ଲୋଚନ ସାହୁ ପ୍ରମୁଖ ନଜର ରଖିଛନ୍ତି।









**ପ୍ରତିଶ୍ରୁତି ପରେ ଧାରଣା ହଟିଲା**

କଣାସ,(ସ୍ୱ.ପ୍ର.)- କଣାସ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରି ୧୨ଦିନ ହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଧାରଣାରେ ବସିଥିଲେ। ଶୁକ୍ରବାର ପୁରୀ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ଧାରଣାସ୍ଥଳରେ ପହଞ୍ଚିଥିଲେ। ସେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କ ସହ ମିଶି ଧାରଣାରତ ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବ, ଯୁବନେତା ଓମ୍ ପ୍ରକାଶ ମିଶ୍ର, ସୁକାନ୍ତ କିଶୋର ସାମନ୍ତରାୟ, ଅଶୋକ ପ୍ରଧାନ, ଭଗବାନ ସୁବୁଦ୍ଧି, ଶିକ୍ଷାବିତ୍ ରାମଚନ୍ଦ୍ର ସାମନ୍ତରାୟ ଏବଂ ବୁଦ୍ଧିଜୀବୀମାନଙ୍କ ସହିତ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ବୈଠକରେ ଆଗତ ହୋଇଥିବା ସ୍ଥାନାନ୍ତର ପ୍ରସ୍ତାବ ପୁନଶ୍ଚ ବୈଠକରେ ଗୃହୀତ ନ ହେବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ନୂଆବର୍ଷକୁ ସ୍ୱାଗତ ଜଣାଇ ପୁରୀର ବିଶ୍ୱଜିତ୍ ନାୟକ ଆଇସ୍‌କ୍ରିମ କାଠିରେ ତିଆରି କରିଥିବା କଳାକୃତି ।

# ‘ଶିକ୍ଷା ଓ ନିଯୁକ୍ତି ଅଧିକାର ପାଇଁ ସଂଗ୍ରାମ କର’

## ଏସ୍‌ଏଫ୍‌ଆଇ ପ୍ରତିଷ୍ଠା ଦିବସ

**ପୁରୀ ଅଫିସ, ୩୧।୧୨:**

ରାମଚଣ୍ଡୀ ସାହିସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷ ପରିସରରେ ଶୁକ୍ରବାର ଷ୍ଟୁଡେଣ୍ଟ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସ୍‌ସିଏସ୍ କଲେଜ ଛାତ୍ରନେତା ସର୍ବେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ଶିକ୍ଷା ସମସ୍ୟା ଓ ଛାତ୍ର ଆନ୍ଦୋଳନ ସମ୍ମୁଖରେ ଦାୟିତ୍ୱ ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଏସ୍‌ଏଫ୍‌ଆଇ ସହର କମିଟି ଆବାହିକା ଅନୁରାଧା ବେହେରା ସଙ୍ଗଠନର ପ୍ରତିଷ୍ଠାର ପୃଷ୍ଠଭୂମି ଉପରେ ଆଲୋକପାତ କରି ଶିକ୍ଷା ଓ ନିଯୁକ୍ତି ଅଧିକାର ପାଇଁ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଯୋଗଦେଇ କହିଥିଲେ, ନବେ ଦଶକରେ ପ୍ରଚଳିତ ଅର୍ଥନୀତି ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣକୁ ପ୍ରୋତ୍ସାହିତ କରୁଛି। କେନ୍ଦ୍ର ସରକାର ଆଣିଥିବା ଜାତୀୟ ଶିକ୍ଷାନୀତି-୨୦୨୦ ଏହି ଧାରାର ଅଂଶ ବିଶେଷ ଓ ସମାଜରେ ବଞ୍ଚିତ ବର୍ଗର ଶିକ୍ଷା ଅଧିକାରକୁ ଅଧିକ ସଂକୁଚିତ କରିବ ବୋଲି ସେ ମତ ରଖିଥିଲେ। ଓଡ଼ିଶା ପ୍ରାଥମିକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୁରୀ ଜିଲା ସଭାପତି ପ୍ରଦୀପ କୁମାର ପ୍ରଧାନ ଶିକ୍ଷା ଅଧିକାର ଆଇନ କଡ଼ାକଡ଼ି ଲାଗୁ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରନେତା ମାନସ ରଞ୍ଜନ ଦଳବେହେରା, ଗାୟତ୍ରୀ ସାହୁ, ରାକେଶ ରୋଶନ, ଛାତ୍ରୀ ନେତ୍ରୀ ଭବାନୀ ପଣ୍ଡା, ନମ୍ରତା ସାହୁ, କଲ୍ୟାଣୀ ବେହେରା ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆବାହିକା ଅନୁରାଧା ବେହେରା ସଂଘର ପତାକା ଉତ୍ତୋଳନ କରିଥିଲେ। ଛାତ୍ରନେତା ଉତ୍ତମ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଜିତେନ୍ଦ୍ର


@ ଭୈରବ


@ ସୁଶ୍ରୀ ସଙ୍ଗୀତା


@ କୈଳାସ


@ ଅରବିନ୍ଦ

























**ଡାକ୍ତରଖାନା ସଫେଇ ଅଭିଯାନ**

ଗୋପ,(ଡି.ଏନ୍.ଏ.)- ସ୍ୱଚ୍ଛତା ସବୁ ମଣିଷ ଲାଗି ଆବଶ୍ୟକ, କାରଣ ସ୍ୱଚ୍ଛ ରହିଲେ ମଣିଷ ରୋଗମୁକ୍ତ ହେବ ବୋଲି ଶୁକ୍ରବାର ଗୋପ ଡାକ୍ତରଖାନା ପରିସରରେ ଆୟୋଜିତ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆଫ୍ରୋଜ କହିଛନ୍ତି। ଡାକ୍ତର, କର୍ମଚାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରିବା ସହ ଶୋଭାଯାତ୍ରାରେ ଯାଇ ଗୋପ ବଜାରରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଗୋପକୃଷ୍ଣ ପଟ୍ଟନାୟକ, ସବ୍ୟସାଚୀ ସ୍ୱାଇଁ, ରାଜେଶ ପାଇକରାୟ, କୃତିଙ୍କଲା ମହାନ୍ତି, ସୁଶାନ୍ତ ରାଉତ, ଶରତ ନାୟକ, ମନୋରଞ୍ଜନ ମହାନ୍ତି, ସମ୍ପଦ ପ୍ରଧାନ, ସଚ୍ଚିଦାନନ୍ଦ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ପରେ ଗୋପ ଡାକ୍ତରଖାନା ପାଚେରି କଡ଼ରେ ଥିବା କେତେକ ଦୋକାନକୁ ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଥିଲା।




# ପୁଅ ଆରୋଗ୍ୟ ପାଇଁ ଶଙ୍ଖା, ସିନ୍ଦୂର ବର୍ଜନ କଲା ମା'

**କଣାସ,୩୧।୧୨(ସ୍ୱ.ପ୍ର.)**

ହିନ୍ଦୁ ରୀତିନୀତିରେ ସଧବା ନାରୀଙ୍କ ପ୍ରତୀକ ନାଲି ସିନ୍ଦୂର ଓ ହାତର ଶଙ୍ଖା। ହେଲେ ସ୍ୱାମୀ ଥାଉ ଥାଉ ରକ୍ତ କର୍କଟରେ ପୀଡ଼ିତ ୬ବର୍ଷ ପୁଅର ଆରୋଗ୍ୟ କାମନା କରି ଶଙ୍ଖା ସିନ୍ଦୂରକୁ ବର୍ଜନ କରି ପ୍ରଭୁଙ୍କୁ ସେସବୁ ଅର୍ପଣ କରିଛି ମା'। ଏପରିକି ପୁଅ ଚିକିତ୍ସାରେ ସହାୟତା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲା ପ୍ରଶାସନ ସମେତ ସହୃଦୟ ବ୍ୟକ୍ତିଙ୍କ ନିକଟରେ ପରିବାର ଲୋକେ ଗୁହାରି କରିଛନ୍ତି। ଏହି ଦୁଃଖଦ ଘଟଣା ପୁରୀ ଜିଲା କଣାସ ବ୍ଲକ ଗଡ଼ବଡ଼ପୁଟ ପଞ୍ଚାୟତ ବୀରକେଶରପୁର ଗ୍ରାମର ଉଚ୍ଛବ ସ୍ୱାଇଁଙ୍କ ପୁଅ ନାଣ୍ଟୁଙ୍କ କ୍ଷେତ୍ରରେ ଘଟିଛି।

**କ୍ୟାନ୍ସରରେ ପୀଡ଼ିତ ୬ବର୍ଷର ନାଣ୍ଟୁ**

ଉଚ୍ଛବଙ୍କ ପରିବାର କହିଲେ ସ୍ତ୍ରୀ ଡଲି, ଦୁଇ ଝିଅ ଓ ନାଣ୍ଟୁ। ଭାଗଚାଷ ଓ ଦିନମଜୁରି ଲାଗିଲେ ପରିବାର ଚଳେ। ୨୦୧୯ରେ ନାଣ୍ଟୁଙ୍କ ବେକ ପାଖରେ ଏକ ଛୋଟ ଆବୁ ହୋଇଥିଲା। ଚିକିତ୍ସା ପାଇଁ ପରିବାର ଲୋକେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଠିକ୍ ହୋଇପାରି ନ ଥିଲା। ପରେ କଟକ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ରରେ ଦେଖାଇବାରୁ ତାହା ରକ୍ତ କର୍କଟ ବୋଲି ଡାକ୍ତର କହିଥିଲେ। ଏହି କଥା ଶୁଣି ନାଣ୍ଟୁଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିଲେ।



ତଥାପି ଜମିବାଡ଼ି, ଘର ଆସବାବପତ୍ର ବିକିବା ସହ ଧାରକରଜ କରି ପ୍ରାୟ ୧୫ଲକ୍ଷ ଟଙ୍କା ପୁଅ ଚିକିତ୍ସାରେ ଖର୍ଚ୍ଚ କରିଥିଲେ। ତଥାପି ଅଧିକ ଟଙ୍କା ଆବଶ୍ୟକ। ଅନ୍ୟପଟେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଣାସ ତହସିଲଦାରଙ୍କ ପକ୍ଷରୁ ୨୫ହଜାର ଟଙ୍କା ସହାୟତା ମିଳିଛି। ଚିକିତ୍ସା ପାଇଁ ସହୃଦୟ ବ୍ୟକ୍ତି ଫୋନ୍ ନଂ- ୭୦୭୭୧୩୬୩୬୫ରେ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଉଚ୍ଛବ ଓ ଡଲି ଅନୁରୋଧ କରିଛନ୍ତି।




୩୧।୧୨।୨୦୨୧

| | |
|---|---|
| ୨,୩୩,୬୧୨ ଟଙ୍କା | |
| ସୁନା | ୧.୧୫୦ ଗ୍ରାମ |
| ରୁପା | ୨୭.୧୫୦ ଗ୍ରାମ |




# ନୂଆବର୍ଷ ପାଇଁ କଟକଣା କଡ଼ାକଡ଼ି, ସବୁଠି ଚେକିଂ

**ପୁରୀ ଅଫିସ, ୩୧।୧୨:**

ନୂଆବର୍ଷକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନେଇ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, କୋଭିଡ୍ ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରାଯାଉଛି। ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ଅଭିଯୋଗକରେ ବିଶାଲ ମେଗାମାର୍ଟକୁ ସିଲ୍ କରାଯାଇଛି। ପୁରୀରେ ଜିରୋ ନାଇଟ ପାଳନ କରାଯାଇନାହିଁ। ଗ୍ରାମୀଣ ଅଞ୍ଚଳର ୩ ସବ୍‌ଡିଭିଜନରେ କଡ଼ାକଡ଼ି ଚେକିଂ କରାଯାଇଥିଲା। ଚନ୍ଦ୍ରଭାଗାଠାରୁ କୋଣାର୍କ ପର୍ଯ୍ୟନ୍ତ ସବୁଠି ବ୍ୟାପକ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ବନ୍ଦ ଥିବାରୁ ଭକ୍ତମାନେ ଶୃଙ୍ଖଳିତ ଭାବେ ପତିତପାବନଙ୍କୁ ଦର୍ଶନ କରିବା ନେଇ ବ୍ୟବସ୍ଥା ହୋଇଛି। ପୁରୀ ସହରରେ ଜଣେ ଏସ୍‌ପି, ୨ ଡିଏସ୍‌ପି, ୯ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସେହିପରି ୭ଟି ଥାନାର ଆଇଆଇସିଙ୍କ ସମେତ ୪୦ଜଣ ଅନ୍ୟ ଅଧିକାରୀ ମୁତୟନ ଥିଲେ। ସମୁଦ୍ରକୂଳ ଅଞ୍ଚଳରେ ଜଣେ ଡିଏସ୍‌ପି, ୩ଇନ୍ସପେକ୍ଟର ଏବଂ ୬ ପୋଲିସ ଅଧିକାରୀଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ୧୦ ଟିମ୍ ହୋଟେଲ ଓ ଯାନବାହନ ଚେକିଂ କରିଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ୧୪୪ ଜାରି

**ସାକ୍ଷୀଗୋପାଳ, ୩୧।୧୨ (ଡି.ଏନ୍.ଏ.)**

ନୂଆବର୍ଷରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆଶଙ୍କା କରି ସତ୍ୟବାଦୀ ପ୍ରଶାସନ ପକ୍ଷରୁ ମନ୍ଦିର ପରିସରରେ ୧୪୪ ଧାରା ଜାରି ହୋଇଛି। ଶନିବାର ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଓ ଦର୍ଶନ ବନ୍ଦ ରଖାଯାଇଛି। ଦେବନୀତି ପାଇଁ କେବଳ ସେବାୟତ ଓ ମନ୍ଦିର କର୍ମଚାରୀ ମନ୍ଦିରକୁ ଯିବେ। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ କରାଯିବ ବୋଲି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଜୟନ୍ତ କୁମାର ଜୟସିଂ କହିଛନ୍ତି।

## ଜାହାନିଆଁ ପୀଠରେ ପୋଲିସ ପଇଁତରା

**ଅସ୍ତରଙ୍ଗ, ୩୧।୧୨ (ଡି.ଏନ୍.ଏ.)**

ଜାହାନିଆଁ ବେଳାଭୂମି ଓ ଦେବୀ ମୁହାଣ ସଂଲଗ୍ନ ଗଙ୍ଗାଦେବୀ ବେଳାଭୂମି ୩ଦିନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ଏ ନେଇ ତହସିଲଦାର ଅସ୍ତରଙ୍ଗ ଥାନାଧିକାରୀ ବାମଦେବ ନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୀରଙ୍କ ପୀଠରେ ଶୁକ୍ରବାର ପୋଲିସ ଫୋର୍ସ ମୁତୟନ ଥିଲେ। ଏଥିସହ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ପର୍ଯ୍ୟଟନ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଥାନା ଏଏସ୍‌ଆଇ ଖଗେଶ୍ୱର କର, ହାବିଲଦାର ରମେଶ ଚନ୍ଦ୍ର ପ୍ରଧାନ, ହୃଦାନନ୍ଦ ବାରିକ, ଛବି ପରିଡା ଓ ଦୀପକ ମୁଦୁଲି ପ୍ରମୁଖ ଯାନବାହନ ଯାଞ୍ଚ କରିଥିଲେ।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ, ୩୧।୧୨:**

ପୁରୀ ସଦର ବ୍ଲକ୍ କାର୍ଯ୍ୟାଳୟରେ ପଶି ସାମଗ୍ରୀ ଭଙ୍ଗାରୁଜା ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ବେହେରା ଦାବି କରିଛନ୍ତି। ସେ କହିଛନ୍ତି, ଗତ ୨୭ ତାରିଖରେ ବୈଠକ ଚାଲିଥିବାବେଳେ ଜଣେ ବ୍ୟକ୍ତି ସହାୟକ ଯନ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ କମ୍ପ୍ୟୁଟର ଫିଙ୍ଗିଥିଲେ। ପରେ ତାଙ୍କୁ ଚାପୁଡ଼ା ମାରି ଧମକ ଦେଇଥିଲେ। ଏ ନେଇ ପୋଲିସକୁ ଜଣାଯାଇଛି। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଖବରଦାତା ସମ୍ମିଳନୀରେ ରମାକାନ୍ତ ପଣ୍ଡା, ସନ୍ତୋଷ ପାଇକେରା, ଝୁନା ସାହାଣୀ ଓ ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




























